ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୦/୨୦୨୪ (୨୦ ପୃଷ୍ଠା) | Bhubaneswar, Wednesday, January 10/2024 | Page 20 ₹ 7.00 | SAMBALPUR

୫୦ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 48 | ମୂଲ୍ୟ ₹୭/-


DSPL-521

5T | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା



## ନିଯୁକ୍ତି ପର୍ବ

ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

Skilled in ODISHA

| ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | ଉଚ୍ଚ ଶିକ୍ଷା ବିଭାଗ |
| --- | --- |
| **୩୫୪** ନୂଆ ନିଯୁକ୍ତି | **୧୫୪** ନୂଆ ନିଯୁକ୍ତି |

OIPR-11001/13/0060/2324

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ**

୧୦ ଜଣ ଆସିଷ୍ଟାଣ୍ଟ ପ୍ରଫେସର

୧୯୪ ଜଣ ସହକାରୀ ତାଲିମ ଅଧିକାରୀ

ଏବଂ

୧୫୦ ଜଣ କନିଷ୍ଠ ସହାୟକ

**ଉଚ୍ଚ ଶିକ୍ଷା ବିଭାଗ**

ସରକାରୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସରଙ୍କ ନିଯୁକ୍ତି

ମୁଖ୍ୟ ଅତିଥି

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୧୦ ଜାନୁଆରୀ ୨୦୨୪ ॥ ସନ୍ଧ୍ୟା ୫ଟା

କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୦/୨୦୨୪ | Bhubaneswar, Wednesday, January 10/2024 | ପୃଷ୍ଠା-୧









ମାଲକାନଗିରି ବିମାନବନ୍ଦର ଉଦ୍‌ଘାଟନ କରିବା ଅବସରରେ ବଣ୍ଡା ଜନଜାତି ମହିଳାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଆକାଶପଥରେ ଯୋଡ଼ିହେଲା ମାଲକାନଗିରି

**ବିମାନବନ୍ଦର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

- ଗୋବିନ୍ଦପାଲି ଜଳସେଚନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ
- ୯୨,୮୧୫ ଏକର ଚାଷ ଜମିକୁ ମିଳିବ ଜଳସେଚନ ସୁବିଧା

**ଭୁବନେଶ୍ୱର/ମାଲକାନଗିରି,୯।୧ (ଅନିଲଦାସ/ଦୁର୍ଯ୍ୟୋଧନ ପାତ୍ର/ନୃସିଂହ ମହାନ୍ତି)**

ଆକାଶପଥରେ ଯୋଡ଼ି ହୋଇଛି ମାଲକାନଗିରି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ମାଲକାନଗିରିରେ ଏକ ବିମାନବନ୍ଦର ଉଦ୍‌ଘାଟନ କରିଛନ୍ତି । ଏହାଦ୍ୱାରା ରୂପାନ୍ତର ଯାତ୍ରାରେ ଆଉ ଏକ ପାଦ ଆଗେଇବା ସହ ଜିଲାର ସ୍ୱପ୍ନ ପୂରଣ ହୋଇଛି। ମାଲକାନଗିରି ଆକାଶପଥ ମାନଚିତ୍ରରେ ସ୍ଥାନିତ ହୋଇଛି। ଏହାଦ୍ୱାରା ମାଲକାନଗିରି ଜିଲା ଓ ଆଖପାଖ ଅଞ୍ଚଳରେ ଯୋଗାଯୋଗ, ପର୍ଯ୍ୟଟନ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ କୋରାପୁଟର ଜୟପୁର, କଳାହାଣ୍ଡିର ଉତ୍‌କେଲା, ରାଉରକେଲା, ଗଞ୍ଜାମର ରଙ୍ଗେଇଲୁଣ୍ଡାରେ ବିମାନବନ୍ଦର ସ୍ଥାପନ କରାଯାଇଛି। ମାଲକାନଗିରିକୁ ଆକାଶପଥରେ ସଂଯୋଗ କରାଯିବା ପରେ ସାରା ରାଜ୍ୟର ଦୂରବର୍ତ୍ତୀ ଅଞ୍ଚଳଗୁଡ଼ିକର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ଏହା ଖୁବ୍ ☞ପୃଷ୍ଠା-୨

# ବିପଦର ସଙ୍କେତ କଳାବାଘ

**ଜଙ୍ଗଲରେ ବାଘ ସଂଖ୍ୟା ହ୍ରାସ ପାଉଥିବାରୁ ଇନ୍‌ବ୍ରିଡିଙ୍ଗ (ରକ୍ତ ସମ୍ପର୍କରେ ପ୍ରଜନନ) ବଢ଼ୁଛି। ଇନ୍‌ବ୍ରିଡିଙ୍ଗ୍ ଯୋଗୁ କଳାବାଘ ଜନ୍ମ ନେଉଥିବା ମଲିକ୍ୟୁଲାର ଗବେଷଣାରୁ ଜଣାପଡ଼ିଛି। ଏହା ବାଘବଂଶ ପ୍ରତି ବିପଦର ସଙ୍କେତ ବୋଲି ବିଶେଷଜ୍ଞମାନେ କହୁଛନ୍ତି।**



**ଭୁବନେଶ୍ୱର, ୯।୧ (ଅସମାପିକା ସାହୁ)**

ରାଜ୍ୟରେ ଗତ କିଛିମାସ ହେବ କଳାବାଘକୁ ନେଇ ଚର୍ଚ୍ଚା ହେଉଛି। ରାଜ୍ୟରେ ବାଘ ଗଣନା ଚାଲୁଥିବାବେଳେ ଗତବର୍ଷ ନଭେମ୍ବର ୨୯ରେ କେନ୍ଦ୍ରୀୟ ଓଡ଼ିଶାର ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ଏକ କଳା କଲରାପତରିଆ ବାଘ ଦେଖାଯାଇଥିଲା। ଏହାପରେ ଡିସେମ୍ବର ୨ରେ ପ୍ରଥମେ ୨ଟି କଳା ମହାବଳ ବାଘ ଠାବ ହୋଇଥିଲା। ୪ଟି କଳା ମହାବଳ ବାଘ ସାଙ୍ଗହୋଇ ବୁଲୁଥିବାର ଏକ ଭିଡିଓ ଗତ ୭ ତାରିଖରେ ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଥିଲେ। ଏମାନେ ସିଡୋ ମେଲାନିଷ୍ଟିକ ଟାଇଗର ଏବଂ ଏଭଳି ଦୃଶ୍ୟ ବିରଳରୁ ଅତି ବିରଳ ବୋଲି ପିସିସିଏଫ୍ ଲେଖିଥିଲେ। ସ୍ଥାନ ସମ୍ପର୍କରେ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ତାହା ଶିମିଳିପାଳର ବୋଲି ଜଣାପଡିଛି। କଳା ରଙ୍ଗର ବାଘ ଶିମିଳିପାଳରେ ଜନ୍ମ ନିଅନ୍ତି ଏବଂ ଦେଶରେ ଅନ୍ୟ କୌଣସି ସ୍ଥାନରେ ଏଭଳି ଘଟଣା ଦେଖାଯାଇ ନ ଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। ତେବେ ରୟାଲ ବେଙ୍ଗଲ ଟାଇଗର ପାଇଁ ପରିଚିତ ଶିମିଳିପାଳରେ କଳାବାଘଙ୍କ ଉପସ୍ଥିତିକୁ ପୂର୍ବତନ ବନ ଅଧିକାରୀଙ୍କ ସମେତ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ବାଘ ବଂଶ ପ୍ରତି ବିପଦର ସୂଚନା ବୋଲି କହୁଛନ୍ତି।

ଶିମିଳିପାଳ ଏବଂ ନନ୍ଦନକାନନରେ କଳାବାଘ ଜନ୍ମକୁ ନେଇ ୨୦୨୧ରେ ଏକ ଗବେଷଣା ହୋଇଥିଲା। ସେହି ଗବେଷଣାରେ ଓଡ଼ିଶାର ୩ଜଣ ଥିଲେ। କଳା ରଙ୍ଗର ବାଘ ଜନ୍ମହେବା ନେଇ ଇନ୍‌ବ୍ରିଡିଙ୍ଗ ଏକ ମୁଖ୍ୟ କାରଣ ବୋଲି ଦର୍ଶାଯାଇଥିଲା। ରକ୍ତ ସମ୍ପର୍କ ଭିତରେ ପ୍ରଜନନକୁ ଇନ୍‌ବ୍ରିଡିଙ୍ଗ ବୋଲି କୁହାଯାଏ। ଇନ୍‌ବ୍ରିଡିଙ୍ଗ ହେଲେ ଛୁଆମାନେ ଜିନ୍ ସ୍ତରରେ ଦୁର୍ବଳ ହୋଇଯାନ୍ତି। ସେମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦିଏ। ସାଧାରଣ ପ୍ରାଣୀ ଅପେକ୍ଷା ଇନ୍‌ବ୍ରିଡିଙ୍ଗ ଦ୍ୱାରା ଜନ୍ମିତ ପ୍ରାଣୀଙ୍କ ଶୀଘ୍ର ମୃତ୍ୟୁ ଘଟିଥାଏ ଏବଂ ପ୍ରଜନନ କ୍ଷମତା ମଧ୍ୟ ହ୍ରାସ ହୋଇଥାଏ। ଇନ୍‌ବ୍ରିଡିଙ୍ଗ କାରଣରୁ ମହାବଳ ବାଘ କଳା ରଙ୍ଗ ହୋଇ ଜନ୍ମ ହେଉଥିବା ଗବେଷଣାରୁ ଜଣାପଡ଼ିଥିବାରୁ ଶିମିଳିପାଳରେ ଯଦି ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇବ, ତେବେ ସାଧାରଣ ବାଘ ବା ରୟାଲ ବେଙ୍ଗଲ ଟାଇଗରଙ୍କ ସଂଖ୍ୟା କମିବ। ସମୟକ୍ରମେ ସାଧାରଣ ବାଘ ଆଉ ଜନ୍ମହେବେ ନାହିଁ ଏବଂ କଳା ବାଘ ମଧ୍ୟ ବେଶିଦିନ ତିଷ୍ଠି ପାରିବେ ନାହିଁ। ଧୀରେ ଧୀରେ ଶିମିଳିପାଳ ବାଘଶୂନ୍ୟ ହୋଇଯିବ ବୋଲି ବିଶେଷଜ୍ଞ କହୁଛନ୍ତି।

ଏ ନେଇ ନନ୍ଦନକାନନର ପୂର୍ବତନ ଡିସିଏଫ୍ ତଥା ବନ୍ୟପ୍ରାଣୀ ବିଶେଷଜ୍ଞ କମଳ ଲୋଚନ ପୁରୋହିତ କହିଛନ୍ତି, ଇନ୍‌ବ୍ରିଡିଙ୍ଗ ଯୋଗୁ ଶିମିଳିପାଳରେ ଅଧିକ କଳା ବାଘ ଜନ୍ମ ହେଉଛନ୍ତି, ଯାହା ନନ୍ଦନକାନନ ଚିଡ଼ିଆଖାନାରେ ମଧ୍ୟ ହେଉଛି। ଚିଡ଼ିଆଖାନାରେ ସଂଖ୍ୟା କମ୍ ହେତୁ ପ୍ରଜନନରେ ସମସ୍ୟା ବୁଝିହୁଏ। ହେଲେ ପ୍ରାକୃତିକ ବନ୍ୟ ପରିବେଶରେ ଅଧିକ ସଂଖ୍ୟକ କଳା ବାଘ ଜନ୍ମ ହେବା ଚିନ୍ତାର ବିଷୟ। ଇନ୍‌ବ୍ରିଡିଙ୍ଗ ହୋଇ ଜିନ୍ ସ୍ତରରେ ଅବକ୍ଷୟ ହେବା ☞ପୃଷ୍ଠା-୧୫

# ଲାକ୍ଷାଦ୍ୱୀପ: ଆଉ ଏକ ପଡ଼ୋଶୀ ଗଲା

**ନୂଆଦିଲ୍ଲୀ/ମାଲେ,୯।୧**




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାକ୍ଷାଦ୍ୱୀପ ଗସ୍ତବେଳେ ଶେୟାର କରିଥିବା ଫଟୋରୁ ଉପୁଜିଥିବା ବିବାଦ ଯୋଗୁ ଭାରତ ନିଜର ଆଉ ଏକ ପଡ଼ୋଶୀ ରାଷ୍ଟ୍ରକୁ ହରାଇଛି। ମୋଦିଙ୍କ ଫଟୋ ଓ ଭିଡିଓକୁ ନେଇ ଭାରତୀୟ କ୍ରିକେଟରଙ୍କଠାରୁ ଆରମ୍ଭକରି ଫିଲ୍ମ ଅଭିନେତ୍ରୀ ଓ ଅଭିନେତାଙ୍କ ପର୍ଯ୍ୟନ୍ତ ସେଲିବ୍ରିଟିମାନେ ସାମାଜିକ ଗଣମାଧ୍ୟମରେ ଲାକ୍ଷାଦ୍ୱୀପକୁ ବଢ଼ାଇ ଚଢ଼ାଇ ପୋଷ୍ଟ କରିବାରେ ଲାଗିଛନ୍ତି। ଏଥିଯୋଗୁ ଇଣ୍ଟରନେଟ୍‌ରେ ଲାକ୍ଷାଦ୍ୱୀପକୁ ୨ ଦଶନ୍ଧି ମଧ୍ୟରେ ସର୍ବାଧିକ ସର୍ଚ୍ଚ କରାଯାଇଛି। ଏଭଳି ସର୍ଚ୍ଚ ୩,୪୦୦% ବୃଦ୍ଧି ପାଇଥିବା ଅନ୍‌ଲାଇନ୍ ଟ୍ରାଭେଲ ପ୍ଲାଟ୍‌ଫର୍ମ ମେକ୍ ମାଇଁ ଟ୍ରିପ୍ ରିପୋର୍ଟ କରିଛି। ତେବେ ଲାକ୍ଷାଦ୍ୱୀପକୁ ଦେଶର ଏକ କେନ୍ଦ୍ରଶାସିତ ଅଞ୍ଚଳ ବୋଲି ଜାଣି ନ ଥିବା ଭାରତୀୟମାନେ ଏହାକୁ ଏତେ ପରିମାଣରେ ସର୍ଚ୍ଚ କରିଥାଇପାରନ୍ତି ବୋଲି ମତ ପ୍ରକାଶ ପାଇଛି। ଇତିମଧ୍ୟରେ ମାଲଦ୍ୱୀପ ପ୍ରତି ଘୃଣା ମନ୍ତବ୍ୟ ବଢ଼ିବାରେ ଲାଗିଥିବାବେଳେ ☞ପୃଷ୍ଠା-୧୫

# ପୁତ୍ର ହତ୍ୟାକାରୀ ଏଆଇ ସିଇଓ

- ଗୋଆରେ ୪ ବର୍ଷର ପୁଅକୁ ହତ୍ୟାକରି ବ୍ୟାଗ୍‌ରେ ନେଉଥିଲେ
- କର୍ଣ୍ଣାଟକରେ ଗିରଫ

**ନୂଆଦିଲ୍ଲୀ/ବେଙ୍ଗାଲୁରୁ/ପଣଜୀ,୯।୧**

ସ୍ୱାମୀଙ୍କଠାରୁ ଅଲଗା ରହୁଥିବା ଜଣେ ୩୯ ବର୍ଷୀୟା ବେଙ୍ଗାଲୁରୁ ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ନିଜ ୪ ବର୍ଷର ପୁଅକୁ ଗୋଆରେ ହତ୍ୟାକରି ମୃତଦେହକୁ ଏକ ବ୍ୟାଗ୍‌ରେ ନେଇ ବେଙ୍ଗାଲୁରୁକୁ ଯାଉଥିବାବେଳେ ଧରାପଡ଼ିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟଅପ୍ ମାଇଣ୍ଡଫୁଲ ଏଆଇ ଲ୍ୟାବ୍ ସିଇଓ ସୂଚନା ସେଠଙ୍କୁ କର୍ଣ୍ଣାଟକର ଚିତ୍ରଦୁର୍ଗ ପୋଲିସ ସୋମବାର ଗିରଫ କରିଛି। ଉତ୍ତର ଗୋଆର କାଣ୍ଡୋଲିମ୍‌ସ୍ଥିତ ଏକ ଆପାର୍ଟମେଣ୍ଟରେ ସେ ନିଜ ପୁଅକୁ ହତ୍ୟା କରିଥିବା ପ୍ରଘଟ ହେବା ପରେ ମଙ୍ଗଳବାର ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ତେବେ ସ୍ୱାମୀଙ୍କ ସହ ଛାଡ଼ପତ୍ର କାରଣରୁ ସିଇଓ ସୂଚନା ଏଭଳି କାଣ୍ଡ ଭିଆଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ କହିଛି, ପଶ୍ଚିମବଙ୍ଗର ସୂଚନା ସେଠଙ୍କ ସହ ୨୦୧୦ରେ ଭେଙ୍କଟ ରମଣଙ୍କ ବିବାହ ହୋଇଥିଲା। ଭେଙ୍କଟ ରମଣ ଇଣ୍ଡୋନେସିଆର ଜାକର୍ତ୍ତାରେ ଜଣେ ଏଆଇ ଡେଭେଲପର ଭାବେ କାର୍ଯ୍ୟ କରନ୍ତି। ୨୦୧୯ରେ ସେମାନଙ୍କର ଏକ ପୁଅ ଜନ୍ମ ହୋଇଥିଲା। ତେବେ ବିଭିନ୍ନ କାରଣରୁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ୨୦୨୦ରେ ଭେଙ୍କଟ ରମଣ ତାଙ୍କୁ ଛାଡ଼ପତ୍ର ଦେବାକୁ ଆବେଦନ କରିଥିଲେ, ଯାହାକୁ ନେଇ ସୂଚନା ଅସନ୍ତୁଷ୍ଟ ଥିଲେ। ସୂଚନା ଗତ ଶନିବାର ଉତ୍ତର ଗୋଆର କାଣ୍ଡୋଲିମ୍‌ସ୍ଥିତ ସୋଲ୍ ବନ୍ୟାନ୍ ଗ୍ରାଣ୍ଡେକୁ ଯାଇଥିଲେ। ସୋମବାର ସୂଚନା ଏକୁଟିଆ ରୁମ୍ ଛାଡ଼ିଥିଲେ ଏବଂ ବେଙ୍ଗାଲୁରୁକୁ ଫେରିବା ପାଇଁ ହୋଟେଲ ଷ୍ଟାଫ୍‌ଙ୍କୁ ଏକ ଟ୍ୟାକ୍ସି ବୁକ୍ କରିବାକୁ କହିଥିଲେ। ଗୋଆରୁ ବେଙ୍ଗାଲୁରୁକୁ ୫୫୦ ☞ପୃଷ୍ଠା-୧୫



ସୂଚନା ସେଠ

# ଆଶା, ଅଙ୍ଗନୱାଡି କର୍ମୀ, ବ୍ୟାଙ୍କମିତ୍ରଙ୍କ ଦରମା ବଢ଼ିବ: ୫-ଟି ଅଧ୍ୟକ୍ଷ

**ରାଇଘର/ନବରଙ୍ଗପୁର/ଲକ୍ଷ୍ମୀପୁର ୯।୧ (କିରଣ ପଟ୍ଟନାୟକ/ସଦାଶିବ ପ୍ରହରାଜ/ଅନନ୍ତ ନାୟକ)**

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗସ୍ତରେ ଆସି ରାଜ୍ୟରେ ଚାଲିଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିସହ ଜିଲାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪୦୦ କୋଟି ଟଙ୍କା ଦେଇଥିବା ଉଲ୍ଲେଖ କରିଥିଲେ। ଆଶା,ଅଙ୍ଗନୱାଡି, ବ୍ୟାଙ୍କମିତ୍ରଙ୍କ ଦରମା ବଢ଼ିବ ବୋଲି ସେ କହିଥିଲେ। ସେହିପରି ଉମରକୋଟରୁ ରାଇଘର ଦେଇ କୁନ୍ଦେଇ ଲିଖିମା ମୁଖ୍ୟ ରାସ୍ତା ପାଇଁ ୫୦ କୋଟି, ରାଇଘରରୁ ଅଞ୍ଚଳା ରାସ୍ତା ପାଇଁ ୪୫ କୋଟି, ଜୋଡିଙ୍ଗାରୁ ଡୁରୁଡିହି ରାସ୍ତା ପାଇଁ ୪୦ କୋଟି, ରାଇଘର ବାଗବେଡାରୁ ଛତିଶଗଡ ସୀମାନ୍ତକୁ ସଂଯୋଗ କରୁଥିବା ରାସ୍ତା ପାଇଁ ୧୪ କୋଟି, ଗଣ୍ଡ ସମାଜ ପାଇଁ ୫୦ ଲକ୍ଷ, ବଙ୍ଗୀୟ ସମାଜ ପାଇଁ ୧ କୋଟି ୨୦ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ସେ କହିଛନ୍ତି। ୯ ମାସ ମଧ୍ୟରେ ଉମରକୋଟ ନିର୍ବାଚନମଣ୍ଡଳୀ ପାଇଁ ମୁଖ୍ୟମନ୍ତ୍ରୀ ୨୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ରାଇଘରରେ ଏବେ ନୂତନଭାବେ ଡିଗ୍ରୀ କଲେଜ ଖୋଲାଯିବ ବୋଲି ପାଣ୍ଡିଆନ କହିଥିଲେ।



ରାଇଘର ମିନି ଷ୍ଟାଡିୟମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।


**ଆଜିର ସମ୍ପାଦକୀୟ**
ଓଡ଼ିଶାରେ ପ୍ରଦୂଷଣ


# ୧ ଲିଟର ପାଣି ବୋତଲରେ ୨.୪ ଲକ୍ଷ ପ୍ଲାଷ୍ଟିକ୍ କଣିକା

**ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ନାନୋପ୍ଲାଷ୍ଟିକ୍**

**ନୂଆଦିଲ୍ଲୀ,୯।୧**

ଗୋଟିଏ ଲିଟର ପାଣି ବୋତଲରେ ହାରାହାରି ୨,୪୦,୦୦୦ ପ୍ଲାଷ୍ଟିକ କଣିକା ରହୁଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଅଧ୍ୟୟନ ଅନୁଯାୟୀ ପ୍ଲାଷ୍ଟିକ୍ ବୋତଲରେ ରହୁଥିବା ପାଣିରେ ୧୦୦ ଗୁଣ ଅଧିକ ପ୍ଲାଷ୍ଟିକ କଣିକା ରହୁଛି। ସାଧାରଣ ଆଖିକୁ ଦୃଶ୍ୟ ହେଉ ନ ଥିବା ଏହି କଣିକାଗୁଡ଼ିକୁ ଗବେଷକମାନେ ଚିହ୍ନଟ କରିବା ସହ ପ୍ଲାଷ୍ଟିକ୍ ପ୍ରଦୂଷଣ ମାନବ ସ୍ୱାସ୍ଥ୍ୟ ପାଇଁ ଚିନ୍ତାଜନକ ବୋଲି କହିଛନ୍ତି। ପ୍ରୋସିଡିଂସ୍ ଅଫ୍ ଦି ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସ ପତ୍ରିକାରେ ପ୍ରକାଶ ପାଇଥିବା ଉକ୍ତ ଅଧ୍ୟୟନରେ ପ୍ରଥମ ଥର ପାଇଁ ବୋତଲ ପାଣିରେ ଥିବା ନାନୋପ୍ଲାଷ୍ଟିକ୍‌କୁ ଆକଳନ କରାଯାଇଛି। ନାନୋପ୍ଲାଷ୍ଟିକ୍‌ର ଦୈର୍ଘ୍ୟ ୧ ମାଇକ୍ରୋମିଟର ହୋଇଥିବାବେଳେ ଏହା କେଶ ଓସାରର ୭୦ ଭାଗରୁ ଭାଗେ। ପୂର୍ବରୁ କରାଯାଇଥିବା ଅଧ୍ୟୟନରେ କେବଳ ମାଇକ୍ରୋ ପ୍ଲାଷ୍ଟିକ୍‌କୁ ଆକଳନ କରାଯାଇଥିଲା, ଯାହାର ଆକାର ୧ରୁ ୫,୦୦୦ ମାଇକ୍ରୋମିଟର ମଧ୍ୟରେ। ତେଣୁ ପୂର୍ବ ଆକଳନ ତୁଳନାରେ ୧ ଲିଟର ପାଣି ବୋତଲରେ ୧୦୦ ଗୁଣ ଅଧିକ ପ୍ଲାଷ୍ଟିକ୍ କଣିକା ରହିଥିବା ଗବେଷକମାନେ କହିଛନ୍ତି।

ମାଇକ୍ରୋପ୍ଲାଷ୍ଟିକ୍ ତୁଳନାରେ ନାନୋ ପ୍ଲାଷ୍ଟିକ୍ ମାନବ ସ୍ୱାସ୍ଥ୍ୟ ପାଇଁ ଅଧିକ ବିପଜ୍ଜନକ। କାରଣ ଏହି କଣିକାଗୁଡ଼ିକ ଯଥେଷ୍ଟ କ୍ଷୁଦ୍ର ହୋଇଥିବାରୁ ମାନବ କୋଷ ଏବଂ ରକ୍ତସ୍ରୋତରେ ପ୍ରବେଶ କରି ଅଙ୍ଗପ୍ରତ୍ୟଙ୍ଗକୁ ପ୍ରଭାବିତ କରିଥାଏ। ଏପରିକି ଏହା ଗର୍ଭସ୍ଥ ଶିଶୁ ଶରୀରର ପ୍ଲାସେଣ୍ଟା ଦେଇ ମଧ୍ୟ ପ୍ରବେଶ କରିପାରେ। ବୋତଲ ପାଣିରେ ନାନୋପ୍ଲାଷ୍ଟିକ କଣିକା ରହୁଥିବା ବୈଜ୍ଞାନିକମାନେ ଦୀର୍ଘଦିନରୁ ସନ୍ଦେହ କରୁଥିବାବେଳେ ସେଗୁଡ଼ିକୁ ଚିହ୍ନଟ କରିବା ପାଇଁ ପ୍ରଯୁକ୍ତିର ଅଭାବ ରହିଥିଲା। ଅଧ୍ୟୟନର ସହରଚୟିତା ଏକ ନୂତନ ମାଇକ୍ରୋସ୍କୋପି ଟେକ୍‌ନୋଲୋଜି ଉଦ୍‌ଭାବନ କରିବା ସହ ଡେଟା ପରିଚାଳିତ ଆଲ୍‌ଗୋରିଦିମ୍‌ର ପ୍ରୋଗ୍ରାମ କରିଥିଲେ। ଆମେରିକାର ୩ଟି ଲୋକପ୍ରିୟ ବ୍ରାଣ୍ଡର ୨୫ଟି ପାଣିବୋତଲ କିଣାଯାଇ ଉଭୟ ପ୍ରଯୁକ୍ତି ବ୍ୟବହାରରେ ତାହାର ଅନୁଧ୍ୟାନ କରାଯାଇଥିଲା। ପ୍ରତି ଲିଟର ପାଣିରେ ୧,୧୦,୦୦୦ରୁ ୩,୭୦,୦୦୦ ପ୍ଲାଷ୍ଟିକ୍ କଣିକା ମିଳିଥିଲା, ଯେଉଁଥିରୁ ୯୦ ପ୍ରତିଶତ ହେଉଛି ନାନୋପ୍ଲାଷ୍ଟିକ୍। ଗବେଷକମାନେ ପଳିଇଥାଇଲିନ୍ ☞ପୃଷ୍ଠା-୧୫



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଉଡ଼ି ନୁହେଁ କି ଦଉଡ଼ା ନୁହେଁ**
**ମଝିରେ ପଡ଼ିଛି ଜଟ**
**ପାଖକୁ ଯାଇଣ ଦେଖି ଅଇଲି**
**ଖାଲି ସେଇ ଛଣପଟା।**

ସାଧାରଣତଃ ଦୂରରୁ ଯାହା ଯେଭଳି ଦେଖାଯାଏ ତାହା ପାଖରୁ ଦେଖିଲେ ସେଭଳି ହୋଇ ନ ଥିବା ଜଣାଯାଇଥାଏ। ତେଣୁ ଦୂରରୁ ଦେଖି ତାକୁ ଆକଳନ କରିବା ବା ଅନୁମାନ ଲଗାଇବା କେବେହେଲେ ଠିକ ହୋଇ ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଦାନ୍ତ ଦାରି**
**ପେଟ ଭଗାରୀ।**

କଥାବାର୍ତ୍ତା କଲାବେଳେ ଦାନ୍ତ ଆଗ ବାହାରି ପଡେ। ସମସ୍ତଙ୍କୁ ଦେଖି ଆଗ ହସିଦେବା ମଣିଷର ପ୍ରକୃତି। ସେହିପରି ଅଧିକ ଖାଇଲେ ରୋଗଗ୍ରସ୍ତ ହେବା ସମ୍ଭାବନା ରହିଥାଏ। ଭୋକ ହେଲେ ସ୍ଥାନ-କାଳ-ପାତ୍ର ନ ବିଚାରି ମଧ୍ୟ ଖାଇବାକୁ ପଡିଥାଏ। ଏପରିସ୍ଥଳେ ପେଟ ଭଗାରି ଭଳି ଦାଉସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ






ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭିଜିଲାନ୍ସ ଜାଲରେ ନୟାଗଡ଼ ଏମ୍‌ଭିଆଇ

## ଭୁବନେଶ୍ୱରରେ ୩୧ ପ୍ଲଟ୍, ୧୦ ବେନାମୀ

ନୟାଗଡ଼,୯।୧(ଲୋକନାଥ ମିଶ୍ର)



ପଞ୍ଚାନନ ବେହେରା

ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କୋଟିପତି ଜିଲା ମୋଟର ଯାନ ନିରୀକ୍ଷକ(ଏମ୍‌ଭିଆଇ) ପଞ୍ଚାନନ ବେହେରା ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ଅଟକ ଅଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ପଞ୍ଚାନନଙ୍କ ଘର ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ଭୁବନେଶ୍ୱରରେ ଥିବା ୩୧ଟି ପ୍ଲଟରୁ ୧୦ଟି ବେନାମୀ ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ ଜଣାପଡିଛି। ଅନ୍ୟପକ୍ଷେ ବିଭିନ୍ନ ବ୍ୟାଙ୍କ ଓ ଇନ୍‌ସ୍ୟୁରାନ୍ସ ବାବଦରେ ୭୨ ଲକ୍ଷ ୮୦ ହଜାର ଡିପୋଜିଟ, ସୁନା, ନଗଦ ଟଙ୍କା ଓ ଅନ୍ୟ ଅସ୍ଥାବର ସମ୍ପତ୍ତି ୧୫ ଲକ୍ଷ ଟଙ୍କା ରହିଛି। ପୁଅ ପାଇଁ ୫୦ଲକ୍ଷ ଟଙ୍କା ଦେଇ ସୋଆ ବିଶ୍ୱବିଦ୍ୟାଳୟରେ ଏମ୍‌ବିବିଏସ୍ ପାଠ ପଢ଼ାଉଛନ୍ତି। ଗୋଟିଏ ବେନାମୀ କାର ଓ ୩ଟି ବାଇକ୍ ସମେତ ୪ ବେନାମୀ ଯାନବାହନ ଜବତ ହୋଇଛି। ବେନାମୀ ସମ୍ପତ୍ତିର ଉତ୍ସ ସମ୍ପର୍କରେ ତଦନ୍ତ ଜାରି ରହିଛି। ଅଧିକ ସମ୍ପତ୍ତି ମିଳିବାର ସମ୍ଭାବନା ଥିବାରୁ ଜବତ ସମ୍ପତ୍ତିର ମୂଲ୍ୟ ବଢ଼ିବାର ଆଶା ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ପରେ ଭିଜିଲାନ୍ସ ସ୍ପେଶାଲ ଜଜ୍ ଭୁବନେଶ୍ୱରଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ମଙ୍ଗଳବାର ଏକକାଳୀନ ଏମ୍‌ଭିଆଇ ପଞ୍ଚାନନଙ୍କ ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ଥିବା ଗୋଟିଏ ଦୁଇ ମହଲା କୋଠା, ପାଣ୍ଡରାରେ ଏକ ମହଲା କୋଠା, ନୟାଗଡ଼ର ଭଡ଼ା ଘର, ନିଜର ପୈତୃକ ଘର କଟକ ଜିଲା ସାଷଲପୁର ଥାନା ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଡ଼ା ଗାଁ, ଖୋର୍ଦ୍ଧା ଜିଲା ନୀଳଗିରିପାଟଣା ଥାନା ଗୋବିନ୍ଦପୁର ଗାଁର ସମ୍ପର୍କୀୟଙ୍କ ଘର, ସତ୍ୟବିହାରର ସମ୍ପର୍କୀୟଙ୍କ ଘର, ଆରଟିଓ ନୟାଗଡ଼ କାର୍ଯ୍ୟାଳୟରେ ଚଢ଼ାଉ ହୋଇଥିଲା। କଟକ ଭିଜିଲାନ୍ସ ନେତୃତ୍ୱରେ ୬ ଡିଏସପି, ୩ ଇନ୍ସପେକ୍ଟର, ୮ ଏଏସ୍ଆଇ, ଅନ୍ୟ କର୍ମଚାରୀ ସର୍ଚ୍ଚ ଅପରେଶନରେ ସାମିଲ ହୋଇଥିଲେ।

# ୩ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

ଛେଣ୍ଡିପଦା, ୧।୯ (ଅଜିତ ଧଳ)- ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ସୋମବାର ଏକ ୩ ବର୍ଷର ଶିଶୁ କନ୍ୟାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଦିବ୍ୟାଙ୍ଗ ଚନ୍ଦନ ମାଝି(୪୦)ଙ୍କୁ ଗିରଫ କରିଛି। ପୋଲିସ କହିଛି, ସମ୍ପୃକ୍ତା ଶିଶୁକନ୍ୟାଙ୍କୁ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ନିକଟସ୍ଥ ବଗିଚାକୁ ଡାକି ନେଇ ବଳାତ୍କାର କରିଥିଲେ। ବହୁ ସମୟ ଧରି ଶିଶୁ କନ୍ୟାକୁ ନ ପାଇ ପରିବାର ଲୋକେ ଖୋଜାଖୋଜି କରିବା ବେଳେ ଅଭିଯୁକ୍ତ ଯୁବକ ଉକ୍ତ ବଗିଚାରୁ ବାହାରୁଥିବା ଦେଖି ସନ୍ଦେହରେ ସେମାନେ ବଗିଚାକୁ ଯାଇଥିଲେ। ସେଠାରୁ ଶିଶୁ କନ୍ୟାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ପରିବାର ପକ୍ଷରୁ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ନଂ ୯/୨୪ରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ମାଲକାନଗିରିକୁ ବିମାନସେବା ଏକ ଅବିଶ୍ୱସନୀୟ ସ୍ୱପ୍ନ ଥିଲା: ପାଣ୍ଡିଆନ

ଭୁବନେଶ୍ୱର,୯।୧(ଅନିଲ ଦାସ)



ମାଲକାନଗିରିକୁ ବିମାନସେବା ଏକ ଅବିଶ୍ୱସନୀୟ ସ୍ୱପ୍ନ ଥିଲା। ବିଶ୍ୱାସକରି ହେଉ ନ ଥିବା ଭଳି ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ସାକାର କରନ୍ତି। ମଙ୍ଗଳବାର ମାଲକାନଗିରି, ନବରଙ୍ଗପୁର ଜିଲାର ରାଇଘର ଏବଂ କୋରାପୁଟ ଜିଲାର ଲକ୍ଷ୍ମୀପୁରଠାରେ ଆୟୋଜିତ ସାଧାରଣ ସଭାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ କି ଲକ୍ଷ୍ମୀ ଯୋଜନା ଅବିଭକ୍ତ କୋରାପୁଟ ଜିଲାର ମାଲକାନଗିରିରୁ ହିଁ ଏହି ସବୁ ଯୋଜନାର ଶୁଭାରମ୍ଭ କରିଛନ୍ତି। ମାଲକାନଗିରିକୁ ଗତ ୯ ମାସ ଭିତରେ ସପ୍ତଧାରା ଜଳସେଚନ ପ୍ରକଳ୍ପ ପାଇଁ ୪ ହଜାର ୫ କୋଟି ଓ ଏହି ପ୍ରକଳ୍ପ ଛଡ଼ା ମାଲକାନଗିରିର ଅନ୍ୟାନ୍ୟ ଉନ୍ନୟନମୂଳକ କାମ ପାଇଁ ୭୮୬ କୋଟି ଅନୁଦାନ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲାକୁ ୪୫୦କୋଟି ଏବଂ କୋରାପୁଟ ଜିଲାକୁ ୪୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। କେବଳ ସେତିକି ନୁହେଁ କୋରାପୁଟ ଏବଂ ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ୬ଟି ଡିଗ୍ରୀ କଲେଜ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହି ସବୁ କଲେଜରେ ଚଳିତ ବର୍ଷଠାରୁ ପାଠପଢ଼ା ଆରମ୍ଭ ହେବ।

ମାଲକାନଗିରିଠାରେ ବିମାନସେବାର ଉଦ୍‌ଘାଟନ ଅବସରରେ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲାକୁ ବହୁତ ଭଲ ପାଆନ୍ତି। ଗତ ମାର୍ଚ୍ଚରେ ସେ ମାଲକାନଗିରି ଗସ୍ତ କରିଥିବା ବେଳେ ଲୋକଙ୍କଠାରୁ ୮୫୦ଟି ଦରଖାସ୍ତ ଗ୍ରହଣ କରିଥିଲେ। ସେଥିରୁ ଇତିମଧ୍ୟରେ ୮୨୦ ଦରଖାସ୍ତ ଉପରେ ପଦକ୍ଷେପ ନିଆଯାଇଛି ଓ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ସେସବୁ କାମ ଚାଲିଛି। ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ପାଇଁ ୧୬କୋଟି ଟଙ୍କା ଅନୁମୋଦନ କରାଯାଇଛି।

ସପ୍ତଧାରା ଜଳସେଚନ ପ୍ରକଳ୍ପ ପାଇଁ ଦୀର୍ଘଦିନ ଧରି ଦାବି ହେଉଥିଲା। ପ୍ରକଳ୍ପ ପାଇଁ ୪ ହଜାର ୫କୋଟି ଟଙ୍କା ମଞ୍ଜୁର ହୋଇଛି। ଡିପିଆର୍ ପ୍ରସ୍ତୁତ ହୋଇଥିବା ବେଳେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ମାଛକୁଣ୍ଡ ନଦୀ ଉପରେ ଦେଶୀଗୁଡ଼ା ଯନ୍ତ୍ରୀ ରାସ୍ତାରେ ସେତୁ ପାଇଁ ୪୦ କୋଟି, କୁମୁଦୁପୁଡ଼ା ନଦୀ ଉପରେ ଦାନାବେଡ଼ା ରାସ୍ତାରେ ସେତୁ ପାଇଁ ୨୭କୋଟି, କାଳିଆଘର ନାଳ ଉପରେ ଯନ୍ତ୍ରୀ ରାସ୍ତାରେ ସେତୁ ପାଇଁ ୨୦ କୋଟି ଟଙ୍କା ମଞ୍ଜୁର ହୋଇଛି। ମାଲକାନଗିରି ଜିଲା ପାଇଁ ମୁଖ୍ୟମନ୍ତ୍ରୀ ମୋଟ୍ ୪ହଜାର ୧୮୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଜିଲାରେ ଆହୁରି ଅଧିକ ଲକ୍ଷ୍ମୀବସ୍ ଚଲାଇବା ପାଇଁ ହେଉଥିବା ଦାବି ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି।

ମାଲକାନଗିରି ପରେ ନବରଙ୍ଗପୁର ରାଇଘରରେ ୫-ଟି ଅଧ୍ୟକ୍ଷ ବିକାଶ କାର୍ଯ୍ୟର ସମୀକ୍ଷା କରିବା ସହ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ଗତ ମାର୍ଚ୍ଚରେ ନବରଙ୍ଗପୁରବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିର ପାଳନ ସମ୍ପର୍କରେ ସେ ଅବଗତ କରିଛନ୍ତି। ୯ମାସ ଭିତରେ ନବରଙ୍ଗପୁର ଜିଲା ପାଇଁ ୪୫୦ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଉମରକୋଟ ନିର୍ବାଚନମଣ୍ଡଳୀ ପାଇଁ ୨ଶହ କୋଟି ମଞ୍ଜୁର ହୋଇଛି। ଜିଲା ପାଇଁ ମିଳିଥିବା ଏହି ୪୫୦ କୋଟି ଭିତରେ ଜଳସେଚନ ଲାଗି ମିଳିଥିବା ଅନୁଦାନ ରାଶିକୁ ଯୋଡ଼ାଯାଇନାହିଁ। ତେନ୍ତୁଳିଖୁଣ୍ଟି, କୋଷାଗୁମୁଡ଼ା, ଝରିଗାଁ ଓ ରାଇଘରରେ ଡିଗ୍ରୀ କଲେଜକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। କଲେଜଗୁଡ଼ିକରେ ଚଳିତବର୍ଷରୁ ନାମଲେଖା ହେବ। ସେହିଭଳି ଉମରକୋଟରେ ଡାଏଲିସିସ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି। ଗୋଣ୍ଡ ସମାଜ ଭବନ ନିର୍ମାଣ ପାଇଁ ୫୦ଲକ୍ଷ ଟଙ୍କା, ବଙ୍ଗାଳି ସମାଜର କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ୧ କୋଟି ୨୦ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି। ପୋଡ଼ାଗଡ଼ରେ ଥିବା ଶିବ ମନ୍ଦିର ଓ ଅଞ୍ଚଳର ଉନ୍ନତି ପାଇଁ ୨କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ଉମରକୋଟ-ରାଇଘର ରାସ୍ତା ନିର୍ମାଣ ପାଇଁ ୫୦କୋଟି ଟଙ୍କା ମଞ୍ଜୁର ସହ ଅନ୍ୟାନ୍ୟ ରାସ୍ତାର ଉନ୍ନତୀକରଣ ପାଇଁ ଅନୁଦାନ ରାଶି ସମ୍ପର୍କରେ ପାଣ୍ଡିଆନ ସୂଚନା ଦେଇଥିଲେ। ପେଣ୍ଡ୍ରାଣୀ ହାୟର ସେକେଣ୍ଡାରୀ ସ୍କୁଲ ଏବଂ ଡିଗ୍ରୀ କଲେଜ ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇ କାମ ସରିଲାଣି। ଭାସ୍କଲ ଡ୍ୟାମ୍ ପାଇଁ ୬ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସେ ସୂଚନା ଦେଇଛନ୍ତି। ମା' ପେଣ୍ଡ୍ରାଣୀ ମନ୍ଦିରର ଉନ୍ନତି ପାଇଁ ୩୦ ଲକ୍ଷ ଟଙ୍କା, ରାଇଘର ପଞ୍ଚାୟତ ସମିତି ହାୟର ସେକେଣ୍ଡାରୀ ସ୍କୁଲର ଉନ୍ନତୀକରଣ ପାଇଁ ୫୦ଲକ୍ଷ, ରାଇଘରରୁ ଅଞ୍ଚଳ ରାସ୍ତା ପାଇଁ ୪୫କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି।

ଭାତବେଡ଼ାରୁ -ଛତିଶଗଡ଼ ସୀମା ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ପାଖାପାଖି ୧୪ କୋଟି ଟଙ୍କା ମଞ୍ଜୁର ହୋଇଛି। ଲୋକମାନେ ଦେଇଥିବା ଦରଖାସ୍ତର ବିଚାର କରାଯାଇ ଆସନ୍ତା ୧୦ଦିନରେ ଖୁସି ଖବର ଦିଆଯିବ ବୋଲି ୫-ଟି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ଉନ୍ନତି ପାଇଁ ଲୋକମାନଙ୍କୁ ଖୁସି ଖବର ମିଳିବ। ବିଏସ୍‌କେୱାଇ-ନବୀନ କାର୍ଡ ପାଇଁ ପଞ୍ଜୀକରଣ ଚାଲିଛି। ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଚାଲିବ। ବିଏସ୍‌କେୱାଇ କାର୍ଡ ପାଇ ନ ଥିବା ସମସ୍ତେ ଏଥିପାଇଁ ଆବେଦନ କରିପାରିବେ। ସହରାଞ୍ଚଳ ଲୋକ, ସରକାରୀ କର୍ମଚାରୀ ପରେ ଯୋଜନାର ଲାଭ ପାଇବେ।

ଅନ୍ୟପଟେ ଆସନ୍ତା ୨ ମାସ ଭିତରେ ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କ ଖୋଲିବ। ମକା ଚାଷୀଙ୍କୁ ସହଯୋଗ କରିବାକୁ ସରକାର ମକା ମିଶନ ଆରମ୍ଭ କରିଛନ୍ତି। ଭତ୍ତା ରାଶି ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ଖୁସି ଖବର ଦେବେ ବୋଲି ପାଣ୍ଡିଆନ କହିଛନ୍ତି। କୋରାପୁଟ ଜିଲା ଲକ୍ଷ୍ମୀପୁରରେ ଆୟୋଜିତ ସାଧାରଣ ସଭାରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଯୋଗ ଦେଇଥିଲେ। ଗତଥର ନାରାୟଣପାଟଣା ଆସିଥିବା ବେଳେ ସେ ୧୫ଟି ଦରଖାସ୍ତ ପାଇଥିଲେ। ୧୦ମାସ ଭିତରେ ସେଥିରୁ ୧୨ଟି ଉପରେ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ଏଥିସହ ନାରାୟଣପାଟଣା ଓ ବନ୍ଧୁଗାଁରେ ସରକାରୀ ଡିଗ୍ରୀ କଲେଜ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଚଳିତବର୍ଷଠୁ ହିଁ ସେଠାରେ ଆଡ୍‌ମିଶନ ହେବା ସହ ପାଠପଢ଼ା ହେବ। ଝଞ୍ଜାବତୀ ବ୍ୟାରେଜ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ନାରାୟଣପାଟଣାରେ ଥିବା ଜଗନ୍ନାଥ ମନ୍ଦିରର ରୂପାନ୍ତରଣ ପାଇଁ ୪ କୋଟି ଟଙ୍କା, ବନ୍ଧୁଗାଁରେ ଥିବା ଅଗ୍ନିଗଙ୍ଗା ମା' ମନ୍ଦିର ପାଇଁ ୨ କୋଟି ଟଙ୍କା, ଲକ୍ଷ୍ମୀପୁର କଲେଜର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

ଆର୍.କେ. ଉଚ୍ଚ ମାଧ୍ୟମିକ ସ୍କୁଲ ଏବଂ ଡିଗ୍ରୀ କଲେଜର ୫-ଟି ରୂପାନ୍ତରଣ ପାଇଁ ଏକ କୋଟି ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ନାରାୟଣପାଟଣାରେ ଥିବା ରାଧାକ୍ରିଷ୍ଣ ଉଚ୍ଚ ମାଧ୍ୟମିକ ସ୍କୁଲର ରୂପାନ୍ତରଣ ପାଇଁ ୫୦ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରାଯାଇଥିବା ବେଳେ କୋରାପୁଟ ଜିଲାର ୩୦୦ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୧୫ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି। କେବଳ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ପାଇଁ ୧୩୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ନିକଟରେ ଜୟପୁର ଗସ୍ତରେ ଆସିଥିବା ବେଳେ ଆଉ କିଛି ଆବେଦନ ମିଳିଥିଲା। ସେଥିମଧ୍ୟରୁ ୩୦୦ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୧୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। କେବଳ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ପାଇଁ ୧୩୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଗୁପ୍ତେଶ୍ୱର ମନ୍ଦିର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ୨୦ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବେଳେ କୋଲାବ ନଦୀ ଉପରେ ସେତୁ ପାଇଁ ୧୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ସେ କହିଛନ୍ତି। କଂସାରୀଗୁଡ଼ା ଆଲୁମିନିୟମ ପ୍ରୋଜେକ୍ଟକୁ ମୁଖ୍ୟମନ୍ତ୍ରୀ ନିକଟରେ ଶୁଭ ଉଦ୍‌ଘାଟନ କରିଛନ୍ତି। ଗତ ୧୦ ମାସ ଭିତରେ ମୁଖ୍ୟମନ୍ତ୍ରୀ କେବଳ କୋରାପୁଟ ଜିଲାକୁ ୪୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିସହ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ପାଇଁ ଆସିଥିବା ନିବେଦନଗୁଡ଼ିକ ପାଇଁ ଆସନ୍ତା ୧୯ ତାରିଖ ମଧ୍ୟରେ ଖୁସି ଖବର ପାଇବେ। ଏଥିସହ ଖୁବ୍‌ଶୀଘ୍ର ଭତ୍ତା ବଢ଼ାଯିବ ବୋଲି ପାଣ୍ଡିଆନ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଆକାଶପଥରେ ....




ଗୁରୁତ୍ୱପୂର୍ଣ୍ଣ। ମାଲକାନଗିରି ବିମାନବନ୍ଦର ୨୩୩ ଏକର ଅଞ୍ଚଳରେ ପରିବ୍ୟାପ୍ତ। ଏଥିରେ ୧୬୨୦ ମିଟର ଦୈର୍ଘ୍ୟ ଓ ୩୦ ମିଟର ପ୍ରସ୍ଥ ବିଶିଷ୍ଟ ଏକ ରନ୍‌ୱେ ନିର୍ମାଣ କରାଯାଇଛି। ଏଥିପାଇଁ ୭୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଉଦ୍‌ଘାଟନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ। ମାଲକାନଗିରି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲାର ଗୋବିନ୍ଦପାଲି ସମନ୍ୱିତ ଜଳସେଚନ ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏଥିପାଇଁ ୪ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସୂଚନାଯୋଗ୍ୟ, ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗତ ମାର୍ଚ୍ଚ ୨୮ରେ ମାଲକାନଗିରି ଜିଲା ଗସ୍ତ କରି ସ୍ଥାନୀୟ ଜନସାଧାରଣଙ୍କ ସହିତ ସପ୍ତଧାରା ନଦୀରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ। ଲୋକଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦେଇ ପ୍ରାୟ ୪ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଗୋବିନ୍ଦପାଲି ସମନ୍ୱିତ ଜଳସେଚନ ପ୍ରକଳ୍ପର ଡିପିଆର ପ୍ରସ୍ତୁତ କରାଯାଇ ବୈଷୟିକ ପରାମର୍ଶଦାତା କମିଟିର ଅନୁମୋଦନ ନିମନ୍ତେ କେନ୍ଦ୍ରୀୟ ଜଳ ଆୟୋଗକୁ ପ୍ରେରଣ କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ ସପ୍ତଧାରା ଓ ଗରିଆଠାରେ ଦୁଇଟି ଡ୍ୟାମ୍, ଏକ ସଂଯୋଗୀକରଣ ଟନେଲ ଏବଂ ଭୂତଳ ପାଇପଲାଇନ ଦ୍ୱାରା ଜଳସେଚନର ବ୍ୟବସ୍ଥା ରହିଛି। ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲାର ୪ଟି ବ୍ଲକ ଯଥା ମାଲକାନଗିରି, ମାଥିଲି, ଖଇରପୁଟ ଓ କୋରୁକୁଣ୍ଡାରେ ଅତିରିକ୍ତ ୯୨,୮୧୫ ଏକର ଚାଷ ଜମିରେ ଜଳସେଚନର ସୁବିଧା ସୃଷ୍ଟି କରାଯିବ। ଏଥି ସହିତ ୧.୫୦ ଲକ୍ଷ ସ୍ଥାନୀୟ ଜନସାଧାରଣଙ୍କୁ ପାନୀୟଜଳ ଯୋଗାଣ କରାଯାଇପାରିବ। ଆସନ୍ତା ଜୁଲାଇ ସୁଦ୍ଧା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅଧିକାଂଶ ସମୟ ନିରୁତ୍ସାହିତ ରହିବା ଫଳରେ ମନୋରଞ୍ଜନ ପ୍ରୀତିପ୍ରଦ ହେବନାହିଁ। ବନ୍ଧୁଙ୍କ ଆସିବା ବାଟକୁ ଅପେକ୍ଷା କରିବା ସକାଶରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍ଭରେ କରିବା ପାଇଁ ନିଷ୍ପତ୍ତି ନେବେ। ବିବାଦୀୟ ଘଟଣାରେ କୌଣସି ପକ୍ଷ ସମର୍ଥନ କରିବା ଠିକ୍ ନ ହୋଇପାରେ।

**ବୃଷ**
ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଳହ ଲାଗିପାରେ। ଅଯଥା ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ ଏବଂ ଏହାକୁ ସୁଧାରିବା କଷ୍ଟକର ହୋଇପଡ଼ିବ। ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ ଏବଂ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମିଥୁନ**
ବହୁତ ଦିନରୁ ଚେଷ୍ଟା କରି ମଧ୍ୟ ପାଇ ନ ଥିବା ପ୍ରାପ୍ୟଧନ ଆଜି ପାଇବେ। ଆତ୍ମୀୟଙ୍କ ସାହାଯ୍ୟରୁ ସଭାସମିତି, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ରହିବ। ଅନ୍ୟମାନଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ**
ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ଭଲରେ ଭଲରେ କଟିବ। ଆପଣଙ୍କ କାମରେ ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି। ମାତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଓ ବିବାଦୀୟ ଘଟଣାରେ ବିଜୟୀ ହେତୁ ଖୁସି ରହିବେ।

**ସିଂହ**
ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ କେନ୍ଦ୍ର କରି ଓ ବିଭିନ୍ନ କଥା ଚିନ୍ତା କରି ମନଟା ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। ସାମାଜିକ ସ୍ତରରେ କଲ୍ୟାଣମୂଳକ କାମକରି ପ୍ରଶଂସିତ ହେବେ।

**କନ୍ୟା**
କର୍ମକ୍ଷେତ୍ରରେ ସଫଳତା ପାଇଲେ ମଧ୍ୟ ପୂର୍ଣ୍ଣ ସନ୍ତୋଷ କୌଣସି କାମରେ ଆସିବ ନାହିଁ। ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ବହୁତ ବିଳମ୍ବରେ ହେଉଥିବାରୁ କ୍ରମଶଃ ବ୍ୟସ୍ତତା ବଢ଼ିଯିବ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିପାରେ। ନିଜ ପରିସରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ।

**ତୁଳା**
ପାରିବାରିକ କ୍ଷେତ୍ରରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ଫଳରେ ଅନର୍ଥ ସୃଷ୍ଟି ହୋଇପାରେ। ଆଶଙ୍କା ଦୂର ହେବ ଏବଂ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ବ୍ୟୟ ଭାର କ୍ରମଶଃ କମି କମି ଆସିବା କାରଣରୁ ମାନସିକ ସ୍ଥିରତା ପାଇବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେବାର ସୂଚନା ରହିଛି।

**ବିଛା**
କର୍ମକ୍ଷେତ୍ରରେ କିଛିଟା ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। କିନ୍ତୁ ଯେମିତି ଓ ଯାହା ଛାହୁଁଛନ୍ତି କିମ୍ବା ଭାବୁଛନ୍ତି ଠିକ୍ ସେପରି ଫଳ ହାତେ ହାତେ ମିଳିଯିବ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା କାରଣରୁ ମହିଳାମାନଙ୍କ ମନୋବଳ ବୃଦ୍ଧି ପାଇବ।

**ଧନୁ**
ଦିନସାରା ଆପଣଙ୍କୁ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ମିଳିବ। ବ୍ୟବସାୟ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭ୍ରମଣ, ରାଜନୀତି, ପ୍ରଶାସନ, ପ୍ରକାଶନ, ସଭାସମିତି ପାଇଁ ଦିନଟି ବହୁତ ଭଲ। ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ମକର**
ପାରିବାରିକ ସମସ୍ୟାର ସମାଧାନ କରି ଏକପ୍ରକାର ଆତ୍ମତୃପ୍ତି ଲାଭ କରିବେ। ରାଜନୀତି, ଜମିଜମା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତ୍ୟେକ କ୍ଷେତ୍ରରେ ଅପେକ୍ଷାକୃତ ଅସୁବିଧା ଭୋଗିବେ କିନ୍ତୁ କୌଣସି କାମ ଅଟକିବ ନାହିଁ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ**
ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ସୃଷ୍ଟି ହେବାରୁ ମନ ଅସ୍ଥିର ରହିବ। ଜମିଜମା କାରବାରରେ ଅଗ୍ରଗତି, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ ଓ ଆନୁଷ୍ଠାନିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। ଅଫିସିଆଲି ବାଦବିବାଦରେ ଆପୋଷ ସମାଧାନ ଘଟିବ। ଘରେ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**ମୀନ**
ଅଶାନ୍ତ ପରିସ୍ଥିତିରେ ସୁଧାର ଆସିବା କାରଣରୁ ମାନସିକ ସ୍ଥିତି କ୍ରମଶଃ ସୁସ୍ଥ ହୋଇଯିବ। ପଡ଼ୋଶିନୀଙ୍କ ସହିତ ଭୁଲ୍ ବୁଝାମଣା ଦୂରେଇବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଆଲୋଚନା କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ମଧ୍ୟ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

ଆଜି ଜାନୁଆରୀ ୧୦ ତାରିଖ, ପୌଷ କୃଷ୍ଣ ଚତୁର୍ଦ୍ଦଶୀ ବୁଧବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅମାବାସ୍ୟାର ନିଶାପାଳନ, ରାଶି ନକ୍ଷତ୍ର-ମୂଳା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬.୨୭ମି. ଗତେ ଘ.୦୮.୩୭ମି. ମଧ୍ୟେ, ଘ.୧୦.୪୮ ମି. ଗତେ ଘ.୧୧.୫୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯.୧୦ ମି. ଗତେ ଘ.୧୦.୩୨ମି. ମଧ୍ୟେ ରାହୁକାଳ।

# ଆର୍‌ଡିସିଙ୍କ ନାମରେ ୧୬ ହାଇକୋର୍ଟ ଅବମାନନା ମାମଲା

ସମ୍ବଲପୁର,୯।୧
(ଭବାନୀ ଶଙ୍କର ଭୋଇ)

ପଶ୍ଚିମ ଓଡ଼ିଶାର ୧୧ ଜିଲାକୁ ନେଇ ଗଠିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ଦାୟିତ୍ୱରେ ରହିଛନ୍ତି ଡ. ସୁରେଶ ଚନ୍ଦ୍ର ଦଳାଇ। ହାଇକୋର୍ଟ ଅନ୍‌ଲାଇନ ଇ-କୋର୍ଟ କେସ୍ ପୋର୍ଟାଲରେ ରହିଥିବା ତଥ୍ୟ ଅନୁସାରେ ଆର୍‌ଡିସି ଦଳାଇଙ୍କ ନାମରେ ୨୦୨୩ରେ ରୁଜୁ ହୋଇଛି ୧୬ଟି ହାଇକୋର୍ଟ ଅବମାନନା ମାମଲା। କେସ୍ ନମ୍ବରଗୁଡ଼ିକ ହେଉଛି ୯୯୨୬, ୯୯୨୫, ୯୮୬୫, ୭୫୮୦, ୭୨୬୫, ୬୭୯୭, ୧୪୨୩, ୮୪୨୨, ୬୩୦୬, ୬୦୨୦, ୬୦୧୮, ୫୨୩୬, ୪୩୪୧, ୩୩୯୫, ୩୩୬୯ ଓ ୧୮୬। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଠିକ୍ ସମୟରେ ପାଳନ କରି ନ ଥିବାରୁ ଆବେଦନକାରୀ ତାଙ୍କ ବିରୋଧରେ ହାଇକୋର୍ଟ ଅବମାନନା କେସ୍ କରିଛନ୍ତି। ଏହା ପୂର୍ବରୁ ୨୦୨୧ରେ କେସ୍ ନଂ. ୪୦୧୮ ଓ ୨୦୨୨ରେ କେସ୍ ନଂ.୬୫୬୪, ୪୬୪୫, ୩୪୩୬, ୧୯୫୭, ୯୮୯ରେ ହାଇକୋର୍ଟ ଅବମାନନା ମାମଲା କରାଯାଇଥିବା ତଥ୍ୟ ରହିଛି।

## ୨୦୨୩ ବର୍ଷ

ଅନେକ ଆବେଦନକାରୀ ବ୍ଲକ ସ୍ତରରୁ ଜିଲା ପର୍ଯ୍ୟନ୍ତ ବାରମ୍ବାର ଦୌଡ଼ିବା ପରେ ନ୍ୟାୟ ନ ପାଇ ଆର୍‌ଡିସିଙ୍କ ଦ୍ୱାରସ୍ଥ ହୋଇଥାନ୍ତି। ହେଲେ ସେଠାରୁ ନିରାଶ ହେବା ପରେ ସେମାନେ ବାଧହୋଇ ହାଇକୋର୍ଟଙ୍କୁ ଯାଇଥାନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଆର୍‌ଡିସିଙ୍କ ପାଖରୁ ଠିକ୍ ସମୟରେ ନ୍ୟାୟ ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ଏଭଳି ଏକ ଘଟଣା ନେଇ ମଙ୍ଗଳବାର ସମ୍ବଲପୁର ପୁଟିବନ୍ଧ ନିବାସୀ ବୃନ୍ଦାବନ ମିଶ୍ରଙ୍କ ପକ୍ଷରୁ ଉତ୍ତରାଞ୍ଚଳ ଆର୍‌ଡିସିଙ୍କ ସଚିବ ଓ ସମ୍ବଲପୁର ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସାରେ ତାଙ୍କ ବାପା ଅକ୍ଷୟ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିଜ ଜମି ସମ୍ବନ୍ଧରେ ଅଭିଯୋଗ ଦାଖଲ କରିଥିଲେ। ତାଙ୍କର ରିଟ୍ ପିଟିଶନ (ସଂଖ୍ୟା୧୨୭୬୪/୨୦୨୩)ର ବିଚାର କରି ସେହିବର୍ଷ ଜୁନ ୨୦ରେ ଉତ୍ତରାଞ୍ଚଳ ଆର୍‌ଡିସିଙ୍କୁ ୯୦ ଦିନ ମଧ୍ୟରେ ଅଭିଯୋଗର ସମାଧାନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ୬ମାସ ବିତିବା ପରେ ବି ତାଙ୍କ ବାପାଙ୍କ ଅଭିଯୋଗର ସମାଧାନ ହୋଇପାରି ନ ଥିବା ସେ ଜଣାଇଛନ୍ତି। ଏ ସମ୍ପର୍କରେ ଆର୍‌ଡିସି ଦଳାଇଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ମତାମତ ମିଳିପାରିନାହିଁ। ପରେ ଆର୍‌ଡିସିଙ୍କ ସଚିବ ସୁକାନ୍ତ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, କେହିହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରିବାକୁ ଚାହିଁବେ ନାହିଁ। ତେବେ ଡ. ଦଳାଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଦାୟିତ୍ୱ ସହ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ୨୨ଟି ଜିଲାରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ସେଥିପାଇଁ କିଛି କେସ୍ ଠିକ୍ ସମୟରେ ସମାଧାନ ହୋଇପାରିନାହିଁ। ଏହାସହ ଅନେକ କେସ୍ ଦୀର୍ଘଦିନ ପୁରୁଣା ଓ ଜଟିଳ ରହିଛି। ସେଗୁଡ଼ିକୁ ତିନି ଚାରିମାସ ମଧ୍ୟରେ ସମାଧାନ କରିବା ସମ୍ଭବ ହୋଇପାରି ନାହିଁ। ଆମେ ଏ ସଂକ୍ରାନ୍ତରେ ଅନେକ ସମୟରେ ହାଇକୋର୍ଟଙ୍କୁ ମଧ୍ୟ ଅବଗତ କରିଛୁ ବୋଲି ସେ ପ୍ରକାଶ କରିଛନ୍ତି।

# କ୍ଷତିପୂରଣ ସତ୍ୟପାଠ ଦାଖଲ ପାଇଁ ସମୟ ନେଲେ ସରକାର

## ହାଇକୋର୍ଟରେ ଡଙ୍ଗାବୁଡ଼ି ମାମଲା

କଟକ,୯।୧ (କାର୍ତ୍ତିକ ସାହୁ)



ଡଙ୍ଗାବୁଡ଼ି ମାମଲାରେ ରାଜ୍ୟ ସରକାର ମୃତାହତଙ୍କ ନିମନ୍ତେ କ୍ଷତିପୂରଣ ରାଶି ବାବଦରେ ସତ୍ୟପାଠ ଦାଖଲ ଲାଗି ସମୟ ଦେବାକୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ଉକ୍ତ ଟଙ୍କା ସମ୍ପର୍କରେ ବିଚାର ଚାଲିଥିବା ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ଆବେଦନକୁ ଗ୍ରହଣ କରିଛନ୍ତି। ଏଥିସହ ସରକାରଙ୍କ ପ୍ରସ୍ତାବିତ ନୂତନ ଡଙ୍ଗାଚାଳନା ନିୟମ-୨୦୨୩କୁ ପଢ଼ି ଅଭିଯୋଗ ଓ ପ୍ରସ୍ତାବ ଜଣାଇବାକୁ ଆବେଦନକାରୀ ଏବଂ ଆମିକସ୍ କ୍ୟୁରିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲା କୋଲାବ ନଦୀର ଶାଖା ପାତାଳି ନଦୀରେ ୨୦୧୪ ମେ' ୨୪ରେ ଡଙ୍ଗାବୁଡ଼ି ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆଇନଜୀବୀ ପ୍ରବୀର ଦାସ ଏନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରି ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ନିରାପତ୍ତା ନିମନ୍ତେ ଡଙ୍ଗାର ପଞ୍ଜୀକରଣ, ଜୀବନ ରକ୍ଷାକାରୀ ସରଞ୍ଜାମ ମହଜୁଦ ବ୍ୟବସ୍ଥା ଗ୍ରହଣ ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଦେବାକୁ ଆବେଦନରେ ଦର୍ଶାଇଥିଲେ। ସେହିପରି ୨୦୧୪ ଫେବୃଆରୀରେ ହୀରାକୁଦରେ ଡଙ୍ଗାବୁଡ଼ି ୩୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ହାଇକୋର୍ଟ ନିଜ ଆଡ଼ୁ ଏକ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ରାଜ୍ୟର ଅନ୍ୟ ଏକ ସ୍ଥାନରେ ୨୦୧୩ରେ ଘଟିଥିବା ଡଙ୍ଗାବୁଡ଼ି ନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା। ୩ଟିଯାକ ମାମଲାର ଶୁଣାଣି ପୃଥକ୍ ହେଉଥିଲା। ହେଲେ ଏସବୁ ମାମଲାଗୁଡ଼ିକର ଏକତ୍ର ଶୁଣାଣି ପାଇଁ ଫେବୃଆରୀ ୧୩ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ଡିଏନ୍‌ଏ ରିପୋର୍ଟରେ ତୃତୀୟ ମୃତକ ଦିଲୀପ

ଭୁବନେଶ୍ୱର,୯।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲ ଏସି କମ୍ପ୍ରେସରରେ ଗ୍ୟାସ୍ ଭର୍ତ୍ତିବେଳେ ବିସ୍ଫୋରଣ ଘଟଣାକୁ ମଙ୍ଗଳବାର ୧୨ଦିନ ପୂରିଥିବା ବେଳେ ୩ ଜଣଙ୍କ ଜୀବନ ଯାଇଛି। ଏଭଳିସ୍ଥିତିରେ ତୃତୀୟ ମୃତକ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ବଅଙ୍ଗ ଗ୍ରାମର ଦିଲୀପ ସାମନ୍ତରାୟ ବୋଲି କୁହାଯାଉଥିବାବେଳେ ଏହାକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂରହୋଇଛି। ମଙ୍ଗଳବାର ପୋଲିସ ନିକଟରେ ପହଞ୍ଚିଥିବା ଡିଏନ୍‌ଏ ରିପୋର୍ଟରେ ତୃତୀୟ ମୃତଦେହ ଦିଲୀପଙ୍କର ବୋଲି ସ୍ପଷ୍ଟ ହୋଇଛି। ଏହାପରେ ମୃତଦେହ ନେବାକୁ ଅପେକ୍ଷା କରିଥିବା ଦିଲୀପଙ୍କ ପରିବାର ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଦିଲୀପଙ୍କ ମା' ଅହଲ୍ୟା ପୁଅର ମୃତଦେହ ନେବା ପାଇଁ ପ୍ରତିବାଦ କରିଥିଲେ। ଅହଲ୍ୟାଙ୍କ ସମେତ ପରିବାର ସଦସ୍ୟମାନେ ମଞ୍ଚେଶ୍ୱର ଥାନା ସାମ୍ନାରେ ଧାରଣା ଦେଇଥିଲେ। ତେବେ ଡିଏନ୍‌ଏ ରିପୋର୍ଟରୁ ସତ ଜଣାପଡ଼ିବା ପରେ ପୋଲିସ ମୃତଦେହ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିଥିବା ସୂଚନା ମିଳିଛି।

## ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ ଘଟଣା

ସୂଚନାଯୋଗ୍ୟ, ହସ୍ପିଟାଲ ଛାତ ଉପରେ ଏସି ମେଣ୍ଟେନାନ୍ସ କାମ ଚାଲିଥିବାବେଳେ ଡିସେମ୍ବର ୨୯ ସନ୍ଧ୍ୟାରେ ଏହି ଅଘଟଣ ଘଟିଥିଲା। କମ୍ପ୍ରେସର୍‌ରେ ସମସ୍ୟା ଯୋଗୁ ତାହା ଫାଟିଯାଇଥିଲା। ଏହି ବିସ୍ଫୋରଣରେ ଦିଲୀପଙ୍କ ସମେତ ୪ଜଣ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ପ୍ରଥମେ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ କୁଳବ୍ରାହ୍ମଣସାଇଲୋ ଗ୍ରାମର ଜ୍ୟୋତିରଞ୍ଜନ ମଲ୍ଲିକ, ପରେ ଶ୍ରୀତମ ସାହୁ ଏବଂ ଶେଷରେ ଦିଲୀପଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟତମ ଆହତ ସୀମାଞ୍ଚଳ ବିଶ୍ୱାଳଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ତେବେ ଆରମ୍ଭରୁ ଘଟଣାକୁ ଚପାଇ ଦିଆଯାଇଥିଲା। ମୃତଦେହ ଚିହ୍ନଟରେ ବଡ଼ ତ୍ରୁଟି ହୋଇଥିବା ଜଣାପଡିବା ପରେ ବିସ୍ଫୋରଣ ଓ ପରବର୍ତ୍ତୀ ଭୟଙ୍କର ସ୍ଥିତି ପଦାକୁ ଆସିଥିଲା। ପ୍ରଥମ ମୃତକ ଜ୍ୟୋତିରଞ୍ଜନଙ୍କ ମୃତଦେହକୁ ଦିଲୀପ ସାମନ୍ତରାୟ କୁହାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରିଦିଆଯାଇଥିଲା। ଦିଲୀପଙ୍କ ପରିବାର ମଧ୍ୟ ଜ୍ୟୋତିଙ୍କ ମୃତଦେହକୁ ସତ୍କାର କରିଦେଇଥିଲେ। ଏପରିକି ସ୍ୱାମୀ ମୃତ୍ୟୁରେ ଭାଙ୍ଗିପଡି ଦିଲୀପଙ୍କ ସ୍ତ୍ରୀ ସୌମ୍ୟାଶ୍ରୀ ଜେନା ଆତ୍ମହତ୍ୟା କରିଦେଇଥିଲେ। ତେବେ ଜୀବିତ ଥିବା ବା ଚିକିତ୍ସିତ ହେଉଥିବା ଦିଲୀପ ହସ୍ପିଟାଲ ହସ୍ପିଟାଲ ବେଡ୍ ନିଜ ପରିଚୟ ଦେବା ପରେ ଘଟଣାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଥିଲା। ଏହାପରେ ହାଇଟେକ୍ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆନ୍ଦୋଳନ, ଧସ୍ତାଧସ୍ତି ଭିତରେ ଦିଲୀପଙ୍କ ଚିକିତ୍ସାକୁ ନେଇ ପ୍ରଶ୍ନ ଉଠିଥିଲା। ଏପରିକି ଦିଲୀପଙ୍କୁ ଜାଣିଶୁଣି ମାରିଦେବେ ବୋଲି ପରିବାର ଲୋକେ ଆଶଙ୍କା କରିଥିଲେ। ସେହି ରାତିରେ ହିଁ ଦିଲୀପ ପରିଚୟ ଦେଇଥିବା ତୃତୀୟ ଆହତଙ୍କ ମୃତ୍ୟୁ ଘଟିଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଗଲା। ହେଲେ ପୋଲିସ ଦିଲୀପଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର ନ କରି ପରିଚୟ ପାଇଁ ଡିଏନ୍‌ଏ ଟେଷ୍ଟ ଲାଗି ତାଙ୍କ ମାଆ ଓ ଜ୍ୟୋତିଙ୍କ ମା'ବାପାଙ୍କ ନମୁନା ଦିଲ୍ଲୀ ପଠାଇଥିଲା।

**APPOINTMENT**
Used Car Showroom in Bhubaneswar requires **FRONT OFFICE EXECUTIVE cum TELECALLER MARKETING** professionals with experience in used car sales and purchase and finance and driving experience of four wheeler.
**For details contact:**
**7381091234, 9861194627**

ଭୁବନେଶ୍ୱର ସ୍ଥିତ
**PETROL PUMP** ରେ
ତେଲ ପକାଇବା ନିମନ୍ତେ
ପ୍ରାର୍ଥୀ ଆବଶ୍ୟକ ।
ମାସିକ ଦରମା: ୧୩୦୦୦, ବୟସ: ୨୨ ରୁ ୪୫ ବର୍ଷ
ମୋବାଇଲ ନଂ-
**9861925500**

**LCJ SILVER-LALCHND JEWELLERS REQUIRED**
**SALES STAFF: 7Nos.** For the Bhubaneswar Store.
**Minimum Quali:** +3 & 2 Years Retail Experience.
*Send Resume at* ***Mail ID: indramani_r@yahoo.com***
**or Call: 0674-2535555, 9776456453.**

**WANTED**
ଧରିତ୍ରୀ DHARITRI Oriya daily
is looking for
**Layout Designers**
- Minimum 3 years+ experience in print media.
- Proficiency in InDesign, Photoshop, CorelDRAW is a must.

**Apply within 7 days to :**
**recruitment@dharitri.com**
**Attractive salary commensurate with experience**

**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

Advt. No. 11/2023 Date: 20/12/2023

Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise having Ispat General Hospital (IGH) with 600 beds and Health Centres at Rourkela, Occupation Health Centre inside the Plant and 03 Medical Units at different Mines at Bolani, Barsuan & Kalta under Odisha Group of Mines (OGoM).
Rourkela Steel Plant, as a part of its continuous commitment and effort to improve the quality of life of its employees needs following professionals to strengthen the existing team in its Hospitals at Rourkela and OGoM.

| Post | Vacancy | SC | ST | OBC | EWS | UR | Disability Category to be considered |
|---|---|---|---|---|---|---|---|
| Medical Officer (E-1) | 05 (IGH-04 & OGoM-01) | 01 | -- | 01 | -- | 03 | OH-OA/OH-OL |
| Dy. Manager (Bio-Medical) | 01 | -- | -- | -- | -- | 01 | -- |

For full details of the Advertisement, please visit SAIL website www.sail.co.in at the link "Careers". Eligible and interested candidates would be required to apply online only through SAIL's website www.sail.co.in at the link "Careers" or www.sailcareers.com. No other mode of application shall be accepted.
- Starting date for submitting applications: **23/12/2023**
- Closing date for submitting applications: **20/01/2024**

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*



ଭଗବାନଙ୍କର ସଂକଳ୍ପ ଓ ଇଚ୍ଛା ଅନୁସରଣ କରି ଭାରତ ଆଧ୍ୟାତ୍ମିକ ପର୍ବତର ଶିଖର ଉପରେ ଦଣ୍ଡାୟମାନ ହୋଇ ଆଲୋକ ବିକିରଣ କରିବ। ବିଶ୍ୱବାସୀଙ୍କୁ ସତ୍ୟର ପଥ ପ୍ରଦର୍ଶନ କରିବ ଏବଂ ବିଶ୍ୱକୁ ଐକ୍ୟ ଦିଗରେ ସଂଗଠିତ କରିଚାଲିବ। -ଶ୍ରୀମା

-ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା



# ଓଡ଼ିଶାରେ ପ୍ରଦୂଷଣ

ଦୀପାବଳି ଓ ଅମଳ ଋତୁ ଆସିଲେ ବାୟୁ ପ୍ରଦୂଷଣକୁ ନେଇ ଦିଲ୍ଲୀବାସୀଙ୍କ ଚିନ୍ତା ବଢ଼ିଯାଏ। ଦେଶବ୍ୟାପୀ ଏହା ଉପରେ ଆଲୋଚନା ଚାଲେ। ଖୁଣ୍ଟା ପୋଡ଼ି ଯୋଗୁ ଏହା ଘଟୁଛି ବୋଲି କୃଷକଙ୍କ ଉପରେ ଦୋଷ ଲଦି ଦିଆଯାଏ। ଦିଲ୍ଲୀର ସେହି ପ୍ରଦୂଷଣ ଭୟ ଆମ ଘରେ ପହଞ୍ଚିଗଲାଣି। ୮ ଜାନୁଆରୀରେ ଭାରତର ସବୁଠୁ ପ୍ରଦୂଷିତ ୧୬ଟି ସହର ମଧ୍ୟରେ ଓଡ଼ିଶାର ୬ଟି ଥିଲା ବୋଲି ଭାରତୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦର୍ଶାଇଥିଲା। ଉଦ୍‌ବେଗଜନକ ବିଷୟ ହେଉଛି, ଅନୁଗୋଳ ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ବା ବାୟୁ ମାନ ସୂଚକାଙ୍କ ୩୫୭ ଥିଲାବେଳେ ଦିଲ୍ଲୀରେ ଥିଲା ୩୪୬। ଏହାବାଦ୍ କଟକ (୩୪୨), ଭୁବନେଶ୍ୱର(୩୪୨), ବାଲେଶ୍ୱର(୩୩୬), କେନ୍ଦୁଝର(୩୨୮) ଓ ତାଳଚେର (୩୧୪)ର ଏକ୍ୟୁଆଇ ବିପଜ୍ଜନକ ରହିଥିଲା। ଏଠାରେ ଖୁଣ୍ଟା ପୋଡ଼ି ନାହିଁ। ତଥାପି ଦିଲ୍ଲୀଠାରୁ ଅଧିକ ପ୍ରଦୂଷଣର କାରଣ କ'ଣ ହୋଇପାରେ ତାହା ସାଧାରଣ ଲୋକ ବୁଝିବା କଷ୍ଟକର। ଏହା ବ୍ୟତୀତ ଇଣ୍ଟରନେଟ୍‌ରେ ବିଭିନ୍ନ ପାଣିପାଗ ଆପ୍‌କୁ ଦେଖୁଥିବା ବ୍ୟକ୍ତିମାନେ ଏହିସବୁ ଓଡ଼ିଶା ସହରରେ ଏଭଳି ଉଚ୍ଚ ପରିମାଣର ବାୟୁ ପ୍ରଦୂଷଣ ଦର୍ଶାଯାଉ ନ ଥିବା କଥାକୁ ଅନିଶା କରିଥିବେ। ଏଥିରୁ ବୁଝାପଡୁଛି ଯେ, ଭାରତର ପାଣିପାଗ ବିଭାଗର ତଥ୍ୟ ନିଶ୍ଚିତ ଭାବେ ଅଧିକ ବିଶ୍ୱସନୀୟ ହୋଇପାରୁଛି; କାରଣ ସେମାନେ ଯଥେଷ୍ଟ ବେଶି ସ୍ଥାନ ଉପରେ ଦୃଷ୍ଟି ରଖିପାରୁଛନ୍ତି। ଗାଡ଼ିମୋଟରରୁ ନିର୍ଗତ ବାଷ୍ପ, ରାସ୍ତାରୁ ଉଡୁଥିବା ଧୂଳି, କଳକାରଖାନାରୁ ନିର୍ଗତ ବାଷ୍ପ ଓ ଧୂଆଁ ଏବଂ ନିର୍ମାଣ କ୍ଷେତ୍ରରୁ ନିର୍ଗତ ପ୍ରଦୂଷଣକାରୀ କଣିକା ଯୋଗୁ ପ୍ରଦୂଷଣ ବଢୁଛି ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଉଛି। କିନ୍ତୁ ଏହାର ପ୍ରତିକାର କରିବା ପାଇଁ ହୁଏତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସକ୍ଷମ ହୋଇପାରୁନାହିଁ। ଉଲ୍ଲେଖନୀୟ ଯେ, ଏକ୍ୟୁଆଇ ୦-୫୦ ମଧ୍ୟରେ ରହିଲେ କ୍ଷତିକାରକ ନୁହେଁ ଏବଂ ୩୦୧-୪୦୦ ମଧ୍ୟରେ ରହିଲେ ତାହା ଅତି ମାରାତ୍ମକ, ଯାହା ଓଡ଼ିଶାରେ ଏହି ୬ଟି ସହରରେ ଦେଖାଯାଇଛି। ଓଡ଼ିଶାର ଅନ୍ୟ ସହରଗୁଡ଼ିକ ମଧ୍ୟ ପ୍ରଦୂଷଣ ବଳୟ ମଧ୍ୟକୁ ଚାଲିଯାଉଥିବା ଜଣାପଡ଼ିଛି। ୨୦୧୯ରେ ଭାରତର ସବୁଠୁ ପ୍ରଦୂଷିତ ୧୦୨ ସହର ମଧ୍ୟରେ ଏହିସବୁ ସହର ରହିଥିଲା। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମଧ୍ୟ ସେତେବେଳେ ଏହାକୁ ନିୟନ୍ତ୍ରଣ କରିବା ଜରୁରୀ ବୋଲି ସତର୍କ କରିଦେଇଥିଲେ। କିନ୍ତୁ ଏବକାର ସ୍ଥିତି ସ୍ପଷ୍ଟ କରୁଛି ଯେ, ଏଥିପ୍ରତି ସଚେତନତା ପ୍ରକାଶ ପାଉନାହିଁ।

**ମହାନଦୀ କୋଲଫିଲ୍ଡସ୍ ଭଳି ବିରାଟକାୟ ସରକାରୀ କୋଇଲା ଖଣି ଖନନ କରୁଥିବା କମ୍ପାନୀ ଯେଉଁ ପ୍ରଦୂଷଣ ଘଟାଉଛି, ତାହା ତାଳଚେର ଏବଂ କଣିହାଁ ଅଞ୍ଚଳ ବାସିନ୍ଦା କହିପାରିବେ। ସେଠାରେ ପ୍ରଦୂଷଣ ବୋର୍ଡର ଇନ୍‌ସ୍ପେକ୍ଟର କୌଣସି କ୍ଷମତା ପ୍ରଦର୍ଶନ କରିପାରିବେ ନାହିଁ। ତେଣୁ ବୁଝିବାକୁ ହେବ ଯେ, ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସର୍ବନିମ୍ନ ସ୍ତରରେ ନିରୀକ୍ଷକ ସମ୍ପୂର୍ଣ୍ଣ ଭାବେ କ୍ଷମତାବିହୀନ।**

ପ୍ରଦୂଷଣ ରୋକିବାରେ ଅବହେଳା ଭୁବନେଶ୍ୱରର ଗାଡ଼କଣରେ ଠୁଳ ହୋଇଥିବା ଆବର୍ଜନା ଦୁର୍ଗନ୍ଧରୁ ସ୍ପଷ୍ଟ ବାରି ହୋଇପଡ଼େ। ରାଜଧାନୀ ସ୍ଥିତିକୁ ଦେଖିଲେ ଅନ୍ୟ ସହରଗୁଡ଼ିକର ସ୍ଥିତି ସହଜରେ ଅନୁମାନ କରିହେଉଛି। କାରଣ ତାଲିକାରେ ଥିବା କେତୋଟି ସହରରେ ଶିଳ୍ପ ଏବଂ ଖଣି ଖନନ କାର୍ଯ୍ୟ ଲାଗି ରହିଥିବାରୁ ଏହିସବୁ ସ୍ଥାନରେ ପ୍ରଦୂଷଣ ବୃଦ୍ଧି ପାଉଛି। ଏହା ବ୍ୟତୀତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଓଡ଼ିଶାରେ ଦୀର୍ଘଦିନ ଧରି ଧ୍ୟାନ ଦିଆଯାଉନାହିଁ। ଅନ୍ୟ ରାଜ୍ୟକୁ ନକଲ କରି ଓଡ଼ିଶାରେ ମଧ୍ୟ ମୋଟରଗାଡ଼ି ଉପରେ ୧୦ ବର୍ଷ ଜୀବନକାଳ କଟକଣା ଲାଗୁ କରାଯାଇଛି। ଅନ୍ୟପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ଗଢ଼ି ଉଠୁଥିବା କିମ୍ବା ଚାଲୁଥିବା ଶିଳ୍ପଗୁଡ଼ିକ ଯେଉଁ ଅତ୍ୟଧିକ ମାତ୍ରାରେ ଜଳ ଏବଂ ବାୟୁ ପ୍ରଦୂଷଣ ସୃଷ୍ଟି କରୁଛନ୍ତି, ତାହା ପ୍ରତି ଦୃଷ୍ଟି ଦେବାକୁ କେହି ନାହାନ୍ତି। ସାଧାରଣରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ଇନ୍‌ସ୍ପେକ୍ଟର ଏକ ବଡ଼ କାରଖାନା ନିରୀକ୍ଷଣ କରିବାକୁ ଯାଇଥା'ନ୍ତି। ସେଠାରେ ତାଙ୍କୁ କଦଳୀ ଏବଂ କାଜୁ ଦେଇ ସ୍ୱାଗତ କରାଯିବା ସହ ଅଳ୍ପ ପରିମାଣରେ ସନ୍ତୁଷ୍ଟ କରି ଫେରାଇ ଦିଆଯାଏ। ସେହି ଇନ୍‌ସ୍ପେକ୍ଟରଙ୍କୁ ମଧ୍ୟ ଦୋଷ ଦେଇ ହେବନାହିଁ। ଉଦାହରଣ ସ୍ୱରୂପ, ମହାନଦୀ କୋଲଫିଲ୍ଡସ୍ ଭଳି ବିରାଟକାୟ ସରକାରୀ କୋଇଲା ଖଣି ଖନନ କରୁଥିବା କମ୍ପାନୀ ଯେଉଁ ପ୍ରଦୂଷଣ ଘଟାଉଛି, ତାହା ତାଳଚେର ଏବଂ କଣିହାଁ ଅଞ୍ଚଳ ବାସିନ୍ଦା କହିପାରିବେ। ସେଠାରେ ପ୍ରଦୂଷଣ ବୋର୍ଡର ଇନ୍‌ସ୍ପେକ୍ଟର କୌଣସି କ୍ଷମତା ପ୍ରଦର୍ଶନ କରିପାରିବେ ନାହିଁ। ତେଣୁ ବୁଝିବାକୁ ହେବ ଯେ, ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସର୍ବନିମ୍ନ ସ୍ତରରେ ନିରୀକ୍ଷକ ସମ୍ପୂର୍ଣ୍ଣ ଭାବେ କ୍ଷମତାବିହୀନ। ତେଣୁ ପ୍ରଦୂଷଣ ସହିତ ବଞ୍ଚିବାକୁ ନାରାଜ ବ୍ୟକ୍ତି ସୁଖରେ ଲକ୍ଷାଦ୍ୱୀପ ଟାପୁକୁ ଚାଲିଯାଇପାରିବେ।

## ସୁ-ଡୋ-କୁ

sudoku — Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | 4 | | 5 | |
| | | | 8 | | 7 | | | |
| | | | | 1 | 3 | | | |
| | | 3 | | 6 | | | | |
| 1 | | | 5 | | | | 3 | |
| 9 | | | | 7 | | 4 | 1 | |
| 8 | 3 | | | | | | 2 | 1 |
| | 6 | | 1 | | | 8 | | 7 |
| | | | | 2 | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 7 | 9 | 1 | 3 | 8 | 5 | 2 |
| 1 | 2 | 5 | 4 | 7 | 8 | 6 | 9 | 3 |
| 3 | 9 | 8 | 5 | 6 | 2 | 4 | 7 | 1 |
| 7 | 1 | 6 | 8 | 3 | 5 | 9 | 2 | 4 |
| 9 | 3 | 4 | 6 | 2 | 7 | 5 | 1 | 8 |
| 5 | 8 | 2 | 1 | 4 | 9 | 7 | 3 | 6 |
| 2 | 5 | 9 | 3 | 8 | 4 | 1 | 6 | 7 |
| 4 | 7 | 1 | 2 | 9 | 6 | 3 | 8 | 5 |
| 8 | 6 | 3 | 7 | 5 | 1 | 2 | 4 | 9 |

ଗତକାଲିର ଉତ୍ତର

# ଖାଦ୍ୟ ସୁରକ୍ଷା ଓ ବିକଳ୍ପ ମିଲେଟ



ବିପିନ ବିହାରୀ ରାଉତ

ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଯେ କେବଳ ବୈଶ୍ୱିକ ଅର୍ଥନୀତି ଏବଂ ପରିବେଶ ପ୍ରଭାବିତ ଏକଥା ନୁହେଁ, ବରଂ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ମଧ୍ୟ ବିପନ୍ନ। ବିଶ୍ୱ ବୈଜ୍ଞାନିକମାନେ ଜଳବାୟୁ ପରିବର୍ତ୍ତନକୁ ନେଇ ଆଗାମୀ ଦିନରେ ଖାଦ୍ୟ ସୁରକ୍ଷା ଦିଗରେ ଭୟଙ୍କର ସ୍ଥିତି ଉତ୍ପନ୍ନ ହେବାର ଆଶଙ୍କା ଚେତାଇବା ପରେ ଏହାର ବିକଳ୍ପ ପନ୍ଥା ଚିନ୍ତା କରିବାକୁ ଅନେକ ରାଷ୍ଟ୍ର ଉଦ୍ୟମ ଆରମ୍ଭ କରିଛନ୍ତି। ତେବେ ଭାରତ ନେତୃତ୍ୱରେ ଆରମ୍ଭ ହୋଇଥିବା ମିଲେଟ ମିଶନ ଖାଦ୍ୟ ସୁରକ୍ଷା ପାଇଁ ଅଦ୍ୱିତୀୟ ବିକଳ୍ପ ହୋଇଛି ବୋଲି ଏବେ ଆମେରିକାଠାରୁ ଆରମ୍ଭ କରି ବହୁ ୟୁରୋପୀୟ ରାଷ୍ଟ୍ର ହୃଦୟଙ୍ଗମ କରିସାରିଲେଣି। ପ୍ରାୟ ୫ ହଜାର ବର୍ଷ ତଳେ ଭାରତ, ଚାଇନା ଏବଂ କିଛି ଆଫ୍ରିକୀୟ ଦେଶଗୁଡ଼ିକରେ ମିଲେଟ ଜାତୀୟ ଶସ୍ୟକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ଆସୁଥିଲା। ସବୁଜ ବିପ୍ଳବ ପୂର୍ବରୁ କେବଳ ଭାରତରେ ହିଁ ୪୦ ପ୍ରତିଶତ ଶସ୍ୟ ଏହି କ୍ଷେତ୍ରରୁ ଉତ୍ପାଦିତ ହେଉଥିଲା। କିନ୍ତୁ ସବୁଜ ବିପ୍ଳବ ପରେ ଲୋକମାନେ ଅଧିକ ଅମଳକ୍ଷମ ହେବା ଲକ୍ଷ୍ୟରେ ସଙ୍କର ଜାତୀୟ ଧାନ, ଗହମ ଏବଂ ଡାଲି ଜାତୀୟ ଶସ୍ୟ ପ୍ରତି ସର୍ବାଧିକ ଆଗ୍ରହୀ ହେଲେ। ଯାହାକୁ ନେଇ ମିଲେଟ ବା ମାଣ୍ଡିଆ ଜାତୀୟ ଶସ୍ୟ ଉତ୍ପାଦନ କମିବା ସହିତ ଏହା କେବଳ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ସୀମିତ ହୋଇଗଲା। ଏପରିକି ଏହାକୁ ଗରିବଙ୍କ ଖାଦ୍ୟ ବୋଲି କୁହାଗଲା। ହେଲେ ସମୟଚକ୍ରରେ ଏହି ଜାତୀୟ ଶସ୍ୟର ଗୁରୁତ୍ୱ ଏବଂ ଚାହିଦାକୁ ମଣିଷ ସମାଜ ବୁଝିପାରିଛି। ମିଲେଟ ଜାତୀୟ ଶସ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରମୁଖ ଶସ୍ୟ ଭାବେ ବିବେଚନା କରାଯାଇଛି। ମିଲେଟକୁ ସବୁଠାରୁ ପୁଷ୍ଟିକର ଏବଂ ଜଳବାୟୁ ଅନୁକୂଳ ଶସ୍ୟ ଭାବେ ଗ୍ରହଣ କରାଯାଇଛି। ଜାତିସଂଘ ମଧ୍ୟ ଏହାକୁ ସ୍ୱୀକାର କରିସାରିଛି। ଯାହାକୁ ନେଇ ଏବେ ଅନ୍ତର୍ଜାତୀୟ ସ୍ତରରେ ମିଲେଟ ମିଶନକୁ ସ୍ୱୀକୃତି ଦିଆଯାଇଛି। ସବୁଠାରୁ ବଡ଼ କଥା ହେଲା ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ମିଥେନ ଗ୍ୟାସ୍‌ର ଉତ୍ପନ୍ନକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ର ଏବଂ ଏସୀୟ ରାଷ୍ଟ୍ରମାନେ ଯେଭଳି ବିବାଦୀୟ ସ୍ଥିତିରେ ରହିଛନ୍ତି, ମିଲେଟ ଚାଷ ଏହି ବିବାଦର ଅନ୍ୟତମ ସମାଧାନର ସୂତ୍ର ହେବାକୁ ଯାଉଛି। ବିଶ୍ୱର ଉନ୍ନତ ଏବଂ ଶିଳ୍ପସମୃଦ୍ଧ ରାଷ୍ଟ୍ରମାନଙ୍କ ଦ୍ୱାରା ଅଧିକରୁ ଅଧିକ ଜୀବାଶ୍ମ ଇନ୍ଧନର ବ୍ୟବହାର ଯୋଗୁ ମିଥେନ ଗ୍ୟାସର ପରିମାଣ ବଢ଼ିଚାଲିଛି ବୋଲି ବିକାଶଶୀଳ ଓ ଅନୁନ୍ନତ ଦେଶଗୁଡ଼ିକ ଅଭିଯୋଗ କରୁଥିବା ବେଳେ ଭାରତ, ଚାଇନା, ଦକ୍ଷିଣ ଆମେରିକୀୟ ଓ ଆଫ୍ରିକୀୟ ରାଷ୍ଟ୍ର ଗୁଡ଼ିକରେ ବହୁଳ ଭାବେ ଧାନ ଚାଷ ଓ ଗୋପାଳନରୁ ଅଧିକ ମିଥେନ ଉତ୍ପନ୍ନ ହେଉଥିବା ବିକଶିତ ଦେଶମାନେ ପାଲଟା



ଅଭିଯୋଗ କରୁଛନ୍ତି। ତେଣୁ ବିଶ୍ୱ ତାପମାନ ବୃଦ୍ଧିରେ ଅଧିକ ଯୋଗଦାନ ଥିବା ମିଥେନ ବାଷ୍ପର ଉତ୍ସ ଶିଳ୍ପ ନା କୃଷି ତାହାକୁ ନେଇ ନୂଆ ବିବାଦ ଓ ବିତର୍କ ସୃଷ୍ଟି ହୋଇଛି। କିନ୍ତୁ ଏ ଦିଗରେ ମିଲେଟ ଚାଷର ପ୍ରଭାବ ଅନେକ ସମସ୍ୟାର ସମାଧାନ ଆଣିପାରିବ ବୋଲି କୁହାଯାଉଛି। ମିଳିତ ଜାତିସଂଘର ପ୍ରସ୍ତାବ ଅନୁସାରେ ଭାରତ ସରକାର ୨୦୧୮ ବର୍ଷକୁ ଜାତୀୟ ମିଲେଟ ବର୍ଷ ଭାବେ ଘୋଷଣା କରିଥିଲାବେଳେ ବର୍ଷ ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଘୋଷଣା କରିଛନ୍ତି। ଏହି କ୍ରମରେ ଓଡ଼ିଶାର ମିଲେଟ ମିଶନ ମଧ୍ୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି।

ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ଏହି ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ମ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ୍ୟ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖିଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ରେ ମାତ୍ର ୪୦ ହଜାର କୁଇଣ୍ଟାଲ ମିଲେଟ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୬ଲକ୍ଷ କୁଇଣ୍ଟାଲକୁ ବୃଦ୍ଧି ପାଇଛି। ୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୋଳ ଜିଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ଏହି ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ୍ୟ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରାସାୟନିକ ସାର ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହା ସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ୍ୟ ଚାଷୀଙ୍କୁ ଶିଖାଇଛନ୍ତି।

ଓଡ଼ିଶା ମିଲେଟ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ଲଗାତର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁ ନ ଥିଲେ କିମ୍ବା ଏହାର ଆଦର ନ ଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ପାଲଟିଛି। ଗତ ଜି-୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ଏହା ବିନା ଜଳସେଚନ ଓ ବିନା କୀଟାଣୁ ନାଶକ ବା ରାସାୟନିକ ସାର ପ୍ରୟୋଗରେ ଧାନ ଓ ଗହମଠାରୁ କମ୍ ଖର୍ଚ୍ଚରେ ଚାଷ କରାଯାଇପାରିବ। ଭବିଷ୍ୟତରେ ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ଏହା ହେବ ସେଗୁଡ଼ିକର ଉପାଦେୟ ବିକଳ୍ପ। ଏହା ଓଡ଼ିଶାର କୃଷି ଓ ଚାଷୀଭାଇ ତଥା ମହିଳା ସ୍ୱୟଂ ସହାୟକ ସଂଗଠନ ଲାଗି ସେମାନଙ୍କର ବୃତ୍ତିଗତ କର୍ମକ୍ଷେତ୍ର ପାଇଁ ବଡ଼ ଆର୍ଥିକ ଅବଲମ୍ବନର ଉତ୍ସ। ଦିନକୁ ଦିନ ଏହାର ଗ୍ରହଣୀୟତା ଓ ଚାହିଦା ବଢୁଥିବାବେଳେ ଲୋକମାନଙ୍କ ମଧ୍ୟରେ ମଧ୍ୟ ଆଗ୍ରହ ବଢୁଛି। ଯେଉଁଭଳି ଭାବେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ବଜାରରେ ଉପଲବ୍ଧ ହେଉଛି, ଏଥିରୁ ମାଣ୍ଡିଆର ଲୋକପ୍ରିୟତା ପ୍ରମାଣିତ। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ଲାଗି ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରଭୂତ ଲାଭ ହେଉଛି।

**ଉପନିର୍ଦ୍ଦେଶକ, ଓରମାସ, ଭୁବନେଶ୍ୱର**
**ମୋ : ୯୪୩୭୬୬୬୪୫୩**

# ସଫେଇ ସାକ୍ଷୀ



ଯଦୁମଣି ପାଣିଗ୍ରାହୀ

ସାଧାରଣ ମଣିଷ ଜୀବନରେ ଭୁଲ୍ ତ୍ରୁଟି ଦେଖାଯିବାରେ କିଛି ବିଚିତ୍ରତା ନ ଥାଏ। ଏହା ଏକ ସ୍ୱାଭାବିକ କଥା। ସଂସାରରେ ତ୍ରୁଟିଶୂନ୍ୟ ମଣିଷଟେ ମିଳିବା ବିରଳ। ସେହିପରି ଦୋଷ ଦୁର୍ବଳତା ନ ଥିବା ମଣିଷଟେ ବି ଖୋଜିଲେ ମିଳିବନି। ଜାଣତରେ ହେଉ ଅଥବା ଅଜାଣତରେ ଆମେ ସମସ୍ତେ କିଛି ନା କିଛି ତ୍ରୁଟି କରିଥାଉ। ଆମେ କହୁଥିବା କଥା ଅଥବା କରୁଥିବା କାମ ଯେବେ କାହାକୁ ମାନସିକ ଭାବେ ଆଘାତ ଦିଏ କିମ୍ବା କାହାର କିଛି କ୍ଷତିଘଟାଏ ଆଉ ଏହାକୁ ନେଇ ଆମ ଉପରକୁ ଅଙ୍ଗୁଳି ଉଠେ ତ ସେତେବେଳେ ଆମେ ସଫେଇ ଦେବାକୁ ତୟାର ହୋଇଯାଉ। ଏହି କ୍ରମରେ ପ୍ରିୟ ପରିଜନଙ୍କଠାରୁ ସାଙ୍ଗସାଥୀ ଓ ସମ୍ପର୍କୀୟମାନଙ୍କ ସହ କୌଣସି ଘଟଣାକୁ ନେଇ ଆମର ଭୁଲ୍‌ବୁଝାମଣା ସୃଷ୍ଟି ହୋଇ କଥା ତିକ୍ତତା ଆଡ଼କୁ ଗତିକରେ ସେତେବେଳେ ଆମେ ଏହାକୁ ନେଇ କିଛି ନା କିଛି ସଫେଇ ଦେବାକୁ ଚେଷ୍ଟା କରିଥାଆନ୍ତି। ଏହା ହୁଏତ ମିଛ କିମ୍ବା ସତ ଉପରେ ଆଧାରିତ ହୋଇପାରେ। ସେହିପରି ଆମ ସଫେଇକୁ ସେ ବିଶ୍ୱାସ ନେଇପାରନ୍ତି, ନ ନେଇ ବି ପାରନ୍ତି। ଏସବୁ ତାଙ୍କ ଉପରେ ନିର୍ଭର କରିଥାଏ।

ସବୁଠାରୁ ବଡ କଥା ହେଉଛି ଆମ ଦ୍ୱାରା ପ୍ରକୃତରେ ଯଦି କିଛି ତ୍ରୁଟି ହୋଇଥାଏ ତେବେ ଏହାକୁ ସ୍ୱୀକାର କରିନେବା ଉଚିତ। ଅଯଥାରେ କେବେ କାହା ଆଗରେ ସଫେଇ ଦେବା ଅନାବଶ୍ୟକ। କାରଣ ଆପଣଙ୍କ ଉପରେ ଯାହାର ବିଶ୍ୱାସ ଅଛି ତାକୁ ଏହା ଜରୁରୀ ନୁହେଁ ଆଉ ଯାହାର ତୁମ ଉପରେ ଭରସା ନାହିଁ ସେ ଏହାକୁ ଆଦୌ ମାନିବ ନାହିଁ। ଅନେକ ସମୟରେ କଥା କହୁ କହୁ ଲୋକେ କ'ଣ ନାହିଁ କ'ଣ କହିପକାନ୍ତି। ହିତାହିତ ଜ୍ଞାନ ଭୁଲିଯାଇ କ'ଣ କହିବା ବା କରିବା ଉଚିତ କିମ୍ବା ଅନୁଚିତ ସେ କଥାକୁ ଜମା ଚିନ୍ତା କରନ୍ତି ନାହିଁ। ପରେ ଯେବେ ସେହି କଥାକୁ ନେଇ ତୁମ୍ଭିତୋଫାନ ହୁଏ, ବାଦବିବାଦ ଦେଖା ଦିଏ, କଥା ଥାନା କୋର୍ଟ କଚେରି ଯାଏ ପ୍ରଲମ୍ବିତ ହୁଏ ସେତେବେଳେ କହିଥିବା ଲୋକଟିର ଚେତନା ଜାଗ୍ରତ ହୁଏ ଆଉ ସେ କିଛି ନା କିଛି ନିଜ ପକ୍ଷରୁ ସଫେଇ ଦେବାକୁ ବାହାରି ପଡ଼େ।

ଆଜିକାଲି ସଫେଇ ଦେବା ଏକ ବଦଭ୍ୟାସରେ ପରିଣତ ହୋଇଗଲାଣି। ତ୍ରୁଟିଯୁକ୍ତ ଓ ତ୍ରୁଟିମୁକ୍ତ ଉଭୟଙ୍କ ସଫେଇରେ ତଫାତ ରହିଛି। ତ୍ରୁଟିଯୁକ୍ତ ଲୋକଟି ନିଜ ଦୋଷ ଦୁର୍ବଳତାକୁ ଲୁଚେଇବାକୁ ମିଛ ଓ ସ୍ୱକଳ୍ପିତ କିଛି ସଫେଇ ଦେବାକୁ ଚେଷ୍ଟା କରୁଥିବା ବେଳେ ତ୍ରୁଟିମୁକ୍ତ ଲୋକଟି ବେଶ୍ ନିର୍ଭୀକ ଭାବେ ଓ ସାହସର ସହିତ ନିଜର ପକ୍ଷ ରଖିଥାଏ। କୋର୍ଟକଚେରିରେ ମାଲିମକଦ୍ଦମାରେ ଛନ୍ଦି ହୋଇଥିବା ଲୋକଟି ନିଜେ ଉପସ୍ଥିତ ରହିଥିବା ଓକିଲଙ୍କ ମାଧ୍ୟମରେ ସଫେଇ ସାକ୍ଷୀ ଦେଇଥାଏ। ଯେତେ ଯେତେ ଆପରାଧିକ କାର୍ଯ୍ୟ ସେ ଚୋରି ହେଉ କି ଡକାୟତି, ମାରପିଟ ହେଉ କି ହତ୍ୟା ଅବା ବଳାତ୍କାର ଅଭିଯୁକ୍ତ କ'ଣ ନିଜ କୃତକର୍ମକୁ ସ୍ୱୀକାର କରିଥାଏ। ବରଂ ସେ ସର୍ବଦା କିଛି ନା କିଛି ମିଛ ସଫେଇ ପୋଲିସଙ୍କଠାରୁ ପୁଣି



କୋର୍ଟ କଚେରିର ହାକିମ ହୁକୁମାଙ୍କ ଯାଏ ଦେଇ ନିଜକୁ ଦୋଷମୁକ୍ତ କରିବାକୁ ଚେଷ୍ଟା କରିଥାଏ।

ଆଜିକାଲି ଛୋଟଠାରୁ ପୁଣି ବଡ଼ଙ୍କ ଯାଏ କଥାକଥାକେ ସଫେଇ ଦେବା ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ଦୋଷ କରି ଖସି ଗଲେ ତ ଭଲ ନ ହେଲେ କିଛି ନା କିଛି ସଫେଇ ଦେଇ ନିଜକୁ ଖସେଇବାକୁ ଉଦ୍ୟମ କରିବାରେ ବେଶ୍ ଧୂରନ୍ଧର ଏମାନେ। ଘରେ ବାପା-ମା'ହୁଅନ୍ତୁ କି ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ପିଲାଏ ସେମାନଙ୍କ ଦୋଷତ୍ରୁଟିକୁ ନେଇ ସେମାନଙ୍କ ଉପରେ ଆଗତ ଅଭିଯୋଗକୁ ସର୍ବଦା ଖଣ୍ଡନ କରିଥାନ୍ତି। ବରଂ କିଛି ଗୋଟେ ବାହାନାବାଜିର ପ୍ରହେଳିକା ସୃଷ୍ଟି କରି ନିଜକୁ ଦୋଷମୁକ୍ତ କରିବାକୁ ପ୍ରୟାସ କରିଥାନ୍ତି। ସତକୁ ସତ କିଛି ବି ଭୁଲ୍ ତ୍ରୁଟି କରିଥିବା ଲୋକଟି ଯେବେ ନିଜ ସପକ୍ଷରେ ବିଶ୍ୱାସ ଓ ଭରସାଯୋଗ୍ୟ କିଛି କଥା ଉପସ୍ଥାପନ କରିପାରିଲା ତେବେ ସେ କେତେକାଂଶରେ ଦୋଷମୁକ୍ତ ହୋଇପାରେ ଅନ୍ୟଥା ଏହା ଡାହା ମିଛ ଓ ସମ୍ପୂର୍ଣ୍ଣ କଳ୍ପନା ପ୍ରସୂତ ବୋଲି ପ୍ରମାଣିତ ହୋଇଯିବ। ଅନେକ ସମୟରେ ବିଦ୍ୟାଳୟର ଶିକ୍ଷକ ନିୟମିତ ବିଦ୍ୟାଳୟକୁ ନ ଆସିବା, ବିଳମ୍ବରେ ଆସିବା, ପାଠପଢ଼ାରେ ଅବହେଳା କରିବା ଓ ଛାତ୍ରୀଛାତ୍ରଙ୍କୁ ଅସଦାଚରଣ କରିବା ନେଇ ଅଭିଯୋଗ ଆଗତ ହୋଇଥାଏ। ଅଭିଯୋଗ ଯେବେ ତଦନ୍ତ ପରିସରକୁ ଆସେ ସେତେବେଳେ ସମ୍ପୃକ୍ତ ଶିକ୍ଷକ ଏହାକୁ ଦୃଢ଼ ଖଣ୍ଡନ କରିବା ସହିତ ନିଜ ପକ୍ଷରୁ କିଛି ନା କିଛି ସଫେଇ ଦେଇଥାଏ। ଏହି କ୍ରମରେ ଥାନାର ପୋଲିସ ହୁଅନ୍ତୁ କି ଡାକ୍ତରଖାନାର ଡାକ୍ତର ହୁଅନ୍ତୁ କିମ୍ବା କୌଣସି ସରକାରୀ ଦପ୍ତରର କର୍ମଚାରୀ/ଅଧିକାରୀ ହୁଅନ୍ତୁ ସେମାନଙ୍କ କାର୍ଯ୍ୟଶୈଳୀ ତଥା ତ୍ରୁଟିବିଚ୍ୟୁତିକୁ ନେଇ ଯେବେ ସାଧାରଣ ଲୋକେ ପ୍ରଶ୍ନ ଉଠାଇଥାନ୍ତି, ସେତେବେଳେ ଏମାନେ କିଛି ନା କିଛି ବାହାନାବାଜି ଓ ବିଶ୍ୱାସ ହେଲା ଭଳି କିଛି ସଫେଇ ଦେଇ ଅଭିଯୋଗରୁ ମୁକୁଳି ଯିବାକୁ ବସିଥାନ୍ତି। ରାସ୍ତାରେ ଦୁର୍ଘଟଣା ଘଟାଇଥିବା ଗାଡିଚାଳକ ସାଙ୍ଗେ ସାଙ୍ଗେ ସଫେଇ ଦେବା ଆରମ୍ଭ କରିଦିଏ। ତା'ର କିଛି ଦୋଷ ନାହିଁ ବରଂ ଅପରପକ୍ଷ ଭୁଲ୍ ରାସ୍ତାରେ କାରଣରୁ ଏଭଳି ଦୁର୍ଘଟଣା ଘଟିଲା। ଥାନା ହାଜତରେ ହେଉ କି ଡାକ୍ତରଖାନାର ଚିକିତ୍ସାରେ ତ୍ରୁଟି ଯୋଗୁ ହେଉ ଯେବେ କେହି ମୃତ୍ୟୁବରଣ କରେ ତେବେ ସେମାନଙ୍କ ପରିବାର ପକ୍ଷରୁ ଅନେକ ସମୟରେ ଅଭିଯୋଗ ଆଗତ ହୋଇଥାଏ। ମାତ୍ର କିଛି ନା କିଛି ସଫେଇ ଦେଇ ଥାନାବାବୁ କିମ୍ବା ଡାକ୍ତରବାବୁ ଦୋଷମୁକ୍ତ ହେବାକୁ ପ୍ରୟାସ କରିଥାନ୍ତି।

ନେତା ଓ ଜନପ୍ରତିନିଧିଙ୍କର ସଫେଇ ଦେବା ଏକ ନିତିଦିନିଆ ଘଟଣା। କେତେବେଳେ ପ୍ରତିପକ୍ଷ ଦଳ ବା ନେତାଙ୍କୁ ତ କେତେବେଳେ ସାଧାରଣ ଜନତାଙ୍କୁ ସଫେଇ ଦେବାରେ ଏମାନେ ପୂରାପୂରି ମାହିର। ସେମାନଙ୍କ କୃତକର୍ମ ତଥା ଦୋଷତ୍ରୁଟିକୁ ଢାଙ୍କେଇ ଦେବାକୁ ଯାଇ ମିଛ ସଫେଇର ଆଶ୍ରୟ ନେଇଥାନ୍ତି। ଆଜି କହିଥିବା କଥାର ମର୍ମ ପୁଣି କାଲିକୁ ବଦଳାଇ ଦେଇ କହନ୍ତି। ସମୟେ ସମୟେ କହିଥିବା କଥା ପାଇଁ କୁଆଡ଼େ ସେମାନେ ଲଜ୍ଜିତ ଓ ଅନୁତପ୍ତ ବୋଲି ସଫେଇ ଦେଇଥାନ୍ତି। ସତ କହିବାକୁ ଗଲେ ଯେତେ ସଫେଇ ସାକ୍ଷୀ ଦେଲେ ବି ସତ କେବେ ମିଛ ହେବନି କି ମିଛ କେବେ ସତ ହୋଇ ଯିବନି। କେବଳ ନିଜ ଉପରୁ ଦୋଷ ହଟାଇବାକୁ ଅନ୍ୟକୁ ବିଭ୍ରାନ୍ତ କରିବା କଥା।

**ଶଙ୍ଖିଡ଼ା, ତିହିଡି, ଭଦ୍ରକ**
**ମୋ:୯୯୩୭୫୬୫୫୨୭**

## ଏଇ ଭାରତରେ

ପେସାରେ ଡାକ୍ତର, କିନ୍ତୁ କଣ୍ଢେଇ ତିଆରି କରିବାରେ ସବୁବେଳେ ବ୍ୟସ୍ତ ରହିଛନ୍ତି ଚଣ୍ଡିଗଡ଼ର ଡା. ଶ୍ୱେତା ଗୁପ୍ତା। ସେ ୧୨ ବର୍ଷ ବୟସ ଭିତରେ ଥିବା ପିଲାମାନଙ୍କ ପାଇଁ କନାରେ କଣ୍ଢେଇ ତିଆରି କରୁଛନ୍ତି। ଏହା ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ। ଏଥିରୁ ସେ ବର୍ଷକୁ ୧୫ ଲକ୍ଷ ଟଙ୍କା ମଧ୍ୟ ରୋଜଗାର କରୁଛନ୍ତି। ସେ ଏଭଳି ଆକର୍ଷଣୀୟ କଣ୍ଢେଇ ତିଆରି କରୁଛନ୍ତି ଯାହାଫଳରେ ସୋନମ କପୁର, ସୋହା ଅଲ୍ଲି ଖାନ ଏବଂ ନେହା ଧୁପିଆ ମଧ୍ୟ ତାଙ୍କ ପ୍ରଶଂସକ ପାଲଟି ଯାଇଛନ୍ତି। ଏହି କଣ୍ଢେଇଗୁଡ଼ିକୁ ସେ ଲିଟିଲ ଲାମ୍ବା ଷ୍ଟାର୍ଟଅପ ମାଧ୍ୟମରେ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏହି ଷ୍ଟାର୍ଟଅପକୁ ସେ ୨୦୨୨ରେ ପ୍ରତିଷ୍ଠା କରିଥିଲେ। କଣ୍ଢେଇଗୁଡ଼ିକର ମୂଲ୍ୟ ୭୦୦ରୁ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ରଖାଯାଇଛି। ୨୦୧୨ରେ ଶ୍ୱେତା ଏମ୍‌ବିବିଏସ୍ ଶେଷ କରି ଗୁରୁଗାଁଓର ମେଦାନ୍ତ ହସ୍ପିଟାଲରେ ଚାକିରି କରିଥିଲେ। ପରେ ତାହାକୁ ଛାଡି ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୦ ଜାନୁଆରୀ ୧୯୭୫**

- ହିମ ପ୍ରବାହ ଯୋଗୁ ବିହାରର ପ୍ରାୟ ୨୦୦ ବ୍ୟକ୍ତିଙ୍କର ଏପର୍ଯ୍ୟନ୍ତ ମୃତ୍ୟୁ ହୋଇଥିବାର ଜଣାପଡ଼ିଛି।
- ସମସ୍ତିପୁର ବୋମା ବିସ୍ଫୋରଣ ଘଟଣା ସମ୍ପର୍କରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଏବଂ ବିହାର ସିଆଇଡି ପକ୍ଷରୁ କରାଯାଇଥିବା ତଦନ୍ତ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟ ଶେଷ।
- ଭାରତ ମରିସସ୍‌କୁ ୫ କୋଟି ଟଙ୍କାର ସରକାରୀ ଅର୍ଥ ଋଣ ଏବଂ ୧୦ କୋଟି ଟଙ୍କା ମୂଲ୍ୟର ବାଣିଜ୍ୟିକ ଋଣ ନେଇ ଏକ ରାଜିନାମା ସ୍ୱାକ୍ଷାରିତ।

## ଚିରନ୍ତନୀ

ପୃଥିବୀ-ଗ୍ରହର କୁହାଟ ଉଠଇ
ସୌର ଜଗତ ମଥି
ସବୁଠାରୁ ବଡ଼ ଫଉଜ ହୋଇଛି ରଥୀ!
ଆଣବିକ ବୋମାଠାରୁ ବଳି ବଳୀୟାନ
ପଦନିକ୍ଷେପେ ପାହାଡ଼ ଲସଇ
ଅଗଣିତ ଆଗୁଆନ!
-(ଅଗଣିତ ଆଗୁଆନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭିକାରିମୁକ୍ତ ରାଜଧାନୀ

ମହାଶୟ,

ରାଜଧାନୀ ଭୁବନେଶ୍ୱର ଏବେ ପ୍ରାୟତଃ ଭିକାରିମୁକ୍ତ ହୋଇଗଲାଣି। ବିଏମ୍‌ସି ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ତଥାପି ରାଜଧାନୀର ଗଳିକନ୍ଦିରେ ଏବେବି କିଛି ଭିକାରି ବୁଲୁଛନ୍ତି। ଏମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିଲେ ମଧ୍ୟ କିଛି ନିଜ ପ୍ରବୃତ୍ତିକୁ ଛାଡ଼ିପାରୁନାହାନ୍ତି। ସରକାର ଏମାନଙ୍କ ପାଇଁ ରହିବା ଓ ଖାଇବାର ବ୍ୟବସ୍ଥା କରିଛନ୍ତି। ସମାଜର ମୁଖ୍ୟ ସ୍ରୋତରେ ଏମାନଙ୍କୁ ସାମିଲ କରିବା ପାଇଁ ଅହରହ ପ୍ରୟାସ ଚଳାଇଛନ୍ତି। ପୂର୍ବ ଅପେକ୍ଷା ଏବେ ଭିକ୍ଷୁକମାନଙ୍କ ସଂଖ୍ୟା ଢେର୍ କମିଛି। ଦିନକୁ ଦିନ ରାଜଧାନୀ ପାଇଁ ସରକାର ଅନେକ ଯୋଜନା ହାତକୁ ନେଉଛନ୍ତି। ଭିକାରିମୁକ୍ତ ରାଜଧାନୀ ଏକ ସୁପରିକଳ୍ପିତ ଯୋଜନା। ସରକାରଙ୍କର ଏପରି ପ୍ରୟାସ ପାଇଁ ସାଧୁବାଦ ଜଣାଉଛି।

**-ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଛାତ୍ରୀଛାତ୍ରଙ୍କ ସୃଜନଶୀଳ, କଳାତ୍ମକ ପ୍ରତିଭାକୁ ପ୍ରୋତ୍ସାହିତ କରୁଛି କଳା ଉତ୍ସବ: ଧର୍ମେନ୍ଦ୍ର

## 'ରାଷ୍ଟ୍ରୀୟ କଳା ଉତ୍ସବ'ର ଉଦ୍‌ଘାଟନକଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୯।୧ (ସୁନିତ୍ ମିଶ୍ର)

ସ୍କୁଲ ଛାତ୍ରୀଛାତ୍ରଙ୍କ ସୃଜନଶୀଳ ଓ କଳାତ୍ମକ ପ୍ରତିଭାକୁ ପ୍ରୋତ୍ସାହନ ଦେଇ ଭାରତର ସାଂସ୍କୃତିକ ବିବିଧତା ସହ ଯୋଡ଼ିହେବା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ସାକାରକରିବା ଦିଗରେ କଳା ଉତ୍ସବ ଏକ ଅନନ୍ୟ ପ୍ରୟାସ। ମଙ୍ଗଳବାର ନୂଆଦିଲ୍ଲୀଠାରେ ନବମ ରାଷ୍ଟ୍ରୀୟ କଳା ଉତ୍ସବର ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଭାରତର ଛାତ୍ରୀଛାତ୍ରଙ୍କ ପ୍ରତିଭା ଏବଂ ସାମର୍ଥ୍ୟ ଉପରେ ସମଗ୍ର ଦେଶର ଭରସା ରହିଛି। ଆମ ପିଲାମାନଙ୍କ ପ୍ରତିଭା ଓ ଦକ୍ଷତା ବଢ଼ାଇବା ପାଇଁ ସେମାନଙ୍କ ସର୍ବାଙ୍ଗୀନ ବିକାଶ ସହ ତାଙ୍କୁ ଏକବିଂଶ ଶତାବ୍ଦୀର ନେତୃତ୍ୱ ଭାବେ ବିକଶିତ କରିବାକୁ ହେବ। ଏଥିପାଇଁ ରାଷ୍ଟ୍ରୀୟ ଶିକ୍ଷାନୀତିରେ କଳା ଆଧାରିତ ଶିକ୍ଷା, ଖେଳକୁଦ, ଶିଳ୍ପ କଳା ଏବଂ ଅନ୍ୟାନ୍ୟ ନୂତନ ପ୍ରୟାସକୁ ଜାତୀୟ ଶିକ୍ଷାନୀତିରେ ଶିକ୍ଷାର ମୁଖ୍ୟସ୍ରୋତର ଅଂଶ ଭାବେ ବିବେଚନା କରାଯାଇଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ପ୍ରତ୍ୟେକ ଭାରତୀୟଙ୍କ ମିଶନ। ନୂଆ ଶିକ୍ଷାନୀତି ଆମର ଅମୃତ ପିଢ଼ିକୁ ରାଷ୍ଟ୍ର ଏବଂ ସମାଜର ଭାବନାରେ ବୃହତ୍ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରସ୍ତୁତ କରୁଛି। ଆସନ୍ତା ବର୍ଷଠାରୁ ଶିକ୍ଷା ମନ୍ତ୍ରଣାଳୟ ଜାତୀୟ କଳା ମହୋତ୍ସବକୁ ଦେଶର ସବୁ ସ୍କୁଲ ପର୍ଯ୍ୟନ୍ତ ପହଞ୍ଚାଇବାର ଲକ୍ଷ୍ୟ ନେଇ ଆଗକୁ ବଢ଼ିବ। ଏହାସହ ପିଲାମାନଙ୍କ ଅଂଶଗ୍ରହଣକୁ କ୍ରେଡିଟ୍ ଫ୍ରେମ୍‌ୱାର୍କରେ ଆଣିବା ପାଇଁ ବ୍ୟବସ୍ଥା କରିବ ବୋଲି ବିଶ୍ୱାସ ରଖିଛି। ଭାରତର ପ୍ରତ୍ୟେକ ପିଲାଙ୍କୁ ତାଙ୍କର ରୁଚି ଓ ପ୍ରତିଭା ଅନୁଯାୟୀ ଏକ ବ୍ୟାପକ ପ୍ଲାଟ୍‌ଫର୍ମ ପ୍ରଦାନ କରି ଆମେ ଏକ ବିକଶିତ ଭାରତ ଗଠନ କରିପାରିବା। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ବିଦ୍ୟାର୍ଥୀଙ୍କ ସୃଜନଶୀଳ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ୨୦୧୫ରେ କଳା ଉତ୍ସବ ଆରମ୍ଭ କରାଯାଇଥିଲା। ଚଳିତଥର ଜାନୁଆରୀ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ଏହି ଉତ୍ସବରେ ଶାସ୍ତ୍ରୀୟ ସଙ୍ଗୀତ ଗାନ, ପାରମ୍ପରିକ ଲୋକସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ, ସ୍ଥାନୀୟ ଖେଳ ଓ ଏକକ ଅଭିନୟ ଆଦି ପ୍ରତିଯୋଗିତା କରାଯିବ। ଚଳିତବର୍ଷ ମୋଟ ୩୬ଟି ଟିମ୍ ଭାଗ ନେଇଥିବା ସେ କହିଛନ୍ତି।



'ରାଷ୍ଟ୍ରୀୟ କଳା ଉତ୍ସବ' ଉଦ୍‌ଘାଟନୀ ଅବସରରେ ଛାତ୍ରୀଛାତ୍ରଙ୍କ ସହ ସେଲ୍ଫି ନେଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ନାଟକ ତୋର୍ ପାର୍‌କେ ମୋର ପାହା ମଞ୍ଚସ୍ଥ



ଅତିଥିମାନେ କ୍ରୀଡାବିତ୍ ଅନୁପ ସାହୁଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରୁଛନ୍ତି।

## ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା

## କ୍ରୀଡାବିତ୍ ଅନୁପ ସାହୁଙ୍କୁ ମଠଖାଇ ସମ୍ମାନ

ବଲାଙ୍ଗୀର, ୯।୧ (ବୀରେନ୍ଦ୍ର କୁମାର ଝାଙ୍କର)

ମଙ୍ଗଳବାର ସର୍ବଭାରତୀୟ ନାଟକ ସମାରୋହ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆ ନୂଆ ରଙ୍ଗମଞ୍ଚରେ ପଦ୍ମପୁର ଅପର୍ଣ୍ଣଗୁଡ଼ାଁ ନାଟ୍ୟ ସଂସଦ ପକ୍ଷରୁ ପ୍ରସ୍ତୁତ କୋଶଲୀ ନାଟକ ତୋର୍ ପାର୍‌କେ ମୋର୍ ପାହା ମଞ୍ଚସ୍ଥ ହୋଇଛି। ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାନ୍ଧ୍ୟ ସଭାରେ ଅତିଥିଭାବେ କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟ କୁଳପତି କମଲଜିତ୍ ସିଂ, ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନୀତିଶ କୁମାର ମଞ୍ଚାସୀନ ଥିଲେ। ଅତିଥି କୁଳପତି ସିଂ ତାଙ୍କ ବକ୍ତବ୍ୟରେ ନାଟକ ମାଧ୍ୟମରେ ସାମାଜିକ ସଚେତନତା ଓ କଳାର ବିକାଶ ପାଇଁ ମଠଖାଇ ମହୋତ୍ସବର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ଅନ୍ୟତମ ଅତିଥି ବନଖଣ୍ଡ ଅଧିକାରୀ କୁମାର ମଞ୍ଚ ନ ରହିଲେ କଳା ଓ ସଂସ୍କୃତିର ଅବକ୍ଷୟ ହେବା ସହ ଆମର ସାଂସ୍କୃତିକ ପରିଚୟ ମଧ୍ୟ ଲୋପ ପାଇଯିବ ବୋଲି କହିଥିଲେ। ଏଣୁ କଳା ଓ ସଂସ୍କୃତି ଆମ ପରିଚୟଗତ ସଙ୍କଟକୁ ଦୂର କରୁଛି ବୋଲି କହିଥିଲେ। ମଠଖାଇ ମହୋତ୍ସବ ଅଧ୍ୟକ୍ଷ ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ନାଟକ ମାଧ୍ୟମରେ ଏକତା ଏବଂ ସାମାଜିକ ସଚେତନତା ମଠଖାଇର ମୁଖ୍ୟ ବାର୍ତ୍ତା। ଗତ ୧୫ ବର୍ଷ ଧରି ମଠଖାଇ ମହୋତ୍ସବ ଏଇ ବାର୍ତ୍ତା ଦେଇ ସାମାଜିକ ଏକତା ସୃଷ୍ଟି କରିବା ସହ କଳାକାରଙ୍କ ବିକାଶ ପାଇଁ ମଞ୍ଚ ପ୍ରଦାନ କରୁଛି ବୋଲି କହିଥିଲେ। ଏହି ଅବସରରେ ଓଡିଶା ଭଲିବଲ ଆସୋସିଏଶନ୍‌ର ପୂର୍ବତନ ଅଧିନାୟକ ତଥା ସଫଳ କ୍ରୀଡାବିତ୍ ଅନୁପ ସାହୁଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା। ଆଜିର ମଞ୍ଚକୁ ଦିବଙ୍ଗତ ନାଟ୍ୟକାର ହରିହର ମିଶ୍ରଙ୍କ ସ୍ମୃତିରେ ସମର୍ପିତ କରାଯାଇଥିଲା। ସଭାକୁ ବ୍ୟାସଦେବ ନନ୍ଦ ସଂଯୋଜନା କରିଥିଲେ। ସଭାରେ ଅର୍ଜୁନ ସାହୁ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଶେଷରେ ନାଟ୍ୟକାର ବିଜୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ବିଶିଷ୍ଟ ନାଟ୍ୟକାର ଅଶୋକ ବହିଦାରଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ ତୋର୍ ପାର୍‌କେ ମୋର ପାହା ମଞ୍ଚସ୍ଥ ହୋଇଥିଲା। କାଳାକାର ମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଚମତ୍କୃତ କରିଦେଇଥିଲା। ନାଟକରେ ସଂଳାପ ଏବଂ ଅଭିନୟ ଦର୍ଶକଙ୍କୁ ଭିନ୍ନ ଏକ ଦୁନିଆକୁ ନେଇଯାଇଥିଲା। ଏଇ ନାଟକକୁ ଶତାଧିକ ଲୋକେ ଉପଭୋଗ କରିଥିଲେ। ଶେଷରେ ଅଧ୍ୟକ୍ଷ ବିଧାୟକ ମିଶ୍ର ସମସ୍ତ କଳାକାର ଓ ନିର୍ଦ୍ଦେଶକ ବହିଦାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବାହ୍ନରେ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ନାଟ୍ୟକାର ସୁଧାଂଶୁ ଶେଖର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଠଖାଇ ମହୋତ୍ସବ ଉପଲକ୍ଷେ ଆୟୋଜିତ ଆମେ ନାଟ କାଏଜେ କରମା ଆଲୋଚନାଚକ୍ରରେ ଆଲୋଚକ ଭାବେ ଡ କେଶରଞ୍ଜନ ପ୍ରଧାନ ଓ ସନାତନ ଠାକୁର ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ମଧୁସୂଦନ ପତି, ଅଧ୍ୟାପକ କୌତୁକ ପନ୍ଦର, ଅଖିଳ ଚନ୍ଦ୍ର ହୋତା, ଧର୍ମେନ୍ଦ୍ର ନନ୍ଦ, ବ୍ୟାସଦେବ ନନ୍ଦ ଉପସ୍ଥିତ ଥିଲେ।



# ଅଧ୍ୟାପିକା ଅଧ୍ୟାପକ ଦାଖଲ କରିବେ ଆଣ୍ଟି ଡ୍ରଗ୍ ଡିକ୍ଲାରେଶନ

## ବିଧାନସଭା ଷ୍ଟାଣ୍ଡିଂ କମିଟିର ସୁପାରିସ

ଭୁବନେଶ୍ୱର, ୯।୧ (ସୁନିତ୍ ମିଶ୍ର)

କଲେଜ କ୍ୟାମ୍ପସ ସମ୍ପୂର୍ଣ୍ଣ ନିଶାମୁକ୍ତ ହେବ। କେବଳ ଛାତ୍ରୀଛାତ୍ର ନୁହନ୍ତି, ଅଧ୍ୟାପକ ଓ ଅଧ୍ୟାପିକାମାନେ ମଧ୍ୟ ଏଣିକି ଦାଖଲ କରିବେ ଆଣ୍ଟି ଡ୍ରଗ୍ ଡିକ୍ଲାରେଶନ। ଏନେଇ ବିଧାନସଭା ଷ୍ଟାଣ୍ଡିଂ କମିଟି ସୁପାରିସ କରିଛି। ଏ ସମ୍ପର୍କରେ ବିଧାନସଭା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭୂପିନ୍ଦର ସିଂହ ସୂଚନା ଦେଇଛନ୍ତି। ଏହି ନିଷ୍ପତ୍ତିକୁ ୬୬୨ କଲେଜ ଅଧ୍ୟକ୍ଷ ସଂଘ ସ୍ୱାଗତ କରିଛି। ମଙ୍ଗଳବାର ବିଧାନସଭାରେ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ କ୍ୟାମ୍ପସକୁ ନିଶାମୁକ୍ତ କରିବା ପାଇଁ ସୁପାରିସ କରାଯାଇଥିଲା। ରାଜ୍ୟର ସବୁ ଯୁକ୍ତ୨, ଯୁକ୍ତ ୩ ଓ ବିଶ୍ୱବିଦ୍ୟାଳୟରେ ଏହି ନିୟମ ଲାଗୁ ହେବ। କିଛିଦିନ ତଳେ ୟୁଜିସି ଛାତ୍ରୀଛାତ୍ରଙ୍କୁ ଆଣ୍ଟି ଡ୍ରଗ୍ ଡିକ୍ଲାରେଶନ ଦେବା ପାଇଁ ଦେଶର ସବୁ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଚିଠି ଲେଖିଥିଲା। ଏହାକୁ ରାଜ୍ୟ ସରକାର ଲାଗୁ କରିଛନ୍ତି। ଏବେ ନୂଆ ନିୟମ ଅନୁସାରେ ଅଧ୍ୟାପିକା ଓ ଅଧ୍ୟାପିକମାନେ ଆଣ୍ଟି ଡ୍ରଗ୍ ଡିକ୍ଲାରେଶନ ଦେବାକୁ ବିଧାନସଭା ଷ୍ଟାଣ୍ଡିଂ କମିଟି ସୁପାରିସ କରିଛି। ଏହାଦ୍ୱାରା କଲେଜ ବା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ନିଶାମୁକ୍ତ ହୋଇପାରିବ ବୋଲି କମିଟି ମତ ପ୍ରକାଶ କରିଛି। ବିଧାନସଭା ଷ୍ଟାଣ୍ଡିଂ କମିଟିର ଏପରି ସୁପାରିସକୁ ନେଇ ୬୬୨ କଲେଜ ଅଧ୍ୟାପକ ସଂଘ ସଭାପତି ଗୋଲକ ନାୟକ କହିଛନ୍ତି, ଐତିହାସିକ ନିଷ୍ପତ୍ତିକ୍ରମେ ଅଧ୍ୟାପିକା ଓ ଅଧ୍ୟାପକମାନେ ଆଣ୍ଟି ଡ୍ରଗ୍ ଡିକ୍ଲାରେଶନ ଦାଖଲ କରିବେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଧାନସଭା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ସିଂହଙ୍କୁ ମଧ୍ୟ ଏଥିପାଇଁ ଧନ୍ୟବାଦ। ଅଧ୍ୟାପିକା ଓ ଅଧ୍ୟାପକମାନେ ଯଦି ମାର୍ଜିତ ନ ହେବେ, ଛାତ୍ରୀଛାତ୍ରଙ୍କ ଉପରେ ତା'ର ପ୍ରଭାବ ପଡ଼ିବ। ତେଣୁ ଆମେ ମାର୍ଜିତ ହେବୁ ଓ ଆମ ପିଲାମାନଙ୍କୁ ମାର୍ଜିତ କରିବୁ ବୋଲି ଗୋଲକ କହିଛନ୍ତି।

# ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବାବେଳେ ବାଇକ୍ ଧକ୍କାରେ ଶିଶୁ ମୃତ

ଦେବଗଡ,୯।୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବାରକୋଟ ଥାନା ଜାଲିସୁଆଁ ଗ୍ରାମରେ ମଙ୍ଗଳବାର ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିବା ବେଳେ ବାଇକ୍ ଧକ୍କା ଦେବାରୁ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତକ ଉକ୍ତ ଗ୍ରାମର ନବୀନ ଚନ୍ଦ୍ର ନାୟକଙ୍କ ପୁଅ ଲୋକନ କୁମାର(୩) ଓରଫ୍ ଦୀପେଶ। ବାରକୋଟ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ବାପା ଏ ନେଇ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଦୀପେଶ ନିଜ କାକାଙ୍କ ସହିତ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିଲେ। ରାସ୍ତା ପାରି ହେବା ବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ବାଇକ୍ ଯୋଗେ ଆସୁଥିବା ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଧକ୍କା ଦେଇଥିଲେ। ପରିବାର ଲୋକେ ଉକ୍ତ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଫାୟାର ସେଫ୍ଟି ଅଡିଟ୍ ସମ୍ପର୍କରେ ଜଣାଅ: ହାଇକୋର୍ଟ

## ମେଡିକାଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ମାମଲା

କଟକ,୯।୧ (କାର୍ତ୍ତିକ ସାହୁ)

ରାଜ୍ୟର ସରକାରୀ ଓ ଘରୋଇ ମେଡିକାଲଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମେଡିକାଲଗୁଡ଼ିକରେ ଫାୟାର ସେଫ୍ଟି ଅଡିଟ (ଅଗ୍ନି ନିରାପତ୍ତା ଯାଞ୍ଚ) ସଂକ୍ରାନ୍ତରେ ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଦୁଇ ସପ୍ତାହ ପରେ କରାଯିବାକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟର ସରକାରୀ ଓ ବେସରକାରୀ ମେଡିକାଲଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ନେଇ ୨୦୧୬ରେ ଏହି ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା। ଅଗ୍ନି ନିରାପତ୍ତା ସଂକ୍ରାନ୍ତରେ ହାଇକୋର୍ଟ ପଦକ୍ଷେପ ନେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ୨୦୨୩ରେ ଦିଲ୍ଲୀରେ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିବା ପରେ ତତ୍କାଳୀନ ଅଗ୍ନିଶମ ବିଭାଗ ଡିଜି ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ପ୍ରତ୍ୟେକ ସରକାରୀ ଓ ଘରୋଇ ମେଡିକାଲ, ଶପିଂ ମଲ୍, ସିନେମା ହଲ୍ ଆଦିର ଫାୟାର ସେଫ୍ଟି ଅଡିଟ୍ କରାଯିବ ବୋଲି କୁହାଯାଇଥିଲା। ତେବେ ମଙ୍ଗଳବାର ମାମଲାର ଶୁଣାଣିବେଳେ ଆବେଦନକାରୀ ଏକ ପିଟିଶନ ରୁଜୁ କରି ଅଗ୍ନିଶମ ଡିଜିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବା ସଂକ୍ରାନ୍ତରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆବେଦନକାରୀ ଆଇନଜୀବୀ ଶିବ ଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ୧୯ରୁ ଝାରସୁଗୁଡ଼ାରେ ୩ଦିନିଆ ଏଣ୍ଟରପ୍ରାଇଜ୍ ଓଡ଼ିଶା ସମ୍ମିଳନୀ



ଲୋକସେବା ଭବନରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ଅନ୍ୟ ଅଧିକାରୀ।

ଭୁବନେଶ୍ୱର, ୯।୧ (ସୁନିତ୍ ମିଶ୍ର)

ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ାଠାରେ ଭାରତୀୟ ଉଦ୍ୟୋଗ ପରିସଂଘ(ସିଆଇଆଇ) ତରଫରୁ ଏଣ୍ଟରପ୍ରାଇଜ୍, ଓଡ଼ିଶା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଝାରସୁଗୁଡ଼ା ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବା ସିଆଇଆଇର ଏହି ୨୪ତମ ସମ୍ମିଳନୀ ଆୟୋଜନ ସମ୍ପର୍କରେ ଏହାର ପ୍ରସ୍ତୁତି, କାର୍ଯ୍ୟକ୍ରମର ରୂପରେଖ ଓ ରାଜ୍ୟ ସରକାରଙ୍କ ସହଯୋଗ ସମ୍ପର୍କରେ ମଙ୍ଗଳବାର ଅପରାହ୍ନରେ ଏକ ବୈଠକ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଭୁବନେଶ୍ୱରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମ ଥର କରି ଏହା ଝାରସୁଗୁଡ଼ାଠାରେ ହେବାକୁ ଯାଉଛି। ଝାରସୁଗୁଡ଼ା ଏବଂ ପଶ୍ଚିମ ଓଡ଼ିଶାରେ ଶିଳ୍ପ ଓ ଆନୁଷଙ୍ଗିକ କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକୁ ବ୍ୟବସାୟିକ ସୁଯୋଗ ଦେବା ଏବଂ ସେସବୁକୁ ବୃହତ୍ ଶିଳ୍ପ ସଂସ୍ଥା ସହ ଯୋଡ଼ିବା ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ଶତାଧିକ କମ୍ପାନୀ, ଶିଳ୍ପ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ମୁଖ୍ୟ ଅଭିଜ୍ଞତା ଅଧିକାରୀ, କ୍ରୟ ପରିଚାଳକଙ୍କ ସମେତ ଦେଶ ବିଦେଶର ଶିଳ୍ପ ପ୍ରତିନିଧିମାନେ ଯୋଗଦେବେ। ପ୍ରାରମ୍ଭିକ ଅଧିବେଶନରେ ଭିଜନ ଓଡ଼ିଶା-୨୦୩୦ ଏବଂ ରାଜ୍ୟ ତଥା ଦେଶର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବାରେ ବିଭିନ୍ନ ଶିଳ୍ପସଂସ୍ଥାରୁ ଯୋଗଦେଇଥିବା ପ୍ରତିନିଧିମାନେ ସେମାନଙ୍କର ଅଭିଜ୍ଞତା ବାଣ୍ଟିବେ। ଏହି ପ୍ରଦର୍ଶନୀରେ ବହୁ ଶିଳ୍ପ ସଂସ୍ଥା ଅଂଶଗ୍ରହଣ କରିବେ ଯାହାକି ସ୍ଥାନୀୟ ଓ ସମ୍ଭାବ୍ୟ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବ। ଦ୍ୱିତୀୟ ଦିନରେ ଦକ୍ଷତା ବିକାଶ, କୃଷି ଓ ଖାଦ୍ୟ ପ୍ରକ୍ରିୟା କରଣ, ଷ୍ଟାର୍ଟ ଅପ୍ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମ୍ମିଳନୀରେ ଆର୍ଥିକ ସହାୟତା ପ୍ରସଙ୍ଗରେ ମଧ୍ୟ ଆଲୋଚନା କରାଯିବ।

# ଜଳବାୟୁ ପରିବର୍ତ୍ତନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବକୁଳ ଲାଇବ୍ରେରୀଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ପରିବେଶବିତ୍।

## 'କପ୍' ଅଭିଜ୍ଞତା ବଖାଣିଲେ ଯୁବ ପରିବେଶବିତ୍

ଭୁବନେଶ୍ୱର, ୯।୧ (ବନ୍ଦନା ସେଠୀ)

ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ପାଲଟିଥିବାବେଳେ ଏହାକୁ ରୋକିବା କ୍ଷେତ୍ରରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜୀବଜଗତ ବସବାସ କରିବା ପାଇଁ ପୃଥିବୀ ବ୍ୟତୀତ ଅନ୍ୟ କୌଣସି ପ୍ଲାନେଟ୍ ନାହିଁ। ମାତ୍ର ଏବେ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ପୃଥିବୀ ପାଇଁ ସଂକଟମୟ ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି। ତେଣୁ ଏହାର ସୁରକ୍ଷା ପାଇଁ ଯୁବପିଢ଼ିଙ୍କୁ ଅଧିକରୁ ଅଧିକ ସାମିଲ କରାଯାଉଛି ବୋଲି ଯୁବ ପରିବେଶବିତ୍‌ମାନେ କହିଛନ୍ତି। ସ୍ଥାନୀୟ ସମସ୍ୟାଗୁଡ଼ିକ କିଭଳି ବିଶ୍ୱସ୍ତରରେ ପହଞ୍ଚିବ ଏବଂ ତାହାର ସମାଧାନ ହୋଇ ପାରିବ ସେହି ଲକ୍ଷ୍ୟ ନେଇ ପ୍ରତିବର୍ଷ ୟୁଏନ୍ କ୍ଲାଇମେଟ୍ ଚେଞ୍ଜ କନ୍‌ଫରେନ୍ସ 'କପ୍ (କନ୍‌ଫରେନ୍ସ ଅଫ୍ ପାର୍ଟି)' ଆୟୋଜିତ ହେଉଛି। ଚଳିତ ବର୍ଷ ଦୁବାଇରେ ଅୟୋଜିତ ହୋଇଥିବା 'କପ୍-୨୮'ରେ ୧୯୨ଟି ଦେଶ ସାମିଲ ହୋଇଥିବାବେଳେ ଓଡ଼ିଶାରୁ ୫ଜଣ ଅଂଶଗ୍ରହଣ କରିଥିଲେ। କପ୍‌ରେ ମିଳିଥିବା ଅଭିଜ୍ଞତାକୁ ନେଇ ମଙ୍ଗଳବାର ବକୁଳ ଫାଉଣ୍ଡେଶନ, ୟୁଥ୍ ଫର୍ ୱାଟର ପ୍ଲସ୍ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ ପାଠାଗାରଠାରେ 'ଭଏସ୍ ଆଣ୍ଡ ଭ୍ୟୁଜ୍: ଓଡ଼ିଶା ୟୁଥ୍ ଆଟ୍ କପ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କପ୍‌ରେ ଅଂଶଗ୍ରହଣ କରିଥିବା ବକୁଳ ଫାଉଣ୍ଡେଶନ୍‌ର ଦି କ୍ଲାଇମେଟ୍ ନେଟ୍‌ୱାର୍କ ହୋଷ୍ଟ ଦିପ୍‌ସା ଡି. ଧଳ, ୟୁଥ୍ ଫର୍ ୱାଟର ପ୍ଲସର ଇଣ୍ଟରନ୍ୟାଶନାଲ ରିଲେଶନ୍ ଅଫିସର ଅଭିଷେକ ମାନି, ୟୁନିସେଫ୍ ଓଡ଼ିଶାର ୱାସ୍ କନ୍‌ସଲଟାଣ୍ଟ ଅନ୍ୱେଷା ଦତ୍ତା, ୟୁଥ୍ ଫର୍ ସଷ୍ଟେନେବିଲିଟି ଇଣ୍ଡିଆ ଆଲିଆନ୍ସର କୋର୍ ଟିମ୍ ପୁଣ୍ୟଶ୍ଲୋକ ପଣ୍ଡା ଏବଂ ସାତ୍ତ୍ୱିକ୍ ସୋଲ୍‌ର ଡିଜାଇନ୍ ଲିଡ୍ ଅଶ୍ୱିନୀ କୁମାର ପଇଟାଳ ଯୋଗଦେଇ ନିଜ ଅଭିଜ୍ଞତା ବାଣ୍ଟିଥିଲେ। ଅଶ୍ୱିନୀ କୁମାର ବ୍ଲୁ ଜୋନ୍, ଗ୍ରୀନ୍ ଜୋନ୍ ସମ୍ପର୍କରେ ଆଲୋକପାତ କରିବା ସହ ସମ୍ମିଳନୀରେ କିଭଳି ସ୍ଥାନୀୟ ସମସ୍ୟାକୁ ଉପସ୍ଥାପନ କରିଥିଲେ ସେ ନେଇ ମତ ଦେଇଥିଲେ। ସେହିପରି ୧୯୯୫ରୁ କପ୍ ଆରମ୍ଭ ହୋଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ୧୯୯୫ରେ ହୋଇଥିବା ବର୍ଲିନ୍ ପ୍ରୋଟୋକଲ୍ କ'ଣ ତାହା ଅନେକ ଜାଣି ନ ଥିବା ଅଭିଷେକ କହିଥିଲେ। ସେହିପରି ୨୦୧୫ରେ ହୋଇଥିବା ପ୍ୟାରିସ୍ ରାଜିନାମା ଏ ଯାଏ କାର୍ଯ୍ୟକାରୀ ହୋଇନାହିଁ। ପ୍ରତିବର୍ଷ କପ୍ ଆୟୋଜିତ ହେଉଥିଲେ ବି ଜଳବାୟୁ ପରିବର୍ତ୍ତନ ଉପରେ ବାସ୍ତବରେ ତାହାର କୌଣସି ସୁଫଳ ମିଳୁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଅନ୍ୟମାନେ ମଧ୍ୟ ନିଜର ଅଭିଜ୍ଞତା ବାଣ୍ଟିଥିଲେ। କାର୍ଯ୍ୟକ୍ରମ ନେଇ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର କହିଥିଲେ, ଅନେକ ଲୋକ କପ୍ କ'ଣ, ତାହାର ଉଦ୍ଦେଶ୍ୟ କ'ଣ ତାହା ଜାଣି ନାହାନ୍ତି। ସେଠାକୁ ଯିବାପାଇଁ କିଭଳି ପ୍ରସ୍ତୁତ ହେବେ, ଜଳବାୟୁ ପରିବର୍ତ୍ତନର ସମସ୍ୟାଗୁଡ଼ିକ କିଭଳି ଉପସ୍ଥାପନ କରାଯିବ ସେ ନେଇ ଅବଗତ ନାହାନ୍ତି। ତେଣୁ ଏହି କାର୍ଯ୍ୟକ୍ରମ ଅନେକଙ୍କ ପାଇଁ ଶିକ୍ଷଣୀୟ ହେବ ବୋଲି ସେ ମତ ଦେଇଥିଲେ।

# ପ୍ରେମିକ ପାଇଁ ସ୍ୱାମୀଙ୍କୁ ହତ୍ୟା

ଉଦଳା,୯।୧ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ନୟାଗାଁମାଟିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମିକ ପାଇଁ ସ୍ୱାମୀଙ୍କୁ କାଠଫାଳିଆରେ ପିଟି ହତ୍ୟା କରିଛନ୍ତି ସ୍ତ୍ରୀ। ପୋଲିସ ଅଭିଯୁକ୍ତ ସ୍ତ୍ରୀ ପାନ ମୁର୍ମୁ ଏବଂ ପ୍ରେମିକ ଚନ୍ଦ୍ରମୋହନ ହେମ୍ବ୍ରମଙ୍କୁ ଗିରଫ କରିଛି। ମୃତକ ହେଲେ ରାଇସେନ ମୁର୍ମୁ। ପୋଲିସ ସୂଚନା ଅନୁଯାୟୀ, ପାନ ମୁର୍ମୁଙ୍କ ସହ ସେହି ଗ୍ରାମର ଚନ୍ଦ୍ରମୋହନଙ୍କ ଅନୈତିକ ସମ୍ପର୍କ ଥିଲା। ସୋମବାର ଗାଁରେ ଜାହିରା ପୂଜା ଚାଲିଥିଲା। ପୂଜା ପାଇଁ କୁକୁଡ଼ା ଆଣିବାରେ ରାଇସେନ ବିଳମ୍ବ କରିଥିଲେ। ଏନେଇ ଚନ୍ଦ୍ରମୋହନଙ୍କ ସହିତ ରାଇସେନଙ୍କର ଝଗଡ଼ା ହୋଇଥିଲା। ଝଗଡ଼ା ସମୟରେ ରାଇସେନଙ୍କ ସ୍ତ୍ରୀ ପାନ ମୁର୍ମୁ ସେଠାରେ ପହଞ୍ଚି ଚନ୍ଦ୍ରମୋହନଙ୍କ ସପକ୍ଷରେ ରହିଥିଲେ। ଏପରିକି ସେ ନିଜ ସ୍ୱାମୀଙ୍କୁ ବିରୋଧ କରିଥିଲେ। ପ୍ରେମିକଙ୍କୁ ବଞ୍ଚାଇବାକୁ ଯାଇ ସ୍ୱାମୀଙ୍କୁ ଏକ କାଠଫାଳିଆରେ ପିଟିପିଟି ହତ୍ୟା କରିଥିଲେ।

# ଜେରକ୍ସ ଓଏମ୍ଆର୍ ସିଟ୍‌ରେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ତ୍ରୁଟି

## ବୋର୍ଡ ପକ୍ଷରୁ ତ୍ରୁଟି ନାହିଁ: ସଭାପତି

କଟକ,୯।୧ (ଶିଳ୍ପା ପ୍ରିୟଦର୍ଶିନୀ)

ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ମଙ୍ଗଳବାର ତ୍ରୁଟି ପରିଲକ୍ଷିତ ହୋଇଛି। ଅରିଜିନାଲ ବଦଳରେ ଜେରକ୍ସ ଓଏମ୍ଆର୍ ସିଟ୍‌ରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇଛନ୍ତି। କଟକ ଖାନ୍‌ନଗର ହାଇସ୍କୁଲରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏହି ପରୀକ୍ଷା ହୋଇଛି। ଏଥିରେ ଉତ୍ତୀର୍ଣ୍ଣ ହେଲେ ଛାତ୍ରୀଛାତ୍ରମାନେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ପାଠ ପଢ଼ିବେ। ମଙ୍ଗଳବାର ରାଜ୍ୟରେ ୩୦ଟି ଜିଲାର ୭୦୪ ସେଣ୍ଟରରେ ଏହି ପରୀକ୍ଷା କରାଯାଇଥିଲା। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଏମ୍ଆର୍ ସିଟ୍ ଯୋଗାଇ ଦିଆଯାଇଥିଲା। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖାନ୍‌ନଗର ହାଇସ୍କୁଲରେ ପରୀକ୍ଷା ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କୁ ଜେରକ୍ସ କରାଯାଇଥିବା ଓଏମ୍ଆର୍ ସିଟ୍ ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ଏ ସମ୍ପର୍କରେ ପଚାରିବାରୁ ଜେରକ୍ସ ଓଏମ୍ଆର୍ ସିଟ୍ ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଥିବା ଶିକ୍ଷୟିତ୍ରୀଶିକ୍ଷକମାନେ କହିଛନ୍ତି। ଅପରପକ୍ଷରେ ବୋର୍ଡ ଉପସଭାପତିଙ୍କ ଏକ ହ୍ୱାଟ୍‌ସଆପ୍ ମେସେଜ ଭାଇରାଲ ହେଉଛି। ଉକ୍ତ ମେସେଜ ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ ନିକଟକୁ ପଠାଯାଇଥିବା ସୂଚନା ରହିଛି। ସେଥିରେ ଉଲ୍ଲେଖ ରହିଛି, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ଓଏମ୍ଆର୍ ସିଟ୍‌ରେ ତ୍ରୁଟି ରହିଛି। ୧୦୦ଟି ଉତ୍ତର ବଦଳରେ ୬୦ଟି ପ୍ରିଣ୍ଟ କରାଯାଇଛି। ଉକ୍ତ ଓଏମ୍ଆର୍ ସିଟ୍ ବ୍ୟବହାର ନ କରି ବୋର୍ଡ ୱେବ୍‌ସାଇଟରୁ ଅନ୍ୟ ଓଏମ୍ଆର୍ ସିଟ୍ ଡାଉନଲୋଡ୍ କରି ପରୀକ୍ଷା କରିବା ପାଇଁ ଏହି ମେସେଜରେ ସୂଚାଇ ଦିଆଯାଇଛି। ମଙ୍ଗଳବାର ପରୀକ୍ଷାବେଳେ ପରୀକ୍ଷାର୍ଥୀଙ୍କୁ କଲର ଓଏମ୍ଆର୍ ସିଟ୍ ବଦଳରେ ଜେରକ୍ସ ଓଏମ୍ଆର୍ ସିଟ୍ ଦିଆଯିବା ସମ୍ପର୍କରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି, ବୋର୍ଡ ପକ୍ଷରୁ କୌଣସି ତ୍ରୁଟି ରହିନାହିଁ। ଓଏମ୍ଆର୍ ସିଟ୍ କମ୍ ପଡ଼ିଲେ ଜେରକ୍ସ କରି ଛାତ୍ରୀଛାତ୍ରଙ୍କୁ ଦେବା ପାଇଁ ନିୟମ ରହିଛି। ସୂଚନାନୁଯାୟୀ, ଆଦର୍ଶ ବିଦ୍ୟାଳୟ ପରୀକ୍ଷାରେ ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ପାଇଁ ୬୦ ମାର୍କ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ୧୦୦ ମାର୍କ ଲେଖାଏ ପରୀକ୍ଷା କରାଯାଇଥାଏ।

**ସଂକ୍ଷେପରେ**

## ଡେରାଡୁନ୍‌ରେ କ୍ଲୋରିନ୍ ଗ୍ୟାସ୍ ଲିକ୍‌ରୁ ଆତଙ୍କ

**ଡେରାଡୁନ୍,୯।୧:** ଉତ୍ତରଖଣ୍ଡର ଡେରାଡୁନ୍ ଅନ୍ତର୍ଗତ ଝଝ୍ରା ଅଞ୍ଚଳରେ ମଙ୍ଗଳବାର ସକାଳେ କ୍ଲୋରିନ୍ ଗ୍ୟାସ୍ ଲିକ୍ ହେବାରୁ ଆତଙ୍କ ଖେଳିଯାଇଛି। ଲୋକମାନେ ଭୟରେ ଘରଦ୍ୱାର ଛାଡ଼ି ପଳାଇଯାଇଥିଲେ। ସୁରକ୍ଷା ଅଧିକାରୀମାନେ ଲୋକମାନଙ୍କୁ ତୁରନ୍ତ ନିରାପଦ ସ୍ଥାନକୁ ନେଇଯାଇଥିଲେ। ତେବେ ଗ୍ୟାସ୍ ଲିକ୍ ଯୋଗୁ କୌଣସି କ୍ଷୟକ୍ଷତି ଘଟିନାହିଁ। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) କମାଣ୍ଡାଣ୍ଟ ରାସାୟନିକ, ଜୈବିକ, ରେଡିଓଲୋଜିକାଲ ଏବଂ ଆଣବିକ ବିଶେଷଜ୍ଞଙ୍କୁ ସାଙ୍ଗରେ ଧରି ଆବଶ୍ୟକ ଉପକରଣ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆବାସିକ ଅଞ୍ଚଳ ନିକଟରେ ଏକ ପ୍ଲଟ୍‌ରେ ରଖାଯାଇଥିବା ୪ଟି ସିଲିଣ୍ଡରରୁ ଗୋଟିଏ ଲିକ୍ ହୋଇଥିବା ଜଣାପଡ଼ିଥିଲା। ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ କର୍ମଚାରୀମାନଙ୍କୁ ମଧ୍ୟ ଘଟଣାସ୍ଥଳକୁ ଡକାଯାଇଥିଲା। ଗ୍ୟାସ୍ ଲିକ୍ ହେଉଥିବା ସିଲିଣ୍ଡରକୁ ମାଟି ଖୋଳି ପୋତିଦିଆଯିବା ସହ ଉକ୍ତ ଗର୍ତ୍ତରେ ପାଣି ଭର୍ତ୍ତି କରାଯାଇଥିଲା।

## ଜୁଲାଇ ୭ରେ ଏନ୍‌ଇଇଟି- ପିଜି ପରୀକ୍ଷା

**ନୂଆଦିଲ୍ଲୀ,୯।୧:** ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା-ସ୍ନାତକୋତ୍ତର (ଏନ୍‌ଇଇଟି-ପିଜି) ଚଳିତ ବର୍ଷ ଜୁଲାଇ ୭ରେ ଅନୁଷ୍ଠିତ ହେବ। ନ୍ୟାଶନାଲ ବୋର୍ଡ ଅଫ୍ ଏକ୍ଜାମିନେଶନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଚଳିତ ବର୍ଷର ପରୀକ୍ଷା ପାଇଁ ଯୋଗ୍ୟତା ନିମନ୍ତେ କଟ୍-ଅଫ୍ ତାରିଖ ଅଗଷ୍ଟ ୧୫ ରଖାଯାଇଛି। ମାର୍ଚ୍ଚ ୩ରେ ପରୀକ୍ଷା ହେବ ବୋଲି ପୂର୍ବରୁ କାର୍ଯ୍ୟସୂଚୀ ପ୍ରକାଶ ପାଇଥିଲା।

## ଛାତ୍ରଙ୍କୁ ମାଡ଼ମାରି ପାଟିରେ ପରିସ୍ରା କଲେ

**କନଷ୍ଟେବଲ ସମେତ ୩ ଗିରଫ**

**କାନପୁର,୯।୧(ପି.ଟି.):** ଏକ ପୁରୁଣା ମାମଲାର ପ୍ରତିଶୋଧ ନେବାକୁ ଯାଇ ଜଣେ ହେଡ୍ କନ୍‌ଷ୍ଟେବଲ ଓ ଅନ୍ୟ କେତେଜଣ ମିଶି ଜଣେ ଏମ୍‌ସିଏ ଛାତ୍ରଙ୍କୁ ମାଡ଼ ମାରିବା ସହ ତାଙ୍କୁ ପରିସ୍ରା ପିଆଇଛନ୍ତି। ଅଭିଯୁକ୍ତମାନେ ଏମ୍‌ସିଏ ଛାତ୍ର ଆୟୁଷ ଦ୍ୱିବେଦୀ(୨୩)ଙ୍କୁ କାନପୁରର ସିଭିଲ୍ ଲେନ୍ ଅଞ୍ଚଳରୁ ଅପହରଣ କରି କୁପେରଗଞ୍ଜ ରେଳଧାରଣା ନିକଟକୁ ନେଇଯାଇ ମାଡ଼ ମାରିଥିଲେ। ଏଥିସହିତ ସେମାନେ ଆୟୁଷଙ୍କୁ ପରିସ୍ରା ପିଆଇବା ସହ ଛେପ ଚଟାଇଥିଲେ। ତାଙ୍କ ଉପରକୁ ସେମାନେ ଚଳାଇଥିବା ଏକ ଗୁଳି ତାଙ୍କ କାନପାଖ ଦେଇ ଯାଇଥିଲା। ହେଡ୍ କନ୍‌ଷ୍ଟେବଲ ଧର୍ମେନ୍ଦ୍ର ଯାଦବଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଧର୍ମେନ୍ଦ୍ରଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଏଥିସହିତ ୮ ଜଣଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବରରେ ହେଡ୍ କନ୍‌ଷ୍ଟେବଲ ଏମ୍‌ସିଏ ଛାତ୍ରଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ଦାଏର କରିଥିଲେ।

**ଲାକ୍ଷାଦ୍ୱୀପ ବନାମ ମାଳଦ୍ୱୀପ**

# ୨ ପକ୍ଷ କଳିରେ ଚାଇନାର ଲାଭ

**ନୂଆଦିଲ୍ଲୀ/ମାଲେ/ବେଜିଂ,୯।୧**

୫ ଦିନିଆ ବେଜିଂ ଗସ୍ତରେ ଥିବା ମାଳଦ୍ୱୀପ ରାଷ୍ଟ୍ରପତି ମୋହାମେଦ ମୁଇଜ୍ଜୁ ମଙ୍ଗଳବାର ନିଜ ଦେଶକୁ ଅଧିକ ପର୍ଯ୍ୟଟକଙ୍କ ପଠାଇବା ପାଇଁ ଚାଇନାକୁ ଅନୁରୋଧ କରିଛନ୍ତି। ଭାରତ ସହ କୂଟନୈତିକ ବିବାଦ ସୃଷ୍ଟି ହେବା ପରେ ପ୍ରଥମ ଥର ପାଇଁ ଚାଇନା ଯାଇଥିବା ମୁଇଜ୍ଜୁ ନିଜ ଗସ୍ତର ଦ୍ୱିତୀୟ ଦିନରେ ଫୁଜିଆନ୍ ପ୍ରଦେଶରେ ଆୟୋଜିତ ମାଳଦ୍ୱୀପ ବିଜ୍‌ନେସ୍ ଫୋରମ୍‌କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ ଚାଇନାକୁ ଦ୍ୱୀପରାଷ୍ଟ୍ରର ଘନିଷ୍ଠତମ ସହଯୋଗୀ ଏବଂ ବିକାଶର ସହଭାଗୀ ବୋଲି ଅଭିହିତ କରିଛନ୍ତି। କେବଳ ଏତିକି ନୁହେଁ, ୨୦୧୪ରେ ଆରମ୍ଭ ହୋଇଥିବା ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ)କୁ ମଧ୍ୟ ମୁଇଜ୍ଜୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଏହି ପ୍ରୋଜେକ୍ଟ ମାଳଦ୍ୱୀପ ଇତିହାସରେ ସର୍ବାଧିକ ଭିତ୍ତିଭୂମି ବିକାଶ ସାଧନ କରିଛି। ମାଳଦ୍ୱୀପକୁ ଯେପରି ଚାଇନାରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ, ବେଜିଂ ତାହାର ବ୍ୟବସ୍ଥା କରିବା ଉଚିତ ବୋଲି ମୁଇଜ୍ଜୁ ଅନୁରୋଧ କରିଥିବା ବିଷୟ ନିଜ ଅଫିସିଆଲ ୱେବ୍‌ସାଇଟ୍‌ରେ



ମାଳଦ୍ୱୀପ ରାଷ୍ଟ୍ରପତି ମୋହାମେଦ ମୁଇଜ୍ଜୁ

ପୋଷ୍ଟ କରିଛନ୍ତି। ଫଳରେ ଭାରତ-ମାଳଦ୍ୱୀପ କଳିରୁ ତୃତୀୟ ପକ୍ଷ ଚାଇନା ଲାଭାନ୍ୱିତ ହୋଇପାରେ। ମାଳଦ୍ୱୀପ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଭାରତୀୟ ମହାସାଗରର ଏହି ଦ୍ୱୀପରାଷ୍ଟ୍ର ଚାଇନା ସହ ୫୦ ନିୟୁତ ଆମେରିକୀୟ ଡଲାର ମୂଲ୍ୟର ପ୍ରକଳ୍ପ ପାଇଁ ଚୁକ୍ତିବଦ୍ଧ ହୋଇଛି। ମାଳଦ୍ୱୀପକୁ ଏକ ବିକଶିତ ପର୍ଯ୍ୟଟନ ଜୋନ୍‌ରେ ପରିଣତ କରିବା ପାଇଁ ଏହା ସହାୟକ ହେବ ବୋଲି ଏଥିରେ କୁହାଯାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଲାକ୍ଷାଦ୍ୱୀପ ଗସ୍ତରେ ଥିବାବେଳେ ସେଠାକାର କେତେକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଯେଉଁମାନେ ରୋମାଞ୍ଚକୁ ଭଲ ପାଆନ୍ତି, ସେମାନେ ଲାକ୍ଷାଦ୍ୱୀପକୁ ଆସିବା ଉଚିତ ବୋଲି ମୋଦି ଉଲ୍ଲେଖ କରିଥିଲେ। ଇତିମଧ୍ୟରେ ଗୁଗଲରେ 'ଲାକ୍ଷାଦ୍ୱୀପ'କୁ ନେଟିଜେନ୍‌ମାନେ ଅଧିକ ସର୍ଚ୍ଚ କରିଛନ୍ତି। ଭାରତୀୟ ସେଲିବ୍ରିଟିମାନେ ମଧ୍ୟ ମାଳଦ୍ୱୀପ ପରିବର୍ତ୍ତେ ଲାକ୍ଷାଦ୍ୱୀପକୁ ଛୁଟି କାଟିବାକୁ ଯିବା ଉଚିତ ବୋଲି ମତ ଦେବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ମାଳଦ୍ୱୀପର ୩ ଉପମନ୍ତ୍ରୀ ମରିୟମ୍ ଶିଉନା, ମାଲ୍‌ଶା ଶରିଫ ଓ ମହଜୁମ୍ ମାଜିଦ୍ ଭାରତ ବିରୋଧୀ ମନ୍ତବ୍ୟ ଦେଇ ନିଲମ୍ବିତ ହୋଇଛନ୍ତି। ଭାରତ ଓ ମାଳଦ୍ୱୀପ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଥିବାବେଳେ ମୁଇଜ୍ଜୁଙ୍କ ଚାଇନା ଗସ୍ତ ବିଶେଷ ଗୁରୁତ୍ୱ ବହନ କରେ। ମାଳଦ୍ୱୀପ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନାନୁସାରେ ୨୦୨୩ରେ ଏହି ରାଷ୍ଟ୍ରକୁ ସର୍ବାଧିକ ୨୦୯,୧୯୮ ଭାରତୀୟ ପର୍ଯ୍ୟଟକ ଯାଇଥିଲେ। ଭାରତ ପରେ ମାଳଦ୍ୱୀପ ପର୍ଯ୍ୟଟନକୁ ଅବଦାନ କ୍ଷେତ୍ରରେ ଦ୍ୱିତୀୟ ସର୍ବାଧିକ ରାଷ୍ଟ୍ର ହେଉଛି ରୁଷିଆ। ଗତବର୍ଷ ୨୦୯,୧୪୬ ରୁଷୀୟ ପର୍ଯ୍ୟଟକ ମାଳଦ୍ୱୀପ ଯାଇଥିଲେ। ତୃତୀୟ ସ୍ଥାନରେ ଥିବା ଚାଇନାର ୧୮୭,୧୧୮ ପର୍ଯ୍ୟଟକ ବୁଲିବାକୁ ଯାଇଥିଲେ। ୨୦୨୨ରେ ମଧ୍ୟ ମାଳଦ୍ୱୀପର ପର୍ଯ୍ୟଟନ ବଜାର ପ୍ରତି ଭାରତର ସର୍ବାଧିକ ଅବଦାନ ରହିଥିଲା। ସେହିବର୍ଷ ଭାରତରୁ ୨୪୦,୦୦୦, ରୁଷିଆରୁ ୧୯୮,୦୦୦ ଓ ବ୍ରିଟେନ୍‌ରୁ ୧୭୭,୦୦୦ ପର୍ଯ୍ୟଟକ ମାଳଦ୍ୱୀପ ଯାଇଥିଲେ। କିନ୍ତୁ କୋଭିଡ୍-୧୯ ପୂର୍ବରୁ ଏହି କ୍ଷେତ୍ରରେ ଚାଇନା ସବା ଆଗରେ ରହିଥିଲା। ସେଠାରୁ ପ୍ରତିବର୍ଷ ପ୍ରାୟ ୨.୮୦ ଲକ୍ଷ ପର୍ଯ୍ୟଟକ ମାଳଦ୍ୱୀପ ଯାଉଥିଲେ। ଚାଇନା ପର୍ଯ୍ୟଟକମାନେ ପୁଣି ମାଳଦ୍ୱୀପମୁହାଁ ହେଲେ ଦ୍ୱୀପରାଷ୍ଟ୍ରର ଆର୍ଥିକ ସ୍ଥିତି ସୁଦୃଢ଼ ହେବ, ଯାହାକି ଭାରତୀୟଙ୍କ ଅନୁପସ୍ଥିତିର ଭରଣା କରିବ। ଏହା ବଦଳରେ ଚାଇନା ସପକ୍ଷବାଦୀ ମୁଇଜ୍ଜୁ ଚାଇନା ସହ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ)କୁ କାର୍ଯ୍ୟକାରୀ କରିବାରେ ତ୍ୱରାନ୍ୱିତ ପଦକ୍ଷେପ ନେବେ। ମୁଇଜ୍ଜୁ ଏଫ୍‌ଟିଏକୁ ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କର ପ୍ରତୀକ ବୋଲି ଅଭିହିତ କରିଛନ୍ତି। ପ୍ରକାଶ ଯେ, ୨୦୧୪ ଡିସେମ୍ବରରେ ମାଳଦ୍ୱୀପ ରାଷ୍ଟ୍ରପତି ଅବ୍‌ଦୁଲ୍ଲା ୟାମିନ୍‌ଙ୍କ ପ୍ରଶାସନ ଓ ଚାଇନା ମଧ୍ୟରେ ଏଫ୍‌ଟିଏ ସ୍ୱାକ୍ଷରିତ ହୋଇଥିଲା। କିନ୍ତୁ ତାଙ୍କ ଉତ୍ତରାଧିକାରୀ ଇବ୍ରାହିମ୍ ମୋହାମେଦ୍ ସୋଲିହ ଏହାକୁ କାର୍ଯ୍ୟକାରୀ କରି ନ ଥିଲେ। ୨୦୨୨ରେ ମାଳଦ୍ୱୀପ ଓ ଚାଇନା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ୪୫୧.୨୯ ନିୟୁତ ଡଲାର ରହିଥିଲା। ଏଥିରୁ ଚାଇନାର ରପ୍ତାନି ୪୫୧.୨୯ ନିୟୁତ ଥିବାବେଳେ ମାଳଦ୍ୱୀପର ରପ୍ତାନି ୬୦,୦୦୦ ଡଲାର ରହିଥିଲା। ଏହାବ୍ୟତୀତ ମୁଇଜ୍ଜୁ ମାଳଦ୍ୱୀପ ଇନ୍‌ଭେଷ୍ଟମେଣ୍ଟ ଫୋରମ୍‌ରେ ୧୧ଟି ପ୍ରକଳ୍ପ ପାଇଁ ଚାଇନା କମ୍ପାନୀଗୁଡ଼ିକୁ ନିବେଶ ସହାୟତା ମଧ୍ୟ ମାଗିଛନ୍ତି।

## ଗାବ୍ରିଏଲ ଅଟ୍ଟଲ ଫ୍ରାନ୍ସର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ



**ପ୍ୟାରିସ୍,୯।୧**

ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଏଲିଜାବେଥ ବୋର୍ନ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ୬୨ ବର୍ଷୀୟା ଏଲିଜାବେଥଙ୍କ ଇସ୍ତଫାକୁ ଗ୍ରହଣ କରିବା ପରେ ମଙ୍ଗଳବାର ଶିକ୍ଷାମନ୍ତ୍ରୀ ଗାବ୍ରିଏଲ ଅଟ୍ଟଲଙ୍କୁ ଦେଶର ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ଏଥିସହ ୩୪ ବର୍ଷୀୟ ଗାବ୍ରିଏଲ ଫ୍ରାନ୍ସର ସର୍ବକନିଷ୍ଠ ତଥା ପ୍ରଥମ ସମଲିଙ୍ଗୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଆଗାମୀ ୩ ବର୍ଷ ପାଇଁ ନିଜ କ୍ୟାବିନେଟ୍‌କୁ ଅଧିକ ସକ୍ରିୟ କରିବା ଉଦ୍ଦେଶ୍ୟରେ ମାକ୍ରଁ ମନ୍ତ୍ରିମଣ୍ଡଳ ବିସ୍ତାର କରିବାକୁ ଯାଉଥିବାବେଳେ ଏହି ରାଜନୈତିକ ଘଟଣାକ୍ରମକୁ ଗୁରୁତ୍ୱ ଦିଆଯାଉଛି।


ଇସ୍ରାଏଲର ଏୟାର ଷ୍ଟ୍ରାଇକ୍ ଯୋଗୁ ବିସ୍ଥାପିତ ହୋଇଥିବା ଜଣେ ପାଲେଷ୍ଟିନୀୟ ଶିଶୁ ଇଜିପ୍ଟ ସୀମାନ୍ତ ରାଫାହ ନିକଟରେ ଖେଳୁଛନ୍ତି।

## ଲାଲୁଙ୍କ ପରିବାର ନାଁରେ ଚାର୍ଜଶିଟ୍

**ଜମି ବଦଳରେ ନିଯୁକ୍ତି ମାମଲା**


ରାବ୍ରୀ ଦେବୀ

**ନୂଆଦିଲ୍ଲୀ,୯।୧(ପି.ଟି.)**

ଜମି ବଦଳରେ ରେଲୱେରେ ନିଯୁକ୍ତି ପ୍ରଦାନ ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ, ତାଙ୍କ ଝିଅ ତଥା ସାଂସଦ ମିସା ଭାରତୀ ଓ ଅନ୍ୟମାନଙ୍କ ବିରୋଧରେ ପ୍ରଥମ ଚାର୍ଜଶିଟ୍ ମଙ୍ଗଳବାର ଦାଖଲ କରିଛି। ଆର୍‌ଜେଡି ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବଙ୍କ ଅନ୍ୟ ଝିଅ ହେମା ଯାଦବ, ଲାଲୁଙ୍କ ପରିବାରର ଘନିଷ୍ଠ ସହଯୋଗୀ ଅମିତ କାତ୍ୟାଲ(୪୯), ରେଳ କର୍ମଚାରୀ ଓ ହିତାଧିକାରୀ ହୃଦୟାନନ୍ଦ ଚୌଧୁରୀ, ଦୁଇଟି କମ୍ପାନୀ ଏ.କେ. ଇନ୍‌ଫୋସିଷ୍ଟମ୍ସ ପ୍ରା.ଲିଃ ଏବଂ ଏ.ବି. ଏକ୍ସପର୍ଟ୍ସ ପ୍ରା.ଲିଃ ଏବଂ ୨ କମ୍ପାନୀର ନିର୍ଦ୍ଦେଶକ ଶାରିକୁଲ ବାରିଙ୍କ ନାଁ ଚାର୍ଜଶିଟ୍‌ରେ ରହିଛି। ଦିଲ୍ଲୀର ପିଏମ୍‌ଏଲ୍‌ଏ ଅଦାଲତରେ ଆସନ୍ତା ୧୬ ତାରିଖରେ ମାମଲାର ଶୁଣାଣି ହେବ। ଗତବର୍ଷ ନଭେମ୍ବରରେ ଇଡି କାତ୍ୟାଲଙ୍କୁ ଗିରଫ କରିଥିଲା। ଲାଲୁଙ୍କୁ ସମନ ହୋଇଥିଲେ ମଧ୍ୟ ସେ ଇଡି ନିକଟରେ ହାଜର ହୋଇ ନ ଥିଲେ। ତେବେ ତାଙ୍କ ପୁଅ ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଇଡି ଜେରାର ସମ୍ମୁଖୀନ ହୋଇଥିଲେ।

## ସରୋଗେସି ବନ୍ଦ ପାଇଁ ପୋପ୍‌ଙ୍କ ଆହ୍ୱାନ

**ରୋମ୍,୯।୧**


ପୋପ୍ ଫ୍ରାନ୍ସିସ୍

ସରୋଗେସି ମାତୃତ୍ୱକୁ ପୋପ୍ ଫ୍ରାନ୍ସିସ୍ ଏକ କୁତ୍ସିତ ପ୍ରଥା ଭାବେ ଅଭିହିତ କରି ସାର୍ବଜନିନ ଭାବେ ଏହାକୁ ନିଷେଧ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଗର୍ଭଧାରଣର ଏହି ବ୍ୟବସାୟୀକରଣକୁ ସେ ତାଙ୍କ ବାର୍ଷିକ ଉଦ୍‌ବୋଧନରେ ସାମିଲ କରିଛନ୍ତି। ବିଦେଶ ନୀତି ଉପରେ ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ ପୋପ୍ କହିଥିଲେ, ୨୦୨୪ ଏଭଳି ସମୟରେ ଆସିଛି, ଯେତେବେଳେ ଶାନ୍ତି ପ୍ରତି ସର୍ବାଧିକ ବିପଦ ସୃଷ୍ଟି ହୋଇଛି। ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣ, ଇସ୍ରାଏଲ୍-ହମାସ୍ ଯୁଦ୍ଧ, ବେଆଇନ ପ୍ରବାସ, ଜଳବାୟୁ ସଙ୍କଟ ଆଦି ପ୍ରସଙ୍ଗ ଉଲ୍ଲେଖ କରିବା ସହ ଆଣବିକ ଓ ପାରମ୍ପରିକ ଅସ୍ତ୍ରର ଅନୈତିକ ଉତ୍ପାଦନ ବଢୁଥିବା ନେଇ ପୋପ୍ ଉଦ୍‌ବେଗ ପ୍ରକାଶ କରିଥିଲେ। ନବଜାତ ଶିଶୁର ଜୀବନକୁ ସୁରକ୍ଷିତ କରାଯିବା ଆବଶ୍ୟକ, ଏହାକୁ ଚାଲାଣର ଏକ ବସ୍ତୁରେ ପରିଣତ କରାଯିବା ଉଚିତ ନୁହେଁ। ତଥାକଥିତ ସରୋଗେଟ୍ ମାତୃତ୍ୱ ମହିଳା ଓ ଶିଶୁ ମର୍ଯ୍ୟାଦାର ଗୁରୁତର ଉଲ୍ଲଂଘନ ବୋଲି ପୋପ୍ କହିଥିଲେ। ଶିଶୁ ହେଉଛି ଏକ ଉପହାର, ଏହାକୁ ବ୍ୟବସାୟିକ ଠିକା ଭାବେ ନିଆଯାଇପାରିବ ନାହିଁ। ତେଣୁ ବିଶ୍ୱବ୍ୟାପୀ ସରୋଗେସି ପ୍ରଥା ନିଷେଧ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ସେନା ମୁଖ୍ୟାଳୟ ଆକ୍ରମଣ ଘଟଣାରେ ଇମ୍ରାନ୍ ଗିରଫ

**ଇସ୍‌ଲାମାବାଦ,୯।୧(ପି.ଟି.)**

ଗତବର୍ଷ ମେ' ୯ରେ ପାକିସ୍ତାନର ସେନା ମୁଖ୍ୟାଳୟରେ ଆକ୍ରମଣ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ସିଫର ମାମଲାରେ ଇମ୍ରାନ୍‌ଙ୍କୁ ମୁକ୍ତ କରିବା ଲାଗି ୱାରେଣ୍ଟ ଜାରି ପରେ ତାଙ୍କୁ ସଙ୍ଗେ ସଙ୍ଗେ ସେନା ମୁଖ୍ୟାଳୟ ଆକ୍ରମଣ ମାମଲାରେ ଗିରଫ କରାଯାଇଛି। ସିଫର ଏବଂ ଦୁର୍ନୀତି ମାମଲାରେ ଇମ୍ରାନ୍ ଗତବର୍ଷ ମେ' ୯ରୁ ଗିରଫ ହୋଇ ଜେଲରେ ରହିଛନ୍ତି। ରାୱଲପିଣ୍ଡିର ଆତଙ୍କବାଦ ନିରୋଧୀ ଅଦାଲତ ଇମ୍ରାନ୍‌ଙ୍କୁ ହାଜର ହେବା ଲାଗି ସମନ ଜାରି କରିଥିଲେ। ତେବେ



ସୁରକ୍ଷାଗତ କାରଣରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଅଦାଲତରେ ହାଜର ନ କରାଇବାରୁ ସେ ଭିଡିଓ ଲିଙ୍କ୍‌ରେ ଉପସ୍ଥିତ ହୋଇଥିଲେ। ଶୁଣାଣି ସମୟରେ ପୋଲିସ ତାଙ୍କୁ ସେନା ମୁଖ୍ୟାଳୟ ଆକ୍ରମଣ ମାମଲାରେ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା। ଏଟିସି ବିଚାରପତି ପୋଲିସର ଆବେଦନକୁ ଖାରଜ କରିଦେଇଥିଲେ। ଏହା ବଦଳରେ ଅଡିଆଲା ଜେଲରେ ଇମ୍ରାନ୍‌ଙ୍କୁ ଜେରା କରିବା ପାଇଁ ବିଚାରପତି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ସ୍ୱତନ୍ତ୍ର କୋର୍ଟ ସିଫର ମାମଲାରେ ଇମ୍ରାନ୍‌ଙ୍କୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ତେବେ ତୋଷାଖାନା ମାମଲାରେ ଇମ୍ରାନ୍ ଜେଲରେ ରହିଥିଲେ। ସୂଚନାଯୋଗ୍ୟ, ଦୁର୍ନୀତି ମାମଲାରେ ଗତବର୍ଷ ମେ' ୯ରେ ଇମ୍ରାନଙ୍କୁ ଗିରଫ କରାଯିବାରୁ ଉତ୍ତେଜନା ଦେଖାଯାଇଥିଲା। ତାଙ୍କ ସମର୍ଥକ ଓ ଦଳୀୟ କର୍ମୀମାନେ ରାଓଲପିଣ୍ଡି ସେନା ମୁଖ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଥିବା କାର୍ଯ୍ୟାଳୟରେ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ।

## ଆମେରିକୀୟ କମ୍ପାନୀର ଚନ୍ଦ୍ର ଅଭିଯାନ ବିଫଳ

**କେପ୍ କାନାଭେରାସ୍,୯।୧**

ଚନ୍ଦ୍ରପୃଷ୍ଠରେ ଆମେରିକୀୟ ମହାକାଶଚାରୀ ଅବତରଣ କରିବାର ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ସେଠାର ଏକ ଘରୋଇ କମ୍ପାନୀର ଚନ୍ଦ୍ର ଅଭିଯାନ ଉଦ୍ୟମ ବିଫଳ ହୋଇଛି। ଉକ୍ତ କମ୍ପାନୀ ସୋମବାର ମହାକାଶ ଯାନ ପଠାଇବାର କିଛି ଘଣ୍ଟା ପରେ ଏହାର ଇନ୍ଧନ ଲିକ୍ ହୋଇଥିବା ଜଣାପଡ଼ିଥିଲା। ଏହାର ପ୍ରପଲଶନ ସିଷ୍ଟମ ବିଫଳ ହୋଇଥିବା ଆଷ୍ଟ୍ରୋବୋଟିକ୍ ଟେକ୍ନୋଲୋଜିର ସ୍ୱତନ୍ତ୍ର ଟିମ୍ ଜାଣିବାକୁ ପାଇଛି। ଫଳରେ ଫେବୃୟାରୀ ୨୩ରେ ଚନ୍ଦ୍ରରେ ଅବତରଣ କରିବା ପାଇଁ କମ୍ପାନୀ ଯେଉଁ ଲକ୍ଷ୍ୟ ରଖିଥିଲା, ତାହା ପୂରଣ ହୋଇପାରି ନାହିଁ। କେପ୍ କାନ୍‌ଭେରାଲ ସ୍ପେସ୍ ଫୋର୍ସ ଷ୍ଟେଶନରୁ ୟୁନାଇଟେଡ୍ ଲଞ୍ଚ ଆଲିଆନ୍ସର ଭୁଲ୍‌କାନ୍ ରକେଟ୍ ଆଷ୍ଟ୍ରୋବୋଟିକ୍ସର ଲ୍ୟାଣ୍ଡରକୁ ମହାକାଶକୁ ନେଇଥିଲା।

## ଉସ୍ତାଦ ରଶିଦ ଖାନ୍‌ଙ୍କ ପରଲୋକ



**ନୂଆଦିଲ୍ଲୀ,୯।୧ :** ଦୀର୍ଘଦିନ ଧରି କ୍ୟାନ୍‌ସର ସହ ସଂଘର୍ଷ ପରେ ସଙ୍ଗୀତ ଉସ୍ତାଦ ରଶିଦ୍ ଖାନ୍‌ଙ୍କର ମଙ୍ଗଳବାର କୋଲକାତାର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୫୫ ବର୍ଷ ହୋଇଥିଲା। ତାଙ୍କ ମୃତଦେହକୁ ପିଅରଲେସ୍ ହସ୍ପିଟାଲରେ ସନ୍ଧ୍ୟା ପର୍ଯ୍ୟନ୍ତ ରଖାଯିବା ପରେ କୋଲକାତାର ପିସ୍ ହେଭେନ୍‌କୁ ପଠାଯାଇଥିଲା। ସେଠାରେ ପ୍ରଶଂସକମାନେ ତାଙ୍କର ଶେଷ ଦର୍ଶନ କରିଛନ୍ତି। ବୁଧବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ଗତବର୍ଷ ବ୍ରେନ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହେବା ପରେ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇଥିଲା। ରଶିଦଙ୍କ ପରଲୋକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୋକବ୍ୟକ୍ତ କରିବା ସହ ତାଙ୍କ ଶେଷକୃତ୍ୟବେଳେ ତୋପସଲାମୀ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଶେଷ ଦର୍ଶନ ଲାଗି ତାଙ୍କ ମରଶରୀରକୁ କୋଲକାତାର ରବୀନ୍ଦ୍ର ସଦନରେ ରଖାଯିବ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକୁ ଉଲ୍ଲେଖନୀୟ ଅବଦାନ ପାଇଁ ଉସ୍ତାଦ ରଶିଦଙ୍କୁ ୨୦୨୨ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ପଦ୍ମଶ୍ରୀ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସମେତ ସେ ଅନେକ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

## ଟେକ୍ସାସ୍ ହୋଟେଲରେ ବିସ୍ଫୋରଣ: ୧୧ ଆହତ

**ଫୋର୍ଟୱର୍ଥ,୯।୧**

ଟେକ୍ସାସ୍‌ର ଫୋର୍ଟୱର୍ଥରେ ଥିବା ଐତିହାସିକ ଟେକ୍ସାସ୍ ହୋଟେଲରେ ସୋମବାର ବିସ୍ଫୋରଣ ଘଟି ୧୧ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବିସ୍ଫୋରଣରେ ହୋଟେଲର ଝରକାଗୁଡ଼ିକ ବାହାରିଯିବା ସହ ଭଗ୍ନାବଶେଷ ରାସ୍ତାରେ ବିଛାଡ଼ିହୋଇ ପଡ଼ିଛି। ପ୍ରାକୃତିକ ଗ୍ୟାସ୍ ଯୋଗୁ ଏହି ବିସ୍ଫୋରଣ ଘଟିଥିବା ବିଶ୍ୱାସ କରାଯାଉଛି। ବିସ୍ଫୋରଣ ସ୍ଥଳରେ ଗ୍ୟାସ୍ ଗନ୍ଧ ହେଉଥିବା ଫୋର୍ଟୱର୍ଥ ଅଗ୍ନିଶମ ବିଭାଗ ମୁଖପାତ୍ର କହିଛନ୍ତି।

# ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ପୂର୍ବରୁ ଆମେରିକୀୟ ହିନ୍ଦୁଙ୍କ କାର୍ ରାଲି


ଅଯୋଧ୍ୟା ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ପୂର୍ବରୁ ହ୍ୟୁଷ୍ଟନ୍‌ରେ ଆମେରୀକୀୟ ହିନ୍ଦୁମାନେ ରାଲିରେ ସାମିଲ ହୋଇଛନ୍ତି।

**ହ୍ୟୁଷ୍ଟନ,୯।୧(ପି.ଟି.)**

ଅଯୋଧ୍ୟାରେ ଆସନ୍ତା ୨୨ ତାରିଖରେ ଭବ୍ୟ ରାମମନ୍ଦିରର ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଆମେରିକାର ହିନ୍ଦୁମାନେ ରବିବାର ହ୍ୟୁଷ୍ଟନରେ ବିଶାଳ କାର୍ ରାଲି ଆୟୋଜନ କରିଥିଲେ। ଭଜନ ଏବଂ ଜୟ ଶ୍ରୀରାମ ସ୍ଲୋଗାନ ସହ ଉକ୍ତ ରାଲି ବାଟରେ ୧୧ଟି ମନ୍ଦିର ନିକଟରେ ଅଟକିଥିଲା। ଅଯୋଧ୍ୟା ଉତ୍ସବରେ ଯୋଗଦେବା ଲାଗି ଆମେରିକାର ବିଶ୍ୱହିନ୍ଦୁ ପରିଷଦଠାରୁ ମନ୍ଦିର କାର୍ଯ୍ୟକର୍ତ୍ତାମାନେ ଆନୁଷ୍ଠାନିକ ନିମନ୍ତ୍ରଣପତ୍ର ଗ୍ରହଣ କରିଥିଲେ। ୫୦୦ରୁ ଊର୍ଦ୍ଧ୍ୱ ଲୋକ ଗୈରିକ ବ୍ୟାନର ଏବଂ ରାମମନ୍ଦିର ପ୍ରତିକୃତି ଧରି ରାଲିରେ ସାମିଲ ହୋଇଥିଲେ। ୨୧୬ଟି କାର ରାଲିରେ ଯାଇଥିବାବେଳେ ଭାରତୀୟ ଓ ଆମେରିକୀୟ ପତାକା ଲାଗିଥିବା ଦେଖାଯାଇଥିଲା। ହ୍ୟୁଷ୍ଟନ୍‌ର ପରୋପକାରୀ ବ୍ୟକ୍ତି ଯୁଗଳ ମାଲାନି ମୀନାକ୍ଷୀ ମନ୍ଦିର ନିକଟରେ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ରିଚ୍‌ମଣ୍ଡର ଶ୍ରୀ ଶରଦ ଅମ୍ବା ମନ୍ଦିର ପାଖରେ ରାଲି ଉଦ୍‌ଯାପିତ ହୋଇଥିଲା। ୬ ଘଣ୍ଟାରେ ରାଲି ୧୦୦ ମାଇଲ ଅତିକ୍ରମ କରିଥିଲା ଓ ୨,୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବିଭିନ୍ନ ମନ୍ଦିରରେ ଏହାକୁ ସ୍ୱାଗତ କରିଥିଲେ।

## ରାମଲାଲାଙ୍କ ନଗର ଯାତ୍ରା ବାତିଲ

**ଲକ୍ଷ୍ନୌ,୯।୧**

ସୁରକ୍ଷା ପ୍ରତି ବିପଦ ଥିବା ଗୋଇନ୍ଦା ସଂସ୍ଥାଗୁଡ଼ିକର ସୂଚନା ଆଧାରରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ପୂର୍ବରୁ ହେବାକୁ ଥିବା ରୀତିନୀତିରେ କେତେକ ପରିବର୍ତ୍ତନ କରିଛନ୍ତି। ସପ୍ତାହେ ବ୍ୟାପୀ ହେବାକୁ ଥିବା ରୀତିନୀତିର ନୂଆ କାର୍ଯ୍ୟସୂଚୀ ଅନୁଯାୟୀ ରାମଲାଲାଙ୍କ ମୂର୍ତ୍ତିର 'ନଗର ଯାତ୍ରା' କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଆସନ୍ତା ୧୭ ତାରିଖରେ ରାମଲାଲାଙ୍କ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ଅଯୋଧ୍ୟା ସହରରେ ବୁଲାଇବା କାର୍ଯ୍ୟକ୍ରମ ଥିଲା। ଏହାକୁ କେବଳ ରାମ ଜନ୍ମଭୂମି ମଧ୍ୟରେ ସୀମିତ ରଖିବାକୁ ନିଷ୍ପତ୍ତି ହୋଇଛି। ମୂର୍ତ୍ତିର ପ୍ରଥମ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଭୂତପୂର୍ବ ଆଗ୍ରହ ଦେଖାଦେଇଥିବାରୁ ଗହଳି ଏବଂ ସୁରକ୍ଷାଗତ କାରଣକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି।

## ୨୨ରେ ୟୁପିର ଶିକ୍ଷାନୁଷ୍ଠାନ ଛୁଟି

**ଲକ୍ଷ୍ନୌ,୯।୧**

ଆସନ୍ତା ୨୨ ତାରିଖରେ ଅଯୋଧ୍ୟା ରାମମନ୍ଦିରର ପ୍ରାଣପ୍ରତିଷ୍ଠା ଉତ୍ସବ ଅବସରରେ ଉତ୍ତରପ୍ରଦେଶର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୨୨ ତାରିଖକୁ ଶିକ୍ଷାନୁଷ୍ଠାନ ପାଇଁ ଛୁଟି ଘୋଷଣା କରିଛନ୍ତି। ଏଥିସହିତ ସେଦିନ ଉତ୍ତରପ୍ରଦେଶରେ ମଦଦୋକାନଗୁଡ଼ିକ ମଧ୍ୟ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେଦିନ ସମସ୍ତ ସରକାରୀ ଅଟ୍ଟାଳିକାକୁ ସଜ୍ଜିତ କରାଯିବା ସହ ଆତସବାଜିର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ୧୪ ତାରିଖରୁ ରାଜ୍ୟରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ବିଜେଡିରେ ବଢୁଛନ୍ତି ଆଶାୟୀ

## ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ

ଢେଙ୍କାନାଳ,୯।୧(ରତନ ନାୟାର)




ସାଧାରଣ ନିର୍ବାଚନ ଆଗକୁ ଥିବାରୁ ଏବେଠାରୁ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସମର୍ଥକମାନେ ସହରର ଜନଗହଳି ଅଞ୍ଚଳରେ ନିଜ ନେତାଙ୍କ ସପକ୍ଷରେ ଆଲୋଚନା କରୁଥିବା ଦେଖିବାକୁ ମିଳୁଛି। ଫଳରେ ସହରରେ ରାଜନୈତିକ ବାତାବରଣ ଧୀରେ ଧୀରେ ସରଗରମ ହେଲାଣି।

ଟିକେ ପଛକୁ ଫେରି ଦେଖିଲେ, ୨୦୦୦ ମସିହାରେ ବିଜେଡି-ଭାଜପା ମେଣ୍ଟ ସମୟରେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର ବିଜୟୀ ହୋଇଥିଲେ। ୨୦୦୪ରେ କଂଗ୍ରେସରୁ ଜିତି ସୁଧୀର କୁମାର ସାମଲ ବିଧାୟକ ହୋଇଥିଲେ। ୨୦୦୯ରେ ବିଜେଡି ଓ ଏନ୍‌ସିପି ମଧ୍ୟରେ ମେଣ୍ଟ ହୋଇଥିଲା। ସେତେବେଳେ ଏନ୍‌ସିପି ପ୍ରାର୍ଥୀ ନବୀନ ନନ୍ଦ ଜିତିଥିଲେ। ୨୦୧୪ରେ ବିଜେଡି ପ୍ରାର୍ଥୀ ସରୋଜ କୁମାର ସାମଲ ଏହି ଆସନରୁ ବିଧାୟକ ନିର୍ବାଚିତ ହୋଇଥିଲେ। ତେବେ କଂଗ୍ରେସରୁ ଆସି ବିଜେଡିରେ ସାମିଲ ହୋଇଥିବା ସୁଧୀର କୁମାର ସାମଲଙ୍କୁ ୨୦୧୯ରେ ଟିକେଟ ମିଳିବା ପରେ ସେ ବିଧାୟକ ହୋଇଥିଲେ। ସେତେବେଳେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ସଦର ଓ ଗଁଦିଆ ବ୍ଲକ ଅଞ୍ଚଳରେ ବିରୋଧୀ ଭାଜପା ଓ କଂଗ୍ରେସ ଅପେକ୍ଷା ବିଜେଡି ଅଧିକ ଭୋଟ ପାଇଥିଲା। ହେଲେ ଢେଙ୍କାନାଳ ପୌରାଞ୍ଚଳରେ ଭାଜପାଠାରୁ ବିଜେଡି କମ୍ ଭୋଟ ହାସଲ କରିଥିଲା। ଏପରିକି ଗତ ପୌର ନିର୍ବାଚନରେ ଢେଙ୍କାନାଳ ପୌରାଞ୍ଚଳରୁ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ଭାଜପାର ଅପ୍ରତ୍ୟାଶିତ ବିଜୟ ବିଜେଡିକୁ ଚକିତ କରିଥିଲା। ସେହି ଅନୁଯାୟୀ ଦେଖିଲେ ୨୦୨୪ ସାଧାରଣ ନିର୍ବାଚନ ବେଳେ ବିଜେଡି ଢେଙ୍କାନାଳ ପୌରାଞ୍ଚଳର ଭୋଟ ଆପଣାଇବା ପାଇଁ କିଭଳି ରଣନୀତି କରିବ ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

ଆସନ୍ତା ନିର୍ବାଚନ ପାଇଁ ବିଜେଡି ଆଶାୟୀଙ୍କ ମଧ୍ୟରେ ବର୍ତ୍ତମାନର ବିଧାୟକ ସୁଧୀର କୁମାର ସାମଲ ଓ ପୂର୍ବତନ ବିଧାୟକ ସରୋଜ କୁମାର ସାମଲଙ୍କ ନାମକୁ ନେଇ ସମର୍ଥକମାନେ ଅଧିକ ଚର୍ଚ୍ଚା କରୁଥିବାରୁ ରାଜନୈତିକ ଉଷ୍ମତା ବଢୁଛି। ଅଭିଜ୍ଞତାକୁ ଦେଖିଲେ ଏହି ୨ ଆଶାୟୀ ପୂର୍ବରୁ ୨ ଥର ବିଧାୟକ ଭାବେ ନିର୍ବାଚିତ ହୋଇସାରିଛନ୍ତି। ସୁଧୀର କୁମାର ସାମଲ ଥରେ କଂଗ୍ରେସରୁ ଜିତିଥିବା ବେଳେ ବର୍ତ୍ତମାନ ସେ ବିଜେଡିରୁ ବିଧାୟକ ଅଛନ୍ତି। ସେହିପରି ସରୋଜ ସାମଲ ପୂର୍ବରୁ ଗଁଦିଆ ଓ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ହୋଇସାରିଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ଆଶାୟୀଙ୍କ ମଧ୍ୟରେ ରହିଛନ୍ତି, ଜିଲା ଯାଦବ ମହାସଭାର ପ୍ରମୁଖ ତଥା ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୂତିଆ, ରାଜ୍ୟ ବିଜେଡି ସମ୍ପାଦକ ତଥା ଢେଙ୍କାନାଳ ରାଜ ପରିବାରର ସଦସ୍ୟ ହର୍ଷବର୍ଦ୍ଧନ ସିଂହଦେଓ ପ୍ରମୁଖ। ସେହିପରି ମହିଳା ଆଶାୟୀଙ୍କ କଥା ଦେଖିଲେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଓ ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ରଙ୍କ ନାମ ଚର୍ଚ୍ଚାକୁ ଆସୁଛି।

ବିଜେଡିରେ ଆଶାୟୀଙ୍କ ସଂଖ୍ୟା ବଢୁଥିବାରୁ ଆଶାୟୀମାନଙ୍କୁ ନେଇ ସମର୍ଥକମାନଙ୍କ ମଧ୍ୟରେ ଆକ୍ଷେପ ପ୍ରତିଆକ୍ଷେପ ରାଜନୀତି ମଧ୍ୟ ଆରମ୍ଭ ହୋଇଯାଇଛି। ସୋସିଆଲ ମିଡିଆରେ ଆଶାୟୀମାନଙ୍କ ସମର୍ଥକମାନେ ନିଜ ନିଜ ନେତାଙ୍କ ପାଇଁ ଏକପ୍ରକାର ପ୍ରଚାର ଆରମ୍ଭ କରିଦେଇଥିବାରୁ ଦଳୀୟ ସଙ୍ଗଠନରେ ଗୋଷ୍ଠୀ କନ୍ଦଳ ବଢୁଥିବା ମଧ୍ୟ ଆଲୋଚନା ହେଉଛି।

ବିଧାୟକ ସୁଧୀର କୁମାର ସାମଲଙ୍କ ସମର୍ଥକ ତଥା ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର କହିଛନ୍ତି, ଆଗାମୀ ସାଧାରଣ ନିର୍ବାଚନରେ ଢେଙ୍କାନାଳ ବିଧାନସଭା ଆସନରୁ ସୁଧୀର କୁମାର ସାମଲ ହିଁ ଦଳୀୟ ଟିକେଟ ପାଇବେ ଓ ବିଜୟୀ ମଧ୍ୟ ହେବେ। ତାଙ୍କର କେହି ବିକଳ୍ପ ନାହାନ୍ତି। ସଦର ଓ ଗଁଦିଆ ବ୍ଲକରେ ପାନୀୟଜଳ ସମସ୍ୟା ସମାଧାନ ଓ ମହିମାଗାଦି ଯୋରନ୍ଧାର ରୂପାନ୍ତରୀକରଣ ପାଇଁ ତାଙ୍କର ଉଦ୍ୟମ ରହିଥିବାରୁ ସେ ନିଶ୍ଚିତ ବିଜୟୀ ହେବେ। ଅନ୍ୟତମ ସମର୍ଥକ ଢେଙ୍କାନାଳ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର କହିଛନ୍ତି, ଆମର ଏକମାତ୍ର ନେତା ସୁଧୀର କୁମାର ସାମଲ। ସେ ବିଜୟୀ ହେବା ସୁନିଶ୍ଚିତ।

ସରୋଜ କୁମାର ସାମଲଙ୍କ ସମର୍ଥକ ସଦର ବ୍ଲକ ଶଙ୍କରପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଅର୍ଜୁନ ସାହୁ କହିଛନ୍ତି, ଗାଁ ଗହଳିରେ ଲୋକେ ସରୋଜ ସାମଲଙ୍କୁ ଚାହୁଁଛନ୍ତି। ଆମେ ଯାହାଙ୍କ ସହିତ ବସିପାରୁଛୁ, କଥାହୋଇ ପାରୁଛୁ, ସେଭଳି ନେତା ହେଉଛନ୍ତି ସରୋଜ କୁମାର ସାମଲ। ତେଣୁ ସେ ଏଥର ବିଜେଡି ଟିକେଟ ପାଇ ବିଜୟୀ ହେବେ। ଅନ୍ୟତମ ସମର୍ଥକ ଅବସରପ୍ରାପ୍ତ ସୈନିକ ସଂଘ ଉପସଭାପତି ବିଭୂତି ଭୂଷଣ ନନ୍ଦ କହିଛନ୍ତି, ସରୋଜ ଦୁଇଥର ବିଧାୟକ ହୋଇଛନ୍ତି। ସେ ଜଣେ ଶିକ୍ଷିତ ଓ ଭଲ ମଣିଷ। ସେ ଟିକେଟ୍ ପାଇଲେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ବିଭୂତି କହିଛନ୍ତି। ଅନ୍ୟପଟରେ ବର୍ତ୍ତମାନ କୌଣସି ଦଳରେ ନ ଥିବା ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି। ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଶେଷ ମୁହୂର୍ତ୍ତରେ କିଛି ବି ଘଟିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

# ରାଜ୍ୟ ସରକାର କେତେ ଲୋକଙ୍କୁ ଚାଉଳ ଦେଉଛନ୍ତି ଉତ୍ତର ଦିଅନ୍ତୁ: ଭାଜପା



ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନକୁ ଆସିବା ପରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କରିବା ସହ ଲୋକଙ୍କ ବିକାଶ ପାଇଁ କାର୍ଯ୍ୟ କରିଛନ୍ତି। କିନ୍ତୁ ବିଜେଡି ତାହା ଓଡ଼ିଶାରେ ସଫଳ କରିବାରେ ବାଧା ସୃଷ୍ଟି କରୁଛି। କେନ୍ଦ୍ର ଯୋଜନାକୁ ହଡ଼ପକରି ନିଜ ନାଁରେ ପୋଷ୍ଟର ଲଗାଇ ଲୋକଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି। ମୋଦି ସରକାର ୩ କୋଟି ୨୬ ଲକ୍ଷ ଲୋକଙ୍କୁ ଚାଉଳ ଦେଉଥିବା ବେଳେ ରାଜ୍ୟ ସରକାର କେତେ ଲୋକଙ୍କୁ ଦେଉଛନ୍ତି ତାହାର ଉତ୍ତର ଦିଅନ୍ତୁ। ମୋଦି ସରକାର ଲୋକଙ୍କୁ ଚାଉଳ ଦେଲା ପରେ ବି ପୋଷ୍ଟର ମାରିବା କଥା ଚିନ୍ତା କରିନାହାନ୍ତି। ହେଲେ ଓଡ଼ିଶା ସରକାର ୨୪ ବର୍ଷ ଶାସନ କଲା ପରେ ୫ ଲକ୍ଷ ଲୋକଙ୍କୁ ଗରିବ କରିଦେଇଛନ୍ତି। ଅର୍ଥାତ୍ ବିଜେଡି ସରକାରରେ ଓଡ଼ିଶାରେ ଗରିବି ବଢ଼ିଛି ବୋଲି ଭାଜପା ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି , ଏବେ ସେହି ଗରିବ ୫ ଲକ୍ଷ ଲୋକଙ୍କୁ ଚାଉଳ ଦେବେ ବୋଲି ବିଜେଡି କର୍ମୀମାନେ ବ୍ୟାନର ଓ ପୋଷ୍ଟର ମାରୁଛନ୍ତି। ମୋଦି ମାଗଣା ଚାଉଳ ଦେଉଛନ୍ତି। ବିଜେଡି ଯଦି ଷଡ଼ଯନ୍ତ୍ର କରି ପୋଷ୍ଟର ଲଗାଏ ତା'ହେଲେ ଭାଜପାର କାର୍ଯ୍ୟକର୍ତ୍ତା ଏହାକୁ ବରଦାସ୍ତ କରିବେ ନାହିଁ। ଭାଜପା ବର୍ଷକ ବାରମାସ ଲୋକଙ୍କ ହିତ ପାଇଁ କାର୍ଯ୍ୟ କରେ ଏବଂ ଏହା ଏକ ସଙ୍ଗଠନ ଆଧାରିତ ଦଳ। ଓଡ଼ିଶାରେ କଂଗ୍ରେସ ଦଳ କିଛି କାର୍ଯ୍ୟ କରେନାହିଁ ଏବେ ସେମାନେ କୁଆଡ଼େ 'ତୁଳସୀ ଯାତ୍ରା' କରୁଛନ୍ତି। ଠିକ୍ ସେମିତି କେବଳ ପ୍ରଚାର ପ୍ରସାରରେ ବିଶ୍ୱାସ ରଖୁଥିବା ବିଜେଡି କୌଣସି କାର୍ଯ୍ୟ କରେ ନାହିଁ ବରଂ ମୋଦି ସରକାର ଓଡ଼ିଶାକୁ ଯାହା ଦିଅନ୍ତି ତାହା କିପରି ଘୋଟାଲା ହେବ ସେନେଇ ଲାଗିଥାନ୍ତି। କଂଗ୍ରେସ ଓ ବିଜେଡି 'ନେତା ଆଧାରିତ ଦଳ' କିନ୍ତୁ ଭାଜପା 'ସଙ୍ଗଠନ ଆଧାରିତ ଦଳ' ବୋଲି ଗୋଲକ କହିଛନ୍ତି।

# ପଦାରେ ପଡ଼ିଲା ବାଲେଶ୍ୱର ବିଜେଡି କଳି




ବିଧାୟକ ଓ ତାଙ୍କ ସମର୍ଥକଙ୍କ ବିରୋଧରେ ମହିଳାମାନେ ମଙ୍ଗଳବାର ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସ୍ ଆଡ଼କୁ ଯାଉଛନ୍ତି।

ବାଲେଶ୍ୱର, ୯।୧(ମାନସ ବିଶ୍ୱାଳ)

## ରବୀନ୍ଦ୍ର-ସ୍ୱରୂପଙ୍କ ମଧ୍ୟରେ ବଢୁଛି କନ୍ଦଳ

## ମହିଳା କାଉନସିଲରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ବିକ୍ଷୋଭ

ବିଧାନସଭା ନିର୍ବାଚନ ପୂର୍ବରୁ ବାଲେଶ୍ୱର ବିଜେଡିରେ କନ୍ଦଳ ପରିଲକ୍ଷିତ ହୋଇଛି। ପୂର୍ବରୁ ଜଳେଶ୍ୱର, ବସ୍ତା, ନୀଳଗିରି, ରେମୁଣା, ସୋର ନିର୍ବାଚନମଣ୍ଡଳୀରେ ବିଜେଡିର ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଦେଖାଦେଇଥିବା ବେଳେ ଏବେ ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରେ ଅନୁରୂପ ସ୍ଥିତି ଉପୁଜିଛି। ଫଳରେ ଦୀର୍ଘଦିନ ଧରି ଏଠାରେ କୁହୁଳୁଥିବା ଅସନ୍ତୋଷ ପଦାରେ ପଡ଼ିଛି।

ବାଲେଶ୍ୱର ମିଶନ ପଡ଼ିଆରେ ଗତ ୬ ତାରିଖରେ ହୋଇଥିବା 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଜଣେ ମହିଳା କାଉନ୍‌ସିଲର ଏବଂ ତାଙ୍କ ସହକର୍ମୀଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ସହଦେବଖୁଣ୍ଟା ଥାନାରେ ଗତ ସୋମବାର ଲିଖିତ ଅଭିଯୋଗ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଦେଢ଼ହଜାରରୁ ଅଧିକ ମହିଳା ଗାନ୍ଧୀ ସ୍ମୃତିଭବନଠାରେ ଏକାଠି ହୋଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରାରେ 'ସଦର ବିଧାୟକଙ୍କର ମହିଳାମାନଙ୍କ ପ୍ରତି ଦୁର୍ବ୍ୟବହାର ଚଳିବ ନାହିଁ', 'ସଦର ବିଧାୟକ ହାଏ ହାଏ', 'ନାରୀଙ୍କ ପ୍ରତି ଏ କି ପ୍ରକାର ସମ୍ମାନ ସଦର ବିଧାୟକଙ୍କର' ପ୍ଲାକାର୍ଡ଼ ଧରି ସେମାନେ ସ୍ଲୋଗାନ ଦେଇଥିଲେ। ଆଲୋଚନା ହେଉଛି ବାଲେଶ୍ୱର ବିଧାୟକ ସ୍ୱରୂପ ଦାସଙ୍କ ବିରୋଧରେ ମହିଳାମାନଙ୍କୁ ତେତେଇବାରେ ବାଲେଶ୍ୱରର ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡି ନେତା ରବୀନ୍ଦ୍ର ଜେନାଙ୍କ ହାତ ରହିଛି। ତେଣୁ ମହିଳାମାନଙ୍କର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କୁ ଭେଟି ନାରୀମାନଙ୍କ ସୁରକ୍ଷା ନିଶ୍ଚିତ କରିବା ଓ ସମ୍ମାନ ଫେରାଇ ଆଣିବାକୁ ଉପଯୁକ୍ତ ଯାଞ୍ଚ କରାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ବିଜେଡି ଅନ୍ତଃକନ୍ଦଳ ରବୀନ୍ଦ୍ର ଓ ସ୍ୱରୂପଙ୍କ ମଧ୍ୟରେ କୁହୁଳିବାରେ ଲାଗିଛି ବୋଲି ଚର୍ଚ୍ଚା ହେଉଛି।

ପ୍ରକାଶଥାଉ କି, ମିଶନ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳୀୟ ନେତା ଓ ନିର୍ବାଚିତ ପ୍ରତିନିଧିମାନେ ବସିବା ପାଇଁ ସଭାରେ ସିଟ୍ ନ ପାଇବାରୁ ବିଜେଡି ଦୁଇଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି, ଠେଲାପେଲା ଓ ଗଣ୍ଡଗୋଳ ହୋଇଥିଲା। ଏଥିରେ କେତେକ ମହିଳା ନେତ୍ରୀ ଓ କର୍ମୀ ମଧ୍ୟ ଦୁର୍ବ୍ୟବହାରର ସମ୍ମୁଖୀନ ହୋଇଥିଲେ ବୋଲି କୁହାଯାଉଛି। ପୌରାଞ୍ଚଳ ଅଧୀନ ୩୧ନଂ. ୱାର୍ଡ କାଉନ୍‌ସିଲର ରଞ୍ଜିତା ମହାପାତ୍ରଙ୍କୁ ବିଧାୟକ ସ୍ୱରୂପ କୁମାର ଦାସଙ୍କ ସମର୍ଥିତ କର୍ମୀମାନେ ବସିବାକୁ ନ ଦେଇ ଦୁର୍ବ୍ୟବହାର କରିଥିବା ସେ ପ୍ରକାଶ କରିଥିଲେ। ଏଥିସହିତ ଗତ ସୋମବାର ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପରେ ମଙ୍ଗଳବାର ବିଧାୟକ ଓ ସମର୍ଥିତ କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମହିଳାମାନେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ମାମଲା ରୁଜୁ ହୋଇ ନ ଥିବା ସହଦେବଖୁଣ୍ଟା ଥାନା ଆଇଆଇସି ପ୍ରଜ୍ଞା ମହାନ୍ତି କହିଛନ୍ତି।

ଅନ୍ୟପକ୍ଷରେ ବିଧାୟକ ସ୍ୱରୂପ ଦାସ କହିଛନ୍ତି, ସେ ଜଣେ ବିଜେଡିର ଶୃଙ୍ଖଳିତ କର୍ମୀ। ତାଙ୍କ ଦ୍ୱାରା କୌଣସି ଅପ୍ରୀତିକର କାର୍ଯ୍ୟ ହୋଇନାହିଁ କିମ୍ବା ଥାନାରେ ଅଭିଯୋଗ ହୋଇଥିବା ସମ୍ପର୍କରେ ସେ ଅବଗତ ନାହାନ୍ତି। ଏହି ଘଟଣାକୁ ନେଇ ଦଳ ଯେଉଁ ନିର୍ଦ୍ଦେଶ ଦେବ, ତାହାରି ଅନୁସାରେ କାର୍ଯ୍ୟ କରାଯିବ ବୋଲି ଦାସ କହିଛନ୍ତି। ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି, ଘଟଣା ସମ୍ପର୍କରେ ନେତା ଓ କର୍ମୀମାନଙ୍କୁ ଅଭିଯୋଗ ଲିଖିତ ଆକାରରେ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦଳର ଆଭ୍ୟନ୍ତରୀଣ ସମସ୍ୟା ଯଦିବା ଦେଖାଯାଇଛି, ଶୃଙ୍ଖଳା ରକ୍ଷା କରାଯାଇ ଆଲୋଚନା ହୋଇଛି। ଯେଉଁମାନେ ଶୃଙ୍ଖଳା ଭାଙ୍ଗିବେ ତାଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ମହିଳା ପ୍ରତିନିଧି ଦଳ।

# ଶାସକ ଦଳରେ ଭାଜପା ନେତା

ଭୁବନେଶ୍ୱର,୯।୧(ଅନିଲ ଦାସ)



ଶଙ୍ଖଭବନଠାରେ ବିଜେଡିରେ ସାମିଲ ହେଉଛନ୍ତି ଭାଜପା ନେତା ଓ କର୍ମୀମାନେ ।

ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଳିପଡ଼ା, ନପୁଟ ଓ ନରସିଂହପୁର ଗ୍ରାମପଞ୍ଚାୟତର ଶତାଧିକ ଭାଜପା କର୍ମୀ ମଙ୍ଗଳବାର ଶଙ୍ଖଭବନଠାରେ ପୂର୍ବତନ ଏମ୍‌ପି ତଥା ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର ଜେନା ଏବଂ ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ଭାଜପା କର୍ମୀଙ୍କୁ ଜେନା ଓ ବଳବନ୍ତରାୟ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି । ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଜଟଣୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ଉଭୟ ନେତା କହିଛନ୍ତି। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଭାଜପା ନେତାମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଛୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ଧନ୍ୟବାଦ ଦେଉଛୁ। ଏହି ମିଶ୍ରଣ ପର୍ବରେ ମଳିପଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ ସୁନୀଲ ମୁଦୁଲି, ନାଏବ ସରପଞ୍ଚ ମମତା ବଡ଼ଜେନା, ୱାର୍ଡମେମ୍ବର ଶ୍ୟାମସୁନ୍ଦର ଦେହୁରୀ, ସୁରେନ୍ଦ୍ର ରାଉତରାୟ, ମନୋରଞ୍ଜନ ପ୍ରଧାନ, ନୃସିଂହ ଚରଣ ଜେନା, ଖୋକନ ମଙ୍ଗରାଜ, ନପୁଟ ଗ୍ରାମପଞ୍ଚାୟତର ସରପଞ୍ଚ ସୁଚିତ୍ରା ପାତ୍ର, କଜ୍ଜୁପାଣି ପାତ୍ର, ଖୋର୍ଦ୍ଧା ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ରାଜେଶ ପାତ୍ର, ଭାଜପା କର୍ମୀ ପ୍ୟାରୀମୋହନ ପରିଡ଼ା, ସୁଶୀଲ ପରିଡ଼ା, କୃପାସିନ୍ଧୁ ସାମନ୍ତରାୟ, ପ୍ରଦୀପ ପାଇକରାୟ, ନୀଳକଣ୍ଠ ଜେନା, ଟୁଟିଲି ଭାରିମଲ, ନବ ମଙ୍ଗରାଜ, ରାକେଶ ପାତ୍ର, ଅଜୟ ଜେନା, ପର୍ଶୁରାମ ପାଇକରାୟ, ନରସିଂହପୁର ଗ୍ରାମପଞ୍ଚାୟତର ସରପଞ୍ଚ ବର୍ଷାରାଣୀ ନାୟକ, ୱାର୍ଡ ସଭ୍ୟ ମିଲନ କୁମାର ବଡ଼ଜେନା, ସୁବାସ ଚନ୍ଦ୍ର ମହାପାତ୍ର, ମନୋଜ କୁମାର ରଥ, ମଦନ ମୋହନ ବେହେରା, ନାଲୁ ସେନାପତି, ପ୍ରିୟରଞ୍ଜନ ନାୟକଙ୍କ ସମେତ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ଜଟଣୀ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ କୈଳାସ ଚନ୍ଦ୍ର ପାତ୍ର, ଖୋର୍ଦ୍ଧା ଜିଲା ସହପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର ଓ ଭୁବନେଶ୍ୱର ବ୍ଲକ ବିଜେଡି ସଭାପତି ମହେନ୍ଦ୍ର କୁମାର ଜଗଦ୍ଦେବ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକାଭିମୁଖୀ କାର୍ଯ୍ୟକୁ ପ୍ରଚାର କର

କାଳିପଦା/ଲଙ୍ଗଳେଶ୍ୱର
(କମଳାକାନ୍ତ ଦାସ), ୯।୧

ବେଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଳାଡ଼ିହା ପଞ୍ଚାୟତରେ ସୋମବାର ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବରିଷ୍ଠ କର୍ମୀ ପୂର୍ଣ୍ଣ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ କର୍ମୀମାନଙ୍କ ସହ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ କର୍ମୀମାନଙ୍କୁ ଶପଥ କରାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଏବଂ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ପଞ୍ଚାୟତର ଅନେକ କର୍ମୀ ଅନ୍ୟ ଦଳରୁ ଆସି ବିଜେଡିରେ ସାମିଲ ହୋଇଥିଲେ। ବସ୍ତା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ବିଜେଡି ଜିଲା ଉପସଭାପତି ଦେବ କୁମାର ଦେ, କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ବ୍ଲକ ମହିଳା ସଭାପତି କସ୍ତୁରୀବାଳା ପାତ୍ର, ଉଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ପୂର୍ବତନ ବ୍ଲକ ସଭାପତି ଚକ୍ରଧର ଗିରି, ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର, ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳଲୋଚନ କର, ଯୁବନେତା ସନ୍ତୋଷ ମାହାଳିକ, ଜୟାନନ୍ଦ କୁହ୍ଲାରୀ, ଜଗବନ୍ଧୁ ଜେନା, ରାମକୃଷ୍ଣ ପାତ୍ର, ପ୍ରଭାକର ଜେନା ପ୍ରମୁଖ ବହୁ ନେତା, କର୍ମୀ ଓ ଶତାଧିକ ମହିଳା ଯୋଗଦେଇଥିଲେ।




ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ।

## ସଂକ୍ଷେପରେ

### ଲକ୍ଷ୍ମୀପୁର ଗ୍ରାମରେ ଅକ୍ଷତ କଳସକୁ ଭବ୍ୟ ସ୍ୱାଗତ



ଖଡ଼ିଆଳ,୯।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଲକ୍ଷ୍ମୀପୁର ଗ୍ରାମ କମିଟି ପକ୍ଷରୁ ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସକୁ ମଙ୍ଗଳବାର ସ୍ୱାଗତ କରି ଶୋଭାଯାତ୍ରାରେ ନିଆଯାଇଥିଲା। ଆସିଥିବା କର୍ମକର୍ତ୍ତା ପ୍ରଭୁ ଅଯୋଧ୍ୟା ରାମ ମନ୍ଦିରରେ ହେବାକୁ ଥିବା ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଆସନ୍ତା ଜାନୁଆରୀ ୨୨ ତାରିଖରେ ହେବାକୁ ଥିବା ପ୍ରାଣ ପ୍ରତିଷ୍ଠା ଦିବସରେ ପ୍ରତ୍ୟେକ ମନ୍ଦିରରେ ପୂଜାର୍ଚ୍ଚନା ସହ ରାମ ନାମ କୀର୍ତ୍ତନ, ହନୁମାନ ଚାଳିଶା ପାଠ କରିବା, ପ୍ରତି ଘରେ ଦୀପ ପ୍ରଜ୍ୱଳନ କରିବାକୁ ଆହ୍ୱାନ ଦେଇଥିଲେ। ଅକ୍ଷତ କଳସ ରଥ ଯାତ୍ରାରେ ଲକ୍ଷ୍ମୀପୁରର ଭଜନଲାଲ ରାଉତ, ରଜନୀରାନୀ ରାଉତ, ସୁଶାନ୍ତ ରାଉତରାୟ,କୁମୁଦିନୀ ବାରିକ, କ୍ଷୀର କୁମାରୀ ବାରିକ, ଗୀତାଞ୍ଜଳି ବାରିକ, ହେମଲତା ବାରିକ, ଦିବ୍ୟରାଣୀ ବାରିକ, ଭାରତୀ ବାରିକ, ପୁଷ୍ପାଞ୍ଜଳି ବାରିକଙ୍କ ସମେତ ଲକ୍ଷ୍ମୀପୁର ଗ୍ରାମବାସୀ ଉପସ୍ଥିତ ଥିଲେ।

### ବ୍ରାହ୍ମଣ, ସନାତନ ଧର୍ମ ଉପରେ ସୋସିଆଲ ମିଡିଆରେ କଟୁ ମନ୍ତବ୍ୟ

**ଥାନାରେ ଏତଲା ଦେଲା ପର୍ଶୁରାମ ସେନା**

ବେହେରା,୯।୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ଥାନାରେ ଧର୍ମଗଡ଼ ବ୍ରାହ୍ମଣ ସମାଜର ପର୍ଶୁରାମ ସେନା ପକ୍ଷରୁ ବ୍ରାହ୍ମଣ ଓ ସନାତନ ଧର୍ମ ଉପରେ ସୋସିଆଲ ମିଡିଆରେ କଟୁ ମନ୍ତବ୍ୟ ଦେଇଥିବା ଜଣେ ସାମ୍ବାଦିକଙ୍କ ନାମରେ ସୋମବାର ଏତଲା ଦେଇଥିବା ଜଣାପଡିଛି। ଥୁଆମୂଳ ରାମପୁର ବ୍ଲକର ଏକ ନିର୍ଦ୍ଦିଷ୍ଟ ଖବରକାଗଜ ପ୍ରତିନିଧି ରବିବାର ରାତିରେ କୋକସରା ଖବର ବୋଲି ଏକ ହାଟ୍ସଆପ ଗ୍ରୁପରେ ବ୍ରାହ୍ମଣ ଓ ସନାତନ ହିନ୍ଦୁ ଧର୍ମ ହେଉଛି ବ୍ରାହ୍ମଣମାନଙ୍କ ଧର୍ମ ଓ ସେମାନେ ଧର୍ମ ନା ରାଜୁତି କରନ୍ତି। ସନାତନ ଏକ ଧର୍ମ ନୁହେଁ ଏହା ବ୍ରାହ୍ମଣମାନେ ତିଆରି କରିବା ସହ ଭଗବାନ ନା ଏସଟି, ଏସସି, ଓବିସିକୁ ବିଭ୍ରାନ୍ତ କରିବା ସହ ଭଗବାନକୁ ବିଶ୍ୱାସ କରିବା ଠିକ ନୁହଁ ବୋଲି ଉଲ୍ଲେଖ କରିଛନ୍ତି। ଜଣେ ଖବରକାଗଜ ପ୍ରତିନିଧି ହୋଇ ଏଭଳି ମନ୍ତବ୍ୟ ଦେଇଥିବାରୁ ସ୍ଥାନୀୟ ବ୍ରାହ୍ମଣ ସମାଜ ଓ ସନାତନ ଧର୍ମର ଲୋକ ଘୋର ନିନ୍ଦା କରିଛନ୍ତି। ରାଷ୍ଟ୍ରପତିଙ୍କ ଫଟୋ ଦେଇ ସନାତନ ଧର୍ମକୁ ବିରୋଧ କରିବା କେତେଦୂର ଯୁକ୍ତିଯୁକ୍ତ। ଧର୍ମଗଡ଼ ପର୍ଶୁରାମ ସେନା ପକ୍ଷରୁ ସଂଯୋଜକ ବିଶ୍ୱରଞ୍ଜନ ପାତ୍ର, ସଞ୍ଜୀବ ମିଶ୍ର, ଟିଟୁ ମୁଣ୍ଡ, ଶାଶ୍ୱତ ପଣ୍ଡା, ଶାନ୍ତନୁ ମୁଣ୍ଡ, ଗିରିଜା ଖମାରି, ଚନ୍ଦନ ପଣ୍ଡା, ସ୍ୱସ୍ତିକ ପାତ୍ର, ବଜରଙ୍ଗ ଦଳର ମାନସ ଆଚାର୍ଯ୍ୟ ଏହାକୁ ବିରୋଧ କରି ସମ୍ପୃକ୍ତ ଖବରକାଗଜ ପ୍ରତିନିଧିଙ୍କ ନାରେ ଏତଲା ଦିଆଯାଇଛି।

# ବ୍ଲକ, ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା

ଥୁଆମୂଳ ରାମପୁର/ଲାଞ୍ଜିଗଡ଼,୯।୧ (ଦୁର୍ଗା କୀର୍ତ୍ତି/ରମେଶ ଚନ୍ଦ୍ର ନାୟକ)



ଲାଞ୍ଜିଗଡ଼ ହାଇସ୍କୁଲ ଖେଳ ପଡ଼ିଆଠାରେ ଆୟୋଜିତ ଉତ୍ସବରେ ମଞ୍ଚାସୀନ ଅତିଥି ।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକସ୍ଥିତ ଖଣ୍ଡୁଆଳ ପଡିଆରେ ମଙ୍ଗଳବାର କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ ଉଦ୍‌ଘାଟିତ ହୋଇଯାଇଛି। ୨ଦିନ ଧରି ହେଉଥିବା ଉତ୍ସବକୁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବଚରଣ ମୁଦୁଲିଙ୍କ ଅଧ୍ୟକ୍ଷତା ଉତ୍ସବରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ମା' ମାଣିକେଶ୍ୱରୀ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ମଞ୍ଚସ୍ଥଳରେ ପହଞ୍ଚିଥିଲା। ପୂଜାର୍ଚ୍ଚନା ଶେଷରେ ମଞ୍ଚ ଉଦଘାଟନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ବିଧାୟକ ପ୍ରତିନିଧି ମାଣିକ୍ୟଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ପ୍ରତିନିଧି ବିଷ୍ଣୁ ନାଏକ, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ବ୍ଲକର ସମସ୍ତ ସରପଞ୍ଚ, ସମସ୍ତ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ରହିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ମୁଣ୍ଡଛିନା ଓ ଅଧ୍ୟାପକ ବବ୍ରୁବାହାନ ବୁଦ୍ଧିଆ ପରିଚାଳନା କରିଥିଲେ। ଘୁମୁରା ଓ ଲୋକନୃତ୍ୟରେ ମଞ୍ଚ ଦୁଲୁକି ଉଠିଥିଲା। ଥୁଆମୂଳ ଗ୍ରାମପଞ୍ଚାୟତଠାରେ ସୋମବାର ପଞ୍ଚାୟତସ୍ତରୀୟ କଳାହାଣ୍ଡି ଘୁମୁରା ଅନୁଷ୍ଠିତ ହୋଇଯାଇଛ। ଥୁଆମୂଳ ପଞ୍ଚାୟତ ତଥା ସରପଞ୍ଚ ସଂଘ ସଭାପତି ବଳଭଦ୍ର ଜାନୀଙ୍କ ଅଧ୍ୟକ୍ଷତାରେ ମର୍ଦିଗୁଡା ପ୍ରାଥମିକ ବିଦ୍ୟାଳୟ ମତିଲାଲ ବାଗ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଦୟାନିଧି ମାଝି ଯୋଗଦାନ କରିଥିବା ବେଳେ ସମ୍ମାନିତ ଅଥିତି ମର୍ଦିଗୁଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ବର୍ଗର୍ତ୍ତି, ଶିଶୁବିଦ୍ୟାମନ୍ଦିରତରୁ ଭୋଜ ଗୁରୁଜୀ, ସ୍ଥାନୀୟ ସମିତି ସଭ୍ୟା ରାଣି ନାଏକ, ନାଏବ ସରପଞ୍ଚ ଶୁକଲ ଦେଇ ଜାନୀ, ଲଳିତ କୁମାର ମାଝି, ମୀନକେତନ ମାଝି, ଯୋଗାଣ ସହାୟକ ରାଜକିଶୋର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୋମଦତ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ। ସେହିପରି ଲାଞ୍ଜିଗଡ ଗ୍ରାମପଞ୍ଚାୟତର ଲାଞ୍ଜିଗଡ ହାଇସ୍କୁଲ ଖେଳ ପଡିଆରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ମଙ୍ଗଳବାର ପାଳିତ ହେଇଯାଇଛି। ଲାଞ୍ଜିଗଡ଼ ହାଇସ୍କୁଲ ଖେଳ ପଡ଼ିଆଠାରେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି କଳାହାଣ୍ଡି ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଶିବାଜୀ ମାଝି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓ, ପୂର୍ବତନ ଏବିଇଓ ଗୋପବନ୍ଧୁ ପୁଷ୍ଟି, ଲାଞ୍ଜିଗଡ ନାଏବ ସରପଞ୍ଚ ହରିକୃଷ୍ଣ ତାଣ୍ଡି, ଲାଞ୍ଜିଗଡ ଏସଏସଡି ସ୍କୁଲ ଶିକ୍ଷକ ମଧୁସୂଦନ ବାଗ, ଶ୍ରୀମୁଖ ଅଗସ୍ତି, ଲାଞ୍ଜିଗଡ ପଞ୍ଚାୟତ ପିଇଓ ଭୀଷ୍ମ ମେହେର, ରମେଶ ଚନ୍ଦ୍ର ନାୟକ, ସୁଶୀଲ କୁମାର ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଘୁମରା, ହୁଳହୁଳି, ମିଉଜିକାଲ ଚେୟାର, ମହିଳାମାନଙ୍କ ମୁରୁଜ ଝୋଟି, ବିଭିନ୍ନ ଛାତ୍ରୀଛାତ୍ରଙ୍କ ନୃତ୍ୟ, ଗୀତ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଶେଷରେ ଅତିଥିମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ କଳାକାରଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଥିଲେ।

# ସ୍ଥାୟୀ ଡାକ୍ତର ନିଯୁକ୍ତି ନେଇ ଦାବିପତ୍ର

**ବେଲଖଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର**

ଦୁଣ୍ଡଲା,୯।୧(ଫିରୋଜ କୁମାର ଦାଶ)



ଦାବିପତ୍ର ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନ ଥିବାରୁ ରୋଗୀମାନେ ହଇରାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ସୋମବାର 'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ସଙ୍ଗଠନ ସଙ୍ଗଠକ ତଥା ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ଜିଲାପାଳ ଏବଂ ସିଡିଏମଓଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ। ପରେ ଅତିରିକ୍ତ ଜିଲାପାଳ ଧୀରଜ କୁମାର ପଟ୍ଟନାୟକଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେଇଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଯଦି ସ୍ଥାୟୀ ଡାକ୍ତର, ଲେବୋରେଟୋରୀ, ଟେକନିସିଆନ ନିଯୁକ୍ତି ଦିଆ ନ ଗଲେ ସ୍ଥାନୀୟ ଜନସାଧାରଣ ସହ ମିଶି ଆନ୍ଦୋଳନ କରିବା ସହ ଦାବି ପୂରଣ ନ ହେବା ଯାଏଁ ଧାରଣା ଦେବା ପାଇଁ ବାଧ୍ୟ ହେବୁ ବୋଲି ଚେତାବନୀ ଦିଆଯାଇଛି। ସୂଚନା ଅନୁଯାୟୀ କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଜଣ ଡାକ୍ତର ଥିଲେ। କିନ୍ତୁ ୨ଜଣ ଡାକ୍ତର ଉଚ୍ଚସ୍ତରୀୟ ପାଠପଢା ପାଇଁ ଯିବାରୁ ଗତ ୨ ମାସ ହେଲା ଡାକ୍ତର ନ ଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। କେବଳ ଜଣେ ଫାର୍ମାସିଷ୍ଟ ଓ ଦୁଇଜଣ ଏଏନଏମଙ୍କ ଦ୍ୱାରା ଚାଲିଛି ରୋଗୀସେବା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବେଲଖଣ୍ଡି, ଦୁଣ୍ଡଲା, ଦୁର୍ଲାଖମନ, ସିର୍ଜାପାଲି, ହାତୀଖୋଜ ପ୍ରମୁଖ ପଞ୍ଚାୟତର ହାରାହାରି ୨୦ ହଜାର ଲୋକ ନିର୍ଭର କରନ୍ତି। ଡାକ୍ତର ନ ଥିବାରୁ ରୋଗୀମାନେ ଫେରିଯାଉଥିବା ଦେଖିବାକୁ ମିଳୁଛି। ନିଜ ଅଞ୍ଚଳରେ ଡାକ୍ତରଖାନା ମଧ୍ୟ ଲୋକେ ଦୁରଦୁରାନ୍ତରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଦାବିପତ୍ର ଦେବା ସମୟରେ କଂଗ୍ରେସ ନେତ୍ରୀ ମହେନ୍ଦ୍ରୀ ସାହୁ, ଗୁରୁଚନ୍ଦ୍ର ସାହୁ, ଏଡଭୋକେଟ କ୍ଷିରୋଦ କୁମାର ନାଗ, ବିରେନ୍ଦ୍ର ଚୌଧୁରୀ, କୁଞ୍ଜ ସାହୁ, ଗୁରୁରାମ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିଭିନ୍ନ ସ୍ଥାନରେ ଅର୍ପଣ ରଥକୁ ସ୍ୱାଗତ

କର୍ଲାମୁଣ୍ଡା,୯।୧(ପ୍ରଦୀପ କୁମାର ସାହୁ)

ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନିମନ୍ତେ ଅର୍ପଣ ରଥ ଘର ଘର ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଛି। ଏହି ଅବସରରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅର୍ପଣ ରଥକୁ ସ୍ୱାଗତ କରାଯାଇଛି। ବ୍ଲକର ରିଷିଡାଠାରେ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ସ୍ଥାନୀୟ ସରପଞ୍ଚ ସେବତୀ ରଣା, ପିଇଓ ଦେବରାଜ ରଣ, ମନ୍ଦିର ପୂଜକ ମଧୁସୂଦନ ଦାସ ରଥ ପରିକ୍ରମା ଶୁଭାରମ୍ଭ କରିଥିଲେ। ସେହିପରି ଜୋରାଡବରା ଓ କର୍ଲାମୁଣ୍ଡା, ବୋରପଦର, ଗଜବାହାଲ, ପୌରକେଲା, ରେଗଡା ପଞ୍ଚାୟତରେ ମଧ୍ୟ ଅର୍ପଣ ରଥକୁ ଧୁମଧାମରେ ସ୍ୱାଗତ କରାଯାଇଛି। ବିଶେଷ ଭାବେ ବିଭିନ୍ନ ଗାଁରେ ମହିଳାମାନେ ନିଜର ଘର ଅଗଣାରେ ଝୋଟି ପକେଇ କଳସ ସ୍ଥାପନ କରି ରଥକୁ ପୂଜାର୍ଚ୍ଚନା କରିବା ସହ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଥିଲେ।

## ଓଏଭି ପ୍ରବେଶିକା ପରୀକ୍ଷାରୁ ବଞ୍ଚିତ ନେଇ ଉତ୍ତେଜନା

ଭବାନୀପାଟଣା,୯।୧(ଉତ୍ତମ କୁମାର ଦାଶ)

**ଚିଟୈଗୁଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ**

- ଅଫିସରେ ତାଲା ପକାଇଲେ ଅଭିଭାବକ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ପରୀକ୍ଷା ସମ୍ପର୍କରେ ସ୍କୁଲ ଶିକ୍ଷକ ଆଗୁଆ କୌଣସି ସୂଚନା ଦେଇ ନ ଥିବାରୁ ସ୍ଥାନୀୟ ୨ଜଣ ଛାତ୍ରୀଛାତ୍ର ମଙ୍ଗଳବାର ଓଏଭି ପ୍ରବେଶିକା ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ଆଣିଛନ୍ତି ସେମାନଙ୍କ ଅଭିଭାବକ। ଏହାକୁ ନେଇ ସ୍କୁଲରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିବାବେଳେ ଉତ୍ୟକ୍ତ ଅଭିଭାବକମାନେ ସ୍କୁଲ ଅଫିସରେ ତାଲା ପକାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍କୁଲ ପ୍ରଧାନ ଶିକ୍ଷକ ଶକ୍ତିପ୍ରସାଦ ମେହେରଙ୍କୁ ପଚାରିବାରୁ ସେମାନଙ୍କ ଅଭିଭାବକ ଓଏଭି ପ୍ରବେଶିକା ପରୀକ୍ଷା ଦେବା ପାଇଁ ଅନଲାଇନ କରିଥିଲେ। ସ୍କୁଲ ପକ୍ଷରୁ କୌଣସି ସେମାନଙ୍କ ଅନଲାଇନ କରାଯାଇ ନ ଥିଲା। ଏପରିକି ମଙ୍ଗଳବାର ଓଏଭି ପ୍ରବେଶିକା ପରୀକ୍ଷା ହେଉଥିବା ଖବର ମଧ୍ୟ ଛାତ୍ରୀଛାତ୍ରଙ୍କୁ ଜଣାଯାଇଥିଲା, ହେଲେ ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକଙ୍କୁ ଏ ବିଷୟରେ କହି ନ ଥିବେ ବୋଲି କହିଥିଲେ।



ଅଭିଭାବକମାନେ ଅଫିସରେ ତାଲା ପକାଉଛନ୍ତି।

## କଂସ ବଧ ସହ ସେଁପୁର ଧନୁଯାତ୍ରା ଉଦ୍‌ଯାପିତ

ଭବାନୀପାଟଣା,୯।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ସେଁପୁରଠାରେ ୮ଦିନ ଧରି ଚାଲିଥିବା ସେଁପୁର ଧନୁଯାତ୍ରା ମହୋତ୍ସବ କଂସବଧ ସହ ଉଦଯାପିତ ହୋଇଛି। କଂସ ଭୂମିକାରେ ବରଗଡସ୍ଥିତ ଚିରିଷ୍ଟାର ଝସକେତନ ପ୍ରଧାନଙ୍କ ଅଭିନୟ ଚିତ୍ତାକର୍ଷକ ରହିଥିଲା । ଶେଷ ରଜନୀରେ ମୁଖ୍ୟଅତିଥି ଭାବେ ଯୋଗୀ ନରେଶ କ୍ଷେତ୍ରୀ ହିଆଲଙ୍କ ସମେତ କମିଟି ସଭାପତି ମାନଗୋବିନ୍ଦ ମାଝି, ଉପସଭାପତି ସୁଶାନ୍ତ ମାଝି, ସମ୍ପାଦକ ଭାଗ୍ୟବାନ ସାହୁ, କୋଷାଧ୍ୟକ୍ଷ କିଶୋର ସାହୁ, ଯୁଗ୍ମ ସମ୍ପାଦକ ଅଭିଷେକ ବାଗ ତଥା କମିଟିର ମୁଖ୍ୟ ଉପଦେଷ୍ଟା ରାଜେଶ ପ୍ରସାଦ ସାହୁ, ସୁଧାଂଶୁ ସାହୁ, ଯୋଗୀରାମ ବାଗ, ବୈଷ୍ଣମ ମାଝି, ବାଳକ୍ରିଷ୍ଣା ପାରି, ପଙ୍କଜ ବାଗ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବାଞ୍ଛାନିଧି ମିଶ୍ର, ଲୋକନାଥ ବଛା, ତାପସ କୁମାର ପ୍ରଧାନ, ପ୍ରସନ୍ନ ବାଗ, ଜୀବର୍ଦ୍ଧନ ଗହୀର, ମହିନ୍ଦ୍ର ବଛା, ଛନ୍ଦାଚରଣ ବାଗ, ଜନାର୍ଦ୍ଦନ ବାଗ, ଭବାନୀ ଶଙ୍କର ସାହୁ, ଯଶୋବନ୍ତ ବାଗ, ଶିବା ମାଝି, ଶିବା ବାଗ, ଅନିଲ ମାଝି, ରମେଶ ବାଗ, କ୍ରିଷ୍ଣା ବାଗ, ଶୁକ୍ରୁ ବାଗ, ବରୁଣ ପାରି, ଜିତେନ୍ଦ୍ର ବାଗ, ଦେବରାଜ ବାଗ, ହରି ବାଗ, ବିଜୟ ସାହୁ, ଦିବଚନ ବାଗ, ମଣ୍ଟୁ ବଗର୍ତ୍ତୀ, ଭେଙ୍କେଟ ସାହୁ, ରାଜୁ ସାହୁ, ଶିଶୁପାଳ ବାଗ, ଜ୍ୟୋତି ପ୍ରସାଦ ବାଗ, ଲିଙ୍ଗରାଜ ମାଝି, ମନଧର ଗହୀର ଆଦି ପ୍ରମୁଖ ଧନୁଯାତ୍ରା ମହୋତ୍ସବରେ ସହଯୋଗ କରିଥିଲେ ।



ଉଦଯାପନୀ ସମାରୋହରେ ଉପସ୍ଥିତ ଅତିଥି।

### ଭାଜପା କୃଷକ ମୋର୍ଚ୍ଚାର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା,୯।୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ସିଙ୍ଗଝରଣସ୍ଥିତ ଇଣ୍ଡିଆନ ଫୁଡ୍ପାର୍କଠାରେ ସୋମବାର ଜିଲା କୃଷକ ମୋର୍ଚ୍ଚାର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ୪୦ଟି ମଣ୍ଡଳ ସଭାପତି ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଜିଲା ସଭାପତି କେଶରୀ ଦୁର୍ଗାଙ୍କ ସଭାପତିତ୍ୱରେ ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ବରିଷ୍ଠ ନେତା ଭବେନ୍ଦ୍ର ପଣ୍ଡା, ମୋର୍ଚ୍ଚା ରାଜ୍ୟ ସମ୍ପାଦକ ମନୋଜ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଚାଷୀ ସମ୍ପର୍କ ଯାତ୍ରା ଓ କୃଷକ ପଞ୍ଚାୟତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷର ଶାସନ କାଳରେ କୃଷକ କଲ୍ୟାଣକରୀ ଯୋଜନା ଉପରେ 'ଗାଁକୁ ଚାଲ' ଅଭିଯାନ କରାଯାଇ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି କୃଷକ ମୋର୍ଚ୍ଚା ସଙ୍ଗଠନ ତୃଣମୂଳସ୍ତରରେ ସଶକ୍ତ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ଜିଲା ସାଧାରଣ ସମ୍ପାଦକ ସୁଧିର କୁମାର ମୁଣ୍ଡ, ଆନନ୍ଦ ପାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଓ ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ମାଝି, ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜପ୍ରସାଦ ସାହୁ, ଜିଲା ସାଧାରଣ ସମ୍ପାଦକ ଯୁଗଳ କିଶୋର ପୋଢ, ମୁକୁନ୍ଦ ଭୋଇ, ଯଶୋବନ୍ତ ପଣ୍ଡା, ସୁଶାନ୍ତ ବାଗ, ଦିବାକର ବାଗ, ମହେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଏମ୍‌ଡି କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ନୂଆପଡ଼ା,୯।୧(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମିଛାପାଲି ମା' ପାଟଖଲିଏନ ଖେଳ ପଡିଆରେ ୭ତମ ଜେଏମଡି କପ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଖାଲକୁସୁମ ଓ ସନବାହାଲି ମଧ୍ୟରେ ଅନୁଷ୍ଠିତ ଉଦଘାଟନୀ ମ୍ୟାଚରେ ସନବାହାଲି ବିଜୟୀ ହୋଇଥିଲା। ଖାଲକୁସୁମ ୮ ଓଭରରେ ୮ ଉଇକେଟ ହରାଇ ୭୧ ରନ ସଂଗ୍ରହ କରିଥିଲା। ସନବାହାଲି ୫.୫ ଓଭରରେ ୫ ଉଇକେଟ ହରାଇ ୭୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଦଘାଟନୀରେ ଜଗଦୀଶ ପ୍ରସାଦ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଗୋକୁଲ ସିଂ ଧରୁଆ, ଭୁଜବଳ ଆଡବଙ୍ଗ, ତନୁ ସିଂ ମାଝି, କ୍ଷିରସିନ୍ଧୁ ଧରୁଆ, ବିଶ୍ୱନାଥ ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଉଦ୍‌ଘାଟନୀ ମ୍ୟାଚରେ ଜଡ଼ାମୁଣ୍ଡା ବିଜୟୀ

ନୂଆପଡ଼ା,୯।୧(ମକାରୁ ବେମାଲ)

**ରୟାଲ କପ୍ କ୍ରିକେଟ ଚାମ୍ପିୟନଶିପ୍**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମାନିଗୁଡା ପଞ୍ଚାୟତ ଗନିଆରୀ ଖେଳ ପଡିଆରେ ରୟଲ କ୍ଲବ ଆନୁକୂଲ୍ୟରେ ୧୭ତମ ରୟଲ କପ କ୍ରିକେଟ ଚାମ୍ପିୟନଶିପ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ବାଗମୁଣ୍ଡା ଓ ଜଡାମୁଣ୍ଡା ମଧ୍ୟରେ ଅନୁଷ୍ଠିତ ଉଦଘାଟନୀ ମ୍ୟାଚରେ ଜଡାମୁଣ୍ଡା ବିଜୟୀ ହୋଇଥିଲା। ଜଡାମୁଣ୍ଡା ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୫୧ ରନ ସଂଗ୍ରହ କରିଥିଲା। ୫୨ ରନର ଲକ୍ଷ୍ୟ ନେଇ ବାଗମୁଣ୍ଡା ପଡିଆକୁ ଓହ୍ଲାଇଥିଲା। ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୩ ରନ ସଂଗ୍ରହ କରି ଜଡାମୁଣ୍ଡାଠାରୁ ପରାସ୍ତ ହୋଇଥିଲା। ଜଡାମୁଣ୍ଡା ଦଳ କ୍ୱାଟରଫାଇନାଲକୁ ପ୍ରବେଶ କରିଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସୁଧୀର ମିଶ୍ର, ଲୋକନାଥ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୋହନ ହଂସ ଓ ଥବିର ହଂସ ଖେଳ ପରିଚାଳନା କରିଥିବା ବେଳେ ରମେଶ ନାଗ ସ୍କୋର ଦାୟିତ୍ୱ ତୁଲାଇଛନ୍ତି। ଟିକେଶ୍ୱର ହଂସ ଧାରାବିବରଣୀ ଶୁଣାଉଛନ୍ତି। ରୟଲ କ୍ଲବ ସଦସ୍ୟ ସହଦେବ ଥପା, କୈସପ ଶଗରିଆ, ପ୍ରବେଶ ନାଗ, କୈଳାଶ ଧରୁଆ, ପ୍ରିତେଶ କଠାର, ହିତେଶ କଠାର, ଛୋଟୁ ନାଗ, ଚିକୁବାଗ, ତ୍ରିଲୋକିହଂସ, ଯଶୋବନ୍ତ ହଂସ ପ୍ରମୁଖ ସହଯୋଗ କରୁଛନ୍ତି।



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

# ନୂଆପଡ଼ା ଜିଲାର ବିଭିନ୍ନ ପଞ୍ଚାୟତରେ ଅର୍ପଣ ରଥକୁ ସ୍ୱାଗତ

ନୂଆପଡ଼ା,୯।୧(ମକାରୁ ବେମାଲ)



ଅର୍ପଣ ରଥକୁ ସ୍ୱାଗତ କରାଯାଉଛି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ନୂଆପଡ଼ା ଜିଲାର ବିଭିନ୍ନ ପଞ୍ଚାୟତରେ ପରିକ୍ରମା କରିଛି ଅର୍ପଣ ରଥ। ନୂଆପଡା ସଦର ବ୍ଲକ ଭରୁଆମୁଣ୍ଡା ଓ ଆମାନାରା ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ମଙ୍ଗଳବାର ସ୍ୱାଗତ କରାଯାଇଛି। ଭରୁଆମୁଣ୍ଡା ପଞ୍ଚାୟତ ଭରୁଆମୁଣ୍ଡା, କଟିଙ୍ଗପାଣି, ଲୋଡ୍ରା ଓ ଛୋଟ ଲୋଡ୍ରା ଗାଁ ଅର୍ପଣ ରଥ ପରିକ୍ରମା କରିଥିଲା। ଆମାନାରା ପଞ୍ଚାୟତର ଆମାନାରା, ପାତାଲଘୁଙ୍ଗୁରି, ମୋହରାଡିହି, ପାୱାରତୋଳା, ଜରିଡିହି, ଖଳନା, କୋଟେନ, ତାଲିପଖନା, ଦଲଦଲି, ମୁସରଙ୍ଗୀ ଆଦି ଗାଁରେ ସଂର୍କିତ୍ତନ, ଘୁମୁରା, ବିଭିନ୍ନ ପ୍ରକାର ବାଜାସହ ଗ୍ରାମବାସୀ ସ୍ୱାଗତ କରିଥିଲେ। ଜୟ ଜଗନ୍ନାଥ, ହରିବୋଲ, ହୁଳହୁଳି ଓ ଶଙ୍ଖ ଧ୍ୱନିରେ ଗାଁରେ ପ୍ରକମ୍ପିତ ହୋଇ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଧନିରାମ ସାହୁ ଓ ଚନ୍ଦ୍ରକାନ୍ତ ଠାକୁରଙ୍କ ତତ୍ତ୍ୱାବଧାନରେ ଭରୁଆମୁଣ୍ଡା ସରପଞ୍ଚ ଭଜମନି ଧରୁଆଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁଃଖିଶ୍ୟାମ ପ୍ରଧାନ, ସମିତି ସଭ୍ୟା ସୋଭଦ୍ରା ମାଝି, ଜିଲା ପରିଷଦ ସଦସ୍ୟ ଭରତଲାଲ ରାଉତ, କାନ୍ତିଲାଲ ଶବର, ନିରଞ୍ଜନ ମାଝି, ସପୁର ବାଇ ମାଝି ପ୍ରମୁଖ ଓ ଆମାନାରା ସରପଞ୍ଚ ଗଙ୍ଗେଶ୍ୱରୀ ସିହ୍ନାଙ୍କ ଅଧ୍ୟକ୍ଷତାରେ ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସମିତି ସଭ୍ୟ ନୂତନ ନାଏକ, ଚୁରନ ମାଝି, ଶେର ସିଂ ଠାକୁର, ପିଇଓ ରେବାରାମ ସାହୁ, ଧନଞ୍ଜୟ କାଲୁ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

**ସିନାପାଲି,୯।୧(ମନଫୁଲ ମେହେର):** ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ଓ ନଙ୍ଗଲବୋଡ଼ ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥକୁଭବ୍ୟ ସୱାଗତ କରାଯାଇଛି। ଭରୁଆମୁଣ୍ଡା ପଞ୍ଚାୟତର ବରପଦର, ଭରୁଆମୁଣ୍ଡା, ଚଟରାଭଟା, ତାଳପଦାର, ଜରେଲପଦର ଆଦି ଗାଁରେ ଅର୍ପଣ ରଥକୁ ସଂକୀର୍ତ୍ତନ, ବାଜା, ଶଙ୍ଖଘଣ୍ଟ, ହରିବୋଲ, ହୁଳହୁଳିର ତାଳେ ତାଳେ ଗ୍ରାମବାସୀ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଶଙ୍ଖ ଘଣ୍ଟ, ହରିବୋଲ, ହୁଳହୁଳି ସହ ଜୟ ଜଗନ୍ନାଥ ଧ୍ୱନୀରେ ଗାଁ ପ୍ରକମ୍ପିତ ହୋଇଉଠିଥିଲା। ଭରୁଆମୁଣ୍ଡା ସରପଞ୍ଚ ବିରଞ୍ଚି ଜଗତଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୀଷ୍ମରାଜ ମେହେର, ଯୋଗାଣ ସହାୟକ ସୋଦନ ପଟେଲ, ଗଜିନ୍ଦ୍ର ହଂସ, ମଦନ ପଟେଲ, ନିରଞ୍ଜନ ବାଗ, ସନାତନ ବାଗ ପ୍ରମୁଖଙ୍କ ସମେତ ପଞ୍ଚାୟତର ୱାର୍ଡସଭ୍ୟ ସଭ୍ୟା ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ସମସ୍ତ ଗ୍ରାମର ପ୍ରତ୍ୟେକ ୱାର୍ଡକୁ ପରିକ୍ରମା କରି ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା। ସେହିପରି ନଙ୍ଗଲବୋଡ଼ ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ଜଗଦୀଶ ମାଝି, କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୋଜରାଜ ପ୍ରଧାନୀଙ୍କ ସମେତ ୱାର୍ଡ ସଭ୍ୟ ସଭ୍ୟା ତଥା ବହୁ ସଂଖ୍ୟାରେ ପୁରୁଷ ମହିଳା ସାମିଲ ହୋଇ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରିଥିଲେ। ନଙ୍ଗଲବୋଡ଼ ଅନ୍ତର୍ଗତ କରାଡ଼ଙ୍ଗରି, ଭଟାପାଣି, ଟଂକାମାଲ, ଭୁଲିଆଭଟା ଓ ନଙ୍ଗଲବୋଡ଼ ଠାରେ ବିଭିନ୍ନ ୱାର୍ଡ ପରିକ୍ରମା କରି ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା।

## ସଂକ୍ଷେପରେ

### ବିନିକାରେ ଅର୍ପଣ ରଥ

ବିନିକା,୯।୧(ରାମ ଗୋପାଳ ବାଘ )- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତା ୧୭ ତାରିଖରେ ଲୋକାର୍ପଣ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଅର୍ପଣ ରଥ ଏନ୍ଏସିର ୧, ୨, ୩ ନଂ ୱାର୍ଡ ଏବଂ ବ୍ଲକ ଅଞ୍ଚଳର କପିଳେଶ୍ୱର ପଞ୍ଚାୟତର ବିଭିନ୍ନ ଗ୍ରାମରେ ପରିକ୍ରମା କରିଥିଲା । ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ଆନୁଷ୍ଠାନିକ ଭାବେ ରଥର ଶୁଭାରମ୍ଭ କରିଥିଲେ । ସଫେଇ ନିରୀକ୍ଷକ ସନ୍ତୋଷ ବନଛୁର, ମୋହନ ମହାନନ୍ଦ, ସିଏମଏମ ଉମାକାନ୍ତ ସିଂ, ପିଏ ସରୋଜ ମେହେରଙ୍କ ସମେତ ପରିଷଦର ସମସ୍ତ କର୍ମଚାରୀ , କାଉନସିଲର, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ । ପରେ ସଂକୀର୍ତ୍ତନର ତାଳେ ତାଳେ ଅର୍ପଣ ରଥ ୧ନଂ ୱାର୍ଡରେ ସଉଲପୁର, ରାଜପାଲି, ଦାନିପାଲି, ଢଭଲା, ୨ନଂ ଓ ୩ନଂ ୱାର୍ଡରେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା । ଗାଁ ଗହଳିର ଲୋକେ ଅରୁଆ ଚାଉଳ, ଗୁଆ, ଧୂପକାଠି ପ୍ରଦାନ କରିଥିଲେ । ସେହିପରି ବ୍ଲକ ଅଞ୍ଚଳର ଚରଦା ପଞ୍ଚାୟତର ଚରଦା, ଫୁଲମୁଠି ଓ ସାହାହବାହାଲରେ ଅର୍ପଣ ରଥ ପରିକ୍ରମା କରିଥିଲା । ରଥ ଗାଁ ଦାଣ୍ଡରେ ଯିବା ବେଳେ ଘରର ମୁରବୀ, ମହିଳାମାନେ ପରିବାର ସହ ଏକାଠି ହୋଇ କଳସ ବସାଇ ଜଗନ୍ନାଥଙ୍କ ଜୟଗାନ କରି ସ୍ୱାଗତ କରିବା ଦେଖିବାକୁ ମିଳିଥିଲା ।

### ଆଜିଠୁ ତିଲେଶ୍ୱରରେ ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

ବୌଦ୍ଧ,୯।୧(ଅଜିତ କୁମାର ବାରିକ)
ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ଫ୍ରେଣ୍ଡସ ଆସୋସିଏଶନ ପକ୍ଷରୁ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ । ତିଲେଶ୍ୱର ଅଞ୍ଚଳର ଜଣାଶୁଣା ଫୁଟବଲ ପ୍ରେମୀ ତଥା ପୂର୍ବତନ ହରଭଙ୍ଗା ବ୍ଲକ ଅଧକ୍ଷ ସନତ କୁମାର ବିଶିଙ୍କ ଦ୍ୱାରା ୧୯୭୮ ମସିହାରେ ପ୍ରତିଷ୍ଠା ହୋଇଥିବା ଫ୍ରେଣ୍ଡସ ଆସୋସିଏଶନ ଆନୁକୂଲ୍ୟରେ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ଦୀର୍ଘ ୪୬ ବର୍ଷ ଧରି ରାଜ୍ୟସ୍ତରୀୟ ଫୁଟବଲ ଖେଳ ଆୟୋଜନ ହୋଇ ଆସୁଥିଲା । ତେବେ ଚଳିତବର୍ଷ ପ୍ରଥମ କରି ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ (ତିଲେଶ୍ୱର କପ) ହେବ । ଏହି ଟୁର୍ନାମେଣ୍ଟରେ ସ୍ପୋର୍ଟସ୍ ହଷ୍ଟେଲ ଭବାନୀପାଟଣା (କଳାହାଣ୍ଡି), ସନସାଇନ କ୍ଲବ (କଟକ), ବି.ଏସ.ଏଫ କ୍ଲବ(ସୋନପୁର), ବି.ଏଫ.ସି କୁଚିଣ୍ଡା (ସମ୍ବଲପୁର), ବରଗଡ (ୟୁନାଇଟେଡ), ଜଗା ୟୁନାଇଟେଡ (ଭୁବନେଶ୍ୱର), ସି.ଜି.ୟୁ ଫରେନର -୧୧(କଲିକତା), ଜେ.ଡି କ୍ଲବ (ଫୁଲବାଣୀ) ଭଳି ୮ ଗୋଟି ଦଳ ଭାଗ ନେବାର ରହିଛି । ଏହି ଖେଳ ତିଲେଶ୍ୱରସ୍ଥିତ ଫକୀର ଚରଣ ଖେଳପଡିଆରେ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

### ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ,୯।୧( ଅଜିତ କୁମାର ବାରିକ )

ବୌଦ୍ଧରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍ଭାବନା ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଜିଲା ଷ୍ଟାଡିୟମଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ କରିବା ପାଇଁ ଜିଲାପାଳ ସ୍ୱାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ଦିବସ ଉପଲକ୍ଷେ ରାମଧୁନ, ପ୍ରଭାତ ଫେରି, ସହରର ବିଭିନ୍ନ ଛକରେ ସ୍ଥାପିତ ମହାପୁରଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ମୁଖ୍ୟଅତିଥିଙ୍କ ଦ୍ୱାରା ପରେଡ ପଡିଆଠାରେ ସକାଳ ୮ଟା ୩୦ ମିନିଟରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ପୋଲିସ ବାହିନୀ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ, ସାଂସ୍କୃତିକ କାର୍ଯ୍ୟକ୍ରମ, ଓ ପ୍ରଜ୍ଞାପନ ମେଢ ପଡିଆରେ ପ୍ରଦର୍ଶିତ ହେବ । ଏହି ଅବସରରେ ଏନଏସି ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚର ଆୟୋଜନ କରାଯିବା ସହ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ବୈଠକରେ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ବୈଠକର କାର୍ଯ୍ୟସୂଚୀ ପାଠ କରିଥିଲେ ।

# ଡାପ୍, ବିହୁ ନୃତ୍ୟରେ ଝୁମିଲେ ଦର୍ଶକ

## ସୁବର୍ଣ୍ଣ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା


ବଲାଙ୍ଗୀର ଦୁଲ୍‌ଦୁଲି କଳା ପରିଷଦର କଳାକାରମାନେ ଡାପ୍ ନୃତ୍ୟ ପରିବେଷଣ କରୁଛନ୍ତି ।

ସୋନପୁର,୯।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣ ଲୋକ ମହୋତ୍ସବର ମଙ୍ଗଳବାର ଚତୁର୍ଥ ସନ୍ଧ୍ୟାରେ ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ଡାପ, ଚୁଟ୍‌କୁଚୁଟା, ଯୋଡିଶଙ୍ଖ, ବିହୁ ଓ ପରଭା ନୃତ୍ୟର ତାଳେ ତାଳେ ଦର୍ଶକ ଝୁମିଥିଲେ । ବଲାଙ୍ଗୀର ଦୁଲ୍‌ଦୁଲି କଳା ପରିଷଦର ଡାପ୍ ନୃତ୍ୟରୁ ସାଂସ୍କୃତିକ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପରେ ସମ୍ବଲପୁର ବଜନିଆ ଅନୁଷ୍ଠାନର କଳାକାରଙ୍କ ଚୁଟ୍‌କୁଚୁଟା, ଉଲୁଣ୍ଡା କଳାକାରଙ୍କ ପରଭା ନୃତ୍ୟ, ଗଞ୍ଜାମର କଳାକାରଙ୍କ ଯୋଡି ଶଙ୍ଖ, ପଶ୍ଚିମବଙ୍ଗ ପୁରୁଲିଆର କଳାକାରଙ୍କ ଛଉ ଓ ଆସାମର କଳାକାର ବିହୁ ନୃତ୍ୟ ପରିବେଷଣ କରିଥିଲେ । ସମ୍ବଲପୁରୀ ବାଦ୍ୟ, ଢୋଲ, ନିଶାନ ଓ ତାସାରେ ମଞ୍ଚ ଦୁଲୁକି ଉଠିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଅବିନାଶ ହୋତା, ଚୌଧୁରୀ ବିଭାର, ଅମୃତାଂଶୁ ପଣ୍ଡା, ଦେବାଶିଷ ପଟ୍ଟନାୟକ, ତନିଶା ଅଗ୍ରୱାଲ ଓ ରୁବି ବେହେରା ମଞ୍ଚ ପରିଚାଳନା କରିଥିଲେ । ସହରର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ଲୋକ ମହୋତ୍ସବ, ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ଏବଂ ସୁବର୍ଣ୍ଣ କୃଷି ଓ ଯନ୍ତ୍ରପାତି ମେଳାର ସାଂସ୍କୃତିକ ସଭାରେ ଏସ୍‌ପି ଅମରେଶ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ ସୁବର୍ଣ୍ଣପୁର ଜିଲାର କଳା ଓ ସଂସ୍କୃତି ବହୁ ପ୍ରାଚୀନ ଓ ସମୃଦ୍ଧ ବୋଲି କହିଥିଲେ । ରାଜ୍ୟ ଓ ରାଜ୍ୟ ବାହାର କଳାକାରମାନେ ଏହି ଉତ୍ସବ ଜରିଆରେ ନିଜ ଭାବର ଆଦାନ ପ୍ରଦାନ କରିବାକୁ ସୁଯୋଗ ପାଆନ୍ତି ବୋଲି ଡ. ଦଳାଇ କହିଥିଲେ । ବୌଦ୍ଧ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଜଗତର ନାଥ ଜଗନ୍ନାଥ ଏଠାରେ ୧୪୪ ବର୍ଷ ଧରି ପାତାଳି ହୋଇଥିବାରୁ ଏହି ମାଟି ଓ ଜିଲାର ଅଧିବାସୀ ମହାନ ବୋଲି କହିଥିଲେ । ସୁବର୍ଣ୍ଣପୁର ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ବିମଳେନ୍ଦୁ ରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ସଭା ସଂଯୋଜନା କରିଥିଲେ ।


ଉଲୁଣ୍ଡା ବ୍ଲକର କଳାକାରମାନେ ପରଭା ନୃତ୍ୟ ପରିବେଷଣ କରୁଛନ୍ତି ।

# ସୁବର୍ଣ୍ଣପୁର ସହରରେ ଗଡ଼ିଲା ଅର୍ପଣ ରଥ


ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ରଥର ଶୁଭାରମ୍ଭ କରାଯାଉଛି ।

ସୋନପୁର,୯।୧(ମୃତ୍ୟୁଞ୍ଜୟ ଶତପଥୀ)

ଆଧ୍ୟାତ୍ମିକ ପରିବେଶରେ ମଙ୍ଗଳବାର ସୁବର୍ଣ୍ଣପୁର ସହରରେ ଅର୍ପଣ ରଥ ଗଡିଛି । କଳସ ସ୍ଥାପନ ଓ ପୂଜାର୍ଚ୍ଚନା ପରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରୁ ୨ଟି ରଥର ଶୁଭାରମ୍ଭ ହୋଇଛି । ଏହା ୫ ଦିନ ଧରି ସହରର ୧୫ଟି ୱାର୍ଡ ପରିକ୍ରମା କରିବ ବୋଲି ଜଣାପଡିଛି । ନାମ ସଂକୀର୍ତ୍ତନ, ହରିବୋଲ ହୁଳହୁଳି ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନି ଶୁଣି ଲୋକେ ଗୁଆ ଓ ଅରୁଆ ଚାଉଳ ଆଣି ରଥ ପାଖରେ ଦେଇ ପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ । ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ଉପାଧ୍ୟକ୍ଷା ମଲ୍ଲିକା ଦାନୀ, ପିଡି ଡୁଡା ବିଶ୍ୱରଞ୍ଜନ ବାରିକ୍, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ ଓ ପ୍ରକାଶ ସାହୁଙ୍କ ସମେତ କାଉନସିଲର, ପୌର କର୍ମଚାରୀ ଓ ମହିଳାମାନେ ଉପସ୍ଥିତ ଥିଲେ । ମହିଳାମାନେ ରାସ୍ତାରେ ଝୋଟି ପକାଇ, ହୁଳହୁଳି ଦେଇ, ଧୂପଦୀପ ଜାଳି, ବନ୍ଦାପନା କରି ରଥକୁ ସ୍ୱାଗତ କରିବା ଦେଖିବାକୁ ମିଳିଥିଲା ।

# ସୁବର୍ଣ୍ଣମେରୁ ମନ୍ଦିର ଦାନବାକ୍ସ ଚୋରି

## ପୂଜକଙ୍କ ଅଭିଯୋଗ ପରେ ପୋଲିସର ତନାଘନା

ସୋନପୁର,୯।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବତା ସୁବର୍ଣ୍ଣମେରୁଙ୍କ ମନ୍ଦିରର ଦାନ ବାକ୍ସ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି । ମନ୍ଦିର ପୂଜକ ଅଜିତ ପୂଜାହାରୀ ରୋଷେଇ ଘର ନିକଟରେ ରାତିରେ ଶୋଇଥିଲେ । ତେବେ ଦୁର୍ବୃତ୍ତମାନେ ମନ୍ଦିର ପୂର୍ବ ଦ୍ୱାର ଫାଟକ ତାଲା ଭାଙ୍ଗି ଦାନ ବାକ୍ସକୁ ଚୋରି କରି ନେବାରେ ସଫଳ ହୋଇଛନ୍ତି । ଦାନବାକ୍ସକୁ ଭାଙ୍ଗି ଟଙ୍କା ଲୁଟି ନେଲା ପରେ ସେମାନେ ତେଲନଦୀ କୂଳରେ ବାକ୍ସକୁ ଫିଙ୍ଗି ଦେଇଛନ୍ତି । ମଙ୍ଗଳବାର ସକାଳେ ଚୋରି ସମ୍ପର୍କରେ ଜଣାପଡିବା ପରେ ପୂଜକ ପୂଜାହାରୀ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଥାନାରେ ନଂ୮/୧ରେ ଏକ ମାମଲା ରୁଜୁ ହୋଇଛି । ଆଇଆଇସି ପଦ୍ମାସିନୀ ମେହେର ଘଟଣା ସ୍ଥଳ ପରିଦର୍ଶନ କରିବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି । ସହରର କିଛି ସନ୍ଦିଗ୍ଧ ଯୁବକଙ୍କୁ ଅଟକ ରଖି ପୋଲିସ ପଚରା ଉଚୁରା କରୁଛି । ଏଏସଆଇ ବୀଣା ନାଗ ମାମଲାର ତଦନ୍ତ କରୁଛନ୍ତି । ତେବେ ସହରର ବିଭିନ୍ନ ମନ୍ଦିରରେ ବାରମ୍ବାର ଚୋରି ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।


ମନ୍ଦିର ଦାନ ବାକ୍ସ ଚୋରି କରି ଦୁର୍ବୃତ୍ତମାନେ ବାହାରେ ଫିଙ୍ଗି ଦେଇଛନ୍ତି ।

# ପର୍ଯ୍ୟଟନସ୍ଥଳୀଗୁଡ଼ିକର ଭିତ୍ତିଭୂମି ବିକାଶ ଜରୁରୀ

## ସୁବର୍ଣ୍ଣପୁରର ପର୍ଯ୍ୟଟନ ବିଭବ : ସମ୍ଭାବନା ଓ ବିକାଶ



ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକମାନେ ।

ସୋନପୁର, ୯।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣ ଲୋକ ମହୋତ୍ସବର ଚତୁର୍ଥ ଦିନରେ ମଙ୍ଗଳବାର 'ସୁବର୍ଣ୍ଣପୁରର ପର୍ଯ୍ୟଟନ ବିଭବ : ସମ୍ଭାବନା ଓ ବିକାଶ' ଉପରେ ଏକ ଆଲୋଚନାଚକ୍ର ରାମେଶର ଷ୍ଟାଡିୟମର ଓରମାସ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲାରେ ଥିବା ବହୁବର୍ଣ୍ଣା ତଥା ସର୍ବକାଳୀନ ପର୍ଯ୍ୟଟନର ସାମୟିକ ଆହ୍ୱାନକୁ ଦୃଷ୍ଟିରେ ରଖି ଭିତ୍ତିଭୂମିର ବିକାଶ ନିହାତି ଜରୁରୀ ବୋଲି ଆଲୋଚକମାନେ ମତ ରଖିଛନ୍ତି । ବିଶେଷକରି ଦେଶ, ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ସହ ପର୍ଯ୍ୟଟନସ୍ଥଳୀଗୁଡ଼ିକର ସୌନ୍ଦର୍ଯ୍ୟକରଣ ଓ ବିକାଶ ଉପରେ ଗୁରୁତ୍ୱ ଦେବାକୁ ଜିଲା ପ୍ରଶାସନ ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ଧ୍ୟାନଦେବା ଜରୁରୀ ବୋଲି ଆଲୋଚକମାନେ ମତପ୍ରକାଶ କରିଛନ୍ତି । ଡ.ସୌରଭ ରଞ୍ଜନ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧ୍ୟାପକ ଡ. ହିମାଂଶୁ ଶେଖର ପାଢ଼ୀ, ସଂସ୍କୃତି ଗବେଷକ ତଥା ଐତିହାସିକ ସୁଦାମ ନାଏକ, ଅଧ୍ୟାପକ ଦେବାଶିଷ ପ୍ରଧାନ ଓ ଜିଲା ଶିଳ୍ପକେନ୍ଦ୍ର ଅଧିକାରୀ ବିପିନ ବିହାରୀ ଦେହୁରୀ ଯୋଗଦେଇ ସୁବର୍ଣ୍ଣପୁର ଜିଲାରେ ରହିଥିବା ପର୍ଯ୍ୟଟନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଆଲୋଚନାଚକ୍ରକୁ ବେଣୁଧର ପ୍ରଧାନ ସଞ୍ଚାଳନ କରିଥିବା ବେଳେ ସେମିନାର କୋର୍ଡିନେଟର ଗତିକୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଓ ଜିଲା ପରିଷଦର ଏପିଡି ଶୈବାଳିନୀ ପଟ୍ଟନାୟକ ସହଯୋଗ କରିଥିଲେ । ଏହି ଆଲୋଚନାଚକ୍ରରେ ଶତାଧିକ ବୁଦ୍ଧିଜୀବୀଙ୍କ ସହ ପର୍ଯ୍ୟଟନ ପ୍ରେମୀ, ଜିଲା ହୋଟେଲ ସଂଘର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉତ୍ପାଦକ ସଂଘର ସଦସ୍ୟ, ସାହାରା ଟ୍ରଷ୍ଟ ହାଇସ୍କୁଲ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ ।

### ପହଣ୍ଡି ଗ୍ରାମରେ ଦିନ ରାତି ଜଳୁଛି ଷ୍ଟ୍ରିଟ ଲାଇଟ

# କନିଷ୍ଠ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଡୁଙ୍ଗୁରିପାଲି,୯।୧(ଦୀନବନ୍ଧୁ ସୁନା )

ସରକାର ବିଦ୍ୟୁତ୍‌ର ସଦ୍ ବିନିଯୋଗ ପାଇଁ ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରୁଥିବା ବେଳେ ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ସୁନାପାଲି ଗ୍ରାମ ପଞ୍ଚାୟତର ପହଣ୍ଡି ଗ୍ରାମରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଆଲୋକିକରଣ ପାଇଁ ଲାଗିଥିବା ଷ୍ଟ୍ରିଟ୍ ଲାଇଟର ପ୍ରାୟ ୫୦ ପ୍ରତିଶତ ଲାଇଟ ଦିନ ରାତି ଜଳୁଥିବା ଦେଖିବାକୁ ମିଳୁଛି । ଏହା ଫଳରେ ବିଦ୍ୟୁତର ଅପଚୟ ହେଉଛି । ଏ ନେଇ ମଙ୍ଗଳବାର ଚେରୁପାଲି ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପହଣ୍ଡି ଗ୍ରାମବାସୀ ଏକ ଦାବିପତ୍ର ଦେଇଛନ୍ତି । ପ୍ରେମାନନ୍ଦ ଡାଙ୍ଗ, ନେହେରୁ ପଧାନ, ହେମନ୍ତ ପଧାନ, ଶିବ ଶଙ୍କର ବାରିକ, ସରୋଜ ପଧାନ, ମୁରଲୀ ପଧାନ, ଆଶିଷ ମେଷୁଆ, ରୋହିତ ମେହେର, ସୁବାଷ ନାଏକ, ଆକାଶ ମେଷୁଆ, ଆନନ୍ଦ ପଧାନ, ଲଳିତ ମେଷୁଆ, ମନୋଜ ମଟାରୀଙ୍କ ସମେତ ଗ୍ରାମବାସୀ ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

### ଅକ୍ଷତ ଚାଉଳ ବଣ୍ଟନ

ବାଉଁଶୁଣୀ,୯।୧(ଦେବାଶିଷ ନେପାକ)- ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଛେଳିବାହାଲରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳ ଓ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି । ଗ୍ରାମ ମୁଖ୍ୟ ଧିରେନ ସାହୁଙ୍କ ନେତୃତ୍ୱରେ ସମସ୍ତଙ୍କ ଘର ସମ୍ମୁଖରେ କଳସ ବସାଯାଇ ଓ ସଙ୍କୀର୍ତ୍ତନରେ ଅକ୍ଷତ ଚାଉଳ ସ୍ୱାଗତ କରାଯାଇଥିଲା । ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଆସିଥିବା ଅକ୍ଷତ ଚାଉଳ ଓ ନିମନ୍ତ୍ରଣ ପତ୍ରକୁ ପ୍ରତ୍ୟେକ ଘରେ ପହଞ୍ଚାଇବା ଲାଗି ବୌଦ୍ଧ ବ୍ଲକ ସଂଯୋଜକ ଗଣେଶ୍ୱର ମେହେର, ସାମାଜିକ କର୍ମୀ ପଦ୍ମ, ଦିଲୀପ, ବିମ୍ବାଧର, ସଞ୍ଜୟ ସହଯୋଗ କରିଥିଲେ ।

# ବୌଦ୍ଧରେ ପୁଣି ମାଓବାଦୀ ପ୍ରଚାରପତ୍ର

## ଗଞ୍ଜେଇ ଚାଷ ନାଁରେ ଜଙ୍ଗଲ ଧ୍ୱଂସକୁ ବିରୋଧ


ନୁର୍ପା ଛକରେ ମାଓବାଦୀ ପ୍ରଚାରପତ୍ର ।

ବୌଦ୍ଧ/କନ୍ଧମାଳ,୯।୧(ଅଜିତ କୁମାର ବାରିକ/ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲାରେ ପୁଣି ମାଓବାଦୀ ପ୍ରଚାରପତ୍ର ମଙ୍ଗଳବାର ଦେଖିବାକୁ ମିଳିଛି । ଏହି ପ୍ରଚାରପତ୍ର ଜିଲାର କୌଣସି ଜଙ୍ଗଲ କିମ୍ବା ଆଭ୍ୟନ୍ତରୀଣ ଅଞ୍ଚଳରେ ନୁହେଁ, ବ୍ୟସ୍ତବହୁଳ ମନମୁଣ୍ଡା ବାଇପାସ୍ ରାସ୍ତାର ନୁର୍ପା ଛକରେ ଦେଖିବାକୁ ମିଳିଛି । ମନମୁଣ୍ଡା ଥାନାଠାରୁ ମାତ୍ର ଅଧ କି.ମି. ଦୂର ରାସ୍ତା ଉପରେ ୫ ଗୋଟି ପ୍ରଚାରପତ୍ର ଏକ ସାଙ୍ଗରେ ପଡ଼ିଛି । ଏଥିରେ ଭିନ୍ନ ଭିନ୍ନ ଦାବି ଉଲ୍ଲେଖ ରହିଛି । ପ୍ରଚାରପତ୍ରରେ ଗଞ୍ଜେଇ ଚାଷ ନାଁରେ ଜଙ୍ଗଲ ଧ୍ୱଂସକୁ ବିରୋଧ କରାଯାଇଛି ।
ଗଞ୍ଜେଇ ଚାଷୀମାନେ ନିଜ ଜାଗାରେ ନିଜେ ଗଞ୍ଜେଇ ଚାଷ କରନ୍ତୁ, ପୋଲିସ ପ୍ରଶାସନର ସହାୟତା ଓ ଗଞ୍ଜେଇ ବ୍ୟବସାୟୀଙ୍କ ଅର୍ଥରେ ବାହାରୁ ଆସି ଚାଷ ପାଇଁ ଜଙ୍ଗଲ ଧ୍ୱଂସ ଓ ପରିବେଶ ପ୍ରଦୂଷଣ କରୁଥିବା ବ୍ୟକ୍ତିଙ୍କୁ ଗଞ୍ଜେଇ ଚାଷ ପାଇଁ ଜାଗା ଦିଅନ୍ତୁ ନାହିଁ ବୋଲି ଲେଖାଯାଇଛି । ସେହିପରି ଗଞ୍ଜେଇ ଚାଷ ନାମରେ ପୋଲିସର ଗୁପ୍ତଚର କାମ ବନ୍ଦ କର, ମଦ ବେପାର ବନ୍ଦ କର , ଆଦିବାସୀ, ଦଳିତ, ଗରିବଙ୍କୁ ଶୋଷଣ ବନ୍ଦ କର, ସମସ୍ତେ ଏକଜୁଟ ହୋଇ ମଦ ବିରୋଧୀ ଆନ୍ଦୋଳନକୁ ଜୋର୍‌ଦାର କରିବା, ଗାଁ ଗାଁରେ ମଦ ବିକ୍ରିକୁ ବନ୍ଦ କରିବା, ସରକାରୀ ମଦଭାଟି ଧ୍ୱଂସ , ଗରିବଙ୍କୁ ସରକାର ଜମି ପଟ୍ଟା ଯୋଗାଇ ଦିଅନ୍ତୁ ଆଦି ପ୍ରଚାରପତ୍ରଗୁଡିକରେ ଉଲ୍ଲେଖ ରହିଛି । ଏହି ପ୍ରଚାରପତ୍ର ତଳେ କେକେବିଏନ୍ ଡିଭିଜିନାଲ କମିଟି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ଲେଖା ରହିଛି । ନୁର୍ପା ଛକଠାରେ ମାଓବାଦୀ ପ୍ରଚାରପତ୍ର ପଡିଥିବା ଦେଖି ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ମନମୁଣ୍ଡା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ଘଟଣାସ୍ଥଳକୁ ଯାଇ ପ୍ରଚାରପତ୍ରଗୁଡିକ ଜବତ କରିବା ସହ ଏହାର ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଗତ ଡିସେମ୍ବର ୫ରେ ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ଅନ୍ତର୍ଗତ ତିଲପଙ୍ଗା ଅଞ୍ଚଳରେ ସମାନ ଧରଣର ମାଓବାଦୀ ପ୍ରଚାରପତ୍ର ଦେଖିବାକୁ ମିଳିଥିଲା । ଏହାଛଡ଼ା ଗତ କିଛିଦିନ ତଳେ ବୌଦ୍ଧ ପୋଲିସ ଜଙ୍ଗଲରୁ ବ୍ୟାପକ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଥିବା ବେଳେ ଗତ ୫ ତାରିଖରେ ବୌଦ୍ଧ ଓ କନ୍ଧମାଳ ଜିଲା ସୀମାନ୍ତ ଶଗଡ଼ା ଫାଣ୍ଡି ଅନ୍ତର୍ଗତ ବାଟେପଙ୍ଗା ଜଙ୍ଗଲରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ୩ ଜଣ ଯବାନ ଆହତ ହୋଇଥିଲେ । ଏସବୁ ଘଟଣାରୁ ବୌଦ୍ଧରେ ମାଓବାଦୀ ସକ୍ରିୟ ଥିବା ଅନୁମାନ କରାଯାଉଛି ।

# ବୌଦ୍ଧ ସହରରେ ଅର୍ପଣ ରଥ ଶୁଭାରମ୍ଭ

ବୌଦ୍ଧ,୯।୧( ଅଜିତ କୁମାର ବାରିକ )

ଆସନ୍ତା ୧୭ ତାରିଖରେ ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ବୌଦ୍ଧ ସହରରେ ମଙ୍ଗଳବାର ଦିନ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି । ଜିଲାରେ ୩ ଗୋଟି ବ୍ଲକ ଥିବା ବେଳେ ପୂର୍ବରୁ କଣ୍ଟାମାଳ ଓ ହରଭଙ୍ଗା ବ୍ଲକରୁ ଅର୍ପଣ ରଥ ବାହାରି ଥିଲା । ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମଗୁଡିକୁ ଯାଇ ଭକ୍ତଙ୍କ ପାଖରୁ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା । ବୌଦ୍ଧ ସହରରେ ମଙ୍ଗଳବାର ସକାଳେ ଭକ୍ତିମୟ ପରିବେଶ ମଧ୍ୟରେ ପୂଜାର୍ଚ୍ଚନା କରାଯିବା ପରେ ଜଗନ୍ନାଥ ମନ୍ଦିର ଠାରୁ ଅର୍ପଣ ରଥର ଶୁଭାରମ୍ଭ ହୋଇଥିଲା । ରଥ ବାହାରିବା ମାତ୍ରେ ଜୟ ଜଗନ୍ନାଥ ଧ୍ୱନିରେ ବୌଦ୍ଧ ସହର କମ୍ପି ଉଠିଥିଲା । ସଂକୀର୍ତ୍ତନର ତାଳେ ତାଳେ ଅର୍ପଣ ରଥ ଜୟ ଜଗନ୍ନାଥ ଧ୍ୱନିରେ ଆଗକୁ ଆଗକୁ ଗଡ଼ି ଚାଲିଥିଲା । ପ୍ରଥମେ ବୌଦ୍ଧଗଡ ଏନ୍ଏସିର ୮ ନମ୍ବର ୱାର୍ଡର ରଥସାହିଠାରୁ ଗୁଆ, ଅରୁଆ ଚାଉଳ ସଂଗ୍ରହ କରାଯାଇଥିଲା । ଏହାପରେ ପୋଡାପୋଡା ସାହି ଦେଇ ରଥ ଯାଉଥିବା ବେଳେ ଭକ୍ତମାନେ ସ୍ୱତଃପ୍ରବୃତ୍ତ ଭାବେ ଗୁଆ ଓ ଅରୁଆ ଚାଉଳ ପ୍ରଦାନ କରିଥିଲେ । ଏହାପରେ ୯ ନମ୍ବର ୱାର୍ଡର ନୂଆଁସାହି, ରିଫ୍ୟୁଜି କଲୋନୀ ଆଦି ଅଞ୍ଚଳରେ ଅର୍ପଣ ରଥ ପହଞ୍ଚି ଥିଲା । ଅପରାହ୍ନରେ ବାପୁଜୀନଗରର ୧୦ ଓ ୧୬ ନମ୍ବର ୱାର୍ଡରେ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା । ଅର୍ପଣ ରଥ ସହ ସଂକୀର୍ତ୍ତନ ମଣ୍ଡଳୀ ଓ ମହିଳାଭକ୍ତ ଯିବା ଦେଖିବାକୁ ମିଳିଥିଲା । ସାହିର ମହିଳାମାନେ ନିଜ ଘର ସମ୍ମୁଖ ଗୋବରରେ ଲିପି କଳସ ବସାଇ ଦୀପ ଜାଳି ଅର୍ପଣ ରଥକୁ ସ୍ୱାଗତ କରିଥିଲେ । ଅର୍ପଣ ରଥର ଶୁଭାରମ୍ଭ ସମୟରେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପାଧ୍ୟକ୍ଷା ସୁଭାସିନୀ ସେଠୀ, ନିର୍ବାହୀ ଅଧିକାରୀ ଅଶୋକ ବେହେରା, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ, ଜିଲା ବ୍ରାହ୍ମଣ ସମାଜର ସଭାପତି ରାଜେନ୍ଦ୍ର ମିଶ୍ର, ସଂପାଦକ ଶମ୍ଭୁ ପ୍ରସାଦ ମିଶ୍ର, କାଉନସିଲର ସ୍ୱର୍ଣ୍ଣଲତା ଦଳେଇ, ପ୍ରଦୋଷ ମିଶ୍ର, ସୁପର୍ଣ୍ଣ ମହାନ୍ତି, ମନ୍ଦିର ପରିଚାଳନା କମିଟି କୋଷାଧ୍ୟକ୍ଷ ଆଶୁତୋଷ ମହାପାତ୍ର , ଶଙ୍କର ପ୍ରସାଦ ମିଶ୍ର ପ୍ରମୁଖ ସାମିଲ ଥିଲେ । ହରଭଙ୍ଗା ବ୍ଲକର ରାମଗଡ ଓ ବଘାରପାଲି ଗ୍ରାମର ସଂକୀର୍ତ୍ତନ ଦଳ ସାମିଲ ଥିଲେ ।


ରଥ ଶୁଭାରମ୍ଭ କରାଯାଉଛି ।

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ଓଲଟିଲା ଆମ୍ବୁଲାନ୍ସ

**ବ୍ରଜରାଜନଗର,୯।୧(ବିଜୟ ବରାଡ଼):** ୪୯ନଂ. ଜାତୀୟ ରାଜପଥର ଝାରସୁଗୁଡ଼ା ସଦର ଥାନା ସମ୍ମୁଖରେ ମଙ୍ଗଳବାର ଏକ ଟ୍ରାକ୍ଟର ଧକ୍କାରେ ଆମ୍ବୁଲାନ୍ସ ଓଲଟିପଡିଥିଲା। ହେଲେ ସୌଭାଗ୍ୟବଶତଃ ଆମ୍ବୁଲାନ୍ସ ଚାଳକ କିମ୍ବା ଏଥିରେ ଥିବା ରୋଗୀଙ୍କ ସେପରି କିଛି ବିଶେଷ କ୍ଷତି ହୋଇ ନ ଥିବା ଜଣାପଡିଛି। ସୂଚନା ଅନୁସାରେ ପୂର୍ବାହ୍ନରେ ଲଖନପୁର ସିଏଚ୍‌ସିରୁ ଜଣେ ରୋଗୀଙ୍କୁ ଧରି ଓଡି୦୨ସିଏନ୍-୯୦୨୪ ନଂ. ବିଶିଷ୍ଟ ଆମ୍ବୁଲାନ୍ସ ଝାରସୁଗୁଡା ମୁଖ୍ୟ ଡାକ୍ତରଖାନା ଯାଉଥିଲା। ଏହି ସମୟରେ ସଦର ଥାନା ଆଗରେ ଏକ ଟ୍ରାକ୍ଟର ସମ୍ମୁଖ ଭାଗରୁ ଆସି ଧକ୍କା ଦେବାରୁ ଆମ୍ବୁଲାନ୍ସଟି ଓଲଟିପଡିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଆମ୍ବୁଲାନ୍ସରେ ଥିବା ରୋଗୀଙ୍କୁ ମୁଖ୍ୟ ଡାକ୍ତରଖାନା ନେଇଥିଲେ। ସେ ଏବେ ସୁସ୍ଥ ଥିବା ଜଣାପଡିଛି। ଦୁର୍ଘଟଣା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଜବତ ସହ ଚାଳକଙ୍କୁ ଅଟକ ରଖିଛି। ଆମ୍ବୁଲାନ୍ସ ଚାଳକଙ୍କ କହିବା କଥା, ଟ୍ରାକ୍ଟର ଡ୍ରାଇଭର ମୋବାଇଲରେ କଥା ହୋଇ ଗାଡି ଚଳାଉଥିଲେ। ହଠାତ୍ ଆମ୍ବୁଲାନ୍ସକୁ ଦେଖି ଭାରସାମ୍ୟ ହରାଇ ଧକ୍କା ଦେଇଥିବା ସେ ପ୍ରକାଶ କରିଛନ୍ତି। ପୋଲିସ ଏହାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ବରିଷ୍ଠ କଂଗ୍ରେସ ନେତାଙ୍କ ବିୟୋଗ

**ରାଉରକେଲା,୯।୧(ସଙ୍ଗୀତା ଜେନା):** ରାଉରକେଲା ଜିଲା କଂଗ୍ରେସର ବରିଷ୍ଠ ନେତା, ପୂର୍ବତନ ବିଧାୟକ ପ୍ରାର୍ଥୀ, ପିସିସି ସାଧାରଣ ସମ୍ପାଦକ, ସେବାଦଳର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ପ୍ରଧାନଙ୍କ ମଙ୍ଗଳବାର ପରଲୋକ ହୋଇଛି। ତାଙ୍କ ମରଶରୀରକୁ ରାଉରକେଲା ଡିସିସି ସେକ୍ଟର-୨୧ କାର୍ଯ୍ୟାଳୟକୁ ଅଣାଯାଇ ଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। ଡିସିସି ସଭାପତି ରଶ୍ମିରଞ୍ଜନ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ବିରେନ ସେନାପତି, ରବି ରାୟ, ଦେବବ୍ରତ ବିହାରୀ, ପ୍ରବୋଧ ଦାସ, ବିନୋଦ ରାଉତ, ଉମେଶ ଶରଣ, ଜ୍ଞାନେନ୍ଦ୍ର ଦାସ, ବାସୁ ବାନାର୍ଜୀ, ଶିବୁ ଦୀପ୍, ନିରୂପମା ବଳିଆରସିଂହ, ରଞ୍ଜିତା ମଲ୍ଲିକଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁରେ ପିସିସି ସଭାପତି ଶରତ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି।

### କଣ୍ଟାବାଞ୍ଜି ଏନ୍‌ଏସିର କାଉନସିଲ ବୈଠକ

**କଣ୍ଟାବାଞ୍ଜି, ୯।୧(ଗୁରୁଦୟାଲ ହଂସ):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ସଭାଗୃହରେ କାଉନସିଲ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନଗରପାଳ ବରିୟାମ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ସନ୍ତୋଷ ସିଂ ସାଲୁଜା, ଉପନଗରପାଳ ମନୋରମା ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ସମସ୍ତ କାଉନସଲର, ଏମଇ ଏ.ପଟ୍ଟନାୟକ ଉପସ୍ଥିତ ଥିଲେ। କଣ୍ଟାବାଞ୍ଜି ସହରର ବିଭିନ୍ନ ସମସ୍ୟା ବୈଠକରେ କାଉନସିଲରମାନେ ଉଠାଇ ସମାଧାନ ଦାବି କରିଥିଲେ।

# ଭକ୍ତିମୟ ପରିବେଶରେ ଗୁଆ, ଚାଉଳ ସଂଗ୍ରହ









**ସବୁଠି ଜୟ ଜଗନ୍ନାଥ ଧ୍ୱନି**

**ସୁନ୍ଦରଗଡ,୯।୧(ଜୟ ନାରାୟଣ ମେଣ୍ଟୁଲି)**

ଜାନୁୟାରୀ ୧୭ରେ ପୁରୀରେ ଲୋକାର୍ପଣ ହେବାକୁ ଯାଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏହି ପରିପ୍ରେକ୍ଷୀରେ ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି। ଘରକୁ ଘର ବୁଲି ଏହି ରଥ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରୁଛି। ସୁନ୍ଦରଗଡ ଜିଲା ପ୍ରଶାସନ ତରଫରୁ ଗତ ୬ ତାରିଖରେ ଏହି ରଥର ଉଦ୍‌ଘାଟନ କରାଯାଇଛି। ୮୧ଟି ରଥ ଗାଁ ଗାଁ ପରିକ୍ରମା କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଛି। ରଥ ଏପର୍ଯ୍ୟନ୍ତ ମୋଟ ୮୮ଟି ପଞ୍ଚାୟତର ୪୧୩ଟି ଗାଁର ଲୋକଙ୍କ ପାଖରେ ପହଞ୍ଚି ସାରିଲାଣି। ରଥରେ ଜଗନ୍ନାଥଙ୍କ ଭଜନ ଡାକବାଜି ଯନ୍ତ୍ର ଦ୍ୱାରା ପରିବେଷଣ କରାଯାଉଛି। ପ୍ରତ୍ୟେକ ରଥ ସହ ଜଣେ ସ୍ଥାନୀୟ ଅଧିକାରୀ ରହୁଛନ୍ତି। ଯିଏକି ପରିକ୍ରମା ପ୍ରକଳ୍ପ ସମ୍ବନ୍ଧରେ ଲୋକଙ୍କୁ ଜଣାଉଛନ୍ତି। ସଂଗୃହୀତ ହେଉଥିବା ଚାଉଳ ଗୁଆ ସ୍ଥାନୀୟ ଏକ ମନ୍ଦିରରେ ରଖାଯିବାର ବ୍ୟବସ୍ଥା ହୋଇଛି। ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବକୁ ସିଧା ସଳଖ ପଞ୍ଚାୟତ ସ୍ତରରେ ସିଧାପ୍ରସାରଣ କରାଯିବାର ବ୍ୟବସ୍ଥା ମଧ୍ୟ କରାଯାଉଛି।

### ପ୍ଲାଟଫର୍ମରେ ଶୋଇଥିବା ଅବସ୍ଥାରେ ବୃଦ୍ଧଙ୍କ ମୃତ୍ୟୁ

**ବ୍ରଜରାଜନଗର,୯।୧(ବିଜୟ ବରାଡ଼):** ବ୍ରଜରାଜନଗର ରେଳଷ୍ଟେଶନ ପ୍ଲାଟଫର୍ମରେ ଜଣେ ବୃଦ୍ଧ ଶୋଇଥିବା ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଝାରସୁଗୁଡା ପୌରାଞ୍ଚଳ ସରବହାଲ ଅଞ୍ଚଳର ଯଶପଲ ସାହୁ (୬୦)। ଷ୍ଟେଶନ ମାଷ୍ଟର ଦୁଃଖିଶ୍ୟାମ ପାଣିଗ୍ରାହୀ ଓ ଜିଆର୍‌ପି ଉପସ୍ଥିତିରେ ମୃତଦେହ ଚିହ୍ନଟ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଯଶପାଲ ପ୍ରତ୍ୟେକ ଦିନ ରେଳ ଷ୍ଟେଶନ ଓ ଆଖପାଖ ଅଞ୍ଚଳରେ ଜରି ଓ ପାଣିବୋତଲ ସଂଗ୍ରହ କରି କବାଡିଆ ଦୋକାନରେ ଦେଇ ଚଳୁଥିଲେ। ସୋମବାର ରାତିରେ ସେ ପ୍ଲାଟଫର୍ମରେ ଶୋଇଥିବାବେଳେ ସକାଳୁ ନ ଉଠିବାରୁ ମୃତ୍ୟୁବରଣ କରିଥିବା ଜଣାପଡିଥିଲା। ଏ ନେଇ ରେଳ ବିଭାଗ ତରଫରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଖଣିକୁ ଶୂନ ଦୁର୍ଘଟଣା ଜୋନ୍‌ରେ ପରିଣତ କରିବାକୁ ଶପଥ



**ସୁନ୍ଦରଗଡ,୯।୧(ଜୟ ନାରାୟଣ ମେଣ୍ଟୁଲି)**

**ଖଣି ସୁରକ୍ଷା ପକ୍ଷ ଆରମ୍ଭ**

ବେଦାନ୍ତ ଜାମକାନୀ କୋଇଲା ଖଣି ପକ୍ଷରୁ ଚଳିତ ବର୍ଷ ଖଣି ସୁରକ୍ଷା ପକ୍ଷ ଆରମ୍ଭ ହୋଇଛି। ଏହି ଅବସରରେ ଜାମକାନୀ କୋଇଲା ଖଣି ପ୍ରକଳ୍ପ ମୁଖ୍ୟ ବିବେକ ଉପଲିଞ୍ଚାର ସୁରକ୍ଷା ପତାକା ଉତ୍ତୋଳନ କରି ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ଓ ଶ୍ରମିକଙ୍କୁ ଏକ ନିରାପଦ କାର୍ଯ୍ୟ ଶୈଳୀ ଗ୍ରହଣ କରିବା ସହ ଖଣିକୁ ଶୂନ ଦୁର୍ଘଟଣା ଜୋନରେ ପରିଣତ କରିବାକୁ ସମସ୍ତେ ପ୍ରୟାସ କରିବାକୁ ଶପଥ ନେଇଥିଲେ। ଆସନ୍ତା ୧୫ଦିନ ଧରି ହେବାକୁ ଥିବା ସୁରକ୍ଷା ସମ୍ପର୍କୀତ କାର୍ଯ୍ୟକ୍ରମରେ ଭାଗନେଇ ସମସ୍ତଙ୍କୁ ସଚେତନତା କାର୍ଯ୍ୟ କଳାପ ଦିଗରେ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ଖଣି ସୁରକ୍ଷା ପକ୍ଷ ଆରମ୍ଭ ଦିବସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖଣି ପରିଚାଳନା କରୁଥିବା ବିଜିଆର କମ୍ପାନୀର ପ୍ରକଳ୍ପ ମୁଖ୍ୟ ଏମ ବରମା, ବେଦାନ୍ତର ମାଇନ୍ସ ମ୍ୟାନେଜର ଉତ୍ତମ କୁମାର ଶର୍ମା, ବରିଷ୍ଠ ଅଧିକାରୀ ପ୍ରଣୟ ଶତପଥୀ ପ୍ରମୁଖ ଉପସ୍ଥିତ ରହି କର୍ମଚାରୀ ଓ ଶ୍ରମିକଙ୍କୁ ଟିପରି ସୁରକ୍ଷା ସହ କାର୍ଯ୍ୟ କରିହେବ ତଥା ସୁରକ୍ଷାକୁ ସବୁବେଳେ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇ ସଚେତନତା ସୃଷ୍ଟି କରିଥିଲେ। ଏହା ପରେ ଖଣି ପରିସରରେ ସମସ୍ତଙ୍କ ସଚେତନତା ପାଇଁ ଏକ ସୁରକ୍ଷା ରାଲି ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଆସନ୍ତା ୧୫ଦିନଧରି ଖଣି ପ୍ରକଳ୍ପ ପରିସରରେ ଡାଇରେକ୍ଟର ଜେନେରାଲ ମାଇନ୍ସ ସେଫ୍ଟି (ଡିଜିଏମଏସ)ଙ୍କ ନିର୍ଦ୍ଦେଶ ଅନୁଯାୟୀ ସୁରକ୍ଷା ସମ୍ବନ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ପରିଶେଷରେ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇଥିବା ତଥା ଉଲ୍ଲେଖନୀୟ ପ୍ରଦର୍ଶନ କର୍ମଚାରୀ ଓ ଶ୍ରମିକଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି।

### ହାତୀ ସୁରକ୍ଷା ସଚେତନ ଶୋଭାଯାତ୍ରା

**ଖପ୍ରାଖୋଲ, ୯।୧(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବନାଞ୍ଚଳ ତରଫରୁ ହାତୀ ସୁରକ୍ଷା ସଚେତନତା ଶୋଭାଯାତ୍ରା ନାନ୍ଦୁପଲା ଗାଁରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବନାଞ୍ଚଳ ବନ କର୍ମଚାରୀ, ଗଜସାଥୀ ଓ ବନ୍ୟଜନ୍ତୁ ସୁରକ୍ଷା ବାହିନୀକୁ ନେଇ ଆରମ୍ଭ ହୋଇଥିବା ସଚେତନତା ଶୋଭାଯାତ୍ରାରେ ହାତୀ ସୁରକ୍ଷା ସହିତ ମଣିଷର ସୁରକ୍ଷା ପାଇଁ ବାର୍ତ୍ତା ପ୍ରଦାନ କରାଯାଇଥିଲା। ହାତୀ ପ୍ରଭାବିତ ତଥା ଚଳାପଥ ଅଞ୍ଚଳ ପାହାଡ ଜଙ୍ଗଲ ତଳି ଗାଁମାନଙ୍କୁ ଶୋଭାଯାତ୍ରା ଯାଇ ସଚେତନ କରିଥିଲେ। ଏହି ଅବସରରେ ରେଙ୍ଗାଲି ସେକ୍ସନ, ଖପ୍ରାଖୋଲ ସେକ୍ସନ, ହରିଶଙ୍କର ସେକ୍ସନ ଓ ଧଣ୍ଡାମୁଣ୍ଡା ସେକ୍ସନର ହାତୀ ପ୍ରଭାବିତ ଗାଁ ବୁଲିଥିଲା। ଏହି ଅବସରରେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ଉପ ବନାଞ୍ଚଳ ଅଧିକାରୀ ସୁନୀଲ କୁମାର ମିଶ୍ର, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ରେଙ୍ଗାଲି ବନପାଳ ଘାସିରାମ ଦୀକ୍ଷିତ, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ମନ୍ଦିରରୁ ବାହାରିଲା ଶ୍ରୀଜଗନ୍ନାଥ ଅର୍ପଣ ରଥ



ଜଗନ୍ନାଥ ମନ୍ଦିର ପରିସରରୁ ବାହାରୁଥିବା ଶ୍ରୀ ଜଗନ୍ନାଥ ଅର୍ପଣ ରଥ।

**ବ୍ରଜରାଜନଗର,୯।୧(ବିଜୟ ବରାଡ଼)**

ବ୍ରଜରାଜନଗର ପୌରପାଳିକା ପକ୍ଷରୁ ମଙ୍ଗଳବାର ଶ୍ରୀ ଜଗନ୍ନାଥ ଅର୍ପଣ ରଥ ଜଗନ୍ନାଥ ମନ୍ଦିର ପରିସରରୁ ବାହାରିଥିଲା। ସକାଳ ୯ଟାରେ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ମନ୍ଦିରରେ ସୁସଜ୍ଜିତ ୩ଗୋଟି ରଥରେ ପୂଜାର୍ଚ୍ଚନା କରାଇ ରଥ ଉପରେ ତିନି ବିଗ୍ରହଙ୍କୁ ଉପବେଶନ କରାଇଥିଲେ। ସ୍ଥାନୀୟ ବିଧାୟିକା ଅଳକା ମହାନ୍ତିଙ୍କ ସମେତ ଶତାଧିକ ବିଜୁ ଜନତା ଦଳର କର୍ମକର୍ତ୍ତା, ପୌରାଧ୍ୟକ୍ଷ ଯାଜ୍ଞସେନୀ ଓରାମ, ଉପାଧ୍ୟକ୍ଷ କ୍ରିଷ୍ଣା ଗୋପାଳ ଶୀତନି, ପୂର୍ବତନ ପୌରାଧ୍ୟକ୍ଷ ନନ୍ଦକିଶୋର ଅଗ୍ରୱାଲ, ନଗର ସଭାପତି ରାଧାକାନ୍ତ ପ୍ରଧାନ, ଜିଲା ଉପସଭାପତି ବିଶ୍ୱନାଥ ନାୟକ, ଜଗନ୍ନାଥ ଚେତନା ସମିତି ପଶ୍ଚିମାଞ୍ଚଳ ସଭାପତି ଚିନ୍ତାମଣି ଦାସ ପ୍ରମୁଖ ଯୋଗଦେଇ ସୁସଜ୍ଜିତ ରଥକୁ ଟାଣିଥିଲେ। ଏହି ତିନି ରଥ ପୌରାଞ୍ଚଳର ୨୩ଗୋଟି ୱାର୍ଡ ପରିକ୍ରମା କରି ଲୋକଙ୍କଠାରୁ ଗୁଆ, ଚାଉଳ ସଂଗ୍ରହ କରିବ। କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିବ।

## ଭାଜପା ଯୁବ ମୋର୍ଚ୍ଚା ଜିଲା ପଦାଧିକାରୀଙ୍କ ବୈଠକ

**ସୁନ୍ଦରଗଡ,୯।୧(ଜୟ ନାରାୟଣ ମେଣ୍ଟୁଲି)**



ବୈଠକରେ ଉପସ୍ଥିତ ଦଳୀୟ କର୍ମୀ ।

ଭାଜପା ଜିଲା ଯୁବ ମୋର୍ଚ୍ଚାର ଜିଲା ପଦାଧିକାରୀଙ୍କ ବୈଠକ ସଭାପତି ଶ୍ରୀକାନ୍ତ ଭଞ୍ଜଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାଜପା ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ଅବିନାଶ ପଣ୍ଡାଙ୍କ ଆନୁମୋଦନ କ୍ରମେ ଭାଜପା ଯୁବ ମୋର୍ଚ୍ଚା ଜିଲା ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ୪ଜଣ ଉପସଭାପତି, ୨ଜଣ ସାଧାରଣ ସମ୍ପାଦକ, ୫ଜଣ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ବିଧିବଦ୍ଧ ଭାବେ ନୂତନ ଜିଲା ପଦାଧିକାରୀ ଓ ମଣ୍ଡଳ ପଦାଧିକାରୀଙ୍କ ନାମ ଘୋଷଣା କରାଯିବା ସହ ସେମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜ୍ଞାପନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସୁନ୍ଦରଗଡର ବିଧାୟିକା କୁସୁମ ଟେଟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ, ଜିଲା ସମ୍ପାଦକ ଇ.ଅମୀୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## କପାର ବର୍ଗୀକରଣ, ବିକ୍ରି ତାଲିମ ଶିବିର

**ଖପ୍ରାଖୋଲ, ୯।୧(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ କପାର ବର୍ଗୀକରଣ ଓ ବିକ୍ରିବଟା ସମ୍ପର୍କିତ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ, ପାଟଣାଗଡ ସହକାରୀ କୃଷି ଅଧିକାରୀ ଅର୍ପିତା ବାରିକ, ଖପ୍ରାଖୋଲ ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଜଗବନ୍ଧୁ ବେହେରା ଯୋଗଦେଇ ଜମି ପ୍ରସ୍ତୁତି, ରୋଗପୋକ ନିୟନ୍ତ୍ରଣ, ମିଶ୍ରିତ କୃଷି, କାପାର ବର୍ଗୀକରଣ, ବିକ୍ରି ଉପରେ ଆଲୋକପାତ କରିଥିଲେ। ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ନିରନ୍ତର କୃଷି, କପାରେ ଚାଷରେ ଜୈବିକ ଖାତ, ସବୁଜ ଖାତ, ତରଳ ଖାତ ପ୍ରୟୋଗ ସହ କମ୍ପୋଷ୍ଟ ଓ ଜିଆଖତ ପ୍ରସ୍ତୁତି ଓ ପ୍ରୟୋଗ ଉପରେ କହିଥିଲେ। ଶିବିରରେ ଓଡ଼ିଆପାଲି ଓ ଖପ୍ରାଖୋଲ ପଞ୍ଚାୟତର ବହୁ ଚାଷୀ ଯୋଗଦେଇଥିଲେ। ପରେ ତାଲିମାର୍ଥୀମାନେ କପା ମିଲ ପରିଦର୍ଶନ କରିଥିଲେ।

## ବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ସବ୍‌ଡେଗା,୯।୧ (ଅନନ୍ତ ପଟେଲ)**

ସବ୍‌ଡେଗା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ହମିରପୁରର ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳାବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅନନ୍ତ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହମିରପୁର ସରପଞ୍ଚ ଦିପାଞ୍ଜଳି ଭୋଇ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ପୂର୍ବତନ ସିଆର୍‌ସିସି ଅର୍ଜୁନ ରୋହିଦାସ, ସିଆର୍‌ସିସି ପ୍ରବୀଣ କୁମାର ଡନସେନା, ପୂର୍ବତନ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ଏସ୍‌ଏମସି ଚେୟାରମ୍ୟାନ ନେତ୍ରାନନ୍ଦ ବେହେରା, ୱାର୍ଡ ମେମ୍ବର ନେତ୍ରମଣୀ ସାହୁ, ଆଲମୁନି ତପନ କୁମାର ସାହୁ, ଯୁକ୍ତେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କ୍ରୀଡ଼ାର ମହତ୍ତ୍ୱ ଓ ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା କ୍ରୀଡା ପ୍ରତିଭା ଏହି ପ୍ରତିଯୋଗିତା ମାଧ୍ୟମରେ ବିକଶିତ ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରଙ୍କୁ ୩ଟି ଦଳରେ ବିଭକ୍ତ କରାଯାଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଖେଳ ଶିକ୍ଷୟିତ୍ରୀ ମମତା ପଟେଲ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଶିକ୍ଷକ ସୁରଜ ପ୍ରକାଶ ଚୌଧୁରୀ, ବାସୁଦେବ ବେହେରା, ଧିରେନ ସାହୁ, ସୁବାସିନି କିଣ୍ଡୋ, ସଂଯୁକ୍ତା ସରେଙ୍ଗ, ସଞ୍ଜନା କୁଜୁର, ମଧୁସ୍ମିତା ପଣ୍ଡା, ଜେନିକାନ୍ତି ଡୁଙ୍ଗଡୁଙ୍ଗ୍ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ବୃନ୍ଦ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ବାସୁଦେବ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁରଜ ପ୍ରକାଶ ଚୌଧୁରୀ ଧନ୍ୟବାଦ୍ ଅର୍ପଣ କରିଥିଲେ।




ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ୨୦୦ ହିତାଧିକାରୀଙ୍କୁ ବିଜୁ ଶ୍ରମ କାର୍ଡ ବଣ୍ଟନ

**ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର**

**ବଣାଇଁ,୯।୧(ପ୍ରଦୀପ ତ୍ରିପାଠୀ)**

ବଣାଇଁଠାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଶ୍ରମ ବିଭାଗ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥିଭାବେ ସୁନ୍ଦରଗଡ଼ ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ତଥା ରାଉରକେଲା ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ, ବଣାଇଁ ଉପ ଜିଲାପାଳ ସୁରଞ୍ଜନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶ୍ରମମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରି ଜିଲାର ଶ୍ରମିକ ଭଉଣୀ ଭାଇ ମାନେ ଯୁଗାନ୍ତକାରୀ ଶ୍ରମିକ ଯୋଜନାରେ କିଭଳି ଉପକୃତ ହୋଇଛନ୍ତି ତା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର ନିକଟରେ ୧୫୫ ଜଣ ନୂତନ ସହକାରୀ ଶ୍ରମ ଅଧିକାରୀଙ୍କୁ ନିଯୁକ୍ତି ଦେଇ ସଧାରଣ ପ୍ରଶାସନ ବିଭାଗରେ ସାମିଲ କରିଥିବା ଏବଂ ଜିଲାରେ ୭ ଜଣ ଅବସ୍ଥାପିତ ହୋଇଥିବା କହିଛନ୍ତି। ଏହି ଶିବିରରେ ୨ ଶହ ଜଣଙ୍କୁ ନୂତନ ଶ୍ରମ କାର୍ଡ ପ୍ରଦାନ କରାଯାଇଛି। ପୂର୍ବରୁ ଆବେଦନ କରିଥିବା ହିତାଧିକାରୀ ଶ୍ରମିକଙ୍କ ମଧ୍ୟରେ ପାଠପଢ଼ା ପାଇଁ ୫ ଜଣଙ୍କୁ ଅର୍ଥ ସହାୟତା, ୨୫ ଜଣଙ୍କୁ ବିବାହ ସହାୟତା, ୧୪ ଜଣଙ୍କୁ ପ୍ରସବ କାଳୀନ ସହାୟତା, ୫୭ ଜଣଙ୍କୁ ମୃତ୍ୟୁ କାଳୀନ ସହାୟତା, ଅନ୍ତେଷ୍ଟି କ୍ରିୟା ପାଇଁ ୫୪ ଜଣଙ୍କୁ ସହାୟତା ପ୍ରଦାନ କରିବା ଅବସରରେ ସମୁଦାୟ ୧ କୋଟି ୨୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି । ଅନ୍ୟମାନଙ୍କ ମଧ୍ୟରେ ବଣାଇଁର ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଜିଲାପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବୀର୍ ବିଚିତ୍ର ସେନ ନାଏକଙ୍କ ସମେତ ବଣାଇଁ ନିର୍ବାଚନମଣ୍ଡଳୀ ସ୍ତରୀୟ ଅନେକ ବିଜେଡି କର୍ମୀ ଯୋଗଦେଇଥିଲେ। ଏତଦ୍ ବ୍ୟତୀତ ହିତାଧିକାରୀ ଶ୍ରମିକ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଶିବିରରେ ଯୋଗ ଦେଇଥିଲେ ।




ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଉଛି।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ଲୁଟିନେଲେ ୫ ଲକ୍ଷ

ସରଣ୍ଡା,୯।୧(ଯୁଧିଷ୍ଠିର ମହାପାତ୍ର): ବରଗଡ଼ ଜିଲା ଅତାବିରା ଥାନା ଦେବାହାଲ ଛକରେ ମଙ୍ଗଳବାର ବନ୍ଧୁକ ଦେଖାଇ ଜଣେ ଯୁବକଙ୍କଠାରୁ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଛି। ଖବର ପାଇ ଅତାବିରା ପୋଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ଏ ନେଇ ଏକ ମାମଲା ରୁଜୁ କରି ବିଭିନ୍ନ ରାସ୍ତା ସିଲ୍ କରିବା ସହ ଯାଞ୍ଚ ଚାଲିଥିବା ଅତାବିରା ଆଇଆଇସି ସୁକୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ରେଙ୍ଗାଲିକ୍ୟାମ୍ପରେ ଥିବା ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ର ଅଧିକାରୀ ରିଙ୍କୁ ପ୍ରଧାନ ମଙ୍ଗଳବାର ରାତି ପ୍ରାୟ ୮ଟାରେ ସେବାକେନ୍ଦ୍ର ବନ୍ଦ କରି ବରଗଡ଼ ଜିଲା ବରାହଗୋଡା ଗ୍ରାମାଞ୍ଚଳ ଥାନା ଅଧୀନ ତାଙ୍କ ନିଜ ଘର ଆମ୍ବଷଡାକୁ ବାଇକ ଯୋଗେ ଯାଉଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ପିଛା କରି ଦେବାହାଲ ଛକରେ ତାଙ୍କୁ ଅଟକାଇବା ସହ ବନ୍ଧୁକ ଦେଖାଇ ତାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡାଇ ନେଇ ବରଗଡ଼ ପଟକୁ ପଳାଇଥିଲେ। ଏ ନେଇ ରିଙ୍କୁ ଅତାବିରା ଥାନାରେ ଅଭିଯୋଗ କରିଥିଲେ।

### ପଦ୍ମପୁରରେ ଏଡିଏମ୍‌ଙ୍କ ଯୋଗଦାନ

ପଦ୍ମପୁର, ୯।୧ (ପ୍ରଦୀପ୍ତ ଦାଶ): ପଦ୍ମପୁରରେ ପ୍ରଥମ ଅତିରିକ୍ତ ଜିଲାପାଳ ଭାବେ କୁନାଲ ଚୌହ୍ୱାନ ମଙ୍ଗଳବାର ଯୋଗ ଦେଇଛନ୍ତି। ଅଞ୍ଚଳର ଉନ୍ନୟନ କାମରେ ବିକାଶଧାରାକୁ ଆଗେଇ ନେବା ପାଇଁ ସରକାର ପ୍ରଥମ କରି ଜଣେ ଆଇଏଏସ ଅଧିକାରୀଙ୍କୁ ପଦ୍ମପୁର ଉପଖଣ୍ଡରେ ନିଯୁକ୍ତି ଦେଇଛନ୍ତି। ଚୌହାନ ପୂର୍ବରୁ ବାଲେଶ୍ୱର ଉପଜିଲାପାଳ ଭାବେ ସେ କାମ କରୁଥିଲେ। ତାଙ୍କର ଯୋଗଦାନ ପରେ ସମସ୍ତ କର୍ମଚାରୀ ଚୌହାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

### ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

ବରଗଡ଼,୯।୧(ପ୍ରେମାନନ୍ଦ ଖମାରୀ): ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ମଙ୍ଗଳବାର ଜଣେ ଅଜଣା ମୃତଦେହକୁ ସତ୍କାର କରିଛନ୍ତି। ଜିଲା ମୁଖ୍ୟ ଡାକ୍ତରଖାନାର ଅନତିଦୂରରେ ରହିଥିବା ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ମୃତଦେହ ଦାହ କରାଯାଇଥିଲା। ପ୍ରକାଶ ଯେ, ଗତ ୪ତାରିଖରେ ଅତାବିରା ଥାନା ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଦେବାହାଲ ଛକର ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଏକ ଅଜଣା ଲୋକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲା। ପୋଲିସ ସେଠାରୁ ମୃତଦେହ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ମୃତକଙ୍କ ପରିଚୟ ମିଳି ନ ଥିବାରୁ ଶବକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ୭୨ଘଣ୍ଟା ପରେ ମଧ୍ୟ ମୃତକଙ୍କ ପରିଚୟ ନ ମିଳିବାରୁ ଅତାବିରା ଥାନା ପୋଲିସର ଲିଖିତ ଅନୁରୋଧ କ୍ରମେ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ମୃତଦେହ ଦାହ କରିଥିଲେ। ଉକ୍ତ ଅନୁଷ୍ଠାନର ନିଲେଶ ପ୍ରଧାନ, ଅନନ୍ତ ସାହୁ, ଆଲୋକ ସାହୁ, ପ୍ରତ୍ୟୁଷ ଷଡ଼ଙ୍ଗୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।


ଚିପିଲିମା ଧନୁଯାତ୍ରାରେ କଳାକାରଙ୍କ ଅଭିନୟ।

# କଂସବଧ ସହ ଚିପିଲିମା ଧନୁଯାତ୍ରା ଉଦ୍‌ଯାପିତ

ସମ୍ବଲପୁର,୯।୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଚିପିଲିମାଠାରେ ସାତଦିନ ଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର କଂସବଧ ସହ ଉଦ୍‌ଯାପିତ ହୋଇଛି। ଭଗବାନ ଶ୍ରୀକୃଷ୍ଣ ଅତ୍ୟାଚାରୀ କଂସକୁ ବଧ କରି ଜଗତବାସୀଙ୍କୁ ସତ୍ୟ ଓ ଧର୍ମ ପଥରେ ଆଗେଇଯିବାକୁ ପ୍ରେରଣା ଦେଇଛନ୍ତି। ମା' ଘଣ୍ଟେଶ୍ୱରୀ ଧନୁଯାତ୍ରା କମିଟି ପକ୍ଷରୁ ଆୟୋଜିତ ଧନୁଯାତ୍ରାରେ ମଙ୍ଗଳବାର କଂସ ବଧ ଓ ଉଗ୍ରସେନଙ୍କ ରାଜ୍ୟାଭିଷେକ ଅଭିନୀତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଯୋଗଦାନ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଚିତ୍ତରଞ୍ଜନ ବାରିକ ଓ ରାଧାକାନ୍ତ ଦାସ, ଅବସରପ୍ରାପ୍ତ କର୍ମଚାରୀ ଅରୁଣ ମିଶ୍ର, କେଶବ ଚନ୍ଦ୍ର ଦାସ, ଗୋପାଳ ମୋରେ, ସନ୍ତୋଷ କୁମାର ଅଗ୍ରୱାଲ, ହରେଶ ଚନ୍ଦ୍ର ଦଳାଇ, ଆଲୋକ କୁମାର ବେହେରାଙ୍କୁ ପୁଷ୍ପମାଲ୍ୟ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରୁଥିବା ଶିକ୍ଷୟିତ୍ରୀ ସରିତା ଦାସଙ୍କୁ ବିଧାୟକ ନାଏକ ଧନୁଯାତ୍ରା କମିଟି ପକ୍ଷରୁ ସମ୍ମାନିତ କରିଥିଲେ। ଧନୁଯାତ୍ରା ପାଇଁ ଚିପିଲିମା (ପୁରୁଣା ମାର୍କେଟ) ଗୋପପୁରରେ ପରିଣତ ହୋଇଥିଲା। ଶେଷ ଦିବସରେ ଶିବ ଧନୁ ଭଙ୍ଗ, କୁବଳୟା ହସ୍ତୀ ଓ ଚାଣୁର ମୁଷ୍ଟିକଙ୍କୁ ବଧ କରିବା ପରେ ମହାମନ୍ତ୍ରୀ ଶକ୍ରାଜିତ କ୍ଷମା ଭିକ୍ଷା କରି ଶ୍ରୀକୃଷ୍ଣଙ୍କଠାରେ ଶରଣାଗତ ହୋଇଥିଲେ। ମାମୁ କଂସ ଓ ଭଣଜା କୃଷ୍ଣ ବଳରାମ ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା। ଶେଷରେ ରାଜ ଦରବାରରୁ ପଡ଼ି ନିହତ ହୋଇଥିଲେ ଅତ୍ୟାଚାରୀ କଂସ। କଂସ ନିଧନ ପରେ ଶାସନ ଭାର ଉଗ୍ରସେନଙ୍କୁ ଦେଇ ରାଜ୍ୟାଭିଷେକ କରିଥିଲେ ଦୁଇଭାଇ ଓ ମଥୁରା କାରାଗାରରୁ ମାତାପିତା ଦେବକୀ ବାସୁଦେବଙ୍କୁ ମୁକ୍ତ କରିଥିଲେ। ଭୁବନେଶ୍ୱର ପ୍ରଧାନ ମହାରାଜା କଂସ ଏବଂ କୃଷ୍ଣ ବଳରାମ ଭୂମିକାରେ ଶୁଭମ୍ ମେହେର ଓ ରୁକ୍ମଣି ମେହେର ଅଭିନୟ କରିଥିଲେ।

## ଜିଲା ସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ଦେବଗଡ଼,୯।୨(ଶଶାଙ୍କ ଶେଖର ଝାଙ୍କର)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର ଦେବଗଡ ପକ୍ଷରୁ ମହିଳା ସ୍ନାତକ ମହବିଦ୍ୟାଳୟଠାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋ ଭାରତ ବିକଶିତ ଭାରତ ୨୦୪୭ ଶୀର୍ଷକ ବିଷୟ ସମ୍ପର୍କରେ ଛାତ୍ରୀଛାତ୍ରମାନେ ନିଜ ନିଜର ମନ୍ତବ୍ୟ ଉପସ୍ଥାପନା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ପ୍ରଭାସିନୀ ଥପା ପ୍ରଥମ, ଉପମା ରଣ ଦ୍ୱିତୀୟ ଓ ଅନ୍ୱେଶ କୁମାର ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ଅଧ୍ୟାପକ ସୁନିଲ କୁମାର ଦାସ, ସୁମିତ୍ରା ପୁରୋହିତ ଓ ସୁଜନ୍ ପ୍ରଧାନ ଯୋଗ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ତନ୍ମୟୀ ମହାନ୍ତି ମୁଖ୍ୟ ଅତିଥି, ବୁଢ଼ାପାଳ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡିଲେଶ୍ୱର ପ୍ରଧାନ, ଡ.ଭାରତ ଭୂଷଣ ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ରଞ୍ଜିତ ପ୍ରଧାନ, ଅର୍ଚ୍ଚନା ଦଳେଇ, କୁମୁଦିନୀ ସାହୁ, ପ୍ରମୁଖ ସହଯୋଗ କରିଥିଲେ।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ସମ୍ବଲପୁର,୯।୧ (ଭବାନୀ ଶଙ୍କର ଭୋଇ)

ମାନେଶ୍ୱର ବ୍ଲକ ଧମାସ୍ଥିତ ମଥୁରା ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ରୋହିତ ବେହେରା ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଆୟକର କମିଶନର ରାଧାକାନ୍ତ ସେଠ ମୁଖ୍ୟଅତିଥି, ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଓ ଲଳିତା ପ୍ରଧାନ, ଗୋବିନ୍ଦ ଅଗ୍ରୱାଲ, ଜିଲା ବିଜ୍ଞାନ ସୁପରଭାଇଜର ପାର୍ଥସାରଥି ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ଦେବାଶିଷ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲର ୫୭ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ୫-ଟି ଅଧ୍ୟକ୍ଷଙ୍କ ସମ୍ବଲପୁର ଗସ୍ତ ନେଇ ପ୍ରସ୍ତୁତି ବୈଠକ


:ବିଜେଡି କାର୍ଯ୍ୟାଳୟଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଦଳୀୟ ନେତା ଓ କର୍ମୀ।

ସମ୍ବଲପୁର,୯।୧(ବି.ଶଙ୍କର)

ରାଜ୍ୟ ସରକାରଙ୍କ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଆସନ୍ତା ୧୨ ତାରିଖରେ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ କାର୍ଯ୍ୟକ୍ରମ ସଫଳ କରିବାକୁ ମଙ୍ଗଳବାର ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ର ପକ୍ଷରୁ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶାନ୍ତି ନଗରସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରେଢ଼ାଖୋଲ ବିଧାୟକ ତଥା ବିଜେଡି ଜିଲା ସଭାପତି ରୋହିତ ପୂଜାରୀ, ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ଦଳିୟ ପ୍ରବକ୍ତା ସଞ୍ଜୟ ବାବୁ, ମହିଳା ପର୍ଯ୍ୟବେକ୍ଷକ ମିନତୀ ଦେବତା, ଯୁବ ଛାତ୍ର ପର୍ଯ୍ୟବେକ୍ଷକ ରାଜେଶ ରାଜ ସ୍ୱାଇଁ, ମହିଳା ମହାନଗର ନିଗମ ସଭାପତି ସଂଯୁକ୍ତା ମେହେର ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାକୁ ପ୍ରସ୍ତାବିତ ରୂପରେଖ ଉପରେ ମତାମତ ପ୍ରଦାନ କରିଥିଲେ। ସମ୍ବଲପୁର ମହାନଗର ନିଗମ ବିଜେଡି ସଭାପତି ସତୀଶ ବିଶି ସଂଯୋଜନା କରିଥିବା ବେଳେ ମହିଳା ବିଜେଡି ଜିଲା ସଭାପତି ବନ୍ଦିତା ରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଜେଡି ଜିଲା ଉପସଭାପତି ଦେବାଶିଷ ନନ୍ଦ, ସୁମନ୍ତ ପଣ୍ଡା, ବସନ୍ତ ମିଶ୍ର, ଅଶୋକ ମହାକୁର, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ବରିଷ୍ଠ ବିଜେଡି ନେତା ଗୋକୁଳ ମେହେର, ଯୁବ ବିଜେଡି ଜିଲା ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ମହିଳା ନେତ୍ରୀ ଉଷା ପ୍ରଧାନ, କବିତା ପୁରୋହିତ, ସିପ୍ରା ମହାନ୍ତି, କଳ୍ପନା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଖପ୍ରାଖୋଲ, ୯।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବନାଞ୍ଚଳ ତରଫରୁ ହାତୀ ସୁରକ୍ଷା ସଚେତନତା ଶୋଭାଯାତ୍ରା ନାନ୍ଦୁପଲା ଗାଁରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବନାଞ୍ଚଳ ବନ କର୍ମଚାରୀ, ଗଜସାଥୀ ଓ ବନ୍ୟଜନ୍ତୁ ସୁରକ୍ଷା ବାହିନୀକୁ ନେଇ ଆରମ୍ଭ ହୋଇଥିବା ସଚେତନତା ଶୋଭାଯାତ୍ରାରେ ହାତୀ ସୁରକ୍ଷା ସହିତ ମଣିଷର ସୁରକ୍ଷା ପାଇଁ ବାର୍ତ୍ତା ପ୍ରଦାନ କରାଯାଇଥିଲା। ହାତୀ ପ୍ରଭାବିତ ତଥା ଚଳାପଥ ଅଞ୍ଚଳ ପାହାଡ ଜଙ୍ଗଲ ତଳି ଗାଁମାନଙ୍କୁ ଶୋଭାଯାତ୍ରା ଯାଇ ସଚେତନ କରିଥିଲେ। ଏହି ଅବସରରେ ରେଙ୍ଗାଲି ସେକ୍ସନ, ଖପ୍ରାଖୋଲ ସେକ୍ସନ, ହରିଶଙ୍କର ସେକ୍ସନ ଓ ଧଣ୍ଡାମୁଣ୍ଡା ସେକ୍ସନର ହାତୀ ପ୍ରଭାବିତ ଗାଁ ବୁଲିଥିଲା। ଏହି ଅବସରରେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ଉପ ବନାଞ୍ଚଳ ଅଧିକାରୀ ସୁନୀଲ କୁମାର ମିଶ୍ର, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ରେଙ୍ଗାଲି ବନପାଳ ଘାସିରାମ ଦୀକ୍ଷିତ, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ହରିଶଙ୍କର ବନପାଳ ରଞ୍ଜିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ପିକ୍‌ନିକ୍ ସ୍ପଟ୍‌ରେ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ

ବରଗଡ଼,୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପରିବେଶ ସୁରକ୍ଷା ମଞ୍ଚ ଏବଂ ମାଉଣ୍ଟ ଏକ୍ସପ୍ଲୋରର୍ ଅନୁଷ୍ଠାନର ମିଳିତ ଉଦ୍ୟମରେ ଡେବ୍ରିଗଡ଼ ଅଭୟାରଣ୍ୟ ଜିରୋ ପଏଣ୍ଟ ପିକ୍‌ନିକ୍ ସ୍ପଟ୍‌ରେ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମାଉଣ୍ଟ ଏକ୍ସପ୍ଲୋରର୍ ଅନୁଷ୍ଠାନର ଆଶୀର୍ବାଦ ମହାପାତ୍ରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ପ୍ରକୃତି ବନ୍ଧୁ ମୀନକେତନ ସାହୁ ସଭାପତିତ୍ୱ କରିଥିଲେ। କମଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ରାଜେଶ କୁମାର ମହାକୁଡ଼ ମୁଖ୍ୟଅତିଥି ଭାବେ ଯୋଗଦେଇ ପର୍ଯ୍ୟଟନ ସ୍ଥଳୀରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଜମି ରହିଲେ ପରିବେଶ ପ୍ରତି ତାର କିଭଳି କୁପ୍ରଭାବ ପଡ଼ିବ ସେ ନେଇ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ନୀଳକଣ୍ଠ ସା, ଭୁବନେଶ୍ୱର ପ୍ରଧାନ, ବିଭୂତି ଭୂଷଣ ମୁଣ୍ଡ, ସଞ୍ଜୀବ ପ୍ରଧାନ, ଦୟାନିଧି ପ୍ରଧାନ, ସଞ୍ଜୟ ଖମାରୀ, ଦିଲୀପ ମହାପାତ୍ର, ଶୋଭାଚନ୍ଦ୍ର ପ୍ରଧାନ, ତ୍ରିଲୋଚନ ସାହୁ, ଲକ୍ଷ୍ମୀ ନାରାୟଣ ବନଛୋର, ସୁରେନ୍ଦ୍ର ମୋହନ ସାହୁ ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର କୁପ୍ରଭାବ ଉପରେ କହିଥିଲେ। ସେହିପରି ଉପସ୍ଥିତ ସଦସ୍ୟମାନେ ପିକ୍‌ନିକ୍ ସ୍ପଟରେ ଜମି ରହିଥିବା ପ୍ଲାଷ୍ଟିକ ବର୍ଜବସ୍ତୁ ସଂଗ୍ରହ କରି ତାକୁ ନଷ୍ଟ କରିଥିଲେ। ମାଉଣ୍ଟ ଏକ୍ସପ୍ଲୋରର୍ ଅନୁଷ୍ଠାନର ରମେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।


ଜିରୋ ପଏଣ୍ଟ ପିକ୍‌ନିକ୍ ସ୍ପଟ୍‌ରେ ପ୍ଲାଷ୍ଟିକମୁକ୍ତ ଅଭିଯାନ ।

# ଜମିବିକ୍ରି ଜାଲିଆତି, ଜିଲାପାଳଙ୍କୁ ଫେରାଦ

ବରଗଡ଼,୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଜମିବିକ୍ରିରେ ଜାଲିଆତି ବଢ଼ିଚାଲିଥିବା ଅଭିଯୋଗ ହୋଇଛି। ମଧ୍ୟସ୍ଥଙ୍କ ସହାୟତାରେ କିଛି ବିଭାଗୀୟ ଅଧିକାରୀ ଅସାଧୁମେଣ୍ଟ ସ୍ଥାପନ କରି ଏଭଳି କାରବାରରେ ସମ୍ପୃକ୍ତ ରହିଥିବା ଲୋକେ ଅଭିଯୋଗ କରୁଛନ୍ତି। ଜମି ବିକ୍ରି ହୋଇଯାଉଛି, ମାତ୍ର ଜମିର ପ୍ରକୃତ ମାଲିକ ସେ ନେଇ କିଛି ଜାଣି ପାରୁନାହାନ୍ତି। ଜାଲିଆତିରେ ସମ୍ପୃକ୍ତ ଲୋକଙ୍କ ମାଧ୍ୟମରେ ଜମି କିଣିବା ପରେ କ୍ରେତା ଜମି ଦଖଲ କରିବାକୁ ଆସିବା ବେଳେ ପ୍ରକୃତ ଘଟଣା ଜଣାପଡୁଛି।

ବରଗଡ଼ ଜିଲା ତେନ୍ତଲା ମୌଜାରେ ଜମିବିକ୍ରିରେ ଏଭଳି ଜାଲିଆତି ହୋଇଛି। ଏଭଳି ଅଭିଯୋଗ ନେଇ ଉକ୍ତ ମୌଜାର ବହୁ ମହିଳାପୁରୁଷ ଜିଲାପାଳଙ୍କୁ ଫେରାଦ ହୋଇ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଅଞ୍ଚଳବାସୀ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ତେନ୍ତଲା ମୌଜାରେ ରହିଥିବା ୩ଏକର ୧୮ଡେସିମିଲ ଜମିକୁ ପ୍ରକୃତ ଜମି ମାଲିକଙ୍କ ଅଜାଣତରେ ବିକ୍ରି କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। କେବଳ ତେନ୍ତଲା ମୌଜା ନୁହେଁ, ଜିଲାର ଅନେକ ସ୍ଥାନରେ ଜମିବିକ୍ରିରେ ମଧ୍ୟ ଏଭଳି ଜାଲିଆତି କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ପାଣ୍ଡବ ପ୍ରଧାନ, ନିରୁପମା ପ୍ରଧାନ, ସରସ୍ୱତୀ ପ୍ରଧାନ, ସବିତା ସାହୁ, ତୃତୀୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିଷ୍ଣା ବିକାଶ ଛାତ୍ରୀଛାତ୍ରଙ୍କ ୱାଇଲ୍ଡରନେସ୍ କ୍ୟାମ୍ପ

ବରଗଡ଼,୯।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଥମଥର ପାଇଁ ୪ଦିନ ଧରି ଡେବ୍ରିଗଡ଼ରେ ହେବାକୁ ଥିବା ୱାଇଲ୍ଡରନେସ୍ କ୍ୟାମ୍ପରେ ଯୋଗଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଉକ୍ତ ଅନୁଷ୍ଠାନର ୧୫୭ଜଣ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସାମିଲ ହୋଇଛନ୍ତି । ଆସନ୍ତା ୧୧ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସେଠାକୁ ଯାତ୍ରା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାରଙ୍କ ତରଫରୁ ଭାରତ ଦର୍ଶନ ଯୋଜନାକୁ ସଫଳ କରିବା ପାଇଁ ବିକାଶ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହା ଏକ ନିଆରା ପ୍ରୟାସ ବୋଲି କ୍ରୀଷ୍ଣା ବିକାଶ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଦିଲ୍ଲୀର ପ୍ରତିଷ୍ଠିତ ଆୟୋଜକ ନ୍ୟୁ ହରାଇଜନ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଏହି ରହଣୀ ସମୟରେ ନୌଚାଳନା, ପର୍ବତାରୋହଣ, ସାଇକେଲ ଚାଳନା, ତମ୍ବୁ ଭିତରେ ରାତ୍ରି ରହଣୀ ଆଦି କାର୍ଯ୍ୟକ୍ରମର ନୂତନ ଅନୁଭବ ପାଇପାରିବେ । କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀଙ୍କ ତତ୍ତ୍ୱାବଧାନରେ ଏହି ଦୁଃସାହସିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭ କାମନା ଜଣାଇଛନ୍ତି ।



ୱାଇଲ୍ଡରନେସ୍ କ୍ୟାମ୍ପରେ ସାମିଲ ଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ।

# ସେମିଫାଇନାଲରେ ଝାରସୁଗୁଡ଼ା

**ପ୍ରଧାନପାଟ କପ୍ ସର୍ବ ଭାରତୀୟ ଫୁଟ୍‌ବଲ ପ୍ରତିଯୋଗିତା**


ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ଦେବଗଡ,୯।୧(ଶଶାଙ୍କ ଶେଖର ଝାଙ୍କର)

ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମରେ ସୋମବାରଠାରୁ ଆରମ୍ଭ ହୋଇଥିବା ପ୍ରଧାନପାଟ୍ କପ୍ ସର୍ବ ଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ମଙ୍ଗଳବାର ଛତିଶଗଡର ଏସିବି ଇଣ୍ଡିଆ ଲିମିଟେଡକୁ ୩-୧ଗୋଲରେ ପରାସ୍ତ କରି ଝାରସୁଗୁଡାର ଆଦିବାସୀ ଫୁଟ୍‌ବଲ କ୍ଲବ ଦ୍ୱିତୀୟ ଦଳଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚକୁ ରେଫରୀ ଭାବେ ସୁବ୍ରତ କୁମାତ ପୁରୋହିତ, ରାଜକୁମାର ମଣ୍ଡଳ, ଅନୀଲ କିଷାନ, ନୀଳ ନାୟକ ଓ ସୌରଭ କୁମାର ନାୟକ ପରିଚାଳନା କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ଝାରସୁଗୁଡା ଆଦିବାସୀ ଫୁଟ୍‌ବଲ କ୍ଲବର ଖେଳାଳି ସୁମନ୍ତ ଓରାମ ମ୍ୟାନ ଅଫ୍‌ଦ ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ଦିବସର ମ୍ୟାଚକୁ ମୁଖ୍ୟ ଅତିଥିଭାବେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ସମ୍ମାନିତ ଅତିଥି ଆଇନଜୀବୀ ସିଦ୍ଧେଶ୍ୱର ଗୁରୁ, ଜିଲା କଂଗ୍ରେସ ଏସ୍ସି ସେଲ ସଭାପତି ମଞ୍ଜୁଳ କୁମାର ନାଏକ, ରିଆମାଳ ବ୍ଲକ କଂଗ୍ରେସ କମିଟି ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ ଓ ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ ଯୋଗଦେଇ ଆୟୋଜକ ଏବଂ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଝାରସୁଗୁଡା ଆଦିବାସୀ ଫୁଟବଲ କ୍ଲବର ଖେଳାଳି ସୁମନ୍ତ ଓରାମଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଆୟୋଜକ ପ୍ରଧାନପାଟ କ୍ଲବ ଓ ଝାରସୁଗୁଡାର ଆଦିବାସୀ ଫୁଟ୍‌ବଲ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ଆୟୋଜନରେ ପ୍ରଧାନପାଟ କପ୍ ଆୟୋଜନ କମିଟି ସଭାପତି ବିକାଶ କୁମାର ପ୍ରଧାନ, ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ବେହେରା, ପ୍ରଧାନପାଟ କ୍ଲବ ସମ୍ପାଦକ ସଞ୍ଜୀବ କୁମାର ନାଏକ, ସଦସ୍ୟ ଯୋଗେନ୍ଦ୍ର ସାହୁ, ମଚ୍ଛିନ୍ଦ୍ର ନାୟକ, ରୂପକ କୁମାର ମାଝି, ଶରତ ମେହେର, ଯୋଗେଶ ନାୟକ, ବାବୁଲୁ ଜେନା, ଜୟନାରାୟଣ ସାମଲ, ଦୀପକ ବେହେରା, ସନ୍ତୋଷ ଭୋଇ, ମାନସ ପ୍ରଧାନ, ପ୍ରତାପ ଦେବ ଓ ରିଲୁ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ସକ୍ରିୟ ସହଯୋଗ କରୁଥିବା ଜଣାପଡିଛି।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ଲୁଟିନେଲେ ୫ ଲକ୍ଷ

**ସରଣ୍ଡା,୯।୧(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ଥାନା ଦେବାହାଲ ଛକରେ ମଙ୍ଗଳବାର ବନ୍ଧୁକ ଦେଖାଇ ଜଣେ ଯୁବକଙ୍କଠାରୁ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଛି। ଖବର ପାଇ ଅତାବିରା ପୋଲିସ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ଏ ନେଇ ଏକ ମାମଲା ରୁଜୁ କରି ବିଭିନ୍ନ ରାସ୍ତା ସିଲ୍ କରିବା ସହ ଯାଞ୍ଚ ଚାଲିଥିବା ଅତାବିରା ଆଇଆଇସି ସୁକୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ରେଙ୍ଗାଲିକ୍ୟାମ୍ପରେ ଥିବା ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ର ଅଧିକାରୀ ରିଙ୍କୁ ପ୍ରଧାନ ମଙ୍ଗଳବାର ରାତି ପ୍ରାୟ ୮ଟାରେ ସେବାକେନ୍ଦ୍ର ବନ୍ଦ କରି ବରଗଡ଼ ଜିଲା ବରାହଗୋଡା ଗ୍ରାମାଞ୍ଚଳ ଥାନା ଅଧୀନ ତାଙ୍କ ନିଜ ଘର ଆମ୍ଭଷଡାକୁ ବାଇକ ଯୋଗେ ଯାଉଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ପିଛା କରି ଦେବାହାଲ ଛକରେ ତାଙ୍କୁ ଅଟକାଇବା ସହ ବନ୍ଧୁକ ଦେଖାଇ ତାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡାଇ ନେଇ ବରଗଡ଼ ପଟକୁ ପଳାଇଥିଲେ। ଏ ନେଇ ରିଙ୍କୁ ଅତାବିରା ଥାନାରେ ଅଭିଯୋଗ କରିଥିଲେ।

### ପଦ୍ମପୁରରେ ଏଡିଏମ୍‌ଙ୍କ ଯୋଗଦାନ

**ପଦ୍ମପୁର, ୯।୧ (ପ୍ରଦୀପ୍ତ ଦାଶ):** ପଦ୍ମପୁରରେ ପ୍ରଥମ ଅତିରିକ୍ତ ଜିଲାପାଳ ଭାବେ କୁନାଲ ଚୌହ୍ୱାନ ମଙ୍ଗଳବାର ଯୋଗ ଦେଇଛନ୍ତି। ଅଞ୍ଚଳର ଉନ୍ନୟନ କାମରେ ବିକାଶଧାରାକୁ ଆଗେଇ ନେବା ପାଇଁ ସରକାର ପ୍ରଥମ କରି ଜଣେ ଆଇଏଏସ ଅଧିକାରୀଙ୍କୁ ପଦ୍ମପୁର ଉପଖଣ୍ଡରେ ନିଯୁକ୍ତି ଦେଇଛନ୍ତି। ଚୌହାନ ପୂର୍ବରୁ ବାଲେଶ୍ୱର ଉପଜିଲାପାଳ ଭାବେ ସେ କାମ କରୁଥିଲେ। ତାଙ୍କର ଯୋଗଦାନ ପରେ ସମସ୍ତ କର୍ମଚାରୀ ଚୌହାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

### ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

**ବରଗଡ଼,୯।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ମଙ୍ଗଳବାର ଜଣେ ଅଜଣା ମୃତଦେହକୁ ସତ୍କାର କରିଛନ୍ତି। ଜିଲା ମୁଖ୍ୟ ଡାକ୍ତରଖାନାର ଅନତିଦୂରରେ ରହିଥିବା ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ମୃତଦେହ ଦାହ କରାଯାଇଥିଲା। ପ୍ରକାଶ ଯେ, ଗତ ୪ତାରିଖରେ ଅତାବିରା ଥାନା ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଦେବାହାଲ ଛକର ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଏକ ଅଜଣା ଲୋକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲା। ପୋଲିସ ସେଠାରୁ ମୃତଦେହ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ମୃତକଙ୍କ ପରିଚୟ ମିଳି ନ ଥିବାରୁ ଶବକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ୭୨ଘଣ୍ଟା ପରେ ମଧ୍ୟ ମୃତକଙ୍କ ପରିଚୟ ନ ମିଳିବାରୁ ଅତାବିରା ଥାନା ପୋଲିସର ଲିଖିତ ଅନୁରୋଧ କ୍ରମେ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ମୃତଦେହ ଦାହ କରିଥିଲେ। ଉକ୍ତ ଅନୁଷ୍ଠାନର ନିଲେଶ ପ୍ରଧାନ, ଅନନ୍ତ ସାହୁ, ଆଲୋକ ସାହୁ, ପ୍ରତ୍ୟୁଷ ଷଡ଼ଙ୍ଗୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଅର୍ପଣ ରଥକୁ ସବୁଠି ସ୍ୱାଗତ



ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୫ରେ ଅର୍ପଣ ରଥକୁ ସ୍ୱାଗତ କରାଯାଉଛି ।



ଅତାବିରାରେ ଭକ୍ତମାନେ ଗୁଆ, ଅରୁଆ ଚାଉଳ ଅର୍ପଣ କରୁଛନ୍ତି।

**ବରଗଡ଼,୯।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅର୍ପଣ ରଥକୁ ସ୍ୱାଗତ କରାଯାଇଥିଲା। ପୂର୍ବତନ କାଉନସିଲର ନାରାୟଣ ଭୋଇଙ୍କ ତତ୍ତ୍ୱାବଧାନରେ ଶତାଧିକ ମହିଳାପୁରୁଷ ଉପସ୍ଥିତ ରହି ହୁଳହୁଳି, ହରିବୋଲ ଦେଇଥିଲେ। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସେମାନେ ଚାଉଳ, ଗୁଆ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ଟାଉନ ସଭାପତି କିଶୋର ମିଶ୍ର, ପୌରାଧ୍ୟକ୍ଷା କଳ୍ପନା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରଗଡ଼ ପୌର ପରିଷଦର ୱାର୍ଡ ନଂ-୧, ୫ ସମେତ ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା, ବନ୍ଦା, କୁର୍ଲା ଆଦି ଗ୍ରାମରେ ଅର୍ପଣ ରଥକୁ ସ୍ୱାଗତ କରାଯାଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ପୌର ପରିଷଦର ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ସରଣ୍ଡା (ଯୁଧିଷ୍ଠିର ମହାପାତ୍ର):** ଅତାବିରା ଏନ୍‌ଏସିର ୬ ନମ୍ବର ୱାର୍ଡ ସ୍ଥିତ ଅତାବିରା ବସ୍ତି ଜଗନ୍ନାଥ ମନ୍ଦିରରେ ମଙ୍ଗଳବାର ଅର୍ପଣ ରଥର ଶୁଭ ଉଦ୍‌ଘାଟନ ହୋଇଛି। ପୂଜାର୍ଚ୍ଚନା କରାଯିବା ପରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଶହ ଶହ ମହିଳାଙ୍କ ହରିବୋଲ ହୁଳହୁଳି, ଶଙ୍ଖ ଧ୍ୱନି, ଜୟ ଜଗନ୍ନାଥ ଧ୍ୱନି ରେ ଗାଁ ପ୍ରକମ୍ପିତ ହୋଇ ଉଠିଥିଲା। ପରେ ଭବ୍ୟ କଳସ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ବିଧାୟିକା ଛୁରିଆ ଘର ଘର ବୁଲି ଅରୁଆ ଚାଉଳ ଓ ଗୁଆକୁ କଳସରେ ସଂଗ୍ରହ କରିଥିଲେ। ଏହି ଅବସରରେ ମଙ୍ଗଳବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତାବିରା ବିଧାୟିକା ଛୁରିଆ ମୁଖ୍ୟ ଅତିଥି, ଏନ୍‌ଏସି ଅଧ୍ୟକ୍ଷ ବନମାଳି ବରିହା, ଅତାବିରା ଗ୍ରାମ୍ୟ କମିଟି ସଭାପତି ଦୈତାରୀ ପ୍ରଧାନ, କାର୍ଯ୍ୟନିର୍ବାହୀ ସତ୍ୟନାରାୟଣ ତାଣ୍ଡି, ଅତାବିରା ବରିଷ୍ଠ ନାଗରିକ ଶରତ ପ୍ରଧାନ, ରଘୁ ବିଶ୍ୱାଳ, ବିଜୟ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅତାବିରା ଏନ୍‌ଏସି କର୍ମଚାରୀ ପ୍ରଦୀପ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସିଦ୍ଧାର୍ଥ ଶଙ୍କର ପଣ୍ଡା ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଥିଲେ।

## ପୂଜାର୍ଚ୍ଚନା ପରେ ଗୁଆ, ଚାଉଳ ସଂଗ୍ରହ

**ବରପାଲି,୯।୧(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ରେମତା ପଞ୍ଚାୟତ ଅଫିସଠାରେ ବ୍ଲକ ଅଧ୍ୟକ୍ଷା ରୀନା ଥଇତ ଓ ସରପଞ୍ଚ ବିନୟ ଗଡତିଆ ଅର୍ପଣ ରଥର ଶୁଭାରମ୍ଭ କରିଥିଲେ। ଜଗନ୍ନାଥଙ୍କ ସଂସ୍କୃତି ଓ ସମର୍ପଣ ଭାବନାକୁ ନେଇ ଘରେ ଘରେ ପହଞ୍ଚିବା ଲକ୍ଷ ତଥା ଆଧ୍ୟାତ୍ମିକ ଚେତନା ଜାଗ୍ରତ ହେବ ବୋଲି ବିଡିଓ ପ୍ରସନ୍ନ କୁମାର ପାଣ୍ଡେ ପ୍ରକାଶ କରିଛନ୍ତି। ପ୍ରଥମ ଦିନରେ ରେମତା, ଧୀରପୁର ଓ କୃଷକପଲ୍ଲୀ ଗ୍ରାମରେ ଏହି ରଥ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଥିଲା। ପର୍ଯ୍ୟାୟକ୍ରମେ ଏହି ରଥ କୁମ୍ଭାରୀ, ବରମକେଲା, କାଇଁଶୀର, କନବାର, ବାଗବାଡ଼ି, ବନ୍ଧପାଲି, ମହଦା, ଖେମେସରା, ସତଲମା, ବନ୍ଧପାଲି, ଆଗଲପୁର, ରକ୍ସା, ବାରଗୁଡ଼ା, ଭଟଗାଁ, ତିନକାନି, ଗୋପେଇପାଲି, ମହୁପଲି, କଣ୍ଟାପାଲି, କୁସନପୁରୀ, ତେଜଙ୍ଗକୁ ଯିବ। ଏହି ଅବସରରେ ନଗରପାଳ ଦୀନେଶ ଗହୀର, କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀଙ୍କ ସମେତ ବହୁ କାଉନସିଲର ଓ ମହିଳାପୁରୁଷ ସାମିଲ ହୋଇଥିଲେ।



ବରପାଲି ଅଞ୍ଚଳରେ ଗୁଆ, ଚାଉଳ ସଂଗ୍ରହ କରାଯାଉଛି।

## ହାତୀ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ଖପ୍ରାଖୋଲ, ୯।୧(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବନାଞ୍ଚଳ ତରଫରୁ ହାତୀ ସୁରକ୍ଷା ସଚେତନତା ଶୋଭାଯାତ୍ରା ନାନ୍ଦୁପଲା ଗାଁରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବନାଞ୍ଚଳ ବନ କର୍ମଚାରୀ, ଗଜସାଥୀ ଓ ବନ୍ୟଜନ୍ତୁ ସୁରକ୍ଷା ବାହିନୀକୁ ନେଇ ଆରମ୍ଭ ହୋଇଥିବା ସଚେତନତା ଶୋଭାଯାତ୍ରାରେ ହାତୀ ସୁରକ୍ଷା ସହିତ ମଣିଷର ସୁରକ୍ଷା ପାଇଁ ବାର୍ତ୍ତା ପ୍ରଦାନ କରାଯାଇଥିଲା। ହାତୀ ପ୍ରଭାବିତ ତଥା ଚଳାପଥ ଅଞ୍ଚଳ ପାହାଡ ଜଙ୍ଗଲ ତଳି ଗାଁମାନଙ୍କୁ ଶୋଭାଯାତ୍ରା ଯାଇ ସଚେତନ କରିଥିଲେ। ଏହି ଅବସରରେ ରେଙ୍ଗାଲି ସେକ୍ସନ, ଖପ୍ରାଖୋଲ ସେକ୍ସନ, ହରିଶଙ୍କର ସେକ୍ସନ ଓ ଧଣ୍ଡାମୁଣ୍ଡା ସେକ୍ସନର ହାତୀ ପ୍ରଭାବିତ ଗାଁ ବୁଲିଥିଲା। ଏହି ଅବସରରେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ଉପ ବନାଞ୍ଚଳ ଅଧିକାରୀ ସୁନୀଲ କୁମାର ମିଶ୍ର, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ରେଙ୍ଗାଲି ବନପାଳ ଘାସିରାମ ଦୀକ୍ଷିତ, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟାବାଞ୍ଜି ଏନ୍‌ଏସିର କାଉନସିଲ ବୈଠକ

**କଣ୍ଟାବାଞ୍ଜି, ୯।୧(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନ୍‌ଏସି ସଭାଗୃହରେ କାଉନସିଲ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛ। ନଗରପାଳ ବରିୟାମ ସିଂ ସାଲୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ସନ୍ତୋଷ ସିଂ ସାଲୁଜା, ଉପନଗରପାଳ ମନୋରମା ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ସମସ୍ତ କାଉନସଲର, ଏମଇ ଏ.ପଟ୍ଟନାୟକ ଉପସ୍ଥିତ ଥିଲେ।

## ଜମିବିକ୍ରି ଜାଲିଆତି, ଜିଲାପାଳଙ୍କୁ ଫେରାଦ

**ବରଗଡ଼,୯।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଜମିବିକ୍ରିରେ ଜାଲିଆତି ବଢ଼ିଚାଲିଥିବା ଅଭିଯୋଗ ହୋଇଛି। ମଧ୍ୟସ୍ଥଙ୍କ ସହାୟତାରେ କିଛି ବିଭାଗୀୟ ଅଧିକାରୀ ଅସାଧୁମେଣ୍ଟ ସ୍ଥାପନ କରି ଏଭଳି କାରବାରରେ ସମ୍ପୃକ୍ତ ରହିଥିବା ଲୋକେ ଅଭିଯୋଗ କରୁଛନ୍ତି। ଜମି ବିକ୍ରି ହୋଇଯାଉଛି, ମାତ୍ର ଜମିର ପ୍ରକୃତ ମାଲିକ ସେ ନେଇ କିଛି ଜାଣି ପାରୁନାହାନ୍ତି। ଜାଲିଆତିରେ ସମ୍ପୃକ୍ତ ଲୋକଙ୍କ ମାଧ୍ୟମରେ ଜମି କିଣିବା ପରେ କ୍ରେତା ଜମି ଦଖଲ କରିବାକୁ ଆସିବା ବେଳେ ପ୍ରକୃତ ଘଟଣା ଜଣାପଡୁଛି। ବରଗଡ଼ ଜିଲା ତେନ୍ତଲା ମୌଜାରେ ଜମିବିକ୍ରିରେ ଏଭଳି ଜାଲିଆତି ହୋଇଛି। ଏଭଳି ଅଭିଯୋଗ ନେଇ ଉକ୍ତ ମୌଜାର ବହୁ ମହିଳାପୁରୁଷ ଜିଲାପାଳଙ୍କୁ ଫେରାଦ ହୋଇ ପଦକ୍ଷେପ ନେବାକୁ ନିବେଦନ କରଛନ୍ତି। ଏ ସମ୍ପର୍କରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଅଞ୍ଚଳବାସୀ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ତେନ୍ତଲା ମୌଜାରେ ରହିଥିବା ୩ଏକର ୧୮ଡେସିମିଲ ଜମିକୁ ପ୍ରକୃତ ଜମି ମାଲିକଙ୍କ ଅଜାଣତରେ ବିକ୍ରି କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। କେବଳ ତେନ୍ତଲା ମୌଜା ନୁହେଁ, ଜିଲାର ଅନେକ ସ୍ଥାନରେ ଜମିବିକ୍ରିରେ ମଧ୍ୟ ଏଭଳି ଜାଲିଆତି କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ପାଣ୍ଡବ ପ୍ରଧାନ, ନିରୁପମା ପ୍ରଧାନ, ସରସ୍ୱତୀ ପ୍ରଧାନ, ସବିତା ସାହୁ, ତୃତୀୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଜମିବିକ୍ରି ଜାଲିଆତି ଅଭିଯୋଗ ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ ।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ହାଓଡା ବିଜୟୀ

**ବରପାଲି,୯।୧(ଚିତ୍ତରଞ୍ଜନ ସାହୁ)**

ବରପାଲି କ୍ରୀଡା ସଂସଦ ପକ୍ଷରୁ ଆୟୋଜିତ ତୃତୀୟ ସୁବଳ ସାହୁ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ ହାଓଡା ଓ ଭୁବନେଶ୍ୱରର କିଶୋର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୧-୧ ଗୋଲ ସ୍କୋର କରି ଖେଳ ଅମିମାଂସିତ ରହିବାରୁ ଟ୍ରାଇ ବ୍ରେକର୍ ଜରିଆରେ ହାଓଡା ଦଳ ଭୁବନେଶ୍ୱର ଦଳକୁ ୫-୩ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ, ଅନନ୍ତ ସେଠ୍, ବିଜେଡି ନେତା ଗୌରହରି ମିଶ୍ର, ବ୍ୟାଙ୍କ୍ ମ୍ୟାନେଜର ଅଭିଜିତ ପଣ୍ଡା ଯୋଗ ଦେଇଥିଲେ। ହାଓଡା ଦଳର ସତ୍ୟମ୍ ରାୟଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିବା ବେଳେ ବରପାଲିର ପୂର୍ବତନ ଫୁଟ୍‌ବଲ ଖେଳାଳି ଅମୃତ ଲାଲ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## କପାର ବର୍ଗୀକରଣ, ବିକ୍ରି ତାଲିମ ଶିବିର

**ଖପ୍ରାଖୋଲ, ୯।୧(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ କପାର ବର୍ଗୀକରଣ ଓ ବିକ୍ରିବଟା ସମ୍ପର୍କିତ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ, ପାଟଣାଗଡ ସହକାରୀ କୃଷି ଅଧିକାରୀ ଅର୍ପିତା ବାରିକ, ଖପ୍ରାଖୋଲ ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଜଗବନ୍ଧୁ ବେହେରା ଯୋଗଦେଇ ଜମି ପ୍ରସ୍ତୁତି, ରୋଗପୋକ ନିୟନ୍ତ୍ରଣ, ମିଶ୍ରିତ କୃଷି, କାପାର ବର୍ଗୀକରଣ, ବିକ୍ରି ଉପରେ ଆଲୋକପାତ କରିଥିଲେ। ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ନିରନ୍ତର କୃଷି, କପାରେ ଚାଷରେ ଜୈବିକ ଖାତ, ସବୁଜ ଖାତ, ତରଳ ଖାତ ପ୍ରୟୋଗ ସହ କମ୍ପୋଷ୍ଟ ଓ ଜିଆଖତ ପ୍ରସ୍ତୁତି ଓ ପ୍ରୟୋଗ ଉପରେ କହିଥିଲେ। ଶିବିରରେ ଓଡ଼ିଆପାଲି ଓ ଖପ୍ରାଖୋଲ ପଞ୍ଚାୟତର ବହୁ ଚାଷୀ ଯୋଗଦେଇଥିଲେ। ପରେ ତାଲିମାର୍ଥୀମାନେ କପା ମିଲ ପରିଦର୍ଶନ କରିଥିଲେ।

## ପିକ୍‌ନିକ୍ ସ୍ପଟରେ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ

**ବରଗଡ଼,୯।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପରିବେଶ ସୁରକ୍ଷା ମଞ୍ଚ ଏବଂ ମାଉଣ୍ଟ ଏକ୍ସପ୍ଲୋରର୍ ଅନୁଷ୍ଠାନର ମିଳିତ ଉଦ୍ୟମରେ ଡେବ୍ରିଗଡ଼ ଅଭୟାରଣ୍ୟ ଜିରୋ ପଏଣ୍ଟ ପିକ୍‌ନିକ୍ ସ୍ପଟ୍‌ରେ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମାଉଣ୍ଟ ଏକ୍ସପ୍ଲୋରର୍ ଅନୁଷ୍ଠାନର ଆଶୀର୍ବାଦ ମହାପାତ୍ରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ପ୍ରକୃତି ବନ୍ଧୁ ମୀନକେତନ ସାହୁ ସଭାପତିତ୍ୱ କରିଥିଲେ। କମଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ରାଜେଶ କୁମାର ମହାକୁଡ଼ ମୁଖ୍ୟଅତିଥି ଭାବେ ଯୋଗଦେଇ ପର୍ଯ୍ୟଟନ ସ୍ଥଳୀରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଜମି ରହିଲେ ପରିବେଶ ପ୍ରତି ତାର କିଭଳି କୁପ୍ରଭାବ ପଡ଼ିବ ସେ ନେଇ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ନୀଳକଣ୍ଠ ସା, ଭୁବନେଶ୍ୱର ପ୍ରଧାନ, ବିଭୂତି ଭୂଷଣ ମୁଣ୍ଡ, ସଞ୍ଜୀବ ପ୍ରଧାନ, ଦୟାନିଧି ପ୍ରଧାନ, ସଞ୍ଜୟ ଖମାରୀ, ଦିଲୀପ ମହାପାତ୍ର, ଶୋଭାଚନ୍ଦ୍ର ପ୍ରଧାନ, ତ୍ରିଲୋଚନ ସାହୁ, ଲକ୍ଷ୍ମୀ ନାରାୟଣ ବନଛୋର, ସୁରେନ୍ଦ୍ର ମୋହନ ସାହୁ ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର କୁପ୍ରଭାବ ଉପରେ କହିଥିଲେ। ସେହିପରି ଉପସ୍ଥିତ ସଦସ୍ୟମାନେ ପିକ୍‌ନିକ୍ ସ୍ପଟରେ ଜମି ରହିଥିବା ପ୍ଲାଷ୍ଟିକ ବର୍ଜବସ୍ତୁ ସଂଗ୍ରହ କରି ତାକୁ ନଷ୍ଟ କରିଥିଲେ। ମାଉଣ୍ଟ ଏକ୍ସପ୍ଲୋରର୍ ଅନୁଷ୍ଠାନର ରମେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




ଜିରୋ ପଏଣ୍ଟ ପିକ୍‌ନିକ୍ ସ୍ପଟ୍‌ରେ ପ୍ଲାଷ୍ଟିକମୁକ୍ତ ଅଭିଯାନ ।

## କ୍ରିଷ୍ଣା ବିକାଶ ଛାତ୍ରୀଛାତ୍ରଙ୍କ ୱାଇଲ୍ଡରନେସ୍ କ୍ୟାମ୍ପ

**ବରଗଡ଼,୯।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଥମଥର ପାଇଁ ୪ଦିନ ଧରି ଡେବ୍ରିଗଡ଼ରେ ହେବାକୁ ଥିବା ୱାଇଲ୍ଡରନେସ୍ କ୍ୟାମ୍ପରେ ଯୋଗଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଉକ୍ତ ଅନୁଷ୍ଠାନର ୧୫୭ଜଣ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସାମିଲ ହୋଇଛନ୍ତି । ଆସନ୍ତା ୧୧ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସେଠାକୁ ଯାତ୍ରା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାରଙ୍କ ତରଫରୁ ଭାରତ ଦର୍ଶନ ଯୋଜନାକୁ ସଫଳ କରିବା ପାଇଁ ବିକାଶ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହା ଏକ ନିଆରା ପ୍ରୟାସ ବୋଲି କ୍ରୀଷ୍ଣା ବିକାଶ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଦିଲ୍ଲୀର ପ୍ରତିଷ୍ଠିତ ଆୟୋଜକ ନ୍ୟୁ ହରାଇଜନ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଏହି ରହଣୀ ସମୟରେ ନୌଚାଳନା, ପର୍ବତାରୋହଣ, ସାଇକେଲ ଚାଳନା, ତମ୍ବୁ ଭିତରେ ରାତ୍ରି ରହଣୀ ଆଦି କାର୍ଯ୍ୟକ୍ରମର ନୂତନ ଅନୁଭବ ପାଇପାରିବେ । କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀଙ୍କ ତତ୍ତ୍ୱାବଧାନରେ ଏହି ଦୁଃସାହସିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭ କାମନା ଜଣାଇଛନ୍ତି ।




ୱାଇଲ୍ଡରନେସ୍ କ୍ୟାମ୍ପରେ ସାମିଲ ଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ।

## ଲୋକକଳାରେ ଯୋଜନାର ପ୍ରଚାରକୁ ଗୁରୁତ୍ୱ

**ବରଗଡ଼,୯।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ହିତାଧିକାରୀ ଯୋଜନା ଗୁଡ଼ିକର ସୂଚନା ଜନସାଧାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଲୋକକଳା ମାଧ୍ୟମରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ମୁଖ୍ୟ ଅତିଥି ଏବଂ ଅଭିନେତ୍ରୀ ଡ. ତପସ୍ୱିନୀ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ, ପାଇକମାଳ ଏବିଡିଓ ଦେବାଶିଷ ସିହ୍ନା, ଜିଲା କଳା, ସଂସ୍କୃତି ସଂଘର ଉପସଭାପତି ଅମୃତ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ସରକାରଙ୍କ ବିଭିନ୍ନ ହିତାଧିକାରୀ ଯୋଜନାର ସଫଳ ରୂପାୟନ ପାଇଁ ଲୋକମାନଙ୍କ ପାଖରେ ସୂଚନା ପହଞ୍ଚାଇବା ଜରୁରୀ ଏବଂ ନୃତ୍ୟ, ଗୀତ ଅଭିନୟ ତଥା ଲୋକକଳା ମାଧ୍ୟମରେ ଏହାର ପ୍ରଚାର, ପ୍ରସାର ସର୍ବଶ୍ରେଷ୍ଠ ବୋଲି ମୁଖ୍ୟ ଅତିଥି ଲୁହା ମତବ୍ୟକ୍ତ କରିଥିଲେ। ସମ୍ବଲପୁରୀ, ଦଣ୍ଡ, ପରଭା, ଘୁଡୁକା ନୃତ୍ୟ, ସଞ୍ଚାର, ସମ୍ପ୍ରଦା, ପାଲା ଆଦି ଲୋକକଳାର ପ୍ରଚାର ପ୍ରସାର ଉପରେ ସମ୍ମାନିତ ଅତିଥି ଗୁରୁ ଗୁରୁତ୍ୱାରୋପ କରିଥିଲେ। ଏବିଡିଓ ସିହ୍ନା କଳାକାର ଏବଂ ନୋଡ଼ାଲ ଅଧିକାରୀମାନଙ୍କୁ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଏବଂ କାର୍ଯ୍ୟକ୍ରମର ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ ଦେଇଥିଲେ। ଜିଲାର ସମସ୍ତ ବ୍ଲକରୁ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମର ନୋଡ଼ାଲ ଅଧିକାରୀ, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି, କଳାକାର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା କଳା, ସଂସ୍କୃତି ସଂଘର ଉପସଭାପତି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ କଳାକାର।

## ସଂକ୍ଷେପରେ

### ୩ ଅଭିଯୁକ୍ତ ଗିରଫ

ଲୋଇସିଂହା,୯।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ୩ ପୁରୁଣା ୱାରେଣ୍ଟିଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଚୁଙ୍ଗିଦାଦରର ବାଲ୍ମିକିଭୋଇ, ଇଂସା ଗ୍ରାମର ମିଥୁନ କନ୍ଧେର ଓ ସତ୍ୟନାରାୟଣ ସରାଫ । ବୁଧବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ବାସୁଦେବ ଭୋଇ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ପୃଥକ ମାମଲା ରହିଛି । ପୋଲିସକୁ ଚକମା ଦେଇ ଅଭିଯୁକ୍ତମାନେ ଫେରାରଥିଲେ । ଆଇଆଇସି ଭୋଇଙ୍କ ନେତୃତ୍ୱରେ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ।

### କପାର ବର୍ଗୀକରଣ, ବିକ୍ରି ତାଲିମ ଶିବିର

ଖପ୍ରାଖୋଲ, ୯।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ କପାର ବର୍ଗୀକରଣ ଓ ବିକ୍ରିବଟା ସମ୍ପର୍କିତ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ, ପାଟଣାଗଡ ସହକାରୀ କୃଷି ଅଧିକାରୀ ଅର୍ପିତା ବାରିକ, ଖପ୍ରାଖୋଲ ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଜଗବନ୍ଧୁ ବେହେରା ଯୋଗଦେଇ ଜମି ପ୍ରସ୍ତୁତି, ରୋଗପୋକ ନିୟନ୍ତ୍ରଣ, ମିଶ୍ରିତ କୃଷି, କାପାର ବର୍ଗୀକରଣ, ବିକ୍ରି ଉପରେ ଆଲୋକପାତ କରିଥିଲେ। ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ନିରନ୍ତର କୃଷି, କପାରେ ଚାଷରେ ଜୈବିକ ଖାତ, ସବୁଜ ଖାତ, ତରଳ ଖାତ ପ୍ରୟୋଗ ସହ କମ୍ପୋଷ୍ଟ ଓ ଜିଆଖତ ପ୍ରସ୍ତୁତି ଓ ପ୍ରୟୋଗ ଉପରେ କହିଥିଲେ। ଶିବିରରେ ଓଡ଼ିଆପାଲି ଓ ଖପ୍ରାଖୋଲ ପଞ୍ଚାୟତର ବହୁ ଚାଷୀ ଯୋଗଦେଇଥିଲେ। ପରେ ତାଲିମାର୍ଥୀମାନେ କପା ମିଲ ପରିଦର୍ଶନ କରିଥିଲେ।

### କଣ୍ଟାବାଞ୍ଜି ଏନ୍ଏସିର କାଉନସିଲ ବୈଠକ

କଣ୍ଟାବାଞ୍ଜି, ୯।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ସଭାଗୃହରେ କାଉନସିଲ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନଗରପାଳ ବରିୟାମ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ସନ୍ତୋଷ ସିଂ ସାଲୁଜା, ଉପନଗରପାଳ ମନୋରମା ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ସମସ୍ତ କାଉନସଲର, ଏମଇ ଏ.ପଟ୍ଟନାୟକ ଉପସ୍ଥିତ ଥିଲେ। କଣ୍ଟାବାଞ୍ଜି ସହରର ବିଭିନ୍ନ ସମସ୍ୟା ବୈଠକରେ କାଉନସିଲରମାନେ ଉଠାଇ ସମାଧାନ ଦାବି କରିଥିଲେ। ଆଗାମୀ ଜନରାଜ୍ୟ ଦିବସ ପାଳନ ପ୍ରସ୍ତୁତି ବିଷୟରେ ମଧ ବୈଠକରେ ଆଲୋଚନା ହୋଇଥିଲା।

# ପ୍ରଶ୍ନ ପଚାରିଲେ ଉତ୍ତର ମିଳୁନି

**ମ୍ୟୁନିସିପାଲିଟି ସମୀକ୍ଷା ବୈଠକ**

- ବଲାଙ୍ଗୀର ମ୍ୟୁନିସିପାଲିଟି ଦୁର୍ନୀତିର ଗନ୍ଥାଘର: ନରସିଂହ
- ଜାଗା ମିଶନ କାର୍ଯ୍ୟକ୍ରମ ବିଫଳ

ବଲାଙ୍ଗୀର, ୯।୧ (ବୀରେନ୍ଦ୍ର କୁମାର ଝାଙ୍କର)



ବୈଠକରେ ବିଧାୟକ ନରସିଂହ ମିଶ୍ର ସମୀକ୍ଷା କରୁଛନ୍ତି।

ବଲାଙ୍ଗୀର ମ୍ୟୁନିସିପାଲିଟିର ସମୀକ୍ଷା ବୈଠକ ମଙ୍ଗଳବାର ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଥିଲା। ବିଧାୟକ ନରସିଂହ ମିଶ୍ର ସମୀକ୍ଷା କରି ସାରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ଏଇ ମ୍ୟୁନିସିପାଲିଟି ଦୁର୍ନୀତିର ଗନ୍ଥାଘର ପାଲଟିଛି ବୋଲି କହିଥିଲେ। ସେ କହିଥିଲେ ଯେ, ୩ବର୍ଷରୁ ଉର୍ଦ୍ଧ୍ୱ ହେବ ମ୍ୟୁନିସିପାଲିଟିରେ ବାସ କରୁଥିବା ଭୂମିହୀନଙ୍କୁ ଜାଗା ମିଶନରେ ଜମି ଅଧିକାର ପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଜମି ଅଧିକାର ପତ୍ର ପାଇବା ସତ୍ତ୍ୱେ ସହରାଞ୍ଚଳର ଅନେକ ଲୋକ ଆଜିପର୍ଯ୍ୟନ୍ତ ଘରଡିହ କିମ୍ବା ବାସଗୃହ ପାଇନାହାନ୍ତି। ଅଧିକାରୀଙ୍କୁ ପଚାରିଲେ କହୁଛନ୍ତି ସର୍ଭେ ଚାଲିଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଗରିବଙ୍କୁ ଜାଗା ଓ ଘର ଦେବାକୁ ଆନ୍ତରିକତା ନାହିଁ। ସର୍ଭେ ବାହାନାରେ ତ କେତେବେଳେ ଅନ୍ୟ ବିଭାଗକୁ ଦୋଷ ଦେଇ ସମୟ ଗଡାଇ ଚାଲିଛନ୍ତି। ବଲାଙ୍ଗୀରରେ ସରକାରଙ୍କ ଜାଗା ମିଶନ କାର୍ଯ୍ୟକ୍ରମ ଫେଲ ମାରିଛି ବୋଲି ବିଧାୟକ ମିଶ୍ର କହିଥିଲେ।

ବିଧାୟକ କହିଥିଲେ ଯେ,ମୁକ୍ତା ଯୋଜନା ଅଧିନରେ ସହରସାରା ନିର୍ମାଣ ହୋଇଥିବା ବର୍ଷା ଜଳ ସଂରକ୍ଷଣ ପ୍ରକଳ୍ପରେ ଦୁର୍ନୀତି ହୋଇଛି । କୋଟି କୋଟି ଟଙ୍କାର ଏହି ଜଳ ସଂରକ୍ଷଣ ପ୍ରକଳ୍ପ ଯେଉଁଠି ନିର୍ମାଣ ହୋଇଥିଲା ତାହା ଆଉ ଖୋଜିଲେ ମିଳୁନାହିଁ। ଏହା ସହିତ ହୋର୍ଡିଂ ଦୁର୍ନୀତି, ମଶାତେଲ ଦୁର୍ନୀତି, ପାଣିଛତ୍ର ଦୁର୍ନୀତି, ଖୋଲାସ୍ଥାନରେ ସୌନ୍ଦର୍ଯ୍ୟକରଣରେ ଯେଉଁ ଦୁର୍ନୀତି ହୋଇଛି ତାହା ଜଳ ଜଳ ଦେଖାଯାଉଛି। ସମୀକ୍ଷା ବୈଠକରେ ବିଧାୟକ ମିଶ୍ର କୌଣସି ବି ପ୍ରକଳ୍ପ ବା ଯୋଜନାକୁ ନେଇ ପ୍ରଶ୍ନ ପଚାରିଲେ ଅଧିକାରୀ ଓ ଯନ୍ତ୍ରୀ କିଛି ସଠିକ୍ ଉତ୍ତର ଦେଇ ପାରି ନ ଥିଲେ। ମହାରାଣୀ ସାଗର, ଲକ୍ଷ୍ମୀଯୋର ପ୍ରକଳ୍ପ ପାଇଁ ପ୍ରଭାବିତ ଲୋକଙ୍କୁ ପଟ୍ଟା ପ୍ରଦାନ କରିବାକୁ ବିଧାୟକ ମିଶ୍ର ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଥିଲେ । ସେ ଉପରେ କଣ ପଦକ୍ଷେପ ନିଆଯାଇଛି ବୋଲି ପଚାରିବାରୁ ଜିଲାପାଳଙ୍କୁ ଲେଖାଯାଇଛି ବୋଲି ପୌର ଅଧିକାରୀ ବିଶ୍ୱମ୍ବର ମିଶ୍ର କହିଥିଲେ। ଲକ୍ଷ୍ମୀଯୋର ଏବେ ସହରର ଡମ୍ପିଂ ୟାର୍ଡ ପାଲିଟିଛି। ଡ୍ରେନ ସଫା କରିବା ଦିଗରେ ମ୍ୟୁନିସିପାଲିଟି କାର୍ଯ୍ୟ କରୁ ବୋଲି ବିଧାୟକ କହିଥିଲେ। ମହାରାଣୀ ସାଗର ଉନ୍ନୟନ ପାଇଁ ଆସିଥିବା ଅନୁଦାନ ଅମୃତ ଯୋଜନାରୁ କିଭଳି ମୋ ପୋଖରୀ ଯୋଜନାକୁ ଆସିଲା ସେ ନେଇ ପ୍ରଶ୍ନ କରିବାରୁ ଅଧିକାରୀ ଓ ଯନ୍ତ୍ରୀ ଥଥ ମମ ହୋଇଥିଲେ। ଯୋଜନା ଚୋରିକୁ ଲୁଚାଇବା ପାଇଁ ଚିଠିପତ୍ରରେ ଚଞ୍ଚକତା କରାଯାଇଥିବା ପ୍ରମାଣ ମିଳୁଛି ବୋଲି ବିଧାୟକ ମିଶ୍ର କହିଛନ୍ତି। ଗରିବ ଲୋକେ ପାଉଥିବା ବିଭିନ୍ନ ଯୋଜନରେ ଯେମିତି କୌଣସି ଦୁର୍ନୀତି ନ ହେବ ସେ ଉପରେ ବିଶେଷ ଧ୍ୟାନ ଦେବା ପାଇଁ ଅଧିକାରୀମାନଙ୍କୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକରେ ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂସ୍ଥା ପ୍ରକଳ୍ପ ଅଧିକାରୀ, ମ୍ୟୁନିସିପାଲିଟି ନିର୍ବାହୀ, ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ହାତୀ ସୁରକ୍ଷା ସଚେତନ ଶୋଭାଯାତ୍ରା

ଖପ୍ରାଖୋଲ, ୯।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବନାଞ୍ଚଳ ତରଫରୁ ହାତୀ ସୁରକ୍ଷା ସଚେତନତା ଶୋଭାଯାତ୍ରା ନାନ୍ଦୁପଲା ଗାଁରେ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ବନାଞ୍ଚଳ ବନ କର୍ମଚାରୀ, ଗଜସାଥୀ ଓ ବନ୍ୟଜନ୍ତୁ ସୁରକ୍ଷା ବାହିନୀକୁ ନେଇ ଆରମ୍ଭ ହୋଇଥିବା ସଚେତନତା ଶୋଭାଯାତ୍ରାରେ ହାତୀ ସୁରକ୍ଷା ସହିତ ମଣିଷର ସୁରକ୍ଷା ପାଇଁ ବାର୍ତ୍ତା ପ୍ରଦାନ କରାଯାଇଥିଲା। ହାତୀ ପ୍ରଭାବିତ ତଥା ଚଲାପଥ ଅଞ୍ଚଳ ପାହାଡ ଜଙ୍ଗଲ ତଳି ଗାଁମାନଙ୍କୁ ଶୋଭାଯାତ୍ରା ଯାଇ ସଚେତନ କରିଥିଲେ। ଏହି ଅବସରରେ ରେଙ୍ଗାଲି ସେକ୍ସନ, ଖପ୍ରାଖୋଲ ସେକ୍ସନ, ହରିଶଙ୍କର ସେକ୍ସନ ଓ ଧଣ୍ଡାମୁଣ୍ଡା ସେକ୍ସନର ହାତୀ ପ୍ରଭାବିତ ଗାଁ ବୁଲିଥିଲା। ଏହି ଅବସରରେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ଉପ ବନାଞ୍ଚଳ ଅଧିକାରୀ ସୁନୀଲ କୁମାର ମିଶ୍ର, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ରେଙ୍ଗାଲି ବନପାଳ ଘାସିରାମ ଦୀକ୍ଷିତ, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## ୮ବର୍ଷ ପରେ ଖୋଲିଲା ୨ବନ୍ଦ କୋଠରି

ଲୋଇସିଂହା,୯।୧ (ସୁଶାନ୍ତ ବାରିକ)



ପ୍ରାଣୀଧନ ଚିକିତ୍ସାଳୟ କୋଠରିରୁ ବାହାରିଥିବା ସାମଗ୍ରୀ।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ପ୍ରାଣୀଧନ ଚିକିତ୍ସାଳୟର ବନ୍ଦ ଥିବା ୨ କୋଠରୀ ଦୀର୍ଘ ୮ ବର୍ଷ ପରେ ମଙ୍ଗଳବାର ଖୋଲିଛି। ଉପଜିଲାପାଳ ପ୍ରଭାସଚନ୍ଦ୍ର ଦଣ୍ଡସେନାଙ୍କ ନିର୍ଦ୍ଦେଶରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ବନ୍ଦ ଥିବା ୨ କୋଠରୀ ତାଲା କାଟି ଖୋଲାଯାଇଥିଲା । କୋଠରୀରେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜ, ଆସବାବ ପତ୍ର ଉଇ ଖାଇଯାଇଥିବାବେଳେ ସରକାରୀ ଉପକରଣ କଳଙ୍କି ଲାଗି ନଷ୍ଟ ହୋଇଯାଇଥିବା ଦେଖାଯାଇଥିଲା। ଗଚ୍ଛିତ ଔଷଧପତ୍ର ନଷ୍ଟ ହୋଇଯାଇଛି।

୨୦୧୬ମସିହାରେ ଅବସ୍ଥାପିତ ପ୍ରାଣୀ ଚିକିତ୍ସକଙ୍କ ଅନ୍ୟତ୍ର ବଦଳି ହୋଇଥିଲା। ଗଲାବେଳେ ସମ୍ପୃକ୍ତ ପ୍ରାଣୀ ଚିକିତ୍ସକ ଉକ୍ତ ୨ କୋଠରିରେ ତାଲା ପକାଇ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ଆସିଥିବା ଅଧିକାରୀମାନେ ଉକ୍ତ ବନ୍ଦ କୋଠରୀ ଖୋଲିବା ଦିଗରେ ପଦକ୍ଷେପ ନେଇ ନ ଥିଲେ। ବର୍ତ୍ତମାନର ପ୍ରାଣୀ ଚିକିତ୍ସକ ରଜନୀ ଏକ୍କା ବନ୍ଦ କୋଠରୀ ସଂକ୍ରାନ୍ତରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଖୋଲିବା ଦିଗରେ ପଦକ୍ଷେପ ନେବାକୁ ଜଣାଇଥିଲେ । ଏହାପରେ ବିଭାଗୀୟ ଉଚ୍ଚପଦାଧିକାରୀ ଜିଲା ପ୍ରଶାସନକୁ ଜଣାଇଥିଲେ । ଉପଜିଲାପାଳ ଦଣ୍ଡସେନାଙ୍କ ନିର୍ଦ୍ଦେଶରେ ଆଗଲପୁର ଅତିରିକ୍ତ ତହସିଲଦାର ପ୍ରଭାକର ପଧାନ, ଆଇଆଇସି ବାସୁଦେବ ଭୋଇ ଏବଂ ଜିଲା ପ୍ରାଣୀ ଚିକିତ୍ସାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ବନ୍ଦ କୋଠରୀ ଖୋଲାଯାଇଥିଲା । ରକ୍ଷଣାବେକ୍ଷଣ ଅଭାବରୁ ଅଫିସର ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଓ ଆସବାବପତ୍ର ନଷ୍ଟ ହୋଇଛି। କେଉଁ ପରିସ୍ଥିତରେ ୨ କୋଠରୀ ବନ୍ଦ ଥିଲା ଏବଂ ଏଥିପାଇଁ କିଏ ଦାୟି ତାହାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପସ୍ଥିତ ବରିଷ୍ଠ ଅଧିକାରୀ ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି।

### ସିଏ ପରୀକ୍ଷାରେ କଣ୍ଟାବାଞ୍ଜିର ୫କୃତକାର୍ଯ୍ୟ

**୩୨ତମ ର୍ୟାଙ୍କରେ ସକେତ ଅଗ୍ରୱାଲ**

କଣ୍ଟାବାଞ୍ଜି, ୯।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରୁ ଅନେକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଓ ପ୍ରଶାସନିକ ସେବା ଅଧିକାରୀ ବାହାରିଛନ୍ତି। ମଙ୍ଗଳବାର ପ୍ରକାଶିତ ସର୍ବଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ(ସିଏ) ପ୍ରବେଶିକା ପରୀକ୍ଷା ୨୦୨୩ରେ କଣ୍ଟାବାଞ୍ଜିର ୫ଜଣ ପ୍ରତିଯୋଗୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣ ଯୁବକ ଓ ଜଣେ ଯୁବତୀ । ସେମାନେ ହେଲେ କ୍ରିଷ୍ଣା ଅଗ୍ରୱାଲ, ପିୟୁଷ ଗୋୟଲ, ସୌରଭ ଅଗ୍ରୱାଲ, ଦିବ୍ୟା ଜିନ୍ଦଲ ଏବଂ ସକେତ ଅଗ୍ରୱାଲ। ସକେତ ସର୍ବଭାରତୀୟସ୍ତରରେ ୩୨ତମ ର୍ୟାଙ୍କରେ ରହିଛନ୍ତି। ସୂଚନାଯୋଗ୍ୟ ଯେ, ସିଏରେ କୃତକାର୍ଯ୍ୟ ହୋଇଥିବା କ୍ରିଷ୍ଣା ଅଗ୍ରୱାଲଙ୍କ ବାପା ଲଳିତ ଅଗ୍ରୱାଲ ସମ୍ପ୍ରତି କଣ୍ଟାବାଞ୍ଜି ଏନଏସି ୯ନଂ ୱାର୍ଡର କାଉନସିଲର ଅଛନ୍ତି।

### ଲଳିତ କଳା ଏକାଡେମୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଉଦ୍‌ଘାଟିତ



ଜିଲାପାଳ ଚଞ୍ଚଳ ରାଣା ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର, ୯।୧ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ଲଳିତ କଳା ଏକାଡେମୀର ଏକ ଆଞ୍ଚଳିକ ଆର୍ଟ ଗ୍ୟାଲେରୀକୁ ସୋମବାର ଜିଲାପାଳ ଚଞ୍ଚଳ ରାଣା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ପି ରଷିକେଶ ଖିଲାରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏଇ ଆର୍ଟ ଗ୍ୟାଲେରୀ ବଲାଙ୍ଗୀର ଜିଲାର କଳାକାରଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଜିଲାପାଳ ରାଣା କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଲଳିତ କଳା ଏକାଡ଼େମୀ ସଚିବ ପଞ୍ଚାନନ ସାମଲ ଯୋଗଦେଇ ପ୍ରଶାସନିକ ଉଦ୍ୟମର ପ୍ରଶଂସା କରିବା ସହ ଏହା ଓଡ଼ିଶାର ସପ୍ତମ ଆର୍ଟ ଗ୍ୟାଲେରୀ ହେବା ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ, ଓଡିଶା ଲଳିତ କଳା ଏକାଡ଼େମୀ କାର୍ଯ୍ୟକାରୀ ସଦସ୍ୟ ଶ୍ୟାମସୁନ୍ଦର ମେହେର, ଚିତ୍ରଶିଳ୍ପୀ ସରୋଜ ମହାପାତ୍ର ଏହି ଅବସରରେ ଉପସ୍ଥିତ ଥିଲେ।

## ସରେଇବାହାଲ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଲାଠୋର, ୯।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସରେଇବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରଧାନଶିକ୍ଷକ ଦୟାସାଗର ମାଝିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଦେବୀପୀଠରୁ ମଶାଲ ଅଣାଯାଇ ଖେଳ ପଡ଼ିଆରେ ସ୍ଥାପନା କଲା ପରେ ପରିଚାଳନା କମିଟି ସଭାନେତ୍ରୀ ସରୋଜିନୀ ନାଏକ, ମୁଖ୍ୟ ଅତିଥି ଭିକାରୀ ଚରଣ ବିଶ୍ୱାଳ କ୍ରୀଡ଼ା ଉତ୍ସବକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରତାପ ଷଡ଼ଙ୍ଗୀ ଓ ପ୍ରଦୀପ ସାହୁ ଉଭୟ ଜୁନିୟର ଏବଂ ସିନିୟର ବିଭାଗର ୨୮ଟି ପ୍ରତିଯୋଗୀତାରେ କ୍ରୀଡ଼ା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମିତି ସଭ୍ୟା ଦେବନ୍ତି ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଛାତ୍ରୀ ସଙ୍ଗୀତା ନାଗ, ରେଖା ଭୁଏ, ହିମେଶ ବାଗ, ସଞ୍ଜୀବ ଭୁଏଙ୍କୁ ସ୍ୱତନ୍ତ୍ର ଭାବେ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିକ୍ଷକ ସନ୍ତୋଷ ମେହେର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ରାଜୀବ ତାଣ୍ଡି, ଡ଼ୋଲାମଣୀ ହଂସ, ଅଭିମନ୍ୟୁ ନାଏକ, ମନୋଜ କହଁର ସହଯୋଗ କରିଥିଲେ।

## କଣ୍ଟାବାଞ୍ଜିରେ ସ୍ମାର୍ଟପାର୍କ ଉଦ୍‌ଘାଟିତ

କଣ୍ଟାବାଞ୍ଜି, ୯।୧(ଗୁରୁଦୟାଲ ହଂସ)



ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ୱାର୍ଡ ନଂ. ୧୪ ଆଶ୍ରମପଡାରେ ୭୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସ୍ମାର୍ଟ ପାର୍କ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ନଗରପାଳ ବରିୟାମ ସିଂ ସାଲୁଜା, ଉପନଗରପାଳ ମନୋରମା ରାଉତ, ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, କାଉନସିଲର, ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ। ଅତ୍ୟାଧୁନିକ ଏହି ସ୍ମାର୍ଟ ପାର୍କରେ ଜିମ, ଯୋଗ କେନ୍ଦ୍ର, ସୂଚନା ଓ ପାଠାଗାର, ଶୌଚାଳୟ ଆଦି ରହିଛି। ସହରର ଏହା ପ୍ରଥମ ସ୍ମାର୍ଟପାର୍କ ହୋଇଥିବାରୁ ମନୋରଞ୍ଜନ କ୍ଷେତ୍ରରେ ଏହା ଉପାଦେୟ ହେବ ବୋଲି ଆଶା କରାଯାଉଛି।

## ବିରଳ ଗ୍ରୁପ୍ ରକ୍ତଦାନ କରି ଜୀବନ ବଞ୍ଚାଇଲେ

ବଲାଙ୍ଗୀର, ୯।୧ (ବୀରେନ୍ଦ୍ର କୁମାର ଝାଙ୍କର)

**ସ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ କରି ଶୁଭେଚ୍ଛା ଜଣାଇଲେ**

ଜଣେ ଛୋଟ ଝିଅକୁ ବି–ନେଗେଟିଭ ଗ୍ରୁପ୍‌ର ରକ୍ତ ଆବଶ୍ୟକ ଥିଲା। ବି ନେଗେଟିଭ ଭଳି ବିରଳ ଗ୍ରୁପ୍ ରକ୍ତ ମିଳୁ ନ ଥିବାରୁ ମାତାପିତା, ପରିବାର ଲୋକେ ଚିନ୍ତାରେ ପଡିଥିଲେ। ହେଲେ ରକ୍ତଦାନ କରିବାକୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଘୁଙ୍ଗି ଗାଁର ମୂଳ ବାସିନ୍ଦା ତଥା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଲକ୍ଷ୍ମଣ ସାହୁ ରକ୍ତଦାନ କରିବାକୁ ଆଗେଇ ଆସି ଝିଅର ଜୀବନ ବଞ୍ଚାଇଛନ୍ତି। ବି ନେଗେଟିଭ ରକ୍ତ ମିଳୁ ନ ଥିବାରୁ ଝିଅର ଅବସ୍ଥା ବିଗୁଡୁଥିଲା। ଲକ୍ଷ୍ମଣଙ୍କ ବି ନେଗେଟିଭ ଗ୍ରୁପ୍ ଜଣାପଡିବା ପରେ ସେ ରକ୍ତ ଦେବାକୁ ରାଜି ହୋଇଥିଲେ। ଏହାପରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଯାଇ ରକ୍ତଦାନ କରିଥିଲେ। ଲକ୍ଷ୍ମଣଙ୍କ ସ୍ତ୍ରୀ ରଶ୍ମିତାଙ୍କ ମଙ୍ଗଳବାର ଜନ୍ମ ଦିନ ହୋଇଥିବାରୁ ଏହି ରକ୍ତଦାନ ଆହୁରି ସ୍ମରଣୀୟ ହୋଇଛି ବୋଲି ସେ କହିଛନ୍ତି। ଝିଅର ଜୀବନ ବଞ୍ଚିଥିବାରୁ ସେଇ ପରିବାର ଲୋକେ ମଧ ଲକ୍ଷ୍ମଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ରକ୍ତଦାନ କରିଥିବାରୁ ସ୍ୱେଚ୍ଛାସେବୀ ଓ ଆଉଟସୋର୍ସିଂ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଲକ୍ଷ୍ମଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।



ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ କ୍ୟାମ୍ପସ ରକ୍ତ ଭଣ୍ଡାରରେ ଲକ୍ଷ୍ମଣ ସାହୁ ରକ୍ତଦାନ କରୁଛନ୍ତି।

# ଗାଁଠୁ ସହର ଭକ୍ତିମୟ ପରିବେଶ

ଟିଟିଲାଗଡ/କଣ୍ଟାବାଞ୍ଜି/ଖପ୍ରାଖୋଲ /ଗୁଡଭେଲା/ ଲୋଇସିଂହା, ୯/୧(ଶରତ ମିଶ୍ର/ଗୁରୁଦୟାଲ ହଂସ/ ଅଭୟ ତ୍ରିପାଠୀ /ମନୋଜ ଜୈନ/ ସୁଶାନ୍ତ ବାରିକ)



ଖପ୍ରାଖୋଲରେ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ କରାଯାଉଛି।



ଗୁଡଭେଲା ବ୍ଲକ ରୁଷୁଡା ଗ୍ରାମରେ ରଥ ପରିକ୍ରମା କରୁଛି।

**ବଲାଙ୍ଗୀର ଜିଲାରେ ଅର୍ପଣ ରଥ**

ଆସନ୍ତା ୧୭ତାରିଖରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ନେଇ ବଲାଙ୍ଗୀର ଜିଲାର ଗାଁଠୁ ସହର ବୁଲୁଛି ଜଗନ୍ନାଥ ଅର୍ପଣ ରଥ। ହରିବୋଲ, ହୁଳହୁଳି, ସଙ୍କୀର୍ତ୍ତନ ଓ ଜୟ ଜଗନ୍ନାଥ ଧ୍ୱନିରେ ଲୋକେ ରଥକୁ ସ୍ୱାଗତ କରିଥିଲେ। ଏନେଇ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ତଥା ଭକ୍ତି ଭାବ ପ୍ରକାଶ ପାଇଛି। ମଙ୍ଗଳବାର ଟିଟିଲାଗଡ ଜଗନ୍ନାଥ ମନ୍ଦିରରେ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ଶଙ୍ଖବାଦ୍ୟ, ସଂକୀର୍ତ୍ତନ ସହ ରଥ ସହର ପରିକ୍ରମା କରିଥିଲା। ମନ୍ତ୍ରୀ ସାହୁ ଶତାଧିକ ଭକ୍ତଙ୍କ ଗହଣରେ ଲୋକଙ୍କ ଘରକୁ ଯାଇ ଅକ୍ଷତ ଚାଉଳ, ଗୁଆ ସଂଗ୍ରହ କରିଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ସରକାରୀ ଅଧିବକ୍ତା ସୁଧୀର ମିଶ୍ର, ରଘୁନାଥ ରଥ, ଶ୍ୟାମସୁନ୍ଦର ଗରିଆ, ଦୁର୍ଯ୍ୟୋଧନ ସାହୁ, ଯୁଧିଷ୍ଠିର ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ପୌର ସ୍ୱାସ୍ଥ୍ୟ ଅଧିକାରୀ ଶିଶିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କଣ୍ଟାବାଞ୍ଜି ଏନଏସି ପୁରୁଣା ବସ୍ତି ଜଗନ୍ନାଥ ମନ୍ଦିରଠାରୁ ମଙ୍ଗଳବାର ଜଗନ୍ନାଥଙ୍କ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ସନ୍ତୋଷ ସିଂ ସାଲୁଜା, ନଗରପାଳ ବରିୟାମ ସିଂ ସାଲୁଜା, ଉପନଗରପାଳ ମନୋରମା ରାଉତ, ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଏମଇ ଏ.ପଟ୍ଟନାୟକଙ୍କ ସହ ସମସ୍ତ କାଉନସିଲର, ମିଶନ ଶକ୍ତି ମହିଳା, ଏସ୍ଏଚ୍‌ଜି ସଭ୍ୟାମାନେ ସହଯୋଗ କରିଥିଲେ । ପ୍ରଥମ ଦିନରେ ଅର୍ପଣ ରଥ ସହରର ୱାର୍ଡ ନଂ. ୯ ଓ ୧୦ ପରିକ୍ରମା କରିଥିଲା। ଶ୍ରଦ୍ଧାରେ ଲୋକେ ରଥକୁ ବନ୍ଦାପନା କରି ଶ୍ରଦ୍ଧାରେ ଗୁଆ, ଚାଉଳ ପ୍ରଦାନ କରିଥିଲେ।

ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଅର୍ପଣ ରଥର ଶୁଭ ଉଦଘାଟିତ ହୋଇଛି। ବ୍ଲକ ଅଧକ୍ଷା ନିରୂପମା ପଟେଲ, ବିଡ଼ିଓ ଆକାଶ ରଞ୍ଜନ ସାହୁ, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ଲାଠୋର ଥାନା ଅଧିକାରୀ ଝସକେତନ ଭୋଇ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ବ୍ଲକ ପରିସରରୁ ରଥ ଏକକାଳୀନ ବାହାରି ତିନି ଦିନ ମଧ୍ୟରେ ବ୍ଲକର ୨୧ ପଞ୍ଚାୟତର ସମସ୍ତ ଗାଁକୁ ଯାଇ ଜଗନ୍ନାଥ ସଂସ୍କୃତିର ବାର୍ତ୍ତା ଦେବା ସହ ଅକ୍ଷତ ଓ ଗୁଆ ସଂଗ୍ରହ କରିବ ବୋଲି ବିଡ଼ିଓ ପ୍ରକାଶ କରିଛନ୍ତି। ଏହି ଅବସରରେ ବରିଷ୍ଠ ସେକ୍ସନ ଅଧିକାରୀ ବ୍ରଜବନ୍ଧୁ ଠାକୁର, ବ୍ଲକ ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ଜିପିଇଓ ପରମେଶ୍ୱର ନାଏକ, ବିଏସଏସଓ କନିଷ୍କ ବିଭାର, ବିଧାୟକ ପ୍ରତିନିଧି ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ମଙ୍ଗଳବାର ଗୁଡଭେଲା ବ୍ଲକରୁ ୩ଟି ଓ ତୁଷୁରା ଏନଏସିରୁ ଗୋଟିଏ ଅର୍ପଣ ରଥ ପରିକ୍ରମା ଆରମ୍ଭ କରିଛି। ଗୁଡଭେଲା ବ୍ଲକ ମହକୁମାସ୍ଥିତ ଜଗନ୍ନାଥ ମନ୍ଦିରରେ ରଥକୁ ପୂଜାର୍ଚ୍ଚନା କରାଯାଇଥିଲା। ରଥ ବ୍ଲକର ରୁଷୁଡା, ମାଢେକେଲା ଓ ବଡଙ୍ଗୋମୁଣ୍ଡା ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଗୁଆ ଓ ଚାଉଳ ସଂଗ୍ରହ କରିଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଟିଙ୍କୁ ପାଣିଗ୍ରାହୀ, ବିଡ଼ିଓ କପିଳଦେବ ସାହୁ, ଜିଲା ପରିଷଦ ସଭ୍ୟ ରାମନିବାଶ ଅଗ୍ରୱାଲ, ଗୁଡଭେଲା ସରପଞ୍ଚ ସନ୍ତୋଷିନୀ ମହାପାତ୍ର, ରୁଷୁଡା ସରପଞ୍ଚ କୈଳାସ ବେହେରା, ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହ ଅଧିକାରୀ ସୁମନ୍ତ ନାଏକ ଉପସ୍ଥିତ ଥିଲେ। ସେହିପରି ତୁଷୁରା ସହର ସ୍ଥିତ ଜଗନ୍ନାଥ ମନ୍ଦିରରେ ଅର୍ପଣ ରଥ ପୂଜାର୍ଚ୍ଚନା ପରେ ୧ରୁ ୭ଟି ୱାର୍ଡ ପରିକ୍ରମା କରିବା ସହ ଗୁଆ ଓ ଚାଉଳ ସଂଗ୍ରହ କରିଥିଲା । ଏହି କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟସ୍ୱାଲ, ଉପାଧ୍ୟକ୍ଷା ମାମୀ ଦାସଙ୍କ ସହ କାଉନସିଲର ଓ ମହିଳା ପୁରୁଷ ସାମିଲ ହୋଇଥିଲେ।

ଲୋଇସିଂହା ବ୍ଲକରେ ଅର୍ପଣ ରଥ ପରିକ୍ରମା ବୁଧବାର ଦ୍ୱିତୀୟ ଦିବସ ଥିଲା । ଏହିଦିନ ବ୍ଲକର ୯ ପଞ୍ଚାୟତର ୨୨ ଖଣ୍ଡ ଗାଁରେ ରଥ ପରିକ୍ରମା କରିଛି। ଯୋଗୀସର୍ଡା ପଞ୍ଚାୟତର ଯୋଗୀସର୍ଡା, ବାଦିବାହାଲ ପଞ୍ଚାୟତର ସଦର ଗାଁ ଓ ଆଗଲାପାଲି, ବାଦିମୁଣ୍ଡା ପଞ୍ଚାୟତରେ ସୁନାରିପାଲି, ବିରକେଲ, ହୀରାପୁର ପଞ୍ଚାୟତର ହୀରାପୁର, ବାରଡୋଲ ଓ ଟେଭାଡୁଙ୍ଗରୀ, କୁଶଙ୍ଗ ପଞ୍ଚାୟତର ପିପିଲି, ଭଦ୍ରା, ଲାଠସର, କୁଶମେଲ ପଞ୍ଚାୟତର ସଦର ଗାଁ ଓ ଖଲିଆପାଲି, ରତାଖଣ୍ଡି ପଞ୍ଚାୟତର ରତାଖଣ୍ଡି ଓ ଫଳସାମାଲ ଏବଂ ଉପରବାହାଲ ପଞ୍ଚାୟତର ସାଧୁପାଲି, ଭୋଇପାଲି, ଜାମଜୁରୀ, ସାନଝାଙ୍କରପାଲି, ରାଘୁପାଦର ଆଦି ଗ୍ରାମରେ ନୋଡାଲ ଅଫିସର ଏବଂ ପୋଲିସ ଉପସ୍ଥିତିରେ ଅର୍ପଣ ରଥ ବୁଲିଥିଲା । ଘର ସମ୍ମୁଖରେ ଚିତା, ଝୋଟି ଆଦି ପକାଇ ରଥକୁ ସ୍ୱାଗତ କରିଥିଲେ। ଭଜନ କିର୍ତ୍ତନ କରି ଲୋକେ ରଥକୁ ଗାଁ ପରିକ୍ରମା କରାଇ ଗୁଆ, ଅରୁଆ ଚାଉଳ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଅନୁସୂଚିତ ଜନଜାତି ଜନପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର

**ବାଲିଶଙ୍କରା,୯।୧(ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଅନୁସୂଚିତ ଜନଜାତି ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ପ୍ରସାରଣ ଅଧିକାରୀ ଦିବ୍ୟଦର୍ଶନୀ ସାଙ୍କ ନେତୃତ୍ୱରେ ୧୯ ପଞ୍ଚାୟତର ଏସ୍‌ଟି ଜନପ୍ରତିନିଧି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷକ ଜୟନ୍ତୀ ପୃଷ୍ଟି, ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ, ଜିଲାପରିଷଦ ଖ ଜୋନ ସଭ୍ୟା ଜୟନ୍ତୀ ଏକ୍କା, କ ଜୋନ ସଭ୍ୟ ବିନୋଦ କୁଜୁରଙ୍କ ସମେତ ସମିତି ସଭ୍ୟାସଭ୍ୟ, ସରପଞ୍ଚ, ୱାର୍ଡମେମ୍ବର ଶିବିରରେ ଯୋଗଦେଇଥିଲେ। ମୋଟ ୮୦ ଜଣ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ଶେଷରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଦିବ୍ୟଦର୍ଶନୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

### ଭାଜପା ଯୁବନେତାଙ୍କ ପରଲୋକ

**ରାଉରକେଲା,୯।୧(ସଙ୍ଗୀତା ଜେନା):** ରାଉରାକେଲାର ଭାଜପା ଯୁବନେତା ଅରୂପ ନାୟକଙ୍କ ଅକାଳ ବିୟୋଗ ହୋଇଛି। ଦେଓଗାଁ ଅଞ୍ଚଳରେ ରହୁଥିବା ଅରୂପଙ୍କ ଅକସ୍ମାତ୍ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ସକ୍ରିୟ ଓ ନିଷ୍ଠାବାନ ଯୁବନେତା ଥିଲେ। ମଙ୍ଗଳବାର ତାଙ୍କ ବାସଭବନରେ ନେତୃବୃନ୍ଦ ପହଞ୍ଚି ଶେଷଦର୍ଶନ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ଗଙ୍ଗାଧର ଦାଶ, ସୁବ୍ରତ ପଟ୍ଟନାୟକ, କୈଳାସ ରାଉତ, ଅବୋଧ ରାୟ, ଶିବଶଙ୍କର ବେହେରା, କେଦାର ମହାନ୍ତି, ରମେଶ ହରିଚନ୍ଦନ, ପ୍ରମୋଦ ସେନାପତି, ଜୟନ୍ତ ମଙ୍ଗରାଜ, ଅଜିତ ସାହୁ, ସତ୍ୟ ସାହୁ, ଦିଲୀପ ସାହୁଙ୍କ ସମେତ ଅନ୍ୟମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ହ୍ରାସ ପାଉଛି ନିଯୁକ୍ତି ହାର

**ଗତ ଆର୍ଥିକ ବର୍ଷରେ ହୋଇଛି ମାତ୍ର ୩୫ ଶିବିର**

**ରାଉରକେଲା,୯।୧(ବିପ୍ଳବ ରଞ୍ଜନ ଦାଶ)**



ରାଉରକେଲା ନିୟୋଜନ କାର୍ଯ୍ୟାଳୟ ।

ରାଉରକେଲା ନିୟୋଜନ ବିଭାଗ ଅଧୀନରେ ନିଯୁକ୍ତ ହାର ହ୍ରାସ ପାଇବାରେ ଲାଗିଛି। ଶିକ୍ଷିତ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ନିଯୁକ୍ତି ଶିବିର ଆୟୋଜନ କରାଯାଉଛି। ଏହି ଶିବିରରେ ବହୁ ନାମୀଦାମୀ କମ୍ପାନୀ ଯୋଗ ଦେଇ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରୁଥିଲେ ମଧ୍ୟ ସମସ୍ତଙ୍କୁ ନିଯୁକ୍ତି ସୁଯୋଗ ମିଳୁନାହିଁ। ଫଳରେ ବହୁ ବେକାର ଯୁବତୀ ଯୁବକ ଏବେସୁଦ୍ଧା କର୍ମନିଯୁକ୍ତି ନ ପାଇ ବସିରହିଛନ୍ତି।

ସୂଚନା ଅନୁସାରେ, ୨୦୨୩ ଆର୍ଥିକ ବର୍ଷରେ ରାଉରକେଲା ନିୟୋଜନ ବିଭାଗ ପକ୍ଷରୁ ମାତ୍ର ୩୫ଟି ନିଯୁକ୍ତି ଶିବିର ଆୟୋଜନ କରାଯାଇଥିଲା। ଏଥିରେ ରାଉରକେଲା ସହର ସମେତ ଜିଲାର ୧୦ମ, ଦ୍ୱାଦଶ, ଆଇଟିଆଇ, ଫିଟର ଏବଂ ଡିପ୍ଲୋମା ଆଦି ଶିକ୍ଷାଗତ ଯୋଗ୍ୟତା ଥିବା ହଜାର ହଜାର ପିଲା ଯୋଗ ଦେଇଥିଲେ। ସେହିପରି ବହୁ ନାମୀଦାମୀ କମ୍ପାନୀ ଯୋଗଦେଇ ଯୋଗ୍ୟ ବିବେଚିତ ଯୁବତୀ ଯୁବକମାନଙ୍କୁ ଉପଯୁକ୍ତ ବେତନରେ ନିଯୁକ୍ତି ଦେବାକୁ ସ୍ଥିର କଲେ। ତେବେ ୭୦ଭାଗ ପ୍ଲେସମେଣ୍ଟ ଓଡିଶା ବାହାରେ ଥିବା ବେଳେ ୩୦ଭାଗ ରାଉରକେଲା, ସୁନ୍ଦରଗଡ, ସମ୍ବଲପୁର, ଭୁବନେଶ୍ୱର, ବ୍ରହ୍ମପୁରରେ ରହିଥିଲା। ବିଭାଗୀୟ ସୂଚନା ମୁତାବକ, ଜାନୁଆରୀ ମାସ ପ୍ଲେସମେଣ୍ଟ ଡ୍ରାଇଭରେ ୨୬୪ପିଲା ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୭୨ଜଣଙ୍କୁ ନିଯୁକ୍ତି ପାଇଁ ତାଲିକା କରାଯାଇଥିବା ବେଳେ ମାତ୍ର ୧୩ଜଣ ନିଯୁକ୍ତି ପାଇଲେ। ଫେବୃୟାରୀରେ ଏସ୍‌ଆଇଏସ୍ ସିକ୍ୟୁରିଟି ଲିମିଟେଡ ପକ୍ଷରୁ ପ୍ଲେସମେଣ୍ଟ ଡ୍ରାଇଭରେ ୯୦ଜଣ ପିଲା ସାମିଲ ହେଲେ ଏବଂ ୬୬ଜଣଙ୍କ ତାଲିକା ପ୍ରସ୍ତୁତ ହେଲା। ସେମାନଙ୍କ ମଧ୍ୟରୁ ମାତ୍ର ୧୩ଜଣ ଥଇଥାନ ହେଲେ। ମାର୍ଚ୍ଚରେ ୧୩୨ଜଣରୁ ୪୨ଜଣ ଚୟନ ହେଲେ ଓ ୨୯ଜଣ ଥଇଥାନ ହେଲେ। ଏପ୍ରିଲରେ ୨୭୭ ଜଣରୁ ୧୧୮ଜଣଙ୍କ ତାଲିକା ହେଲା। ମାତ୍ର ୬୩ ଜଣ ଥଇଥାନ ହେଲେ। ମେ ମାସରେ ୧୮୩ରୁ ୧୧୫ଜଣ ଚୟନ ହୋଇଥିବା ବେଳେ ମାତ୍ର ୭୬ଜଣ ଥଇଥାନ ହେଲେ। ସେହିପରି ଜୁନ ମାସରେ ୮୩ଜଣଙ୍କ ମଧ୍ୟରୁ ୨୮ଜଣ ଚୟନ ହେଲେ ଏବଂ ୫ଜଣ ଥଇଥାନ ହେଲେ। ସେହିପରି ଜାନୁଆରୀରେ ୫, ଫେବୃୟାରୀରେ ୧୦, ମାର୍ଚ୍ଚରେ ୫, ଏପ୍ରିଲରେ ୫, ମେ ମାସରେ ୫ ଓ ଜୁନରେ ୫ଟି ଏଭଳି ମୋଟ୍ ୩୫ଟି ନିଯୁକ୍ତି ଶିବିର ହୋଇଥିଲେ ମଧ୍ୟ ଚୟନ ଅନୁପାତରେ ନିଯୁକ୍ତି ହାର ୨୦.୫୦ ପ୍ରତିଶତ ରହିଥିବା ଜଣାପଡିଛି। ମାତ୍ର ଜୁନ୍ ପରେ ଆଉ କୌଣସି ପ୍ରକାର ନିଯୁକ୍ତି ଶିବିର ଆୟୋଜନ ହୋଇପାରିନାହିଁ। କେବଳ ସରକାରୀ ସ୍ତରରେ ସିଧାସଳଖ ଅନ୍‌ଲାଇନ୍ ମାଧ୍ୟମରେ ଯୁବବର୍ଗମାନଙ୍କ ପାଇଁ ନିଯୁକ୍ତି ଆହ୍ୱାନ ହେଉଥିବା ବେଳେ ବେସରକାରୀ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପଚାରିଲେ ପଚାରିଲେ ପିଲାମାନେ ନିଯୁକ୍ତି ପରେ କାମ ଛାଡି ଦେଉଥିବାରୁ ନାମୀଦାମୀ କମ୍ପାନୀ ପିଲାମାନଙ୍କୁ ନିଯୁକ୍ତି ଦେବାକୁ ଅମଙ୍ଗ ହେଉଥିବା ଉତ୍ତର ମିଳୁଛି।

ଏ ସମ୍ପର୍କରେ ରାଉରକେଲା ନିୟୋଜନ ବିଭାଗର ଜଣେ କର୍ମଚାରୀ ନିଜ ନାଁ ଗୋପନ ରଖି କହିଛନ୍ତି, ଜିଲା ତଥା ରାଉରକେଲାର ହଜାର ହଜାର ଶିକ୍ଷିତ ଯୁବତୀ ଯୁବକଙ୍କୁ ନେଇ ଗତ ବର୍ଷ ୩୫ଟି ନିଯୁକ୍ତି ଶିବିର କରାଯାଇଥିଲା। କିଛି ଯୁବତୀ ଯୁବକ ରାଜ୍ୟ ବାହାରକୁ ଯିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବାରୁ ନିଯୁକ୍ତି ହାର କ୍ରମଶଃ ହ୍ରାସ ପାଇଛି। ଆଗକୁ କିଭଳି ଶତ ପ୍ରତିଶତ ଯୁବବର୍ଗ ଯେଭଳି ଥଇଥାନ ହେବେ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଥିବା ସେ କହିଥିଲେ। ଏ ନେଇ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କୁ ପଚାରିବାରୁ ସେ କହିଲେ, ରାଜ୍ୟ ସରକାର ଗ୍ରାମପଞ୍ଚାୟତ ସ୍ତରରୁ ଜିଲା ଅଫିସ ଯାଏ ସବୁ ସରକାରୀ ଖାଲି ପଦବୀ ପୂରଣ କରୁଛନ୍ତି। ଏଥିସହିତ ନୂତନ ନିଯୁକ୍ତି ମଧ୍ୟ ଦିଆଯାଉଛି। ତେବେ ବେସରକାରୀ କମ୍ପାନୀରେ କେଉଁ କାରଣରୁ ନିଯୁକ୍ତି ହାର କମୁଛି ସେ ନେଇ ସମ୍ପୃକ୍ତ ବିଭାଗ ସହିତ ବିଚାରବିମର୍ଶ କରାଯିବ ବୋଲି ତରାଇ କହିଥିଲେ।

### ମହୁଲି ମଦ ଜବତ, ଜଣେ ଗିରଫ

**ରାଉରକେଲା, ୯।୧(ଦିନେଶ ମିଶ୍ର)**

ବିପୁଳ ପରିମାଣର ମହୁଲି ମଦ ଚାଲାଣ ହେଉଥିବା ବେଳେ ରାଉରକେଲା ଅବକାରୀ ପୋଲିସ ଚଢାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବନ୍ଧମୁଣ୍ଡା ତିଳକାନଗର ଅଞ୍ଚଳର ଧନଞ୍ଜୟ ସିଂ(୩୬)। ତାଙ୍କଠାରୁ କାର୍ (ନଂ.ଓଡି୧୪ଭି/୫୯୫୮) ସହ ୫ଶହ ୨୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏ ନେଇ ଅବକାରୀ ପୋଲିସ ଏକ ମାମଲା (ନଂ.୩୯୧/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଧନଞ୍ଜୟ ଭାଲୁଲତା ଜରେଇକେଲା ଅଞ୍ଚଳରୁ ନିଜ ୱାଗନର କାର୍ ଯୋଗେ ମହୁଲି ମଦ ଧରି ରାଉରକେଲା ଗୋପବନ୍ଧୁପାଲିର ଜଣେ ବ୍ୟବସାୟୀଙ୍କୁ ଦେବା ପାଇଁ ଯାଉଥିଲେ। ବିଶେଷ ସୂତ୍ରରୁ ଖବର ପାଇ ରାଉରକେଲା ଅବକାରୀ ପୋଲିସ ଉକ୍ତ କାର୍‌କୁ ପିଛା କରି ବିଶ୍ରା ଛକରେ ମଙ୍ଗଳବାର ସକାଳେ କାବୁ କରିଥିଲା। ଯାଞ୍ଚ କରିବାରୁ କାର୍ ଭିତରୁ ବିପୁଳ ପରିମାଣର ମହୁଲି ମଦ ଜବତ ହୋଇଥିଲା। ରାଉରକେଲା ଅବକାରୀ ଏସ୍‌ଆଇ ଅଜୟ କୁମାର ପ୍ରଧାନ, କନଷ୍ଟେବଲ ସପନ କୁମାର ସାହୁ, ସୂର୍ଯ୍ୟକାନ୍ତ ସ୍ୱାଇଁ, ବବଲୁ ସ୍ୱାଇଁ, ନବୀନ କୁମାର ଭୂୟାଁ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ପ୍ରମୁଖ ଚଢ଼ାଉ ସମୟରେ ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ଶ୍ରମ ମନ୍ତ୍ରୀ ଏବଂ ଅନ୍ୟମାନେ।

## ସମୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାଉରକେଲା,୯।୧(ଦିନେଶ ମିଶ୍ର)**

ରାଉରକେଲା ଡେଲି ମାର୍କେଟ ସ୍ଥିତ ସହର ଉଚ୍ଚ ବିଦ୍ୟାଳୟ ପରିସରରେ ସମୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୩ ଦିନିଆ ଏହି ଶିବିରରେ ଶହେ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ଶିକ୍ଷା ବିଭାଗର ଉନ୍ନତୀକରଣ ପଦ୍ଧତି ଓ ଏହି ଶିବିରର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ବିଶ୍ରା ବିଇଓ ବେଣୁଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଏଥିରେ ୮ଜଣ ସାଧନ କର୍ମୀ ଶିକ୍ଷାଦାନ କରିଥିଲେ। ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଆନନ୍ଦ ଚନ୍ଦ୍ର ମଲ୍ଲିକ ଓ ଆର୍ତ୍ତତ୍ରାଣ ଜେନା ସହଯୋଗ କରିଥିଲେ।

### ପଲିଥିନ ଖାଇ ଗାଈ ମୃତ

**ବାଲିଶଙ୍କରା,୯।୧ (ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ କେନ୍ଦୁପତ୍ର ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଗୋଟିଏ ଗାଈର ମୃତ୍ୟୁ ଘଟିଛି। ଏନେଇ ଉଦ୍ଭିଦ ପ୍ରାଣୀ ଚିକିତ୍ସକ ଡ. ସିଦ୍ଧାର୍ଥ ମହାକୁଡ଼ଙ୍କୁ ଯୋଗାଯୋଗ କରିବାରୁ, ସେ ଘଟଣା ସ୍ଥଳକୁ ଯାଇଥିବା ଏବଂ ପଲିଥିନ ଖାଇ ଗାଈର ମୃତ୍ୟୁ ହୋଇଥିବା କହିଥିଲେ।

# ଜବରଦଖଲରେ ପରିବା ପିଣ୍ଡି

**ରାଉରକେଲା,୯।୧(ଦିନେଶ ମିଶ୍ର)**


ବସ୍ତିବାସୀ ଜବରଦଖଲ କରିଥିବା ପିଣ୍ଡି।

**ରାସ୍ତାକଡ଼ରେ ବସୁଛନ୍ତି ବେପାରୀ, ଯାତାୟାତରେ ସମସ୍ୟା**

ରାଉରକେଲା ସହର ତଳି ଅଞ୍ଚଳରୁ ପନିପରିବା ବିକ୍ରି କରିବାକୁ ଆସୁଥିବା ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ପିଣ୍ଡି ବ୍ୟବସ୍ଥା କରାଯାଇଛି। କିନ୍ତୁ ଏହି ପିଣ୍ଡିଗୁଡିକ ସ୍ଥାନୀୟ ଲୋକଙ୍କ କବ୍‌ଜାରେ ଥିବାରୁ ପରିବା ବିକ୍ରେତାମାନେ ବାଧ୍ୟହୋଇ ରାସ୍ତାକଡ଼ରେ ବ୍ୟବସାୟ କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ବ୍ୟବସାୟୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ଗୃହସ୍ଥୀ ନିକଟ ପୁରୁଣା ଛେଣ୍ଡ ପରିବା ହାଟରେ ଦେଖିବାକୁ ମିଳିଛି।

ପୁରୁଣା ଛେଣ୍ଡ ହାଟ ଶୁକ୍ରବାର ସପ୍ତାହକୁ ଥରେ ବସିଥାଏ। ଏହି ହାଟ ଉପରେ ଛେଣ୍ଡ ସମେତ କଳିଙ୍ଗ ବିହାର, ପ୍ରଧାନପାଲ୍ଲୀ, ଟିସ୍କୋ, ପାନପୋଷ, ଫାଦର କଲୋନି, ଆଇଟିଆଇ କଲୋନି, ଜଗନ୍ନାଥ କଲୋନୀ ଆଦି ଅଞ୍ଚଳର ଲକ୍ଷାଧିକ ଲୋକ ପରିବା ପାଇଁ ନିର୍ଭର କରନ୍ତି। ଏହି ହାଟକୁ ପୁରୁଣାପାଣି, ଭାଲୁଲତା, ବିଶ୍ରା, ମନୋହରପୁର, ଜରେଇକେଲା ଭଳି ଅଞ୍ଚଳରୁ ବ୍ୟବସାୟୀ ଆସି ରାସ୍ତାକଡ଼ରେ ପରିବା ବିକ୍ରି କରୁଥିଲେ। ଏଥିଯୋଗୁ ଉକ୍ତ ରାସ୍ତାରେ ଯାତାୟାତ ପାଇଁ ବହୁ ଅସୁବିଧା ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଆର୍‌ଏମ୍‌ସି ୨୦୧୭ରେ ୨୮ଲକ୍ଷ ଟଙ୍କା ବ୍ୟୟରେ ୭ଟି ଧାଡି ବିଶିଷ୍ଟ ପିଣ୍ଡି ଓ ସେଡ୍ ନିର୍ମାଣ କରିଥିଲା। ଏହି ପିଣ୍ଡିରେ ୨ଶହରୁ ଊର୍ଦ୍ଧ୍ୱ ପରିବା ବିକାଳି ବସି ବ୍ୟବସାୟ କଲେ। ସେଡ୍ ଯୋଗୁ ବ୍ୟବସାୟୀ ଖରା, ବର୍ଷା ଓ ଶୀତ ଦାଉରୁ ରକ୍ଷା ପାଇଲେ। କିନ୍ତୁ ୨୦୨୦ କରୋନା ମହାମାରୀ ସମୟରେ ହାଟ ବଜାର ଉପରେ କଟକଣା ଲାଗିଲା। ହାଟକୁ ବ୍ୟବସାୟୀ ନ ଆସିବାରୁ ସ୍ଥାନୀୟ ବସ୍ତିବାସୀ ପିଣ୍ଡିକୁ କବ୍‌ଜା କରିଲେ। ପିଣ୍ଡି ବନ୍ଦ ଯୋଗୁ ସନ୍ଧ୍ୟାହେଲେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ତାସ୍ ଓ ସଟ୍ଟାଖେଳ ଚାଲିଥିବା ସ୍ଥାନୀୟ ବାସିନ୍ଦା ସଚିନ୍ ତିୱାରୀ ଅଭିଯୋଗ କରିଛନ୍ତି। ଏହି ପିଣ୍ଡିଟି ବସ୍ତିବାସୀଙ୍କ କବ୍‌ଜାରେ ଥିବାରୁ ଏଠାରେ ଆଉ ପୂର୍ବପରି ବ୍ୟବସାୟୀ ବସି ପାରୁନାହାନ୍ତି । ଛେଣ୍ଡ ପୁରୁଣା ହାଟ ବର୍ତ୍ତମାନ ପ୍ରତେକ ସପ୍ତାହର ଶୁକ୍ରବାର ବସୁଛି। ଏଠାକୁ ଗ୍ରାମାଞ୍ଚଳରୁ ଆସୁଥିବା ବିଭିନ୍ନ ପରିବା ବ୍ୟବସାୟୀ ରାସ୍ତାକଡ଼ରେ ଖୋଲା ଆକାଶ ତଳେ ବ୍ୟବସାୟ କରୁଛନ୍ତି। ଏହାଦ୍ୱାରା ଉକ୍ତ ରାସ୍ତା ଜାମ୍ ହୋଇ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପିଣ୍ଡିକୁ କୌଣସି ବ୍ୟବସାୟୀ ବ୍ୟବହାର କରିପାରୁନାହାନ୍ତି। ଦୂରଦୁରାନ୍ତରୁ ଆସୁଥିବା ପରିବା ବିକାଳିଙ୍କ ପାଇଁ ନିର୍ମିତ ପିଣ୍ଡି ଓ ସେଡ୍‌କୁ ପୂର୍ଣ୍ଣ ରୂପେ ବ୍ୟବସାୟୀମାନଙ୍କ ବ୍ୟବହାର ପାଇଁ ପ୍ରଦାନ କରିବାକୁ ଦାବି ହୋଇଛି।

ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ପୁରୁଣା ଛେଣ୍ଡ ହାଟରେ ନିର୍ମିତ ପିଣ୍ଡି ଓ ସେଡ୍ ଜବରଦଖଲକୁ ଆସନ୍ତା ଦୁଇ ସପ୍ତାହ ଭିତରେ ଉଚ୍ଛେଦ କରାଯିବ। ପରେ ପିଣ୍ଡିର ସ୍ଥିତିକୁ ଦେଖିବା ପରେ ଏହାକୁ ପୁନରୁଦ୍ଧାର କରି ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ପୁନଃ ପ୍ରଚଳନ କରାଯିବ। ଯଦି ରାସ୍ତାକଡ ବିକାଳିଙ୍କଠାରୁ ଆମ ଅଜାଣରେ କୌଣସି ବ୍ୟକ୍ତି ଟିକସ ଆଦାୟ କରୁଛନ୍ତି ତେବେ ଅଭିଯୋଗ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୋଇ କହିଥିଲେ।

# ଜମିଲା ପାରମ୍ପରିକ ନୃତ୍ୟକଳାର ଆସର



ମହୋତ୍ସବରେ କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

**ରାଉରକେଲା,୯।୧(ବିପ୍ଳବ ରଞ୍ଜନ ଦାଶ)**

**ଜୋନସ୍ତରୀୟ ଲୋକ ସାଂସ୍କୃତିକ ମହୋତ୍ସବ**

ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ ଅନ୍ତର୍ଗତ ବଲାଣି ଓ ଡାଲଡିହି ଲୌହଖଣି ଅଞ୍ଚଳର ୧୨ଟି ଲୋକ ନୃତ୍ୟଦଳଙ୍କ ଦ୍ୱାରା ଟେନସା ସ୍ଥିତ ଇସ୍ପାତ ହାଇସ୍କୁଲ ପଡିଆରେ ଚାଲିଥିବା ଜୋନସ୍ତରୀୟ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି ବିଦ୍ୟୁତ୍ ବିଭାଗର ମହା ପ୍ରବନ୍ଧକ ଏସ୍. ୟୁ. ଲସ୍କର ମୁଖ୍ୟଅତିଥି, କାର୍ମିକ ଓ ପ୍ରଶାସନିକ ବିଭାଗର ମହାପ୍ରବନ୍ଧକ ଏନ୍. ସି. ପଣ୍ଡା, ବିଆଇଏମ ମହିଳା କ୍ଲବର ସଭାପତି ଗାୟତ୍ରୀ ପଟ୍ଟନାୟକ, ଟେନସା ସରପଞ୍ଚ ଅନିତା ପୂର୍ତ୍ତି, ସମିତି ସଭ୍ୟା ସୁଶ୍ରୀ ପ୍ରିୟା କଚ୍ଛପ, ସିଭିଲ ବିଭାଗର ଏଜିଏମ୍ ବି. ଦତ୍ତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ମହୋତ୍ସବରେ ଚାମ୍ପିୟନ ହୋଇଥିବା ଟେନସା ଆର୍ ସି ଚର୍ଚ୍ଚ ଦଳ ସମେତ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଲୋକନୃତ୍ୟ ଦଳଙ୍କୁ ପୁରସ୍କୃତ କରିଥିଲେ। ଦ୍ୱିତୀୟ ଦଳ ଭାବେ ଜିରୋ ପଏଣ୍ଟ ଦଳକୁ ୫ହଜାର ଓ ତୃତୀୟ ଦଳ ଭାବେ ରାଇକେଲା ନୃତ୍ୟ ଦଳ ୪ହଜାର ଟଙ୍କା ଓ ଟ୍ରଫି ସହିତ ପୁରସ୍କୃତ ହୋଇଥିଲେ। ଏଥିସହିତ ଅବଶିଷ୍ଟ ୯ଟି ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୨ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ମହୋତ୍ସବକୁ ସିଏସ୍‌ଆର ସିଭିଲ ବିଭାଗର ଡେପୁଟିମ୍ୟାନେଜର ଅମିୟ ରଞ୍ଜନ ରାଉତ ସଂଯୋଜନା କରିଥିଲେ।

# ‘ନାରୀ ହୋଇ ଜନ୍ମହେବା ସମାଜ ପାଇଁ ଚ୍ୟାଲେଞ୍ଜ’

**ରାଉରକେଲା,୯।୧(ସଙ୍ଗୀତା ଜେନା)**


ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ନାରୀ ହୋଇ ସମାଜରେ ଜନ୍ମ ହେବା ଏକ ବଡ଼ ଚ୍ୟାଲେଞ୍ଜ। ସମାଜରେ ପ୍ରତି କ୍ଷେତ୍ରରେ ତା' ପାଇଁ ରହିଛି ପ୍ରତିବନ୍ଧକ। ଏହାସତ୍ତ୍ୱେ ନାରୀ ମା', ସ୍ତ୍ରୀ, ଭଉଣୀ, ଝିଅର ଭୂମିକା ନେଇ ସମସ୍ତ ପ୍ରତିବନ୍ଧକକୁ ସରଳ କରି ସମାଜ ସହ ଉତ୍ତମ ତାରତମ୍ୟ ରକ୍ଷା କରୁଛି। ଜଗଦାସ୍ଥିତ ସାମାଜିକ ଅନୁଷ୍ଠାନ 'ଆରାଧ୍ୟା'ର ୫ମ ବାର୍ଷିକୋତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେଇ ଡିଏସ୍‌ପି ଜୋନ୍-୧ପୁଷ୍ପାରାଣୀ ନିନ୍‌ଗୀ ଏହି ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାନେତ୍ରୀ ହରପ୍ରିୟା ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମହିଳା ହିଁ ଦେଶର ଭବିଷ୍ୟତକୁ ବିକଶିତ କରିଥାଏ। ପିଢ଼ିକୁ ଉନ୍ନତ କରିବା ସାଙ୍ଗକୁ ସାମାଜିକ ବିକାଶ ବୃଦ୍ଧିରେ ସହାୟକ କରିଥାଏ ବୋଲି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ବରିଷ୍ଠ ବିଜେଡ଼ି ନେତା ଆନନ୍ଦ ମହାନ୍ତି, ଜଗଦା ସାଂସ୍କୃତିକ ପରିଷଦର ଉପଦେଷ୍ଟା ତଥା ଶ୍ରମିକ ନେତା ସଞ୍ଜୀବ ମହାନ୍ତି, ଶିକ୍ଷାବିତ୍ ପ୍ରଫେସର କେ. ସି. ବାରିକ, ଭାଜପା କୋଏଲନଗର ମଣ୍ଡଳ ସଭାପତି ଶକ୍ତେଶ୍ୱର ପାତ୍ର, ଝିରପାଣି ଥାନାଧିକାରୀ ରବିନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ପଣ୍ଡିତ କାଶୀନାଥ ପଣ୍ଡା ବେଦମନ୍ତ୍ର ପାଠ ଓ ଅମିଷା ପାଢ଼ୀ ନୃତ୍ୟ ପରିବେଷଣ କରିଥିଲେ। ରଶ୍ମିତା ସ୍ୱାଇଁ, ସାବିତ୍ରୀ ପ୍ରଧାନ, ଜୟଶ୍ରୀ ପାଣ୍ଡେ, କଲ୍ୟାଣୀ ମିଶ୍ର, ସ୍ମରଣିକା ପାଣି, ବିଜୟଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ଦଳଗତ ନୃତ୍ୟ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସବିତା ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦିକା ପ୍ରେମଲତା ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବାଟ ମା' ମଙ୍ଗଳା ମହିଳା ସମିତିର ସଭାନେତ୍ରୀ କୀର୍ତ୍ତିଲତା ନନ୍ଦ, ସାଧାରଣ ସମ୍ପାଦିକା ବୀଣାପାଣି ପଟ୍ଟନାୟକ ଓ ଜଗଦା ସାଂସ୍କୃତିକ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ମୀନତି ମହାନ୍ତି, ଅଲିଅଳ ମିଶ୍ର, ମମତା ତ୍ରିପାଠୀ, ବବି ସ୍ୱାଇଁ, ଉଷା ମିଶ୍ର, ରୋଜାଲିନ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ନେଇ ଅସନ୍ତୋଷ

**ରାଉରକେଲା,୯।୧(ବିପ୍ଳବ ରଞ୍ଜନ ଦାଶ)**



ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ହମିରପୁର ଉନ୍ନୟନ ପରିଷଦ କର୍ମକର୍ତ୍ତା ।

ରାଉରକେଲା ହମିରପୁରରେ ଭଡାଘରେ ଚାଲିଥିବା ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବା ସୂଚନା ମିଳିଛି। ଘର ମାଲିକଙ୍କ ସହିତ ଭଡା ବାବଦ ଚୁକ୍ତି ହୋଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ଆଇଜିଏଚ୍ ସଂଲଗ୍ନ ସୁନ୍ଦରଗଡ ଜିଲାର ସବୁଠାରୁ ପୁରୁଣା ରାଜସ୍ୱ ଗ୍ରାମ ହମିରପୁର ବର୍ତ୍ତମାନ ରାଉରକେଲା ମ୍ୟୁନିସିପାଲଟି କିମ୍ବା କୌଣସି ଗ୍ରାମପଞ୍ଚାୟତ ଅଧୀନରେ ନାହିଁ। ସେହିପରି ଏହି ରାଜସ୍ୱ ଗ୍ରାମ ଆର୍‌ଏସ୍‌ପି ଅଧୀନରୁ ମଧ୍ୟ ବାଦ୍ ପଡିଛି । ଏମିତିରେ ଦୀର୍ଘ ଦଶନ୍ଧି ଧରି ଏଠାରେ ସ୍ୱାସ୍ଥ୍ୟ, ରାସ୍ତାଘାଟ, ଶିକ୍ଷା, ଆଲୋକୀକରଣ ଓ ଡ୍ରେନେଜ ବ୍ୟବସ୍ଥାର ବିକାଶ ହୋଇପାରିନାହିଁ। ଏହି ଗ୍ରାମ ପ୍ରାୟ ୨୨ହଜାର ଜନସଂଖ୍ୟା ବିଶିଷ୍ଟ। ତେବେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନରେ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହମିରପୁରରେ ଖୋଲିବା ପାଇଁ ସରକାରଙ୍କ ଅନୁରୋଧ କ୍ରମେ ଇସ୍ପାତ କାରଖାନା କର୍ତ୍ତୃପକ୍ଷ ମାରିୟମ ଛକରେ ଜାଗା ଯୋଗାଇ ଦେଇଥିଲେ। ସରକାରଙ୍କ ତରଫରୁ ସ୍ୱାସ୍ଥ୍ୟକେନ୍ଦ୍ର କାମ ଆଗେଇ ଚାଲିଥିବା ବେଳେ ୨୦୧୯ରେ ଉକ୍ତ ଜାଗାର ମାଲିକଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରୁ ସ୍ଥଗିତାଦେଶ ଅଣାଗଲା। ଫଳରେ ୨୦୨୨ ଜୁଲାଇରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର କଣ୍ଟ୍ରାକ୍ଟର କଲୋନିର ଏକ ଭଡା ଘରେ ଚାଲିଥିଲା। ଅନ୍ୟପକ୍ଷେ ୨୦୨୩ ଡିସେମ୍ବର ପରେ ଘର ମାଲିକଙ୍କ ସହିତ ଚୁକ୍ତି ନ ହେବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଏହା ଅନ୍ୟତ୍ର ସ୍ଥାନାନ୍ତ ହେବ ବୋଲି ସୂଚନା ମିଳିଛି। ଫଳରେ ଉକ୍ତ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ନେଇ ମୁହଁ ଖୋଲୁ ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ହେବ ବୋଲି ଲୋକଙ୍କ ମଧ୍ୟରେ ଧାରଣା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଏହାର ପ୍ରତିବାଦ କରି ହମିରପୁର ଉନ୍ନୟନ ପରିଷଦ ପକ୍ଷରୁ ଏ ନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ କରାଯାଇଛି। ଏଥିସହ ନିକଟରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସୁନ୍ଦରଗଡ ଗସ୍ତ ସମୟରେ ପରିଷଦ ସଭାପତି ଡାକ୍ତର ସୁମନ ଦତ୍ତ ଏ ନେଇ ତାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଘର ଭିତରୁ ଯୁବକଙ୍କ ମୃତଦେହ ଜବତ

**ଘରୋଇ କଳହରୁ ହତ୍ୟା ସନ୍ଦେହ**

**ରେଙ୍ଗାଲି,୯।୧(ଦେବବ୍ରତ ପଣ୍ଡା):** ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗା ଶରଧାପାଲିର ଏକ ଘର ଭିତରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ବିଶ୍ୱନାଥ ବେନର୍ଜି। ତାଙ୍କୁ କେହି ହତ୍ୟା କରି ଘରେ ପକାଇଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ଠେଲକଲୋଇ ଥାନା ଅଧିକାରୀ ସାବିତ୍ରୀ ବଳ, ରେଙ୍ଗାଲି ଥାନା ଅଧିକାରୀ ସୁଦର୍ଶନ ପଣ୍ଡା, ଏସ୍‌ଡିପିଓ ପ୍ରଦୀପ ସାହୁ ଓ ସାଇଣ୍ଟିଫିକ ଦଳ ଆସି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ମୃତଦେହ ପଡିଥିବା ଘରର କାନ୍ଥ, ଚଟାଣ, କପଡାରେ ରକ୍ତଛିଟା ପଡିଥିବା ପୋଲିସ ଦେଖିଥିଲା। ଘରୋଇ କଳହରୁ ହତ୍ୟାକାଣ୍ଡ ହୋଇଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ପୋଲିସ କେସ ନଂ.୭/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ପତଞ୍ଜଳି ଯୋଗ ସମିତି, ଭାରତ ସ୍ୱାଭିମାନର ସ୍ଥାପନା ଦିବସ



ସମ୍ବଲପୁର,୯।୧(ପ୍ରମୋଦ ବହିଦାର): ପତଞ୍ଜଳି ଯୋଗ ସମିତି ଓ ଭାରତ ସ୍ୱାଭିମାନର ୨୯ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହୀରାକୁଦ କଲୋନୀସ୍ଥିତ ନିଶୁଳ୍କ ଯୋଗକେନ୍ଦ୍ରରେ ପତଞ୍ଜଳି ଯୋଗ ସମିତିର ରାଜ୍ୟ ମହିଳା ପ୍ରଭାରୀ ତଥା ଯୋଗ ପ୍ରଶିକ୍ଷିକା ଜେ ଗିରିଜାଦେବୀଙ୍କ ତତ୍ତ୍ୱାବଧାନରେ ବୈଦିକ ଯଜ୍ଞ ଆୟୋଜିତ ହୋଇଥିଲା। ଆୟୋଜିତ ସଭାରେ ବରିଷ୍ଠ କର୍ମକର୍ତ୍ତା ଅରୁଣ ବିହାରୀ ସ୍ଥାପନା ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। ଏଥିରେ ପଦ୍ମିନୀ ମୁଣ୍ଡା, ସୁଶାନ୍ତ ସାହୁ, ରାଜେଶ ଅଗ୍ରୱାଲ, ଗିରିଧାରୀ ଅଗ୍ରୱାଲ, ରାଜକିଶୋର ବେହେରା, ନିଲମ କୁମାରୀ ପ୍ରମୁଖ ଯୋଗ ଦେଇଥିଲେ।

### ମାରୱାଡ଼ି ଯୁବମଞ୍ଚ ପକ୍ଷରୁ ସାରସ୍ୱତ କାର୍ଯ୍ୟକ୍ରମ

**ସମ୍ବଲପୁର,୯।୧ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଲରପଙ୍କର ଏକ ରିସର୍ଟରେ ସୋମବାର ପ୍ରଖ୍ୟାତ ହିନ୍ଦୀ କବି ଡ. କୁମାର ବିଶ୍ୱାସଙ୍କ ଏକ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମାରୱାଡ଼ି ଯୁବମଞ୍ଚ ଉଦୟ ଷ୍ଟାର୍ସ ପକ୍ଷରୁ ଆୟୋଜିତ 'ଏକ୍ ସାମ୍ ଡ. କୁମାର ବିଶ୍ୱାସ କେ ସାଥ୍' କାର୍ଯ୍ୟକ୍ରମରେ ହିନ୍ଦୀର ପ୍ରତିଷ୍ଠିତ ୫ ଜଣ କବି ସାମିଲ ହୋଇଥିଲେ। ଦେଶପ୍ରେମୀ କବି ଅମିତ ଶର୍ମା, ମୁମତାଜ ନସିମ, କୌଶଳ କୁଶୱାହ ଓ ରାକେଶ ଜୈନ ପ୍ରମୁଖ କୁମାର ବିଶ୍ୱାସଙ୍କ ସହ ଏଥିରେ ସାମିଲ ହୋଇ ନିଜର କବିତା ଶୁଣାଇଥିଲେ। କୁମାର ବିଶ୍ୱାସଙ୍କ ଶ୍ରୀରାମଙ୍କ ଜୀବନ ଆଦର୍ଶ ଉପରେ କବିତା ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ମାରୱାଡ଼ିମାନେ ଯେଉଁଠି ଗଲେ ମଧ୍ୟ ନିଜ ସଂସ୍କୃତିକୁ ବଞ୍ଚାଇ ରଖିବା ସହ ସ୍ଥାନୀୟ ଭାଷା ସଂସ୍କୃତିର ପ୍ରଚାର କରନ୍ତି ବୋଲି ବିଶ୍ୱାସ କହିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ଯୁବ ନେତା ବିଶାଳ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ମହାନଗରରେ ଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ

**ସମ୍ବଲପୁର,୯।୧(ପ୍ରମୋଦ ବହିଦାର)**




ସମ୍ବଲପୁର ମହାନଗରରେ ଅର୍ପଣ ରଥର ଶୁଭାରମ୍ଭ କରାଯାଉଛି।

ପୁରୀ ଶ୍ରୀ ମନ୍ଦିର ପିରିକ୍ରମା ପ୍ରକଳ୍ପ ଆସନ୍ତା ୧୭ ତାରିଖରେ ଶୁଭ ଉଦ୍‌ଘାଟନ ହେବ। ଏଥିପାଇଁ ଘରୁ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବାକୁ ବିଭିନ୍ନ ସ୍ଥାନରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଛି। ସମ୍ବଲପୁର ଜିଲାରେ ଗତ ୭ ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଏକକାଳୀନ ୭ଟି ଅର୍ପଣ ରଥ ପରିଭ୍ରମଣର ଶୁଭାରମ୍ଭ ହୋଇଛି। ପୂର୍ବାହ୍ନ ସାଢ଼େ ୯ଟା ସମୟରେ ମ୍ୟୁନିସିପାଲିଟି ଛକସ୍ଥିତ ପୁରୁଣା ମହାନଗର ନିଗମ କାର୍ଯ୍ୟାଳୟରେ ସବୁଜ ପତାକା ଦେଖାଇ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଏହାକୁ ଅନୁକୂଳ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାନଗର ନିଗମ କମିଶନର ବେଦ ଭୂଷଣ, ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ସହକାରୀ କମିଶନର ସରୋଜିନୀ ପ୍ରସନ୍ନ କୁଲୁ ଓ ସୁନୀଲ କେର୍କେଟାଙ୍କ ସମେତ ନୋଡାଲ ଅଧିକାରୀ ଓ ୱାର୍ଡ ଅଧିକାରୀ ଉପସ୍ଥିତ ଥିଲେ।

ରଥଗୁଡ଼ିକ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୧, ୨, ୮, ୨୦, ୨୬ ଓ ୩୮ ଅଞ୍ଚଳରେ ଘରକୁ ଘର ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲା। ବିଭିନ୍ନ ୱାର୍ଡରେ ପହଞ୍ଚିବା କ୍ଷଣି ଅପେକ୍ଷାରତ ମହିଳାମାନେ ରଥ ଉପରେ ପୁଷ୍ପ ବୃଷ୍ଟି ସହ ହୁଳହୁଳି ଦେଇ ଭବ୍ୟ ସ୍ୱାଗତ କରିଥିଲେ। ଅର୍ପଣ ରଥର ସୁପରିଚାଳନା ପାଇଁ ଦାୟିତ୍ୱରେ ରହିଛନ୍ତି ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ନିର୍ବାହୀ ଯନ୍ତ୍ରୀ ବିପିନ ମହାନ୍ତି, ଡେପୁଟି କମିଶନର ସୀମା ସୁନୀତା କୁଲୁ, ସହକାରୀ କମିଶନର ସରୋଜିନୀ ପ୍ରସନ୍ନ କୁଲୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ମାଝି, ସ୍ୱାସ୍ଥ୍ୟ ଅଧିକାରୀ ଡ. ମହେନ୍ଦ୍ର ନନ୍ଦ। ସୂଚନାଯୋଗ୍ୟ, ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଜଗନ୍ନାଥ ଅର୍ପଣ ରଥ ବିଭିନ୍ନ ୱାର୍ଡରେ ପରିକ୍ରମା କରିବ।

### ଶ୍ରୀଜଗନ୍ନାଥଙ୍କୁ ଚାଉଳ, ଗୁଆ ଅର୍ପଣ

**ରେଙ୍ଗାଲି (ଦେବବ୍ରତ ପଣ୍ଡା):** ରେଙ୍ଗାଲି ବ୍ଲକର ବିଭିନ୍ନ ଅଞ୍ଚଳ ବୁଲିଛି ଜଗନ୍ନାଥ ଅର୍ପଣ ରଥ। ଏହି ସମୟରେ ଲୋକେ ପ୍ରଭୁ ଜଗନ୍ନାଥଙ୍କୁ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। କତରବଗା ଜଗନ୍ନାଥ ମନ୍ଦିରରୁ ରଥ ବାହାରିବା ସମୟରେ କତରବଗା ସରପଞ୍ଚ ନିଳାମ୍ବର ରୋହିଦାସ, ବିଜେଡି ରାଜ୍ୟ ପରିଷଦ ସଭ୍ୟ ଇଂ. ଗାନ୍ଧୀ ବେହେରା, ମୋନିକା ବେହେରା, ଡବ୍ଲ୍ୟୁଓଡିସି ଏକ୍ସପର୍ଟ ସଭ୍ୟ ଯାଜ୍ଞସେନୀ ନାଗ, ସମିତିସଭ୍ୟ ଆଙ୍କୁର କାଲୋ, ଜିଲା ସାଧାରଣ ସମ୍ପାଦକ ଡୋଲାମଣି ଖମାରି, ଗୋବର୍ଦ୍ଧନ ସାହୁଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ରହି ପ୍ରଥମେ ପୂଜାର୍ଚ୍ଚନା କରିଥିଲେ। ପରେ ରଥ ଘର ଘର ବୁଲି ଗୋଟିଏ ଗୁଆ ଓ ମୁଠେ ଚାଉଳ ସଂଗ୍ରହ କରିଥିଲା। ସେହିପରି ରେଙ୍ଗାଲି ଚାଉଳଡିପୁରେ ପୂଜାର୍ଚ୍ଚନା ସମୟରେ ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ରେଙ୍ଗାଲି ଯୋନ-୧ ଜିଲା ପରିଷଦ ସଭ୍ୟ ଚୋଳଶ୍ରୀ ମହାନନ୍ଦ, ନରେଶ ଶର୍ମାଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ମେଘପାଲରେ ଶ୍ରୀଜଗନ୍ନାଥ ଅର୍ପଣ ରଥ

ପଡିଆବାହାଲ (ରାଧାମୋହନ ଷଡ଼ଙ୍ଗୀ): ଶ୍ରୀ ଜଗନ୍ନାଥ ଅର୍ପଣ ରଥ ମଙ୍ଗଳବାର ଯୁଯୁମୁରା ବ୍ଲକ ମେଘପାଳ ଅଞ୍ଚଳ ପରିକ୍ରମା କରିଛି। ବିଜେଡି ରାଜ୍ୟ ଉପସଭାପତି ପ୍ରଶନ୍ନ ଆଚାର୍ଯ୍ୟ ଏହି ରଥକୁ ସ୍ୱାଗତ କରି ପଞ୍ଚାୟତବାସୀଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଘପାଳ ସରପଞ୍ଚ ମମତା ପ୍ରଧାନ, ସମିତିସଭ୍ୟା ଲିଲିମା ଧରୁଆ, ନାଏକ ସରପଞ୍ଚ ଅଜୟ ଡାଙ୍ଗ, ସିଆର୍‌ପି ସଞ୍ଜୁଲତା ପ୍ରଧାନ, କୃଷିମିତ୍ର ନଳିନୀ ମିର୍ଦ୍ଧା, ସୁଗାଡ କାଣ୍ଡୁଲନା ପ୍ରମୁଖ ଉପସ୍ଥିତ ଥିଲେ। ଅର୍ପଣ ରଥ ପାନପୋଷି ଗ୍ରାମରୁ ବାହାରି ମେଘପାଳ, ଟାମ୍ପରସିଂହା, ବଞ୍ଜାରି ଟିକ୍ରା, ଲଇକେରା ବାହାଲ, ତିଲେଇମାଲ ପ୍ରଭୃତି ଗ୍ରାମ ପରିକ୍ରମା କରିଥିଲା। ଗ୍ରାମବାସୀ ଝୋଟି, ମୁରୁଜ ପକାଇ ଏହାକୁ ସ୍ୱାଗତ କରରିଥିଲେ।

### ନାରୀ ଶିକ୍ଷାର ବିକାଶ ଲାଗି ବ୍ରତୀ ଥିଲେ ଶେଖ ଫତିମା

**ସମ୍ବଲପୁର,୯।୧(ବି.ଶଙ୍କର)**

ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଭାରତର ପ୍ରଥମ ମୁସଲିମ ଶିକ୍ଷୟିତ୍ରୀ ଶେଖ ଫତିମାଙ୍କ ୧୯୩ତମ ଜୟନ୍ତୀ ମଙ୍ଗଳବାର ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ନିହାଲ ସିଂଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଏଥିରେ ପରୱିନ ବେଗମ ମୁଖ୍ୟ ଅତିଥି, ମହମ୍ମଦ ନୱାବ ମୁଖ୍ୟବକ୍ତା, ସୁରୁବାବୁ ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ବର୍ଷରେ ନାରୀ ଶିକ୍ଷାର ବିକାଶ ଲାଗି ଫତିମା ସର୍ବଦା ବ୍ରତୀ ଥିଲେ। ବିଶେଷକରି ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଶିକ୍ଷାର ପ୍ରଚାର ପ୍ରସାରରେ ତାଙ୍କ ମହତ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିଷଦର ଉପାଧ୍ୟକ୍ଷ ଶିବଶଙ୍କର ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପମହାସଚିବ ଶେଖ ଇନ୍ତିଖାପ ଧନ୍ୟବାଦ ଅର୍ପଣ କରିଥିଲେ। ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ମହାସଚିବ ମୋମିନା ଖାତୁନ, ସଭ୍ୟ ରିଜୱାନ ଅହମଦ, ପ୍ରିତି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ହସ୍ତଶିଳ୍ପ, ବୟନଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

**ଟେରାକୋଟା କାମ ପ୍ରଶିକ୍ଷଣ ନେଲେ ଛାତ୍ରୀଛାତ୍ର**

**ସମ୍ବଲପୁର,୯।୧(ବି.ଶଙ୍କର)**

ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଜିଲାସ୍ତରୀୟ ହସ୍ତଶିଳ୍ପ ଓ ବୟନଶିଳ୍ପ ପ୍ରଦର୍ଶନୀ ମଙ୍ଗଳବାର ସମ୍ବଲପୁରସ୍ଥିତ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ଶାନ୍ତି ନଗରସ୍ଥିତ ଉନ୍ନୟନ କମିଶନର ହସ୍ତଶିଳ୍ପ ସେବାକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ପ୍ରଦର୍ଶନୀକୁ ମୁଖ୍ୟଅତିଥି ଧନକଉଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁମିତା ପତ୍ରୀ, ଧନକଉଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ମିଶ୍ର, ଓଷ୍ଟା ଜିଲା ସାଧାରଣ ସମ୍ପାଦକ ହରି ନାରାୟଣ ପଣ୍ଡା, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) କୁମାରୀ ଶୈଳଜା ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଧାନ, ଟେରାକୋଟା, ହସ୍ତଶିଳ୍ପ, ଚିତ୍ରକଳା, ଚାନ୍ଦୁଆ କାମ ବିଷୟରେ ତାଲିମ ଦିଆଯାଇଥିଲା। ଟେରାକୋଟା ଶିଳ୍ପୀ ସୁଶାନ୍ତ ରଣା, ଚାନ୍ଦୁଆ ଶିଳ୍ପୀ ସାନି ମୁଣ୍ଡା, ଚିତ୍ରକଳା ଶିଳ୍ପୀ ଅନୁରେଖା ଜେନା, ଧାନଶିଳ୍ପୀ ବିନତା ପୋଢ଼ ଓ ଶକୁନ୍ତଳା ଦେବଗୁରୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିକ୍ଷା ଦ୍ୱାରା ଭବିଷ୍ୟତରେ ଛାତ୍ରୀଛାତ୍ର ପାଠପଢା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି କୁହାଯାଇଛି ।



ବୁଢ଼ାରଜା ହାଇସ୍କୁଲରେ ଆୟୋଜିତ ପ୍ରଦର୍ଶନୀ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ।

# ଛାତ୍ରୀଛାତ୍ରଙ୍କ ବିଦ୍ୟୁତ୍ ଶକ୍ତି ଯୋଗାଣ ବ୍ୟବସ୍ଥା ପରିଦର୍ଶନ

**ସମ୍ବଲପୁର,୯।୧(ପ୍ରମୋଦ ବହିଦାର)**

ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଶକ୍ତି କ୍ଲବ ଦ୍ୱାରା ଏକ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ପରିଦର୍ଶନ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ, ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା ଓ ଶାରୀରିକ ଶିକ୍ଷା ଶିକ୍ଷକ ସୁଜିତ ନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଅଇଁଠାପାଲିସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ବୁଲି ଦେଖିଥିଲେ। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଡମ୍ବରୁଧର ଓଝା, ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରଭାତ କୁମାର ସାହୁ ଓ ବିଜୟ ବେହେରା ଛାତ୍ରୀଛାତ୍ରଙ୍କୁ ବିଦ୍ୟୁତ ଶକ୍ତିର ସଂରକ୍ଷଣ ଓ ଏହାର ସୁରକ୍ଷିତ ବ୍ୟବହାର ନେଇ ସଚେତନ କରିଥିଲେ।




ବିଦ୍ୟୁତ୍ କାର୍ଯ୍ୟାଳୟ ପରିଦର୍ଶନ ଅବସରରେ ଛାତ୍ରୀଛାତ୍ର ଓ ଅଧିକାରୀ।

# ପୋକ୍ସୋ ଆଇନ ସଚେତନତା ଶିବିର




ସଚେତନତା ଶିବିରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

**ସମ୍ବଲପୁର,୯।୧(ବି.ଶଙ୍କର)**

**ଏନ୍‌ଏସ୍‌ସିବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ପୋକ୍ସୋ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ହରପାଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ବିଶ୍ୱମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜିଲା ଏନ୍‌ଏସ୍‌ଏସ୍ ସଂଯୋଜକ ଶାନ୍ତନୁ କୁମାର ପ୍ରଧାନ ସମ୍ମାନିତ ଅତିଥି, ସମ୍ବଲପୁର ଲଜପତ ରାୟ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟାନନ୍ଦ ବେହେରା ମୁଖ୍ୟବକ୍ତା, ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଦୀପ ମହାକୁଲ, ଆଦର୍ଶ ଅନୁଷ୍ଠାନର ଜ୍ୟୋତି ଶତପଥୀ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା, ଯୌନ ନିର୍ଯାତନା, ଶିଶୁ ସମସ୍ୟାର ବିଭିନ୍ନ ଦିଗ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ପଥପ୍ରାନ୍ତ ନାଟକ, ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ସାମାଜିକ କର୍ମୀଙ୍କୁ ସାର୍ଟିଫିକେଟ ବିତରଣ କରାଯାଇଥିଲା। ଓଡ଼ିଆ ବିଭାଗର ମୁଖ୍ୟ ଡ. ଶ୍ୟାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମିଲି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସହ ଧନୁଯାତ୍ରା କମିଟିର ଆଲୋଚନା

ସମ୍ବଲପୁର,୯।୧(ବି.ଶଙ୍କର): ସମ୍ବଲପୁରୀ ଧନୁଯାତ୍ରା କମିଟି ମଙ୍ଗଳବାର ଜିଲା ପରିଷଦ କାର୍ଯ୍ୟାଳୟରେ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। କମିଟି କାର୍ଯ୍ୟକାରୀ ସଭାପତି କମଳଲୋଚନା ପଣ୍ଡା ଓ ସାଧାରଣ ସମ୍ପାଦକ ଗୁଣରଞ୍ଜନ ସାଲିମାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଏଥିରେ ସାମିଲ ଥିଲେ। ସମ୍ବଲପୁର ସହରରେ ପ୍ରଥମଥର ପାଇଁ ସମ୍ବଲପୁରୀ ଧନୁଯାତ୍ରା ଆୟୋଜନ ହେବାକୁ ଯାଉଛି। ତେଣୁ ଗଙ୍ଗାଧର ମୁକ୍ତ ମଣ୍ଡପଠାରେ କଂସ ଦରବାର କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ମଣ୍ଡପ ବ୍ୟବହାର କରିବା ନିମନ୍ତେ ଅନୁମତି ଦେବାକୁ ଅନୁରୋଧ କରାଯାଇଥିଲା। ଏହାସହ କମିଟିକୁ ସମସ୍ତ ପ୍ରକାର ସହଯୋଗ ନେଇ ଆଲୋଚନା କରାଯାଇଛି। ଏ ନେଇ ସବୁ ପ୍ରକାର ସହଯୋଗ କରାଯିବ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରତିନିଧି ଦଳରେ କମିଟିର ବାବୁଲୁ ବାଗ, ଲଳିତ ବେବର୍ତ୍ତା, କୃଷ୍ଣଚନ୍ଦ୍ର ବାଗ, ଚୈତନ୍ୟ ନାୟକ, ନିଶିକାନ୍ତ ବିଶ୍ୱାଳ, ଫଣିନ୍ଦ୍ର ପଣ୍ଡା, ଘୁନୁ ଚରଣ ପାଢ଼ୀ, ଯୋଗେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଚାଷୀଙ୍କୁ ପମ୍ପସେଟ୍, କୃଷି ସାମଗ୍ରୀ ବଣ୍ଟନ

**କୁଚିଣ୍ଡା,୯।୧(ବିରଞ୍ଚି ଦର୍ଶା)**

କୁଚିଣ୍ଡା ଆଇଟିଡିଏ ଅଧୀନରେ ପରିଚାଳିତ ଓଟିଇଏଲ୍‌ପି ପ୍ଲସ ପକ୍ଷରୁ ମଙ୍ଗଳବାର ଚାଷୀଙ୍କୁ ପେଟ୍ରୋଲ ଚାଳିତ ପମ୍ପସେଟ ଓ କୃଷି ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ପ୍ରକଳ୍ପ ପ୍ରଶାସକ ହେମ ସାଗର ଭୋଇ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜିତେନ୍ଦ୍ର ମାଲିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ପମ୍ପସେଟ ଓ ବ୍ୟାଟେରି ଚାଳିତ ସ୍ପ୍ରେୟାର ବଣ୍ଟନ କରିଥିଲେ। ଓଟିଇଏଲପି ପ୍ଲସ କାର୍ଯ୍ୟକାରୀ ଅଞ୍ଚଳ କୁଚିଣ୍ଡା, ଜମନକିରା, ବାମରା ବ୍ଲକରୁ ଆସିଥିବା ୩୫ ଜଣ ଚାଷୀଙ୍କୁ ଏହି ସାମଗ୍ରୀ ବଣ୍ଟନ କରାଯାଇଥିଲା।



ହିତାଧିକାରୀଙ୍କୁ ସାମଗ୍ରୀ ବଣ୍ଟନ କରାଯାଉଛି।

# ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ସମ୍ବଲପୁର,୯।୧(ପ୍ରମୋଦ ବହିଦାର)**



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି।

ସମ୍ବଲପୁରରେ ୭୫ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ସ୍ଥାନୀୟ ନେଲସନ ମଣ୍ଡେଲା ଛକ ସଂଲଗ୍ନ ରାଜରାସ୍ତାରେ ସାଧାରଣତନ୍ତ୍ର ଦିବସ ଆୟୋଜିତ ହେବ। ପ୍ରାତଃ ଜାତୀୟ ପତାକା ଉତ୍ତୋଳନ କରି ମୁଖ୍ୟ ଅତିଥି ଜିଲାସ୍ତରୀୟ ପରେଡ ଅଭିବାଦନ ଗ୍ରହଣ କରିବେ। ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ପରେଡ ସମୟରେ ବିଭିନ୍ନ ସଚେତନତା ଧର୍ମୀ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ପ୍ରାତଃ ୫ଟାରେ ସହରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ କରାଯିବ। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ଏହି ଉପଲକ୍ଷେ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସ୍ୱାଗତ ଭାଷଣ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାନଗର ନିଗମ କମିଶନର ବେଦଭୂଷଣ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ପୋଲିସ ଅଧିକାରୀ, ଅଗ୍ନିଶମ ବିଭାଗର ଅଧିକାରୀ ଯୋଗଦେଇଥିଲେ।

# ସହାୟତା ମିଳିବାରେ ବାଧକ ସରକାରୀ ନିୟମ

**ପରଘର ବାରଣ୍ଡାରେ ବିତୁଛି ବୃଦ୍ଧା ମା'ଝିଅଙ୍କ ଜୀବନ**

**କୁଚିଣ୍ଡା,୯।୧(ବିରଞ୍ଚି ଦର୍ଶା)**

ରାଜ୍ୟ ସରକାର ଗରିବ ଓ ଅସହାୟଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ହେଲେ ବୟସର ଅପରାହ୍ନରେ ବି ବୃଦ୍ଧା ମା' ଓ ଝିଅଙ୍କୁ ସହାୟତା ମିଳିପାରୁ ନାହିଁ। ସରକାରୀ ନିୟମ ଏଥିରେ ବାଧକ ସାଜିଛି। ଏଭଳିସ୍ଥିତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇ ସେମାନେ ପର ଘର ବାରଣ୍ଡାରେ ଜୀବନ ବିତାଉଛନ୍ତି। ଏଭଳି ଏକ ଚିତ୍ର କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତ ଲାଡ଼ ଗ୍ରାମରେ ଦେଖିବାକୁ ମିଳିଛି।

ଗ୍ରାମର ଭୁବନେଶ୍ୱର ନାଏକଙ୍କ ବହୁ ବର୍ଷ ତଳେ ମୃତ୍ୟୁ ହୋଇଛି। ଏକମାତ୍ର ପୁଅ ବିବାହ ପରେ ପରିବାର ସହ ଅନ୍ୟତ୍ର ରହୁଛନ୍ତି। ଏକମାତ୍ର ଭାଇ ବୃଦ୍ଧା ମା' ବନବାସୀ ନାଏକ (୮୪) ଏବଂ ଝିଅ ଯଶୋବନ୍ତି ନାଏକ(୬୪)ଙ୍କୁ ପଚାରୁ ନ ଥିବାରୁ ସେମାନେ ପରିଣତ ବୟସରେ ବେସାହାରା ପାଲଟିଯାଇଛନ୍ତି। ଝିଅ ମୂକ ହୋଇ ମଧ୍ୟ ପର ଘରେ ମୂଲ ଲାଗି ଉଭୟଙ୍କ ଗୁଜୁରାଣ ମେଣ୍ଟାଉଛନ୍ତି। ବୟସ କାରଣରୁ ବନବାସୀ ମଧ୍ୟ ଭଲରେ କାମଧନ୍ଦା କରିପାରୁ ନାହାନ୍ତି। ପ୍ରଥମେ ବୃଦ୍ଧା ମା' ଓ ଝିଅଙ୍କୁ ପଞ୍ଚାୟତରୁ ପିଡ଼ିଏସ ଚାଉଳ ଓ ଭତ୍ତା ମିଳୁଥିବାରୁ କୌଣସି ମତେ ଉଭୟ ଚଳିଯାଉଥିଲେ। ଚଳିତ ମାସ ପିଡ଼ିଏସ୍ ପାଇଁ ପଞ୍ଚାୟତ ଅଫିସକୁ ଯାଇଥିବା ବେଳେ ଉଭୟଙ୍କ ଫିଙ୍ଗର ପ୍ରିଣ୍ଟ ନ ଆସିବାରୁ ଯୋଗାଣ ସହାୟକ ଫେରାଇ ଦେଇଥିଲେ। ଏହି କାରଣରୁ ମା'ଝିଅ ନିରାଶ ହୋଇ ପଞ୍ଚାୟତରୁ ଫେରି ଆସିଥିଲେ। ଅନ୍ୟ ପକ୍ଷରେ ମିଳୁଥିବା ଭତ୍ତା ଟଙ୍କା ପାଇଁ ବକ୍ସମା ପିଇଓ ଉଭୟଙ୍କୁ ବ୍ୟାଙ୍କକୁ ପଠାଇ ଦେଇଥିଲେ। ବ୍ୟାଙ୍କରେ ମଧ୍ୟ ମା',ଝିଅଙ୍କ ଫିଙ୍ଗର ପ୍ରିଣ୍ଟ ନ ଆସିବାରୁ ଫେରି ଆସିଥିବା ସେମାନେ କହନ୍ତି। ତେବେ ସରକାରୀ ନିୟମରେ ବନ୍ଧା ପ୍ରଶାସନ ବିନା ଫିଙ୍ଗର ପ୍ରିଣ୍ଟରେ ରାଶନ ଓ ଭତ୍ତା ଦେବା ପାଇଁ କୁଣ୍ଠା ପ୍ରକାଶ କରୁଥିବା ବେଳେ ବାସ୍ତବରେ ପରିଣତ ବୟସରେ ଏଭଳି ଦୁଇପ୍ରାଣୀ କେମିତି ବଞ୍ଚିବେ ତାକୁ ନେଇ ଉଠିଛି ପ୍ରଶ୍ନ। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଆଶୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କ ମତାମତ ନେବାରେ ତଦନ୍ତ କରି ଶୀଘ୍ର ପଦକ୍ଷେପ ନେବେ ବୋଲି କହିଛନ୍ତି।



ଅସହାୟ ମା'ଝିଅ।

## ତରଭୁଜ ବିହନ ବିଶୋଧନ



ତରଭୁଜ ଚାଷ କରୁଥିଲେ କେତେକ ବିଷୟ ପ୍ରତି ନଜର ଦେବାକୁ ପଡ଼ିଥାଏ । ବିଶେଷ ଭାବରେ ଏହାର ବିହନ ଲଗାଇବା ପୂର୍ବରୁ ଚାଷୀମାନେ ଗୋଟିଏ କଥା ମନେରଖିବା ନିହାତି ଦରକାର । ଏହାପୂର୍ବରୁ ତରଭୁଜ ବିହନକୁ ଭଲ ଭାବରେ ବିଶୋଧନ କରନ୍ତୁ । ତା'ପରେ ସେହି ବିଶୋଧିତ ବିହନକୁ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ । ଅଧିକ ଅମଳକ୍ଷମ ତରଭୁଜ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ । ଏହି ଉନ୍ନତ କିସମ ମଧ୍ୟରେ ରହିଛି ସୁଗାରବେବି, ଆର୍କାମାଣିକ ଏବଂ ଲାଲ୍‌ସେନା । ଏହାର ସଙ୍କର କିସମ ବିହନ ହେଲା– ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍ ଏବଂ ଆଣ୍ଡାମାନ୍ ।

## ଡାଲିଜାତୀୟ ଫସଲରେ ସାର ପ୍ରୟୋଗ



ଗହମ, ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ । ୧ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ବିଷ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଜମିକୁ ଭଲ ଭାବରେ ଚାଷକରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ ।

# ସଫଳ କୃଷିର ମୁଖ୍ୟ ଦିଗ



ପ୍ର. ସୁବୋଧ କୁମାର ସାହୁ

ସଫଳ କୃଷିର ବିଭିନ୍ନ ଦିଗ ଅଛି । ସେଥିମଧ୍ୟରୁ ୬ ଗୋଟି ଦିଗ କୃଷିକୁ ଅଧିକ ସଫଳତା ଦେଇଥାଏ । ନିମ୍ନରେ ଉକ୍ତ ଦିଗଗୁଡ଼ିକ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରାଗଲା ।

**ଉର୍ବର ମାଟି**

ମାଟି କୃଷିର ପ୍ରଥମ ମୂଳ ଉପାଦାନ । ଭୂଗର୍ଭରେ ମାଟି 'କ', 'ଖ', 'ଗ' ଓ 'ଘ' ନାମରେ ଚାରିଗୋଟି ସ୍ତରରେ ସ୍ଥିରୀକୃତ ହୋଇଥାଏ । ଭୂଗର୍ଭରେ ଶିଳାଖଣ୍ଡମାନ ବାହାରିଲା ପର୍ଯ୍ୟନ୍ତ ଏକ ଖାତ ଖୋଳିଲେ ଉକ୍ତ ସ୍ତରମାନ ସ୍ପଷ୍ଟ ଜଣାପଡ଼େ । ପ୍ରଥମ ଅର୍ଥାତ୍ 'କ' ସ୍ତରର ମାଟି ପ୍ରାୟ ୩୦ ରୁ ୪୫ ସେ.ମି. ପର୍ଯ୍ୟନ୍ତ । ଏଥିରୁ ପ୍ରଥମ ୧୫ ସେ.ମି. ଅଧିକ ଉର୍ବର । ଏହି ସ୍ତର ପର୍ଯ୍ୟନ୍ତ ଯେକୌଣସି ଫସଲ ଚାଷକଲେ ଆଶାତୀତ ଅମଳ ମିଳିବ । ଉକ୍ତ ସ୍ତରର ମାଟିରେ ବିଭିନ୍ନ ପରିମାଣରେ ଥିବା ବାଲି, ପଟୁ ଓ କର୍ଦ୍ଦମ ଅଂଶକୁ ନେଇ ମାଟିକୁ ପୃଥକ୍ ପୃଥକ୍ ୮ ଗୋଟି ଶ୍ରେଣୀ ଯଥା ବାଲି, ବାଲିଆ ପଟୁ, ଦୋରସା ବାଲିଆ, ଦୋରସା, ପଟୁ ଦୋରସା, କର୍ଦ୍ଦମାକ୍ତ ଦୋରସା, ପଟୁଚିକିଟା ଏବଂ ଚିକିଟାରେ ବିଭକ୍ତ କରାଯାଇଛି । ଏଥିମଧ୍ୟରୁ ବାଲି,ପଟୁ,ଚିକିଟା ଏବଂ ଚିକିଟାକୁ ବାଦ୍ ଦେଲେ ଅନ୍ୟ ୫ଗୋଟି ଶ୍ରେଣୀର ମାଟି ଅଧିକରୁ ଅଧିକ ଉର୍ବର । କିନ୍ତୁ ପର ୩ଶ୍ରେଣୀର ମାଟିରେ ଅଧିକ ଖତ ପ୍ରୟୋଗ ସହ ଉନ୍ନତ ଚାଷ ପ୍ରଣାଳୀ ଦ୍ୱାରା ଭଲ ଫସଲ ଚାଷ କରାଯାଇପାରିବ । 'କ' ସ୍ତରର ଦ୍ୱିତୀୟ ୧୫ ରୁ ୨୦ ସେ.ମି . ପର୍ଯ୍ୟନ୍ତ କମ୍ ଉର୍ବର । ଉକ୍ତ ମାଟିକୁ ଲୁହା ଲଙ୍ଗଳରେ ଚାଷକରି ଖତ ସାର ପ୍ରୟୋଗ ଦ୍ୱାରା କ୍ଷେତ ଫସଲ ସହ ପନିପରିବା ଫସଲ ଭଲଭାବେ ଚାଷହୋଇ ପାରିବ । ଦ୍ୱିତୀୟ ଅର୍ଥାତ୍ ୩୦ ରୁ ୬୦ ସେ.ମି. ପର୍ଯ୍ୟନ୍ତ 'ଖ' ସ୍ତର ମାଟିକୁ ଅଧିକ ଗଭୀର ଚାଷକରି ଖତସାର ପ୍ରୟୋଗ ସହ ଫଳ ବଗିଚା ସୃଷ୍ଟି କରାଯାଇପାରିବ । ତୃତୀୟ ଅର୍ଥାତ୍ ୬୦ ରୁ ୧୨୦ ସେ.ମି . ପର୍ଯ୍ୟନ୍ତ 'ଗ' ସ୍ତରର ମାଟି ବୃହତ୍ ଗଛଗୁଡ଼ିକର ମୁଖ୍ୟ ଚେରକୁ ଧରି ରଖିବା ସହ ଭୂଗର୍ଭରୁ ଗଛ ପାଇଁ ଜଳ ଶୋଷଣକରେ । ଚତୁର୍ଥ ଅର୍ଥାତ୍ ୧୨୦ ଉର୍ଦ୍ଧ୍ୱ 'ଘ' ସ୍ତରର ମାଟି ଛୋଟ ଛୋଟ ଭଗ୍ନ ଶିଳା ଖଣ୍ଡମାନ ଦ୍ୱାରା ଗଠିତ । ବିଭିନ୍ନ ପ୍ରାକୃତିକ ପ୍ରକ୍ରିୟା ଦ୍ୱାରା ଉକ୍ତ ସ୍ତରରୁ ନୂତନ ମାଟି ସୃଷ୍ଟିହୁଏ ।

**ଉତ୍କୃଷ୍ଟ ବିହନ**

ବିହନ ଚୟନ ସଫଳ ଚାଷର ଦ୍ୱିତୀୟ ଉପାଦାନ । ଉତ୍କୃଷ୍ଟ ବିହନ ବ୍ୟବହାର ଦ୍ୱାରା ଫସଲ ଅମଳ ଶତକଡ଼ା ୭୦ ରୁ ୭୫ ଭାଗ ଅଧିକ ମିଳେ । ଉତ୍କୃଷ୍ଟ ବିହନ କହିଲେ ମୁଖ୍ୟତଃ ନିରୋଳା, ଏକବଛା, ପରିପକ୍ୱ, ନୀରୋଗ ଏବଂ ଅକ୍ଷତ ମଞ୍ଜିକୁ ବୁଝାଏ । ଅଧିକ ଅମଳକ୍ଷମ ଉନ୍ନତ କିମ୍ବା ସଙ୍କର କିସମ ବିହନ ବ୍ୟବହାର କରିବା ଉଚିତ୍ । ଫସଲରେ ଶତପ୍ରତିଶତ ପାଚିଥିବା ଫଳର ମଞ୍ଜିକୁ ବିହନ ପାଇଁ ସଂଗ୍ରହ କରାଯାଏ । ସବୁ ମଞ୍ଜିର ଗଠନ, ଆକାର ଏବଂ ଓଜନ ପ୍ରାୟ ସମାନ ହେଲେ ଶତପ୍ରତିଶତ ଗଜା ହୁଏ । ରୋଗାକ୍ରାନ୍ତ ଫସଲର ମଞ୍ଜିକୁ ପୃଥକ୍ କରିବା ଉଚିତ୍ । ବିହନର ଜଳୀୟ ଅଂଶ ଶତକଡା ୧୧ ରୁ ୧୩ ଭାଗ ମଧ୍ୟରେ ରହିଲେ ମଞ୍ଜିରେ ପୋକ ଲାଗନ୍ତି ନାହିଁ । ଏଥିପାଇଁ ବିହନ ନିମନ୍ତେ ବ୍ୟବହୃତ ମଞ୍ଜିକୁ ୫ ରୁ ୬ ଘଣ୍ଟା ଟାଣଖରାରେ ଶୁଖାଯାଏ । ବିହନ ବୁଣା ପୂର୍ବରୁ ଏହାର ଗଜା ପରୀକ୍ଷା ଜରୁରୀ । ବିହନ ପାଇଁ ମଞ୍ଜିର ଗଜା ଶତକଡ଼ା ୮୦ ଭାଗରୁ ଅଧିକ ରହିବା ଦରକାର । ଫିମ୍ପିଜନିତ ରୋଗରୁ ବିହନକୁ ସୁରକ୍ଷା ଦେବା ପାଇଁ ମଞ୍ଜି ବୁଣା ପୂର୍ବରୁ ଫିମ୍ପି ନିରୋଧକ ଔଷଧ ଦ୍ୱାରା ବିଶୋଧନ କରିବା ଅତି ଜରୁରୀ ।





**ସୁଷମ ଖାଦ୍ୟସାର**

ସନ୍ତୁଳିତ ଖାଦ୍ୟସାର ପ୍ରୟୋଗ ଅଧିକ ଫସଲ ଅମଳର ଚାବିକାଠି । ପ୍ରତ୍ୟେକ ଫସଲ ତା'ର ଜୀବନକାଳ ମଧ୍ୟରେ ୧୭ ଗୋଟି ଖାଦ୍ୟ ଉପାଦାନ ଆବଶ୍ୟକ କରେ । ଏଥିମଧ୍ୟରୁ ୯ ଗୋଟି ମୁଖ୍ୟ ଏବଂ ୮ ଗୋଟି ଅଣୁ ଖାଦ୍ୟ ଉପାଦାନ । ମାଟିରେ ଗୋଟିଏ ମୁଖ୍ୟ ଖାଦ୍ୟ ଉପାଦାନର ଅଭାବ ହେଲେ ଫସଲ ଅମଳ ପ୍ରାୟ ୩୫ ରୁ ୪୦ ଭାଗ ଏବଂ ଗୋଟିଏ ଅଣୁ ଖାଦ୍ୟ ଉପାଦାନର ଅଭାବରେ ଅମଳ ପ୍ରାୟ ୧୫ ରୁ ୨୦ ଭାଗ କମେ । ଉଭୟେ ମୁଖ୍ୟ ଏବଂ ଅଣୁ ଖାଦ୍ୟ ଉପାଦାନର ସ୍ଥିତି ମାଟି ପରୀକ୍ଷାଗାରରୁ ଜଣାପଡ଼େ । ଆମ ରାଜ୍ୟର ପ୍ରତି ଜିଲାରେ ଗୋଟିଏ ଲେଖା ଅତ୍ୟାଧୁନିକ ମୃତ୍ତିକା ପରୀକ୍ଷାଗାର ଅଛି । ଚାଷୀ ପରୀକ୍ଷାଗାରକୁ ଜମିର ନମୁନା ମାଟି ପଠାଇଲେ ମୃତ୍ତିକା ବୈଜ୍ଞାନିକ ମାଟି ପରୀକ୍ଷାକରି ପରୀକ୍ଷାର ଫଳାଫଳ ଅନୁସାରେ ନିର୍ଦ୍ଦିଷ୍ଟ ଫସଲ ପାଇଁ ଠିକ୍ ପରିମାଣର ସାର ଅନୁମୋଦନ କରନ୍ତି । ଏହାଦ୍ୱାରା ଫସଲ ପାଇଁ ରାସାୟନିକ ସାର ପ୍ରୟୋଗ ସୁଷମ ହୁଏ । ରାସାୟନିକ ସାର ସହ ଗୋବରଖତ, ସବୁଜ ସାର ଏବଂ ଜୈବସାର ଆଦି ପ୍ରୟୋଗକଲେ ସାର ପ୍ରୟୋଗ ସମନ୍ୱିତ ହୁଏ । ସମନ୍ୱିତ ସାର ପ୍ରୟୋଗ ଦ୍ୱାରା ମାଟିର ଉର୍ବରତା ଅକ୍ଷୁଣ୍ଣ ରହେ ଏବଂ ପରବର୍ତ୍ତୀ ସମୟରେ ଫସଲର ଅମଳ ଆଶାନୁରୂପ ହୁଏ ।

**ରୋଗ, ପୋକ ଓ ଘାସ ନିୟନ୍ତ୍ରଣ**

ରୋଗ, ପୋକ ଓ ଅନାବନା ଘାସ ଫସଲର ମୁଖ୍ୟ ଶତ୍ରୁ । ବିଭିନ୍ନ ରୋଗ ଆକ୍ରମଣ ଦ୍ୱାରା ଫସଲ ଅମଳ ପ୍ରାୟ ଶତକଡ଼ା ୫୦ ଭାଗ କମିଥାଏ । ଫସଲର ୨ପ୍ରକାର ରୋଗ ଯଥା ଫିମ୍ପି ଏବଂ ବୀଜାଣୁଜନିତ ଥାଏ । ଉକ୍ତ ରୋଗକୁ ନିଦାନ ବିଭାଗର ବିଶେଷଜ୍ଞଙ୍କ ଦ୍ୱାରା ଠିକ୍ ଚିହ୍ନଟ କରାଯାଇ ରୋଗର ନିରାକରଣ ପାଇଁ ରାସାୟନିକ ଔଷଧ ନିର୍ଦ୍ଧାରଣ କଲେ ଫସଲ ରୋଗମୁକ୍ତ ହୋଇ ଅଧିକ ଅମଳ ମିଳେ । ଗବେଷଣାରୁ ଜଣାପଡ଼ିଛି ଯେ ରୋଗ ନିରୋଧକ ରାସାୟନିକ ଔଷଧ ପରିବର୍ତ୍ତେ କେତେକ ଦେଶୀୟ ଔଷଧ ବ୍ୟବହାର ଦ୍ୱାରା ଫସଲ ରୋଗମୁକ୍ତ ହୋଇ ଅମଳ ବଢ଼ାଇବାର ପ୍ରମାଣ ମିଳିଛି । ଯେପରିକି ଗୋବରପାଣି ପ୍ରୟୋଗ ଦ୍ୱାରା ଧାନ ଫସଲର ବୀଜାଣୁଜନିତ ବ୍ଲାଷ୍ଟରୋଗ ଏବଂ ହଳଦୀ ପାଣି ପ୍ରୟୋଗ ଦ୍ୱାରା ପରିବା ଫସଲର ବିଭିନ୍ନ ବୀଜାଣୁଜନିତ ରୋଗରୁ ଉପଶମ ମିଳିବା ସହ ପରିବେଶ ସୁରକ୍ଷିତ ହୋଇ ପାରୁଛି ।

ଫସଲର ରୋଗ ଅପେକ୍ଷା ପୋକ ଆକ୍ରମଣ ଅଧିକ ମାରାତ୍ମକ । ବିଭିନ୍ନ ଫସଲର ବିଭିନ୍ନ ବର୍ଦ୍ଧନ ଅବସ୍ଥାଠାରୁ ଆରମ୍ଭକରି ଅମଳ ପର୍ଯ୍ୟନ୍ତ ବିବିଧ ପୋକ ଦ୍ୱାରା ଆକ୍ରାନ୍ତ ହୁଏ । ସୁଚିନ୍ତିତ ଅମଳ ପାଇଁ ସବୁପ୍ରକାର ପୋକ ଆକ୍ରମଣରୁ ରକ୍ଷା ପାଇଁ ବିଶେଷଜ୍ଞଙ୍କ ପରାମର୍ଶରେ ରାସାୟନିକ ବିଷ ପ୍ରୟୋଗ କରିବା ଉଚିତ । କୀଟତତ୍ତ୍ୱବିତ୍‌ମାନେ ଫସଲର ପୋକ ନିୟନ୍ତ୍ରଣ ପାଇଁ ସମନ୍ୱିତ ପୋକ ନିରୋଧ ପଦ୍ଧତିମାନ ନିର୍ଣ୍ଣୟ କରୁଛନ୍ତି । ଉକ୍ତ ପଦ୍ଧତି ଦ୍ୱାରା ବିଷମୁକ୍ତ ଜୈବ ପଦାର୍ଥ ପ୍ରୟୋଗ ସହ ସ୍ୱଳ୍ପ ପରିମାଣର ବିଷ କମ୍ ଥର ପ୍ରୟୋଗକରି କୀଟ ନିୟନ୍ତ୍ରଣ କରାଯାଇପାରିବ । ନିମ ଜାତୀୟ ଜୈବ ରସାୟନ ଅତି ନିରାପଦ । ଏହାକୁ ଫସଲରେ ବାରମ୍ବାର ପ୍ରୟୋଗକଲେ ମଧ୍ୟ ପରିବେଶ ପ୍ରଦୂଷଣ ନ ହୋଇ ସୁରକ୍ଷିତ ରହେ । କୌଣସି ପ୍ରକାର ରାସାୟନିକ ପଦାର୍ଥ ପ୍ରୟୋଗ ନ କରି ଆଲୋକ ଯନ୍ତ୍ର ବସାଇ ଫସଲ ନଷ୍ଟ କରୁଥିବା ପୋକକୁ ଯନ୍ତ୍ର ମଧ୍ୟକୁ ଆକୃଷ୍ଟକରି ଦମନ କରାଯାଇପାରିବ । ଏତଦ୍‌ବ୍ୟତୀତ୍ ବିଭିନ୍ନ ଉନ୍ନତ ଚାଷ ପ୍ରଣାଳୀ ଯଥା ଖରାଟିଆ ଚାଷ, ଗଭୀର ଚାଷ, ହୁଡ଼ାରୁ ଘାସ ଦମନ, କ୍ଷେତରେ ମୂଳି ଫସଲରେ ଅଗ୍ନି ସଂଯୋଗ, କେତେକ ପୋକକୁ ହାତରେ ଧରି ବିଭିନ୍ନ ଉପାୟରେ ଦମନ କରିବା ଇତ୍ୟାଦି ଉପାୟ ଅବଲମ୍ବନ କରାଯାଇପାରେ । (କ୍ରମଶଃ...)

–ଶୈଳଶ୍ରୀବିହାର,ଏମ୍‌ଆଇଜି ୧୦୨,
ଫେଜ୍–୨, ମୋ :୯୫୫୬୨୬୬୦୮୫

## ଅଳ୍ପରେ...

➤ପିଆଜର ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ । ଏହି ସମୟରେ ଅମଳ କରନ୍ତୁ । ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ । ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।

➤ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

➤ଭେଣ୍ଡିର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳଗୌରବ ଏବଂ ପୁଷା–ଏ–୪ । ଭେଣ୍ଡି ମଧ୍ୟରେ ଦୂରତା ୬୦ ସେ.ମି. x ୩୦ ସେ.ମି. ରହିବା ଦରକାର । ଏହି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ



ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ ।

➤ଆଳୁଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨–୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ ।

## ସୂର୍ଯ୍ୟମୁଖୀ ଚାଷରେ କୀଟନାଶକ ପ୍ରୟୋଗ

ସୂର୍ଯ୍ୟମୁଖୀ ଚାଷରେ ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍



ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଁଆଳୁଆ, ଧଳାମାଛି, ଥ୍ରିପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରିପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ ।

## ଛେଳି କୁକୁଡ଼ା ପାଳନ



ଛେଳିମାନଙ୍କୁ ଏଣ୍ଟରୋଟକ୍‌ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ । ଏହାର ପ୍ରତିକାର ପାଇଁ ଏଣ୍ଟରୋଟକ୍‌ସିମିଆ ଟିକା ଛେଳିମାନଙ୍କୁ ଦିଅନ୍ତୁ । କୁକୁଡ଼ାମାନଙ୍କୁ ବାର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ବ୍ରଏଲର କୁକୁଡ଼ା ପାଳନ କରୁଥିଲେ ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ କୁକୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍) । କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ । ୭ ଦିନର କୁକୁଡ଼ା ଛୁଆଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ । ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବା ସୂଚନା ମିଳିଥାଏ । କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଙ୍ଘାଣି ବାହାରିବା ସହ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହ ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

# ଡାଲୁଅ ଧାନ ପାଇଁ ତଳି ପ୍ରସ୍ତୁତି

ଡାଲୁଅ ଧାନ ତଳି ପ୍ରସ୍ତୁତି (୧ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ୨ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଟା, ଅଗାଡ଼ି ବାହାରକରିବା ପାଇଁ ଏହାକୁ ଲୁଣପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । **ବିହନ କିସମ :**



**ସହଳ** – ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । **ମଧ୍ୟମ** –ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ । କିଆରିରେ ପାଣି ଚାଲିବା ନିମନ୍ତେ ନାଳିମାନ ରଖନ୍ତୁ । ଏହାଦ୍ୱାରା ମଧ୍ୟ ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ ।

ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩–୪ ଦିନ ଟାଣଖରାରେ ଶୁଖାଇଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାରଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ । ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ ।

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୧ (୩୦.୯୯) ପଏଣ୍ଟ ବଢ଼ି ୭୧,୩୮୬(୭୧,୩୮୬.୨୧) ଅଙ୍କରେ କାରବାର ବନ୍ଦ କରିଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୩୨ (୩୧.୮୫) ପଏଣ୍ଟ ବୃଦ୍ଧି ଘଟି ୨୧,୫୪୫ (୨୧,୫୪୪.୮୫) ଅଙ୍କରେ କାରବାର ବନ୍ଦ କରିଥିଲା।

# ୨୫୦ ଏକର ପରିବ୍ୟାପ୍ତ ପ୍ଲାଣ୍ଟରେ ୧୦୦୦ କୋଟିର ନିବେଶ

ଭୁବନେଶ୍ୱର,୯।୧(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଆଡଭାନ୍ସଡ ମ୍ୟାଟେରିଆଲ୍ସ (ଜାମ୍) ତାମିଲନାଡୁରେ ପ୍ରାୟ ୧୦୦୦ କୋଟି ଟଙ୍କା ନିବେଶ କରିବ ବୋଲି ଚେନ୍ନାଇଠାରେ ଆୟୋଜିତ ୨ଦିନିଆ ବୈଶ୍ୱିକ ନିବେଶକ ସମ୍ମିଳନୀରେ କମ୍ପାନୀ ବିସ୍ତୃତ ଭାବେ ଘୋଷଣା କରିଛି। ଏପରିକି କମ୍ପାନୀ ଦକ୍ଷିଣ ଭାରତରେ ପ୍ରଥମ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବା ପାଇଁ ତାମିଲନାଡୁ ସରକାରଙ୍କ ସହ ଏକ ଦ୍ୱିପାକ୍ଷିକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ବିଶେଷ ୨୫୦ ଏକର ପରିବ୍ୟାପ୍ତ ଜମିରେ କମ୍ପାନୀ ଉକ୍ତ କାରଖାନା (ଅତ୍ୟାଧୁନିକ ପ୍ଲାଣ୍ଟ) ତ୍ରିଚିଠାରେ ସ୍ଥାପନ ହେବ ଏବଂ ପ୍ରାୟ ୩୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିଭଳି ଜାମ୍



ଉକ୍ତ କାରଖାନା (ପ୍ଲାଣ୍ଟ) ରେ ଅଭିନବ କମ୍ପୋଜିଟ୍ ସାମଗ୍ରୀ ଉତ୍ପାଦନ କରିବ। ସାରା ଭାରତରେ କମ୍ପାନୀର ଏହା ୪ର୍ଥ ପ୍ଲାଣ୍ଟ ହୋଇଥିବାବେଳେ ଉପରୋକ୍ତ ଏମ୍‌ଓୟୁ ଅନୁଯାୟୀ ତାମିଲନାଡୁ ସରକାର ଆବଶ୍ୟକ ଭିତ୍ତିଭୂମି ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜାମ୍‌ର ନିର୍ଦ୍ଦେଶକ, ସି.ପି.ଅଗ୍ରୱାଲ ଏବଂ ତାମିଲନାଡୁ ସରକାରଙ୍କ ଗାଇଡାନ୍ସ, ଶିଳ୍ପ, ନିବେଶ ପ୍ରୋତ୍ସାହନ ଓ ବାଣିଜ୍ୟ ବିଭାଗର ଏମ୍‌ଡି ତଥା ସିଇଓ ଭି.ବିଷ୍ଣୁ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ,ରାଜ୍ୟ ଶିଳ୍ପମନ୍ତ୍ରୀ ଡ. ଟି.ଆର୍.ବି. ରାଜା, ମୁଖ୍ୟ ଶାସନ ସଚିବ ଶିବ ଦାସ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

ଜାମ୍‌ର ନିର୍ଦ୍ଦେଶକ ସି.ପି.ଅଗ୍ରୱାଲ କହିଛନ୍ତି, ଦକ୍ଷିଣ ଭାରତରେ ଆମର ଗ୍ରାହକ ସେବା ଅଭିଜ୍ଞତାକୁ ବୃଦ୍ଧି କରିବାରେ ଉକ୍ତ ବୁଝାମଣାର ପ୍ରମୁଖ ଭୂମିକା ରହିଛି। ଏପରିକି ତାମିଲନାଡୁର ସୁଦୃଢ଼ ଭିତ୍ତିଭୂମି, ଅଧିକ ବାଣିଜ୍ୟ ସୁଯୋଗ ପାଇଁ ତ୍ରିଚିର ବନ୍ଦରଠାରୁ କମ୍ ଦୂରତା ଏବଂ ଭିତ୍ତିଭୂମି ଓ ଏରୋସ୍ପେସ୍ କ୍ଷେତ୍ରରେ ଥିବା ଇକୋସିଷ୍ଟମ ଆମର ପ୍ରତିବଦ୍ଧତାକୁ ଆହୁରି ଭଲ ଭାବେ ବିସ୍ତାର କରିବାକୁ ସକ୍ଷମ କରିବ।

ତାମିଲନାଡୁ ସରକାରଙ୍କ ବାଣିଜ୍ୟ ବିଭାଗର ଏମ୍‌ଡି ତଥା ସିଇଓ ଭି. ବିଷ୍ଣୁ କହିଛନ୍ତି, ଆମ ଲକ୍ଷ୍ୟକୁ ବୁଝିଥିବାରୁ ମୁ ନିବେଶକ, ଚିନ୍ତାନାୟକ, ନୀତିନିର୍ମାତା ଏବଂ ବୁଦ୍ଧିଜୀବୀଙ୍କ ନିକଟରେ କୃତଜ୍ଞ। ଏପରିକି ତାମିଲନାଡୁ ବୈଶ୍ୱିକ ନିବେଶକ ସମ୍ମିଳନୀ-୨୦୨୪ର ସଫଳତାରେ ଆମ ବେଶ୍ ଉତ୍ସାହିତ ଥିଲାବେଳେ ଆମର ଉଦ୍ଦେଶ୍ୟ ଓ ଦୂରଦୃଷ୍ଟି ପ୍ରତିଫଳିତ ହୋଇଛି। ବିଶେଷ କରି ତାମିଲନାଡୁ ପ୍ରତିରକ୍ଷା ଶିଳ୍ପ କରିଡରରେ ଭିତ୍ତିଭୂମି ଏବଂ ଏରୋସ୍ପେସରେ ଅଧିକ ଶିଳ୍ପ ଏବଂ ଜାମ ମଧ୍ୟ ଏହା ଉପରେ ଧ୍ୟାନ ଦେଉଛି। ଦକ୍ଷିଣ ଭାରତର ବାକି ଅଞ୍ଚଳ ସହ ତାମିଲନାଡୁର କେନ୍ଦ୍ରୀୟ ସଂଯୋଗକୁ ଦୃଷ୍ଟିରେ ରଖି ଜାମ ସହିତ ଉକ୍ତ ବୁଝାମଣା ସହରର ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ପ୍ରସ୍ତୁତ ରହିଛି।

## ଓଏମ୍‌ସିକୁ ଜାତୀୟ କ୍ରୀଡ଼ା ପ୍ରୋତ୍ସାହନ ପୁରସ୍କାର



ଭୁବନେଶ୍ୱର,୯।୧ (ଅନୁରାଧା ମହାରଣା)

କ୍ରୀଡ଼ାର ବିକାଶରେ ତଥା ପ୍ରୋତ୍ସାହନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ଖଣି ନିଗମ (ଓଏମ୍‌ସି)କୁ ଜାତୀୟ କ୍ରୀଡ଼ା ପ୍ରୋତ୍ସାହନ ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ମଙ୍ଗଳବାର ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସାମାଜିକ ଉତ୍ତରଦାୟିତ୍ୱ ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୂଚନା ଥାଉ କି, ଓଏମ୍‌ସି ତୃଣମୂଳ ସ୍ତରରେ, ରାଜ୍ୟ ତଥା ଜାତୀୟ ସ୍ତରରେ କ୍ରୀଡାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହଯୋଗରେ କ୍ରୀଡ଼ାକ୍ଷେତ୍ରରେ ଯୁବପିଢ଼ିଙ୍କ ଭବିଷ୍ୟତ ଗଠନ ପାଇଁ ଓଏମ୍‌ସି ସର୍ବଦା ତତ୍ପର ଥିବା ଓଏମ୍‌ସି ପକ୍ଷରୁ କୁହାଯାଇଛି।

## ରିନ୍ୟୁ ଏନର୍ଜିର ନୂତନ ଅଭିଯାନ

ଭୁବନେଶ୍ୱର,୯।୧

ରିନ୍ୟୁ ଏନର୍ଜିର ନୂତନ ଅଭିଯାନ ତଥା ଉପହାର ଉଷ୍ମତାର ୯ମ ସଂସ୍କରଣକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଚଳିତ ବର୍ଷ ରିନ୍ୟୁ ଦିଲ୍ଲୀ ଏନ୍‌ସିଆର୍, ରାଜସ୍ଥାନ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ ଏବଂ ଓଡ଼ିଶା ଭଳି ରାଜ୍ୟରେ ୨ଲକ୍ଷରୁ ଅଧିକ କମ୍ବଳ ବଣ୍ଟନ କରିଛି। ଏପରିକି ଏହି ବଣ୍ଟନ ଅଭିଯାନ ଆରମ୍ଭ ହୋଇଯାଇଥିବାବେଳେ ଓଡ଼ିଶାରେ ପ୍ରାୟ ୧୨,୦୦୦ କମ୍ବଳ ବଣ୍ଟନ କରିସାରିଛି। କମ୍ପାନୀର ସହ ପ୍ରତିଷ୍ଠାତା ତଥା ଅଧକ୍ଷ ବୈଶାଳୀ ନିଗମ ସିହ୍ନା କହିଛନ୍ତି, ଗତ କିଛି ବର୍ଷ ହେଲା ଭାରତରେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ଲୋକମାନଙ୍କ ଉପରେ ପଡ଼ିଛି। ଅତ୍ୟଧିକ ଶୀତର ପ୍ରଭାବ ଯୋଗୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଆମେ ସବୁବେଳେ ଗୋଷ୍ଠୀ କଲ୍ୟାଣ ପାଇଁ କାମ କରିଥାଉ। ଏହି କାର୍ଯ୍ୟରୁ ଆମେ ବହୁ ଆନନ୍ଦ ପାଇଛୁ ଓ ଆମକୁ ମଧ୍ୟ ରାଜ୍ୟ ସରକାରଙ୍କ ଆବଶ୍ୟକ ସହଯୋଗ ମିଳିପାରିଛି। ଅପରପକ୍ଷରେ ଉପହାରର ଉଷ୍ମତା ଅଭିଯାନ-୨୦୧୫ରେ ଆରମ୍ଭ ହୋଇଥିଲା ଓ ଲକ୍ଷ୍ୟ ଥିଲା କୌଣସି ଭାରତୀୟ ଶୀତ ପ୍ରଭାବରେ ଆକ୍ରାନ୍ତ ନ ହୁଅନ୍ତୁ ଏବଂ କମ୍ପାନୀ ଆଜି ପର୍ଯ୍ୟନ୍ତ ୬,୨୫,୦୦୦ କମ୍ବଳ ବଣ୍ଟନ କରିଛି। ୨୦୨୫ ସୁଦ୍ଧା ୧ବିଲିୟନ କମ୍ବଳ ବଣ୍ଟନ କରିବାକୁ ଲକ୍ଷ୍ୟ ରଖିଛି। ଉକ୍ତ ଅଭିଯାନରେ ରିନ୍ୟୁର ଅନ୍ୟ କର୍ପୋରେଶନ ଓ ଅନୁଷ୍ଠାନଗୁଡ଼ିକର ସହଭାଗିତା ଓ ସହଯୋଗକୁ ଆମନ୍ତ୍ରଣ କରୁଛି। ବିଗତ ବର୍ଷଗୁଡ଼ିକରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉଛି। ସରକାରୀ ତଥ୍ୟ ଅନୁଯାୟୀ ଗରିବ ଲୋକମାନେ ଶୀତ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସରକାରୀ ଅଧିକାରୀଙ୍କ ସହଯୋଗରେ ରିନ୍ୟୁ କର୍ମଚାରୀମାନେ ସବୁଠାରୁ ଶୀତପ୍ରବଣ ଜିଲାଗୁଡ଼ିକରେ ଗରିବ ଲୋକମାନଙ୍କୁ ଚିହ୍ନଟକରି ସେମାନଙ୍କୁ ସହାୟତା ସ୍ୱରୂପ କମ୍ବଳ ବଣ୍ଟନ କରିବେ। ପ୍ରଥମେ ଜିଲାସ୍ତରରୁ ଉକ୍ତ ଅଭିଯାନ ଆରମ୍ଭ ହେବ, ତା'ପରେ ତହସିଲ ଓ ଗ୍ରାମାଞ୍ଚଳରେ କମ୍ପାନୀର କର୍ମଚାରୀମାନେ କମ୍ବଳ ବଣ୍ଟନ କରିବେ।

## 'ମାଇଁ ଓଡ଼ିଶା,ଇଣ୍ଡିଆଜ୍ ପ୍ରାଇଡ୍'ର ଶୁଭାରମ୍ଭ

ଭୁବନେଶ୍ୱର,୯।୧

ଟାଟା ପାୱାରର ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ 'ମାଇଁ ଓଡ଼ିଶା,ଇଣ୍ଡିଆଜ୍ ପ୍ରାଇଡ୍'ର ଶୁଭାରମ୍ଭ ସମ୍ପର୍କରେ କରାଯାଇଛି। ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ସହ ଯୁବ ପ୍ରତିଭାମାନଙ୍କୁ ସମୃଦ୍ଧ କରିବା ଏବଂ ସଂସ୍କୃତିକୁ ସୁଦୃଢ଼ କରିବା ଦିଗରେ କମ୍ପାନୀର ଏହି ପଦକ୍ଷେପ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ୮ରୁ ୧୨ବର୍ଷ ଏବଂ ୧୩ରୁ ୧୬ବର୍ଷର ପିଲାମାନଙ୍କ ମଧ୍ୟରେ ସୃଜନଶୀଳତାକୁ ଜାଗ୍ରତ କରିବା ଲକ୍ଷ୍ୟ ରଖି ପିଲାମାନଙ୍କୁ ଚିତ୍ରକଳା, ସ୍କେଚ୍ ଏବଂ କବିତା, ପ୍ରବନ୍ଧ ଓ କାହାଣୀ ଭଳି ସାହିତ୍ୟିକ ଲେଖା ପଠାଇବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ପଦକ୍ଷେପ ରାଜ୍ୟ ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' ଅଭିଯାନ ସହ ଖାପଖାଉଛି, ଯାହା ଶିକ୍ଷା ଓ ସଂସ୍କୃତି ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବ। ଏପରିକି ଛାତ୍ରୀଛାତ୍ରମାନେ ସେମାନଙ୍କ ଭିଡିଓ ଆବେଦନକୁ କବିତା, ପ୍ରବନ୍ଧ ଓ କାହାଣୀ ମାଧ୍ୟମରେ ପଠାଇପାରିବେ। ସେହିଭଳି ୮ରୁ ୧୨ ଏବଂ ୧୩ରୁ ୧୬ ବର୍ଷ ବୟସ ବର୍ଗରେ ପ୍ରଥମ ପୁରସ୍କାର ଭାବେ ଟ୍ରଫି, ସ୍ୱର୍ଣ୍ଣ ପଦକ ଓ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ପ୍ରଦାନ କରାଯାଉଥିବାବେଳେ ୨ୟ ପୁରସ୍କାରରେ ରୌପ୍ୟ ପଦକ ଓ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ଏବଂ ୩ୟ ପୁରସ୍କାରରେ ତାମ୍ର ପଦକ ଓ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ପ୍ରଦାନ କରାଯିବ। ସେହିପରି ଚୟନ କରାଯାଇଥିବା ଅନ୍ୟ ଶ୍ରେଷ୍ଠ ୨୦ଜଣଙ୍କୁ ୨୦୦୦ଟଙ୍କାର ଗିଫ୍ଟ ଭାଉଚର ପ୍ରଦାନ କରାଯିବ। ଉକ୍ତ ପ୍ରତିଯୋଗିତାରେ ସାମିଲ ସମସ୍ତ ଆବେଦନକାରୀଙ୍କୁ ଅଂଶଗ୍ରହଣ ସାର୍ଟିଫିକେଟ ଦିଆଯିବ। ଅପରପକ୍ଷରେ ପ୍ରତିଯୋଗୀମାନେ ସେମାନଙ୍କ ଆବେଦନକୁ ସିଧାସଳଖ 'ମାଇଁ ଓଡ଼ିଶା ଇଣ୍ଡିଆଜ୍ ପ୍ରାଇଡ୍' ପ୍ରତିଯୋଗିତାରେ ନିଜର ନାମ, ବୟସ, ଫୋନ୍ ନମ୍ବରକୁ ଫାଇଲ୍ ନାମ ଭାବେ ଲେଖି (ଉଦାହରଣ ତୁହିନ ମହାପାତ୍ର-୦୯-୯୮୧୮****) ଲେଖି ପଠାଇପାରିବେ। ଅନ୍ୟଥା ସେମାନେ ନିଜ ଆବେଦନକୁ ଅଂଶଗ୍ରହଣର ବର୍ଗ,ନାମ, ବୟସ, ମୋବାଇଲ୍ ନମ୍ବର ଓ ସହର ନାମ ଲେଖି photocontest.tpodisha@tatapower.comରେ ଇମେଲ୍ କରିପାରିବେ। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ଆବେଦନଗୁଡ଼ିକୁ ଅନୁଶୀଳନ କରିବେ। ଉଲ୍ଲେଖଯୋଗ୍ୟ, (ସର୍ତ୍ତାବଳୀ: ଅଧିସୂଚନା) ପ୍ରତିଯୋଗିତାରେ ଦାଖଲ ହୋଇଥିବା ଆବେଦନଗୁଡ଼ିକକୁ ନିଜ ଅନୁସାରେ ବ୍ୟବହାର କରିବାର ଅଧିକାର ଟାଟା ପାୱାର ପାଖରେ ରହିବ। ଓଡ଼ିଶାରେ ବିଦ୍ୟୁତ୍ ବଣ୍ଟନର ଅଂଶ ଭାବେ ଟାଟା ପାୱାର ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗରେ ଟିପି ସେଣ୍ଟ୍ରାଲ, ଟିପି ସଦର୍ନ, ଟିପି ନର୍ଦନ ଓ ଟିପି ୱେଷ୍ଟର୍ନ ଓଡ଼ିଶା ଭଳି ଚାରିଟି ଡିସ୍‌କମ୍‌ର ପରିଚାଳନା କରୁଛି।

## ଏଲେବର ଇକ୍ୱିଟିରୁ କିଓରବେର ପାଣ୍ଠି ସଂଗ୍ରହ

ଭୁବନେଶ୍ୱର,୯।୧

ଅଭିନବ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଷ୍ଟାର୍ଟଅପ୍ କିଓରବେ ଏକ ନବୀନ ହାଇବ୍ରିଡ୍ ମଡେଲ ଜରିଆରେ ଅପହଞ୍ଚ କ୍ଷେତ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ସମସ୍ୟାର ନିବାରଣ ଉପରେ ଗୁରୁତ୍ୱାରୋପକରି ଏକ ସିରିଜ୍ ଏ୧ ଫଣ୍ଡିଂ ରାଉଣ୍ଡରେ ସଫଳତାର ସହ ପ୍ରାୟ ୬୨କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିଛି। ନୂଆକରି ସଂଗୃହୀତ ପାଣ୍ଠି ଯଥେଷ୍ଟ ଡାକ୍ତରୀ ସେବାରୁ ବଞ୍ଚିତ କ୍ଷେତ୍ରରେ ଉଚ୍ଚ ଗୁଣବତ୍ତାଯୁକ୍ତ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଜାରି ରଖିବାରେ ହେଲ୍‌ଥ-ଟେକ୍ ଇନୋଭେଟରଙ୍କୁ ସକ୍ଷମ କରିବା ସହ ଏକ ବୁଦ୍ଧିମତ୍ତା ସମ୍ପନ୍ନ ଦୃଢ଼ ସ୍ୱାସ୍ଥ୍ୟ ତଥ୍ୟ ମଞ୍ଚ ନିର୍ମାଣ ଓ ସ୍ୱାସ୍ଥ୍ୟସେବା ଉଦ୍ୟୋଗରେ ପ୍ରତିଭା ତଥା ଶ୍ରେଷ୍ଠ କୁଶଳୀଙ୍କୁ ନିୟୋଜନ କରିବାରେ ବିନିଯୋଗ ହେବ। ଏକ ଦ୍ରୁତ ଅଭିବୃଦ୍ଧିଶୀଳ ହେଲ୍‌ଥ୍‌ଟେକ୍ ଷ୍ଟାର୍ଟଅପ୍ ଭାବେ କିଓରବେ ସ୍ଥିର ଭାବେ ବ୍ୟବସାୟିକ ସୁପରିଣାମ ପ୍ରଦାନ କରୁଛି ଏବଂ ଜଟିଳ ପୁଞ୍ଜିଗତ ପରିବେଶରେ ମଧ୍ୟ ପୁଞ୍ଜିବାନ ରହିବା ପାଇଁ ସଫଳତାର ସହ ପାଣ୍ଠି ସଂଗ୍ରହ କରୁଛି। ଭାରତର ଅତ୍ୟନ୍ତ ଅପହଞ୍ଚ କ୍ଷେତ୍ରରେ ମଧ୍ୟ ପ୍ରତି ନାଗରିକଙ୍କୁ ସ୍ୱାସ୍ଥ୍ୟଗତ ଅଧିକାର ପ୍ରଦାନ ଅଭିଯାନରେ ଏଲେବର ଇକ୍ୱିଟିର ନିରନ୍ତର ସହାୟତା ପାଇଁ କୃତଜ୍ଞତା ଜ୍ଞାପନ କରି କିଓରବେର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି, ଆମେ ରୋଗୀଙ୍କ ଅନୁଭବକୁ ସକାରାତ୍ମକ ଭାବେ ରୂପାନ୍ତର କରିବା ପାଇଁ ଲକ୍ଷ୍ୟ ରଖିଥିବା ସାଟେଲାଇଟ୍ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଏକ ନେଟ୍‌ୱର୍କ ଜରିଆରେ ଭାରତର ଅପହଞ୍ଚ କ୍ଷେତ୍ରମାନଙ୍କରେ ସୁଲଭ ଏବଂ ଉଚ୍ଚ ଗୁଣମାନର ପ୍ରାଥମିକ ସ୍ୱାସ୍ଥ୍ୟସେବା ପହଞ୍ଚାଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ପ୍ରତିବଦ୍ଧ।

**ଫୁର୍‌ସତ**

# ହିନ୍ଦୀ ଚତୁର୍ଥ ଶ୍ରେଷ୍ଠ କଥିତ ଭାଷା

ଅଧିକ ସଂଖ୍ୟକ ଲୋକ ବୁଝିପାରୁଥିବା ଭାଷା ଦ୍ୱାରା ଏବେ ସରକାର ବିଭିନ୍ନ ନୀତି ପ୍ରଣୟନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହାଦ୍ୱାରା ଅଧିକ ଲୋକ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଅବଗତ ହୋଇପାରିବେ। ଭାରତରେ ରାଷ୍ଟ୍ରଭାଷା ଭାବେ ହିନ୍ଦୀକୁ ଗ୍ରହଣ କରାଯାଇଛି। ହିନ୍ଦୀ ଭାଷା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୧୦ ଜାନୁୟାରୀରେ ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଇଥାଏ। ଏହାର ଉଦ୍ଦେଶ୍ୟ ହେଉଛି ହିନ୍ଦୀକୁ ବିଶ୍ୱସ୍ତରରେ ପ୍ରୋତ୍ସାହିତ କରିବା ଏବଂ ଏହାକୁ ଏକ ଅନ୍ତର୍ଜାତୀୟ ଭାଷା ଭାବରେ ଉପସ୍ଥାପନ କରିବା ପାଇଁ ସଚେତନତା ସୃଷ୍ଟି କରିବା। ବିଶ୍ୱରେ ହିନ୍ଦୀର ବିକାଶ ଏବଂ ପ୍ରସାର ଲକ୍ଷ୍ୟରେ ବିଶ୍ୱ ହିନ୍ଦୀ ସମ୍ମିଳନୀ ଆରମ୍ଭ ହୋଇଥିଲା ଏବଂ ୧୯୭୫ ଜାନୁଆରୀ ୧୦ରେ ନାଗପୁରରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ତେଣୁ ଏହି ଦିନଟିକୁ ସ୍ମରଣକରି ପ୍ରତିବର୍ଷ ଜାନୁଆରୀ ୧୦ରେ 'ବିଶ୍ୱ ହିନ୍ଦୀ ଦିବସ' ଭାବରେ ପାଳନ କରାଯାଇଥାଏ।

୧୪ ସେପ୍ଟେମ୍ବର ୧୯୪୯ରେ ଭାରତ ସରକାରଙ୍କ ପକ୍ଷରୁ ହିନ୍ଦୀକୁ ସରକାରୀ ଭାଷା ଭାବରେ ଘୋଷଣା କରାଯାଇଥିଲା। ଏହା ପରେ, ୧୯୫୩ରେ ରାଷ୍ଟ୍ର ଭାଷା ପ୍ରସାର ସମିତିର ସୁପାରିସ କ୍ରମେ ଏହି ଦିନକୁ ହିନ୍ଦୀ ଦିବସ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୧୦ ଜାନୁଆରୀ ୨୦୦୬ରେ ପ୍ରତିବର୍ଷ ବିଶ୍ୱ ହିନ୍ଦୀ ଦିବସ ପାଳନ କରିବାକୁ ଘୋଷଣା କରିଥିଲେ। ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୧୦ ଜାନୁଆରୀ ୨୦୦୬ରେ ପ୍ରଥମ ଥର ପାଇଁ ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଇଥିଲା। ସେବେଠାରୁ



**ବିଶ୍ୱ ହିନ୍ଦୀ ଦିବସ**

ଏହି ଦିବସଟି ପାଳନ ହୋଇଆସୁଛି। ବିଦେଶରେ ଥିବା ଭାରତୀୟ ଦୂତାବାସରେ ଏହି ଦିନକୁ ବିଶେଷ ଭାବେ ପାଳନ କରାଯାଇଥାଏ। ସାରା ବିଶ୍ୱରେ ୩୦ରୁ ଅଧିକ ଦେଶରେ ହିନ୍ଦୀ ଶିକ୍ଷା ଦିଆଯାଉଛି ଏବଂ ପାଖାପାଖି ୧୦୦ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଅଧ୍ୟୟନ କେନ୍ଦ୍ର ଖୋଲାଯାଇଛି। ଭାରତ ବ୍ୟତୀତ ମରିସସ୍, ଫିଜି, ସୁରିନାମ, ଗୁଏନା, ତ୍ରିନିଦାଦ୍ ଏବଂ ନେପାଳରେ ହିନ୍ଦୀ ଭାଷାକୁ କଥିତ ଭାଷା ଭାବରେ ମଧ୍ୟ ବ୍ୟବହାର କରାଯାଇଥାଏ। ଆମେରିକାରେ ପ୍ରାୟ ୧୫୦ରୁ ଅଧିକ ଶିକ୍ଷଣ ସଂସ୍ଥାରେ ହିନ୍ଦୀ ଶିକ୍ଷା ଦିଆଯାଉଛି।

ବିଶ୍ୱରେ ଅଧିକ କଥିତ ହେଉଥିବା ୫ ଭାଷା ମଧ୍ୟରେ ହିନ୍ଦୀ ରହିଛି। ପ୍ରଥମ ସ୍ଥାନରେ ଚାଇନିଜ ଭାଷା ମାଣ୍ଡାରିନ୍ ଥିବାବେଳେ ଦ୍ୱିତୀୟରେ ସ୍ପେନିସ୍ ଭାଷା ରହିଛି। ସେହିପରି ତୃତୀୟରେ ଇଂଲିଶ୍ ଥିବାବେଳେ ଚତୁର୍ଥରେ ହିନ୍ଦୀ ରହିଛି।

## ରାମମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବେ ରଣଦୀପ

ମୁମ୍ବାଇ

ବଲିଉଡ୍ ଅଭିନେତା ରଣଦୀପ ହୁଡ୍ଡା ପ୍ରାୟତଃ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। କିଛିଦିନ ଆଗରୁ ସେ ତାଙ୍କ ବିବାହକୁ ନେଇ ଚର୍ଚ୍ଚାରେ ଥିଲେ। ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମମନ୍ଦିରର ପ୍ରାଣ ପ୍ରତିଷ୍ଠା ସମାରୋହରେ ଯୋଗଦେବାକୁ ଅଭିନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ରାମମନ୍ଦିର ସମାରୋହରେ ଦେଶର ବଡ଼ ବଡ଼ ବ୍ୟକ୍ତିବିଶେଷ, ସାଧୁ ସନ୍ଥ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଏନ୍‌ଆଇ ଏକ ପୋଷ୍ଟରେ ରଣଦୀପ ରାମମନ୍ଦିର ସମାରୋହରେ ଭାଗ ନେବାକୁ ଅଫିସିଆଲ ନିମନ୍ତ୍ରଣ ପାଇଥିବା ନଜରକୁ ଆସିଛନ୍ତି। କହିବାକୁ ଗଲେ ତାଙ୍କ ପୂର୍ବରୁ ଅଭିନେତ୍ରୀ ଆଲିଆ ଭଟ୍ଟ ଏବଂ ରଣବୀର କପୁର ମଧ୍ୟ ଏହି ଉତ୍ସବରେ ଭାଗନେବାକୁ ନିମନ୍ତ୍ରଣ ପାଇଛନ୍ତି। ଏବେ କୁହାଯାଉଛି କି ରଣଦୀପଙ୍କ ସହିତ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଏହି କାର୍ଯ୍ୟ ପାଇଁ ନିମନ୍ତ୍ରଣ କରାଯାଇଛି; ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତେବେ ରଣଦୀପ ୨୦୦୧ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷ ଥର ପାଇଁ ତାଙ୍କୁ ସର୍ଜିଏଣ୍ଟରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ରହିଛି।



## ଦିବ୍ୟାଙ୍ଗ କ୍ରିକେଟର ଆମିର ହୁସେନଙ୍କ ହେବ ବାୟୋପିକ୍



ଶ୍ରୀନଗର

ଦୁଇ ହାତ ନ ଥିବା ସତ୍ତ୍ୱେ କଶ୍ମୀରର ପ୍ରସିଦ୍ଧ ଦିବ୍ୟାଙ୍ଗ କ୍ରିକେଟର ଆମିର ହୁସେନ ନିଜର ଯାଦୁ ସମସ୍ତଙ୍କୁ ଦେଖାଇ ପାରିଛନ୍ତି। ତେବେ ଆଗକୁ ତାଙ୍କ ଜୀବନୀ ଉପରେ ବାୟୋପିକ୍ ହେବାକୁ ଯାଉଛି। ମହେଶ ଭଟ୍ଟ ତାଙ୍କର ଏହି ବାୟୋପିକ୍ ଫିଲ୍ମର ନିର୍ଦ୍ଦେଶନା ଦେବେ। ୩୪ ବର୍ଷୀୟ ଆମିର ଡବଲ-ଆର୍ମ-ଏମ୍ପ୍ୟୁଟି କ୍ରିକେଟର ଭାବରେ ସମସ୍ତଙ୍କୁ ପ୍ରେରଣା ଯୋଗାଇ ଆସୁଛନ୍ତି। ସେ କେବଳ କାନ୍ଧ ସାହାଯ୍ୟରେ ବ୍ୟାଟିଂ ଏବଂ ଡାହାଣ ଗୋଡ଼ ସାହାଯ୍ୟରେ ବୋଲିଂ କରି ବେଶ୍ ସଫଳ ହୋଇପାରିଛନ୍ତି। କିଛିଦିନ ତଳେ ତାଙ୍କର ଏକ ଭିଡିଓ ଭାଇରାଲ ହୋଇଥିଲା; ଯେଉଁଥିରେ ସେ କାନ୍ଧ ସାହାଯ୍ୟରେ ବ୍ୟାଟିଂ କରୁଥିବା ନଜରକୁ ଆସିଥିଲେ। 'ଆମିର୍' ନାମରେ ପ୍ରସ୍ତୁତ ଏହି ବାୟୋପିକ୍‌ରେ ବିଗ୍ ବ୍ୟାଟ୍ ଫିଲ୍ମ ପ୍ରଯୋଜନା ଦେଉଛି। ତେବେ ଏହି ଚରିତ୍ର ପାଇଁ ପ୍ରଥମେ ଭିକ୍କି କୌଶଲ ଇଚ୍ଛା ପ୍ରକାଶ କରିଛନ୍ତି। ଏକ ସଙ୍ଗୀତ ରିଆଲିଟି ଶୋ'ରେ ଭିକ୍କି ଏନେଇ ସମ୍ମତି ଦେଇଛନ୍ତି।

## ୩ ଦଶନ୍ଧି ପରେ ଭାଙ୍ଗିବେ ମଉନ ବ୍ରତ



ସରସ୍ୱତୀ ଦେବୀ

ରାଞ୍ଚି

ଅଯୋଧ୍ୟାରେ ରାମମନ୍ଦିରର ପ୍ରାଣ ପ୍ରତିଷ୍ଠା ହେଉଥିବାବେଳେ କୋଟି କୋଟି ଭାରତୀୟଙ୍କ ସ୍ୱପ୍ନ ପୂରା ହେବାକୁ ଯାଉଛି। ୯୦ ଦଶକରେ ଯେତେବେଳେ ଅଯୋଧ୍ୟାରେ ଥିବା ରାମମନ୍ଦିରକୁ ନେଇ ସାରା ଦେଶରେ ଆନ୍ଦୋଳନ ସୃଷ୍ଟି ହୋଇଥିଲା, ସେତେବେଳେ ଝାଡ଼ଖଣ୍ଡ ଧାନବାଦ୍‌ର ବାସିନ୍ଦା ୮୫ ବର୍ଷୀୟା ସରସ୍ୱତୀ ଦେବୀ ଏହି ମନ୍ଦିର ନିର୍ମାଣର ସ୍ୱପ୍ନ ଦେଖିଥିଲେ। ଏହି ଇଚ୍ଛା ସହିତ ସେ ୧୯୯୨ ମସିହାରୁ ମଉନ ବ୍ରତ କରିବା ଆରମ୍ଭ କରିଥିଲେ। ଏବେ ଆସନ୍ତା ୨୨ ତାରିଖରେ ରାମମନ୍ଦିରର ପ୍ରାଣ ପ୍ରତିଷ୍ଠା ହେଉଥିବାରୁ ତାଙ୍କ ସ୍ୱପ୍ନ ପୂରଣ ହେଉଛି। ସେ ଏହି ପବିତ୍ର ଦିନରେ ୩୦ ବର୍ଷ ପରେ 'ସୀତାରାମ' ଶବ୍ଦ ସହିତ ନିଜ ମଉନ ବ୍ରତ ଭାଙ୍ଗିବେ। ଏହି ଖବର ପାଇବା ପରେ ଗଣମାଧ୍ୟମ ଟିମ୍ ସରସ୍ୱତୀ ଦେବୀଙ୍କ ଘରେ ପହଞ୍ଚିଥିଲେ। ସରସ୍ୱତୀ ଦେବୀ କେବଳ କରତାଳି ସାହାଯ୍ୟରେ ଖୁସି ବ୍ୟକ୍ତ କରିଥିଲେ। ସରସ୍ୱତୀ ଦେବୀ ତାଙ୍କର ମଉନ ବ୍ରତ ସମୟରେ ୪ ଧାମ ପରିଦର୍ଶନ କରିଛନ୍ତି। ସେ ବର୍ତ୍ତମାନ ପର୍ଯ୍ୟନ୍ତ ଅଯୋଧ୍ୟା, କାଶୀ, ମଥୁରା, ତିରୁପତି ବାଲାଜୀ, ସୋମନାଥ ମନ୍ଦିର, ବାବା ବୈଦ୍ୟନାଥ ଆଦି ମନ୍ଦିର ପରିଦର୍ଶନ କରିସାରିଛନ୍ତି। ୧୯୮୬ରେ ତାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ସରସ୍ୱତୀ ଦେବୀ ନିଜ ଜୀବନକୁ ଭଗବାନ ରାମଙ୍କ ପାଦତଳେ ଉତ୍ସର୍ଗ କରିଦେଇଛନ୍ତି। ବର୍ତ୍ତମାନ ଅଧିକାଂଶ ସମୟ ଅଯୋଧ୍ୟାରେ ବିତାଉଛନ୍ତି। ସେ ଖୁସି ବ୍ୟକ୍ତ କରି ଲେଖିଛନ୍ତି, ଦୀର୍ଘ ୩ ଦଶନ୍ଧି ପରେ ତାଙ୍କ ଜୀବନ ସାର୍ଥକ ହୋଇଛି।

# ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ):** ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ମହିଳା ଭଲିବଲ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ପ୍ରତିଯୋଗିତାକୁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଛନ୍ତି। ଏଥିରେ ଓଡ଼ିଶାରୁ ଏକମାତ୍ର ଅଂଶଗ୍ରହଣ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ଦଳ ପ୍ରଥମ ମ୍ୟାଚରେ ବିଜୟ ହାସଲ କରିଛି। ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୧୬ (ପ୍ରତି ଜୋନ୍‌ରୁ ଶ୍ରେଷ୍ଠ ୪ଟି ଲେଖାଏ)ଟି ଦଳ ଅଂଶଗ୍ରହଣ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ନିଜର ପ୍ରଥମ ମ୍ୟାଚରେ ୩-୦ରେ ଗୁଜରାଟ ବିଦ୍ୟାପୀଠକୁ ପରାସ୍ତ କରିଛି।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ



ପୁରସ୍କାର ସହ ମୁନି ପୂର୍ତ୍ତି।

**ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)**

କର୍ଣ୍ଣାଟକର ହୁବାଲିସ୍ଥିତ ରେଲୱେ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୪ର୍ଥ ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧୨୨ ରନରେ ଗୁଜରାଟକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୩ ଉଇକେଟ ହରାଇ ୧୬୬ ରନ କରିଥିଲା। ଦଳ ପକ୍ଷରୁ ମୁନି ପୂର୍ତ୍ତି ସର୍ବାଧିକ ୮୨, ଫୁଲ ସୋରେନ ୨୮ ଓ ବାସନ୍ତି ହାଁସଦା ୨୭ ରନ କରିଥିଲେ। ଜବାବରେ ଗୁଜରାଟ ୯ ଓଭରରେ ମାତ୍ର ୪୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଓଡ଼ିଶା ପକ୍ଷରୁ ଫୁଲ ସୋରେନ, ରଚନା ଜେନା ଓ ଜମୁନା ରାଣୀ ଟୁଡୁ ଗୋଟିଏ ଲେଖାଏ ଉଇକେଟ ନେଇଥିବାବେଳେ ୭ ଖେଳାଳି ରନ୍‌ଆଉଟ ହୋଇଥିଲେ। ମୁନି ପୂର୍ତ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଭାରତୀୟ ହୁଇଲ ଚେୟାର ଫେନ୍ସିଂ ଦଳରେ ଓଡ଼ିଶାରୁ ୪



ମନୋନୀତ ଓଡ଼ିଶାର ୪ ଖେଳାଳି।

**ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ):** ଚଳିତ ମାସ ୧୦ରୁ ୧୪ ପର୍ଯ୍ୟନ୍ତ ଗ୍ରେଟ ବ୍ରିଟେନର କାର୍ଡିଫ୍‌ଠାରେ ହୁଇଲ ଚେୟାର ଫେନ୍ସିଂ ବିଶ୍ୱକପ୍ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଭାରତୀୟ ଦଳରେ ଓଡ଼ିଶାର ୪ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ରାଖାଲ କୁମାର ସେଠୀ, ଭି. ରମେଶ ରାଓ, ମାଳତୀ ପାନୁରେ ଓ ପୂଜାସ୍ୱିନୀ ନାୟକ। ସମସ୍ତେ ବ୍ୟକ୍ତିଗତ ସାବର, ଫଏଲ, ଇପି ଇଭେଣ୍ଟରେ ଭାଗନେବେ। ଏହା ଏକ ପାରାଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ହୋଇଥିବାରୁ ସମସ୍ତେ ଭଲ ପ୍ରଦର୍ଶନ କରିବାକୁ ବ୍ୟଗ୍ର ବୋଲି ଓଡ଼ିଶା ରାଜ୍ୟ ପାରାସ୍ପୋର୍ଟ ସଂଘର ସଭାପତି କମଳା କାନ୍ତ ରଥ ଓ ଓଡିଶା ହୁଇଲ ଚେୟାର ଫେନ୍ସିଂ ଚେୟାର ପର୍ସନ ବେଲା ଜୟସ୍ୱାଲ ଆଶା ପ୍ରକଟ କରିଛନ୍ତି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ହକି ଗୋଲକିପର କ୍ରିଷନ ବାହାଦୂର ପାଠକ, ଚେସ୍ ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ଓ କ୍ରିକେଟ ତାରକା ମହମ୍ମଦ ଶାମିଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରୁଛନ୍ତି।

# ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନକଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୯।୧ (ପି.ଟି.)**

ରାଷ୍ଟ୍ରପତି ଭବନରେ ମଙ୍ଗଳବାର ଆୟୋଜିତ ଏକ ଆଡମ୍ବରପୂର୍ଣ୍ଣ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତବର୍ଷ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଭାରତର ଆଥ୍‌ଲେଟମାନଙ୍କୁ ସମ୍ମାନିତ କରିଛନ୍ତି। ଏଥିରେ ଘନଘନ କରତାଳି ମଧ୍ୟରେ କ୍ରିକେଟର ମହମ୍ମଦ ଶାମି ଅର୍ଜୁନ ପୁରସ୍କାର ଗ୍ରହଣ କରିଛନ୍ତି। ବ୍ୟାଡ୍‌ମିଣ୍ଟନ ଖେଳାଳି ଚିରାଗ ଶେଟ୍ଟି ଓ ସାତ୍ତ୍ୱିକ ସାଇରାଜ ରାଙ୍କୀରେଡ୍ଡୀ ମର୍ଯ୍ୟାଦାପୂର୍ଣ୍ଣ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଛନ୍ତି। ଏହି ଯୋଡ଼ି ପ୍ରଥମ ଥର ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିଛନ୍ତି। ବ୍ୟାଡ୍‌ମିଣ୍ଟନରେ ଭାରତ ପାଇଁ ଏହା ପ୍ରଥମ। ସେମାନେ ଆହୁରି ମଧ୍ୟ ଏସିଆନ ଚାମ୍ପିୟନଶିପ୍ ଟାଇଟଲ ଏବଂ ଇଣ୍ଡୋନେସିଆ ଓପନ ସୁପର ୧୦୦୦ ଟାଇଟଲ ହାସଲ କରିଛନ୍ତି। ଏହି ଯୋଡ଼ି ବର୍ତ୍ତମାନ ମାଲେସିଆ ଓପନ ସୁପର ୧୦୦୦ ଖେଳୁଥିବାରୁ ଉତ୍ସବରେ ଅନୁପସ୍ଥିତ ରହିଥିଲେ। ଏହି ଅବସରରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି)କୁ ସମ୍ମାନଜନକ ଖେଳ ପ୍ରୋତ୍ସାହନ ପୁରସ୍କାର ମିଳିଛି।



ରାଷ୍ଟ୍ରପତିଙ୍କଠାରୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଗ୍ରହଣ କରୁଛନ୍ତି କୋଚ୍ ଶିବେନ୍ଦ୍ର ସିଂ।

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହିତ ଓଡ଼ିଶାରେ କ୍ରୀଡ଼ାର ପ୍ରସାର କ୍ଷେତ୍ରରେ ଓଏମ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି।

ଜାତୀୟ କ୍ରୀଡ଼ା ପୁରସ୍କାର ଉତ୍ସବ ସାଧାରଣତଃ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ଅଗଷ୍ଟ ୨୯ରେ ଆୟୋଜିତ ହୋଇଥାଏ। ମାତ୍ର ଗତବର୍ଷ ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ହାଙ୍ଗ୍ ଝୋ ଏସିଆନ ଗେମ୍ସ ପାଇଁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ଉତ୍ସବମୁଖର ରାଷ୍ଟ୍ରପତି ଭବନରେ ୨୬ଜଣ ଆଥ୍‌ଲେଟ ଓ ପାରା ଆଥ୍‌ଲେଟଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଗତବର୍ଷ ବିଶ୍ୱର ନମ୍ବର-୧ ରହିଥିବା ଚିରାଗ ଓ ସାତ୍ତ୍ୱିକ ପ୍ୟାରିସରେ ଏକ ଅଲିମ୍ପିକ ପଦକ ଜିତିବା ଲକ୍ଷ୍ୟରେ ଅଛନ୍ତି। ଚଳିତବର୍ଷ ବିଶ୍ୱ ର୍‍ୟାଙ୍କିଂରେ ନମ୍ବର ୨ରେ ରହିଥିବାରୁ ସେମାନେ ଆପେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି। ନିକଟରେ ପାଦ ଇଞ୍ଜୁରିରୁ ମୁକ୍ତି ପାଇଥିବା ଶାମି ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଥିଲେ। ଗତବର୍ଷ ୭ ବିଶ୍ୱକପ୍ ଗେମ୍‌ରେ ସେ ୨୪ ଉଇକେଟ ଅକ୍ତିଆର କରିଥିଲେ। ପରବର୍ତ୍ତୀ ଦୁଇ ଟୁର୍ନାମେଣ୍ଟ ଏବଂ ସିରିଜ ପାଇଁ ସେ ନିଜକୁ ଯଥାସମ୍ଭବ ଫିଟ୍ ରଖିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ସ୍ୱଳ୍ପ ବୟସ୍କ ଚେସ୍ ପ୍ରତିଭା ଆର. ପ୍ରଜ୍ଞାନନ୍ଦଙ୍କ ଭଉଣୀ ତଥା ନିକଟରେ ଚେସ୍ ଗ୍ରାଣ୍ଡମାଷ୍ଟର ହୋଇଥିବା ଆର୍. ବୈଶାଳୀ ପୁରସ୍କାର ଗ୍ରହଣ କରିବାବେଳେ କରତାଳି ଦେଖିବାକୁ ମିଳିଥିଲା। କୋନେରୁ ହମ୍ପି ଓ ଦ୍ରୋଣାଭାଲି ହାରିକାଙ୍କ ପରେ ବୈଶାଳୀ ହେଉଛନ୍ତି ଭାରତର ତୃତୀୟ ମହିଳା ଗ୍ରାଣ୍ଡମାଷ୍ଟର ଭାବେ ପୁରସ୍କାର ପାଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଅନୁପସ୍ଥିତ ଥିବା ଅନ୍ୟ ଆଥ୍‌ଲେଟମାନଙ୍କ ମଧ୍ୟରେ ରହିଛନ୍ତି ପିସ୍ତଲ ଶୁଟିଂ ସେନ୍‌ସେସନ ୧୯ ବର୍ଷୀୟା ଇଶା ସିଂ। ବର୍ତ୍ତମାନ ସେ ଜାକର୍ତ୍ତାରେ ଏସିଆନ ଅଲିମ୍ପିକ କ୍ୱାଲିଫାୟର୍ସରେ ଭାଗ ନେଉଛନ୍ତି। ସୋମବାର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତି ସେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ଅନ୍ୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅଛନ୍ତି କୁସ୍ତିଯୋଦ୍ଧା ଅନ୍ତିମ ପଙ୍ଘାଲ। ସେ ହେଉଛନ୍ତି ପୂର୍ବତନ ବିଶ୍ୱ ଜୁନିୟର ଚାମ୍ପିୟନ ଏବଂ ଗତବର୍ଷ ସିନିୟର ଇଭେଣ୍ଟର ବ୍ରୋଞ୍ଜ ବିଜେତା। ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତାଙ୍କ ମଧ୍ୟରେ ରହିଛନ୍ତି ପ୍ରଜ୍ଞାନନ୍ଦଙ୍କ କୋଚ୍ ଆର୍.ବି. ରମେଶ। ଖେଳରତ୍ନଙ୍କ ଲାଗି ପୁରସ୍କାର ରାଶି ୨୫ ଲକ୍ଷ ଟଙ୍କା ରଖାଯାଇଥିବା ବେଳେ ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତାଙ୍କ ଲାଗି ୧୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନର ବ୍ୟବସ୍ଥା ରହିଛି।

## ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତା

**ଖେଳରତ୍ନ ପୁରସ୍କାର :** ଚିରାଗ ଶେଟ୍ଟି ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ (ବ୍ୟାଡ୍‌ମିଣ୍ଟନ)।
**ଅର୍ଜୁନ ପୁରସ୍କାର:** ଓଜାନ ପ୍ରବୀନ ଡେଓଟେଲ (ତୀରନ୍ଦାଜୀ), ଅଦିତି ଗୋପୀଚାନ୍ଦ ସ୍ୱାମୀ (ତୀରନ୍ଦାଜୀ), ମୁରଲୀ ଶ୍ରୀଶଙ୍କର (ଆଥ୍‌ଲେଟିକ୍ସ), ପାରୁଲ ଚୌଧାରୀ (ଆଥ୍‌ଲେଟିକ୍ସ), ମହମ୍ମଦ ହୁସାମୁଦ୍ଦିନ (ବକ୍ସିଂ), ଆର. ବୈଶାଳୀ (ଚେସ୍), ମହମ୍ମଦ ଶାମି (କ୍ରିକେଟ), ଅଂଶୁ ଅଗ୍ରୱାଲ (ଇକ୍ୱେଷ୍ଟ୍ରିଆନ), ଦିବ୍ୟକୀର୍ତ୍ତି ସିଂ(ଇକ୍ୱେଷ୍ଟ୍ରିଆନ ଡ୍ରେସେଜ୍), ଦୀକ୍ଷା ଡାଗର (ଗଲ୍ଫ), କ୍ରିଷନ ବାହାଦୁର ପାଠକ (ହକି), ସୁଶିଳା ଚାନୁ (ହକି), ପୱନ କୁମାର (କବାଡ଼ି), ରୀତୁ ନେଗି (କବାଡ଼ି), ନସରିନ୍ (ଖୋଖୋ), ପିଙ୍କି (ଲନ୍ ବୋଲ୍ସ), ଐଶ୍ୱରୀ ପ୍ରତାପ ସିଂ ତୋମାର (ଶୁଟିଂ), ଇଶା ସିଂ (ଶୁଟିଂ), ହରିନ୍ଦର ପାଲ୍ ସିଂ ସାନ୍ଧୁ (ସ୍କ୍ୱାଶ), ଆହିକା ମୁଖାର୍ଜୀ (ଟେବୁଲ ଟେନିସ), ସୁନୀଲ କୁମାର (କୁସ୍ତି), ଅନ୍ତିମ ପଙ୍ଘାଲ (କୁସ୍ତି), ନାଓରେମ୍ ରୋଶିବିନା ଦେବୀ (ଉଷୁ), ଶୀତଲ ଦେବୀ (ପାରା ତୀରନ୍ଦାଜୀ), ଇଲୁରି ଅଜୟ କୁମାର ରେଡ୍ଡୀ (ଦୃଷ୍ଟିବାଧିତ କ୍ରିକେଟ) ଓ ପ୍ରାଚୀ ଯାଦବ (ପାରା କାନୋଇଂ)।
**ଦ୍ରୋଣାଚାର୍ଯ୍ୟ ପୁରସ୍କାର (ନିୟମିତ କ୍ୟାଟେଗୋରି):** ଲଳିତ କୁମାର (କୁସ୍ତି), ଆର୍.ବି. ରମେଶ (ଚେସ୍), ମହାବୀର ପ୍ରସାଦ ସଇନି (ପାରା ଆଥ୍‌ଲେଟିକ୍ସ), ଶିବେନ୍ଦ୍ର ସିଂ (ହକି), ଗଣେଶ ପ୍ରଭାକର ଦେବ୍‌ରୁଖର (ମାଲଖମ୍ଭ)।
**ଦ୍ରୋଣାଚାର୍ଯ୍ୟ ପୁରସ୍କାର(ଲାଇଫ୍‌ଟାଇମ କ୍ୟାଟେଗୋରି):** ଯଶକିରଟ ସିଂ ଗ୍ରେୱାଲ (ଗଲ୍ଫ), ଭାସ୍କରନ ଇ' (କବାଡ଼ି), ଜୟନ୍ତ କୁମାର ପୁଷିଲାଲ(ଟେବୁଲ ଟେନିସ)।
**ଧ୍ୟାନଚାନ୍ଦ ପୁରସ୍କାର ଲାଇଫ ଟାଇମ୍ ଆଚିଭମେଣ୍ଟ:** ମଞ୍ଜୁଶା କନ୍‌ୱାର (ବ୍ୟାଡ୍‌ମିଣ୍ଟନ), ଭିନିତ କୁମାର ଶର୍ମା (ହକି), କବିତା ସେଲଭାରାଜ (କବାଡ଼ି)।
**ମୌଲାନା ଅବୁଲ କାଲାମ ଆଜାଦ (ମାକା) ଟ୍ରଫି:** ଗୁରୁ ନାନକ ଦେବ ୟୁନିଭର୍ସିଟି, ଅମୃତସର (ଓଭରଅଲ ବିଜେତା ୟୁନିଭର୍ସିଟି) ; ଲଭଲି ପ୍ରଫେସନାଲ ୟୁନିଭର୍ସିଟି, ପଞ୍ଜାବ (ପ୍ରଥମ ରନରଅପ୍), କୁରୁକ୍ଷେତ୍ର ୟୁନିଭର୍ସିଟି, କୁରୁକ୍ଷେତ୍ର (ଦ୍ୱିତୀୟ ରନରଅପ୍)।

# କିସ୍, ମଦର୍ସ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)**

ପୂର୍ବତଟ ରେଲୱେ କ୍ରୀଡ଼ା ସଂଘ ପକ୍ଷରୁ ଏହାର ଇନ୍‌ଡୋର ଷ୍ଟାଡିୟମରେ ଗତ ୬ ଓ ୭ ତାରିଖ ଦୁଇଦିନଧରି ୧୭ ବର୍ଷରୁ କମ୍ ବାସ୍କେଟବଲ୍ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜନ ହୋଇଛି। ଏଥିରେ ମୋଟ ୧୮ଟି ବିଦ୍ୟାଳୟ ଦଳ (୮ ବାଳିକା ଓ ୧୦ ବାଳକ) ଅଂଶଗ୍ରହଣ କରିଥିଲେ। ବାଳିକା ବର୍ଗରେ କିସ୍ ସ୍କୁଲ ଓ ବାଳକ ବର୍ଗରେ ମଦର୍ସ ପବ୍ଲିକ୍ ସ୍କୁଲ ବିଜୟୀ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତଟ ରେଲୱେର ମହାପ୍ରବନ୍ଧକ ମନୋଜ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# ଓଡ଼ିଶା ଏଫ୍‌ସି ଆଜି ହୋପ୍ସକୁ ଭେଟିବ

**ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)**

**ଇଣ୍ଡିଆନ ଓମେନ୍ସ ଲିଗ୍**

ଓଡ଼ିଶା ଏଫ୍‌ସି ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲୁଏଲ୍)ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବୁଧବାର ହୋପ୍ସ ଏଫ୍‌ସି ସହ ମୁକାବିଲା କରିବ। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଏହି ମ୍ୟାଚ ଅପରାହ୍ନ ୨ଟାରେ ଆରମ୍ଭ ହେବ। ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ଖେଳିଥିବା ୩ଟି ଯାକ ମ୍ୟାଚରେ କ୍ଲିନ୍ ଶିଟ୍ସ ପାଇଛି। ପୂର୍ବ ମ୍ୟାଚରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ହେଁ ଘରୋଇ ଦଳ ସେଥୁ ଏଫ୍‌ସିକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ହୋପ୍ସ ଏଫ୍‌ସି ନିଜର ପୂର୍ବ ମ୍ୟାଚରେ ୨-୧ ଗୋଲରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ



କ୍ରିସପିନ୍ ଛେତ୍ରୀ ଓ ଜୁଲି କିଷାନ।

ହରାଇ ଦେଇଥିଲା। ତେବେ ଏହି ଦଳ ନିଜର ପ୍ରଥମ ୨ଟି ମ୍ୟାଚରେ ଯଥାକ୍ରମେ କର୍ଣ୍ଣାଟକର କିକ୍‌ଷ୍ଟାର୍ଟ ଏଫ୍‌ସିଠାରୁ ୦-୩ ଓ ଗୋକୁଲମ୍ କେରଳ ନିକଟରୁ ୦-୧ ଗୋଲରେ ହାରିଥିଲା। ଓଡ଼ିଶା ଏଫ୍‌ସି ଏବଂ ହୋପ୍ସ ମଧ୍ୟରେ ଏହା ହେବ ପ୍ରଥମ ମୁକାବିଲା। ଘରୋଇ ପରିବେଶରୁ ଫାଇଦା ଉଠାଇ ଓଡ଼ିଶା ଏଫ୍‌ସି ଅପରାଜେୟ ଧାରା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ''କ୍ରମାଗତ ୩ ମ୍ୟାଚରେ କ୍ଲିନ୍ ଶିଟ୍ସ ପାଇବା ଗୁରୁତ୍ୱପୂର୍ଣ୍ଣ। ମାତ୍ର ଦଳ ପ୍ରଦର୍ଶନରେ ଉନ୍ନତି ଆଣିବା ଉପରେ ଫୋକସ କରିବା ଆବଶ୍ୟକ। ଦଳର ଖେଳାଳିମାନେ ପର୍ଯ୍ୟାପ୍ତ ବିଶ୍ରାମ ପାଇଥିବାରୁ ଆସନ୍ତା ମ୍ୟାଚରେ ଭଲ ପ୍ରଦର୍ଶନ କରିବା ନେଇ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ କ୍ରିସପିନ୍ ଛେତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଖେଳାଳି ଜୁଲି କିଷାନ ଉପସ୍ଥିତ ଥିଲେ।

# ନ୍ୟୁଲାଣ୍ଡ୍ସ ପିଚ୍‌କୁ ନେଇ ଆଇସିସିର ଅସନ୍ତୋଷ

**ଦୁବାଇ, ୯।୧ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ନ୍ୟୁଲାଣ୍ଡ୍ସ ପିଚ୍‌ର ଲକ୍ଷଣକୁ ନେଇ ଏହାର ଅସନ୍ତୋଷ ଜାହିର କରିଛି ଯେଉଁଠାରେ କି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯାଇଥିଲା। ମ୍ୟାଚଟି ୫ଟି ସେସନ ଭିତରେ ସୀମିତ ରହିଥିଲା। ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ କମ୍ ସମୟରେ ଶେଷ ହୋଇଥିବା ଏହି ଟେଷ୍ଟ ମ୍ୟାଚରେ ଭାରତ ଆୟୋଜକ ଦେଶକୁ ୭ ଉଇକେଟରେ ପରାସ୍ତ କରିଥିଲା। ଏହି ବିଜୟ ଦ୍ୱାରା ଭାରତ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୧ରେ ବରାବର କରିବାରେ ସକ୍ଷମ ହୋଇଛି। ଏହି ମ୍ୟାଚରେ ମାତ୍ର ୬୪୨ଟି ବଲ୍ ପକାଯାଇପାରିଥିଲା।

# ସୌରାଷ୍ଟ୍ର ୮ ଉଇକେଟରେ ବିଜୟୀ

**ବରଗଡ଼, ୯।୧**
**(ପ୍ରେମାନନ୍ଦ ଖମାରୀ)**

**ସି.କେ. ନାଇଡୁ ଟ୍ରଫି**

ବରଗଡ଼ର କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଏବଂ ସୌରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ୨୩ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିର ଗୋଟିଏ ଦିନ ଖେଳ ବାକି ଥାଇ ମଙ୍ଗଳବାର ସୌରାଷ୍ଟ୍ର ଦଳ ମ୍ୟାଚକୁ ୮ଉଇକେଟ୍‌ରେ ଜିତି ନେଇଛି। ସୋମବାର ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ଓଡ଼ିଶା ଦଳ କରିଥିବା ବିନା ଉଇକେଟ୍‌ରୁ ମଙ୍ଗଳବାର ସକାଳେ ନିଜ ଇନିଂସ୍ ଆରମ୍ଭ କରିଥିଲା। ସୌରାଷ୍ଟ୍ର ଦଳର ପ୍ରଥମ ଇନିଂସ୍ ୧୨୨ରନ୍ ଲିଡ୍‌କୁ ଅତିକ୍ରମ କରିବାକୁ ଯାଇ ଓଡ଼ିଶା ଦଳ ୧୬୦ରନ୍ କରି ଅଲ୍ ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ସମ୍ବିତ ବରାଳ ୫୨, ଅନିଲ ପରିଡ଼ା ୩୯, ସାଇଦୀପ୍ ମହାପାତ୍ର ୨୦ରନ୍ କରିଥିଲେ। ସୌରାଷ୍ଟ୍ର ପକ୍ଷରୁ ନିଲ ପାଣ୍ଡ୍ୟା ୪୦ରନ ବିନିମୟରେ ୪, ପବନ ପାରମାର୍ ୩୦ରନ ବିନିମୟରେ ୨, ଗଜ୍ଜର ସମ୍ମର ୧୪ରନ ବିନିମୟରେ ୨, ପାର୍ଶ୍ୱରାଜ ରାଣା ୪ରନ ବିନିମୟରେ ୨ଉଇକେଟ୍ ନେଇଥିଲେ। ସୌରାଷ୍ଟ୍ର ଦଳକୁ ଏହି ମ୍ୟାଚ ଜିତିବା ପାଇଁ ୩୯ରନ୍‌ର ଆବଶ୍ୟକତା ଥିଲା। ତେବେ ୨ଉଇକେଟ ହରାଇ ୪୨ରନ୍ ସଂଗ୍ରହ କରି ସୌରାଷ୍ଟ୍ର ମ୍ୟାଚକୁ ୮ଉଇକେଟ୍‌ରେ ଜିତିବା ସହିତ ୬ପଏଣ୍ଟ ପାଇଥିଲା। ପ୍ରକାଶଥାଉକି, ପ୍ରଥମ ଇନିଂସ୍‌ରେ ସୌରାଷ୍ଟ୍ର ଦଳ ୩୦୨ରନ ସଂଗ୍ରହ କରିଥିବାବେଳେ ଓଡ଼ିଶା ଦଳ ୧୮୦ରନ୍ କରିଥିଲା। ସେହିପରି ଓଡ଼ିଶା ଦଳ ଦ୍ୱିତୀୟ ଇନିଂସ୍‌ରେ ୧୪୩ରନ୍ ସଂଗ୍ରହ କରିଥିବାବେଳେ ସୌରାଷ୍ଟ୍ର ଦଳ ୪୨ରନ କରି ମ୍ୟାଚକୁ ଜିତିଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଓ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ଆୟୋଜନରେ ଏହି ପ୍ରତିଯୋଗିତା ହୋଇଥିଲା। ବିସିସିଆଇ ପକ୍ଷରୁ ଏହି ମ୍ୟାଚ ପାଇଁ ବାଲକ୍ରିଷ୍ଣା ମିସକୁଇନ ମ୍ୟାଚ ରେଫରି ଥିଲେ। ଦୀପକ ଡିଏଲ ଏବଂ ବିକାଶ ଭଟ୍ଟ ଅମ୍ପାୟର ଥିଲେ। ତାପସ ନାୟକ ସିନିୟର ଭିଡିଓ ଆନାଲିଷ୍ଟ ଏବଂ ସାୱନ ପାଢ଼ୀ ଜୁନିୟର ଭିଡିଓ ଆନାଲିଷ୍ଟ ଥିଲେ। ସି.ଡି. ସୁନୀଲ ଅନ୍‌ଲାଇନ ସ୍କୋରର ଏବଂ ବୀରବର ନାୟକ ମାନୁଏଲ ସ୍କୋରର ଥିଲେ।

# ୮ ବର୍ଗରେ ହେବ ଉତ୍କଳ ଓପନ ଟେନିସ୍

**ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)**

**୧୨ରୁ ଆରମ୍ଭ, ୧୪ରେ ଶେଷ**

ଏସିଇ ଟେନିସ କ୍ଲବ ଆନୁକୂଲ୍ୟରେ ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ୧୦ମ ସଂସ୍କରଣ ଚଳିତ ମାସ ୧୨ରୁ ୧୪ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥର ପ୍ରତିଯୋଗିତା ୮ଟି ବର୍ଗରେ ଅନୁଷ୍ଠିତ ହେବ। ୧୪ ବର୍ଷରୁ କମ୍ ବାଳିକା ଓ ବାଳକ, ମହିଳା ସିଙ୍ଗଲ୍ସ, ପୁରୁଷ ସିଙ୍ଗଲ୍ସ, ପୁରୁଷ ଡବଲ୍ସ ଏବଂ ୪୦, ୫୦ ଓ ୬୦ ବର୍ଷ ପୁରୁଷ ଭେଟେରାନ ବର୍ଗରେ ପ୍ରତିଯୋଗିତା ହେବ। ପ୍ରତି ସିଙ୍ଗଲ୍ସ ବର୍ଗ ପାଇଁ ୭୦୦ ଓ ଡବଲ୍ସ ପାଇଁ ୧୦୦୦ ଟଙ୍କାର ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଛି। ଆସନ୍ତା ୧୦ ତାରିଖକୁ ଏଣ୍ଟ୍ରି ଫି' ଦାଖଲର ଶେଷ ଦିବସ ଧାର୍ଯ୍ୟ କରାଯାଇଛି। ପ୍ରତି ଖେଳାଳି ଅତିବେଶିରେ ୨ଟି ବର୍ଗରେ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତା ପାଇଁ ମୋଟ ୩,୨୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ପ୍ରକାଶ କରିଛନ୍ତି। କ୍ୱାର୍ଟରେ ଫାଇନାଲିଷ୍ଟ, ସେମିଫାଇନାଲିଷ୍ଟ ଏବଂ ଚାମ୍ପିୟନ ଓ ରନରଅପ୍‌ଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ। ବାଳିକା ଓ ବାଳକ ବର୍ଗର ଚାମ୍ପିୟନଙ୍କୁ ୧୨,୦୦୦ ଲେଖାଏ ଏବଂ ଅନ୍ୟ ସମସ୍ତ ବର୍ଗର ଚାମ୍ପିୟନଙ୍କୁ ଟ୍ରଫି ସହ ୧୫,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଏହାବ୍ୟତୀତ ଜଣେ ଲେଖାଏ ଖେଳାଳିଙ୍କୁ ବେଷ୍ଟ ସ୍ପୋର୍ଟ୍ସମ୍ୟାନ ସ୍ପିରିଟ, ଶ୍ରେଷ୍ଠ ଉଦୀୟମାନ ଖେଳାଳି, ଉତ୍ତମ-ପୋଷାକ ପରିଧାନକାରୀ ଏବଂ ୨ ଜଣଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯିବ ବୋଲି ବିଶ୍ୱଜିତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସିଇ ଟେନିସ କ୍ଲବର ସଭାପତି ପ୍ରକାଶ ଚନ୍ଦ୍ର ବରୁଆ, ସମ୍ପାଦକ ନଭରତନ ବୋଥ୍ରା, ମୁଖ୍ୟ ପୃଷ୍ଠପୋଷକ ସୁବାସ ଚନ୍ଦ୍ର ମୁଖାର୍ଜୀ, କାର୍ଯ୍ୟକାରିଣୀ ସଦସ୍ୟ ପରେଶ କୁମାର ସିଂ, ବି.ଏନ. ପଟ୍ଟନାୟକ, ଜ୍ଞାନରଞ୍ଜନ ସ୍ୱାଇଁ, ବିଲୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍କଳ ଓପନ ଟେନିସ୍ ଟୁର୍ଣ୍ଣାମେଣ୍ଟର କର୍ମକର୍ତ୍ତାମାନେ ଜର୍ସି ଉନ୍ମୋଚନ କରୁଛନ୍ତି।

# ବିଜୟ ସହ ଜଗରନଟ୍ସର ଲିଗ୍ ପର୍ଯ୍ୟାୟ ଶେଷ

**ଭୁବନେଶ୍ୱର, ୯।୧**
**(ତପନ ସ୍ୱାଇଁ)**

**ଅଲ୍‌ଟିମେଟ ଖୋ ଖୋ**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ସିଜନ-୨ରେ ବିଜୟ ସହ ଓଡ଼ିଶା ଜଗରନଟ୍ସ ଏହାର ଲିଗ୍ ପର୍ଯ୍ୟାୟ ଶେଷ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳ ୩୪-୨୩ ପଏଣ୍ଟରେ ମୁମ୍ବାଇ ଖିଲାଡିଜ୍‌କୁ ପରାସ୍ତ କରିଛି। ଜଗରନଟ୍ସ ୧୦ ମ୍ୟାଚରୁ ୬ ବିଜୟ, ୨ ଟାଇ ଓ ୨ ପରାଜୟ ସହ ୨୩ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ମୁମ୍ବାଇ ଖିଲାଡିଜ୍ ୧୦ ମ୍ୟାଚରୁ ୭ମ ପରାଜୟ ସହ ଅଭିଯାନ ଶେଷ କରିଛି। ଏହି ଦଳ ୧୦ ପଏଣ୍ଟ ସହିତ ୫ମ ସ୍ଥାନରେ ରହିଛି। ପ୍ରତିଯୋଗିତାର ୨ଟି ସେମିଫାଇନାଲ ୧୧ରେ ଓ ଫାଇନାଲ ୧୩ ତାରିଖରେ ଅନୁଷ୍ଠିତ ହେବ। ଚେନ୍ନାଇ କୁଇକ୍ ଗନ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମ୍ୟାଚ ସହ ଲିଗ୍ ପର୍ଯ୍ୟାୟ ଶେଷ ହେବ।



ଓଡ଼ିଶା ଜଗରନଟ୍ସ ଓ ମୁମ୍ବାଇ ଖିଲାଡିଜ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଧାୟକଙ୍କ ନାଁରେ ଜିଲାପାଳଙ୍କୁ ଦାବିପତ୍ର

**ବଲାଙ୍ଗୀର, ୯।୧ (ବୀରେନ୍ଦ୍ର କୁମାର ଝାଙ୍କର)**

### ମୁଖ୍ୟମନ୍ତ୍ରୀଙ୍କ ସଭାରେ ମହିଳାଙ୍କୁ ଅପମାନ ଅଭିଯୋଗ ପ୍ରସଙ୍ଗ

ମହିଳାମାନଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ବଲାଙ୍ଗୀର ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ବିରୋଧରେ ସ୍ଥାନୀୟ ବିଜେଡି ନେତ୍ରୀମାନେ ମଙ୍ଗଳବାର ଜିଲାପାଳ ଚଞ୍ଚଳ ରାଣାଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି। ପ୍ରଦତ୍ତ ଅଭିଯୋଗ ପତ୍ରର ନକଲ ରାଜ୍ୟ ଏବଂ ଜାତୀୟ ମହିଳା କମିଶନଙ୍କୁ ମଧ୍ୟ ପଠାଇଥିବା ଉଲ୍ଲେଖ କରିଛନ୍ତି। ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ପୌର ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ପୂର୍ବତନ ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା, ଦମୟନ୍ତୀ ବାଗ, ପୂର୍ବତନ ପୌର ଉପାଧ୍ୟକ୍ଷା ଲିପିଶ୍ରୀ ସାଏଙ୍କ ସହ ମ୍ୟୁନିସିପାଲିଟିର କେତେଜଣ ବିଜେଡି କାଉନସିଲର ଅପରାହ୍ଣରେ ଜିଲାପାଳ କାର୍ଯ୍ୟାଳୟ ଆସିଥିଲେ। ପ୍ରଦତ୍ତ ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ଗତ ୩ ତାରିଖ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଉକ୍ତ ସଭାରେ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇଥିଲେ। ସେହି ସଭାରେ ଯୋଗଦେଇଥିବା ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ମହିଳାମାନଙ୍କୁ ଭଡାରେ (ଭଡାଟିଆ) ଅଣାଯାଇଛି ବୋଲି କହିଥିବା ଅଭିଯୋଗ କରିଛନ୍ତି।



ବିଜେଡି ନେତ୍ରୀମାନେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

ଏଭଳି ମନ୍ତବ୍ୟ ମହିଳାମାନଙ୍କ ପ୍ରତି ଅପମାନ ସୂଚକ ଓ ଏଥିରେ ସେମାନଙ୍କ ସମ୍ମାନହାନୀ ହୋଇଛି। ଏଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ରବିବାର ମହିଳାମାନେ ବିଧାୟକ ମିଶ୍ରଙ୍କ ବିରୋଧରେ ସମାନ ଅଭିଯୋଗ ଆଣି ଏସ୍‌ପି ଅଫିସକୁ ଯାଇ ଅଭିଯୋଗପତ୍ର ଦେଇଥିଲେ। ଏହି ସମାନ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଧାୟକ ମିଶ୍ର ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନୀ ସଭାରେ ସେ ଯେଉଁ ବକ୍ତବ୍ୟ ରଖିଥିଲେ ତାହା କୌଣସି ମହିଳାଙ୍କ ଉଦ୍ଦେଶ୍ୟରେ ନ ଥିଲା। ସେ ଭାଷଣ ଦେଲାବେଳେ ଯେଉଁମାନେ ପାଟିତୁଣ୍ଡ କରୁଥିଲେ ସେମାନଙ୍କୁ ସେ ଭଡାଟିଆ ବୋଲି କହିଥିବା ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିଲେ। ଏହାସତ୍ତ୍ୱେ ଯଦି କେହି ମହିଳା ତାଙ୍କ ବକ୍ତବ୍ୟରେ ବ୍ୟଥିତ ହୋଇଛନ୍ତି ସେଥିପାଇଁ ସେ ଦୁଃଖିତ ବୋଲି କହିଥିଲେ। ଏହା ପରେ ମଙ୍ଗଳବାର ବିଜେଡି ନେତ୍ରୀମାନେ ଜିଲାପାଳ ଅଫିସକୁ ଆସି ଜିଲାପାଳଙ୍କୁ ବିଧାୟକ ମିଶ୍ରଙ୍କ ବିରୋଧରେ ଅଭିଯୋଗ ପତ୍ର ଦେଇଥିବାରୁ ଆଗକୁ ରାଜନୀତି ସରଗରମ ରହିବ ବୋଲି ଚର୍ଚ୍ଚା ଜୋର ଧରିଲାଣି।

# କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଲାଞ୍ଜିଗଡ଼, ୯।୧ (ରମେଶ ଚନ୍ଦ୍ର ନାୟକ)**

କେରଳର ତ୍ରିଶୂର ଜିଲା ମୂଲରକେରା ଅଞ୍ଚଳରେ ଏକ ଦୁର୍ଘଟଣାରେ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ



କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ ବିଶନାଥପୁର ଥାନା ଅଧୀନ ସିନ୍ଧିପଦର ଗାଁର ଜୁନା ସୁନା (୨୧)। ଅର୍ଥାଭାବରୁ ଗାଁକୁ ମୃତଦେହ ଆସିପାରୁ ନ ଥିବା ବେଳେ ପ୍ରଶାସନ ଓ ଶ୍ରମ ବିଭାଗ ନିକଟରେ ଜୁନାଙ୍କ ବାପା ବିଷ୍ଣୁ ସୁନା ଆକୁଳ ଗୁହାରି କରିଛନ୍ତି। ସୂଚନାନୁସାରେ ଜୁନା ସୁନା କିଛି ମାସ ପୂର୍ବରୁ ବାପା ବିଷ୍ଣୁ ସୁନା, ସାନ ଭାଇ ମିଥୁନ ଓ ଗ୍ରାମର କିଛି ଲୋକଙ୍କ ସହିତ ଯାଇ କେରଳର ତ୍ରିଶୂର ଜିଲା ମୂଲରକେରା ଅଞ୍ଚଳର ଏକ କମ୍ପାନୀରେ କାମ କରୁଥିଲେ। ସୋମବାର ସନ୍ଧ୍ୟାରେ ଜୁନା କାମସାରି ଘରକୁ ଫେରୁଥିବାବେଳେ ଭାରୀଯାନ ଚାପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଜୁନାଙ୍କ ମୃତ୍ୟୁ ଘଟିଥିଲା। ଜିଲା ଶ୍ରମ ଅଧିକାରୀ ସୁବାସ ମଣ୍ଡଳଙ୍କୁ ପଚାରିବାରୁ ମୋ ପାଖକୁ ତାଙ୍କ ପରିବାର ଲୋକ ଆସିଥିଲେ ଏବଂ ମୁଁ ତାଙ୍କୁ ଜିଲାପାଳଙ୍କ ନିକଟକୁ ପଠାଇଥିଲି ଏବଂ ମୃତଦେହ ଆଣିବା ପାଇଁ ସରକାରଙ୍କ ଯାହା ପ୍ରକ୍ରିୟା ଅଛି ସେ ଅନୁସାରେ ତାଙ୍କୁ ସାହାଯ୍ୟ କରାଯିବ ବୋଲି ପ୍ରକାଶ କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Admission Open**

Post Diploma in C.S.S.D TECHNIQUES (Hospital Sterilization Technology)
Eligibility : +3 Science | Duration : 1 Year

Advance Diploma in OPERATION THEATRE TECHNOLOGY (OT Techniques)
Eligibility : +2 (Any Stream) | Duration : 2 Years

RMTI, PALASUNI, RASULGARH BHUBANESWAR-25
Ph: 93382 12123

Hurry up... Hurry up... Hurry up...
**B.Ed**
Only @89,000/-
IMMEDIATELY CONTACT
B.Ed COUNSELLING CENTER BHUBANESWAR
7606962458
8908210843
9124391142
8908210443


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଫାଇନାଲରେ ଫରେଷ୍ଟ ଭିଲାଇ



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

**ନୂଆପଡ଼ା, ୯।୧ (ମକାରୁ ବେମାଲ)**

### ସର୍ବଭାରତୀୟ ୩୨ତମ ୱାଇଏମ୍‌ସି କପ୍ କ୍ରିକେଟ

■ ଆଜି ଫରେଷ୍ଟ ଭିଲାଇ-ଇଷ୍ଟକୋଷ୍ଟ ଖୋର୍ଦ୍ଧା ଫାଇନାଲ ମ୍ୟାଚ

ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ୩୨ତମ ୱାଇଏମସି କପ କ୍ରିକେଟ ମଙ୍ଗଳବାର ପୁଲ ବି'ର ଦ୍ୱିତୀୟ ସେମି ଫାଇନାଲ ଖେଳରେ ରାଇଜିଂ ଷ୍ଟୁଡେଣ୍ଟ କଟକକୁ ହରାଇ ଫରେଷ୍ଟ ଭିଲାଇ ଫାଇନାକୁ ପ୍ରବେଶ କରିଛି। ବୁଧବାର ଫାଇନାଲ ମ୍ୟାଚ ଫରେଷ୍ଟ ଭିଲାଇ ଓ ଇଷ୍ଟକୋଷ୍ଟ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ। କଟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ ଓଇକେଟ ହରାଇ ୧୪୧ ସଂଗ୍ରହ କରିଥିଲା। ଜବାବରେ ଭିଲାଇ ୧୯.୪ ଓଭରରେ ୪ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ୱାଇଏମସି କପ କ୍ରିକେଟ ଆବାହକ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ନୂଆପଡା ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା ମୁଖ୍ୟଅତିଥି, କ୍ଷୀରୋଦ ପାଢୀ, ମହେଶ ନିଆଲ, କାର୍ତ୍ତିକ ଦୀପ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ଣରେ ପୁରସ୍କାର ବିତରଣୀ ଉତ୍ସବରେ ବିଜେଡି ଜିଲା ସଭାପତି ମନୋଜ ମିଶ୍ର ମୁଖ୍ୟଅତିଥି ଓ କାଳିଆ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଫରେଷ୍ଟ ଭିଲାଇ ଦଳ ମନୋଜ ସିଂଙ୍କୁ ପୁରସ୍କୃତ କରିଥିଲେ। ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ ମଞ୍ଚ ପରିଚାଳନା ଏବଂ ସଞ୍ଜୟ ନାଏକ ଓ ନାରାୟଣ ମେହେର ଖେଳ ପରିଚାଳନା କରିଥିଲେ। ଶୈଳେଶ ଶତପଥୀ ସ୍କୋର ଦାୟିତ୍ୱ ତୁଲାଇଛନ୍ତି। ପୁନିତ ରାଉତ, ଜୟ କିଷନ ସୁନାନୀ, ମୁକେଶ ସିଂ, ସୀମାଞ୍ଚଳ ମହାପାତ୍ର ଧାରାବିବରଣୀ ଶୁଣାଉଛନ୍ତି। ୟୁଥ ମାସ କ୍ଲବ ସଭାପତି ଅମରେଶ ଚନ୍ଦ୍ର ଦାସ, ସମ୍ପାଦକ ତପନ କୁମାର ବରୱା, ଉପସଭାପତି ରଞ୍ଜିତ ସୁନା, ଶ୍ରୀରାମ ମିଶ୍ର, ମେଡିଆ ପ୍ରଭାରି ରାଜ କିରଣ ସିଂଦେଓ ପ୍ରମୁଖ ସହଯୋଗ କରୁଛନ୍ତି। ଫାଇନାଲ ଦିନର ବିଶେଷ ମୁଖ୍ୟ ଆକର୍ଷଣ ବୁଲବୁଲି ନାୟୀକା ଶିତଳ ପାତ୍ର ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି କନଭେନର ଭୈରବ ସାହୁ ସୂଚନା ଦେଇଛନ୍ତି।

# ଟିଟିଲାଗଡ଼, କଣ୍ଟାବାଞ୍ଜି ଖେଳାଳିଙ୍କୁ ୩୨ପଦକ

**ଟିଟିଲାଗଡ଼, ୯।୧ (ଶରତ ମିଶ୍ର)**

### କରାଟେ ଚାମ୍ପିୟନଶିପ୍

ଜାନୁଆରୀ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଝାଡଖଣ୍ଡ ରାଜ୍ୟ ଗ୍ରିଡ଼ିହି ଜିଲା ଟାଉନ ହଲରେ ହୋଇଥିବା କରାଟେ ଅନ୍ତର୍ଜାତୀୟ ଚାମ୍ପିୟନଶିପରେ ଓଡ଼ିଶାକୁ ବଡ ସଫଳତା ମିଳିଛି। ପ୍ରଶିକ୍ଷକ ସଂସାଇ ଜିତୁ ପୃଷ୍ଟି, ଟିଟିଲାଗଡ କରାଟେ ସଂଘ ସମ୍ପାଦକ ଓ ପ୍ରଶିକ୍ଷକ ସଂସାଇ କେଦାର କବାଟ ଏବଂ ସଂଘ ପରିଚାଳକ ସମସେର ଅଲ୍ଲୀଙ୍କ ନେତୃତ୍ୱରେ ଯାଇଥିବା ଟିଟିଲାଗଡ଼ କରାଟେ ଆସୋସିଏଶନ ଓ ଗୁରୁକୃପା ମାର୍ଶଲାଟ ଏକାଡେମୀ କଣ୍ଟାବାଞ୍ଜିର ଖେଳାଳିମାନେ ୩୨ଟି ପଦକ ହାସଲ କରିଛନ୍ତି। ସେଥିମଧ୍ୟରେ ୭ଟି ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୪ଟି କାଂସ୍ୟ ପଦକ ରହିଛି। କେଦାର କବାଟଙ୍କ ନେତୃତ୍ୱରେ ମୁଖ୍ୟ ସଂସାଇ ଜିତୁ ପୃଷ୍ଟିଙ୍କ ସହ ଉଭୟ ଆସୋସିଏଶନର ଖେଳାଳିମାନେ ଏହି ପ୍ରତିଯୋଗୀତାରେ ଭାଗ ନେଇଥିଲେ। ମଙ୍ଗଳବାର ବିଜେତା ଖେଳାଳିମାନେ ଝାଡଖଣ୍ଡରୁ ଟ୍ରେନ ଯୋଗେ ଆସି ଟିଟିଲାଗଡ ରେଳଷ୍ଟେଶନରେ ପହଞ୍ଚିବା ପରେ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂସାଇ ପ୍ରଦୀପ କୁମାର ବାଗ, କ୍ୟାଶିୟର ପ୍ରମୋଦ କୁମାର ପାଲ, ପ୍ରେସିଡେଣ୍ଟ ଅମରଜିତ ବାଗ, ମନହର ବାଗ, ଚିତ୍ରସେନ ସାହୁ, ବୃନ୍ଦାବନ ଷଡ଼ଙ୍ଗୀ, ବାବେଲ ନାଗ, ସଂସାଇ ବଲାଙ୍ଗୀର ଜିଲା ଜୁଡୋ ସଂଘ ସଭାପତି ଗୋବିନ୍ଦ ଜୈନ, ସଂସେଇ ଦେବେନ୍ଦ୍ର ଜୈନ, ପ୍ରେମଲାଲ ବଗର୍ତ୍ତୀ, ଗୁପ୍ତେଶ୍ୱର ସାହୁ, ବାନ୍ଧୁପଲା ସରପଞ୍ଚ ଗୋପାଳ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।




ପଦକ ସହ ଛାତ୍ରୀଛାତ୍ରମାନେ।

# ଟ୍ରକ୍‌ରୁ କପା ଓହ୍ଲାଉ ଥିବାବେଳେ ପଡ଼ି ଶ୍ରମିକ ମୃତ

**କେସିଙ୍ଗା, ୯।୧ (ଡୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଡୁମେରମୁଣ୍ଡା ଗ୍ରାମସ୍ଥିତ ନେତୁରାଲ ଅର୍ଗା ନାଇକ କଫ ଫେକ୍ଟୋରିରେ କପା ବୋଝେଇ ଟ୍ରକରୁ କପା ଓହ୍ଲାଉ ଥିବା ବେଳେ ପଡ଼ି ମଙ୍ଗଳବାର ସନ୍ଧ୍ୟାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମେରମୁଣ୍ଡା ଗ୍ରାମର ଗଣେଶ ମାଝି (୪୨)। ମୃତ ଶ୍ରମିକଙ୍କ ବାପା ନରେନ୍ଦ୍ର ମାଝି



ପରିବାରର ଭରଣ ପୋଷଣ ପାଇଁ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନେତୁରାଲ ଅର୍ଗା ନାଇକ କଫା ଫେକ୍ଟୋରିରେ କପା ବୋଝେଇ ଟ୍ରକରୁ କପା ଓହ୍ଲାଉ ଥିବା ବେଳେ ଟ୍ରକ ଉପରୁ ପଡି ଏଙ୍ଗଲରେ ପିଟି ହୋଇଥିଲା। ଶ୍ରମିକଙ୍କୁ ଚିକିତ୍ସା ପାଇଁ ତୁରନ୍ତ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲ। ଡାକ୍ତର ପରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଗଣେଶ ଜଣେ ଗରିବ ପରିବାର ହୋଇଥିବା ବେଳେ ଘରେ ବାପା, ମା', ଗର୍ଭବତୀ ସ୍ତ୍ରୀ ଓ ଅଢ଼େଇ ବର୍ଷର ଛୋଟ ପୁଅ ରହିଛି। ବାପା ମାଙ୍କ ଗୋଟିଏ ବୋଲି ପୁଅ, ବର୍ତ୍ତମାନ ପରିବାର ପ୍ରତିପୋଷଣରେ ଘୋର ସମସ୍ୟା ହେବା ସମ୍ଭାବନା ରହିଛି। ମୃତଦେହ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଏ ସଂକ୍ରାନ୍ତରେ ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ପଚାରିବାରୁ ବୁଧବାର ବ୍ୟବଚ୍ଛେଦ କରାଯିବ, ତଦନ୍ତ ଜାରି ରହିଛି ବୋଲି ପ୍ରକାଶ କରିଥିଲେ।


## Classified Everyday 0674-2580101, 2549949




### BRIDE WANTED

For Hindu MBBS Doctor boy, 41, bride relocate Maharashtra, call 8329865948, 8378050149. D-2184

Brahmin boy SBI PO/32+ B.Tech/Railway Engineer, Bhubaneswar. 9938199964. D-2227

### GROOM WANTED

Sambalpur-Based Bengali Kayastha girl 26/5'4 MBA-KIIT in US-MNC-Bglr seeks Bengali general boy MBA 9889031493. D-2200

Wanted qualified Odia Groom of any caste Service/Business 35-40Yrs. for a beautiful bride Ph.D. continue Bhubaneswar. 8917585202. D-74315

58 ବୟସ୍କା Retd. କରିଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 9040735426. D-2201

61 ବୟସ୍କା Retd. କରିଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ।(Urgent need). (9040735429). D- 2202

Age-34, Government Job Divorcee ଏକୁଟିଆ ରହୁଥିବା ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଦରକାର। 8658267680. D-2230

Government Teacher ବୟସ 32 ଏକୁଟିଆ ରହୁଥିବା Divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 9124021207. D-71383




### REAL ESTATE

### SALE

Duplex sale at Bhubaneswar @ 57 lakhs only. Contact: 9777433701. D-75294

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-75292

Ready to move luxurious flat for sale at Acharya Vihar. Contact- 9437307086, 7978209277. D-2190

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ। 7788888879, 8249034529. D-75291

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289




Positively health benefits SPA expert therapist at Nayapalli. Contact: 7846814019. D-75187

Newly open SPA positively health benefits with expert therapist. 9938843929. D-75184

Relax, Refresh your Body, Mind at Saikrupa Spa with best therapies. 8984068077. D-2209

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

Newly open SPA positively health benefits (expert therapist). Contact: 9124527170. D-75188


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### AFFIDAVIT

I, Subhashree Das, D/o- Umesh Chandra Das resident of Ward No.9, DHPLS Residency, PO-Mancheswar Railway Colony, P.S.-Mancheswar, Bhubaneswar, District.-Khurda, PIN-751017, Odisha declare by this affidavit SL No. 13 dtd.05.01.2024 that now onward I shall be known as Subhashree Pattnayak for all future purposes. D-2222

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଫକୀର ମୋହନ ମହାପାତ୍ର
ଆବିର୍ଭାବ: ୦୨।୦୫।୧୯୨୯
ତିରୋଧାନ: ୦୧।୦୧।୨୦୨୪
ପୌଷମାସ କୃଷ୍ଣପକ୍ଷ ପଞ୍ଚମୀ

ବାପା ତୁମର ଅନୁପସ୍ଥିତି ସବୁ ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ଆଜି ତୁମର ଦଶାହରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପତ୍ନୀ ସୁଲୋଚନା, ପୁତ୍ର, ପୁତ୍ରବଧୂ, ନାତି ଓ ନାତୁଣୀମାନେ।

ଧ-୨୨୨୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in





୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି, ଯାହାକୁ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତେବେ ପ୍ରକଳ୍ପର ଲୋକାର୍ପଣକୁ ଆଉ ଅଳ୍ପ ଦିନ ବାକିଥିବାବେଳେ ଶ୍ରୀକ୍ଷେତ୍ର ପୁରୀ ବର୍ତ୍ତମାନ ନବ ବଧୂ ପରି ସଜେଇ ହେବାରେ ଲାଗିଛି। ପୁରୀର ପ୍ରମୁଖ ରାସ୍ତାର କାନ୍ଥଗୁଡ଼ିକରେ ଶିଳ୍ପୀଙ୍କ ରଙ୍ଗ ତୂଳୀର ସ୍ପର୍ଶରେ ବିଭିନ୍ନ ଚିତ୍ରଗୁଡ଼ିକ ଜୀବନ୍ତ ପ୍ରାୟ ପ୍ରତୀୟମାନ ହେଉଛି। ଚିତ୍ରଗୁଡ଼ିକ ସତେ ଯେପରି ପର୍ଯ୍ୟଟକ, ଭକ୍ତ ଶ୍ରଦ୍ଧାଳୁଙ୍କୁ ପୁରୀର ଐତିହ୍ୟ, ସୌନ୍ଦର୍ଯ୍ୟ, ପରମ୍ପରା ବିଷୟକୁ ନିଖୁଣ ଭାବରେ ବଖାଣୁଥିବା ପ୍ରତୀୟମାନ ହେଉଛି। ପୁରୀର ପ୍ରମୁଖ ରାସ୍ତା ସମେତ ସାହି ଭିତରେ ଥିବା ବିଭିନ୍ନ କାନ୍ଥଗୁଡ଼ିକରେ ଅଙ୍କା ଚାଲିଛି ଆକର୍ଷଣୀୟ ପାରମ୍ପରିକ ଚିତ୍ରକଳା। କେଉଁଠାରେ ଉତ୍କଳର ପାରମ୍ପରିକ ଆଦିବାସୀ ସଂସ୍କୃତିର ଚିତ୍ର ପରିପ୍ରକାଶ ହେଉଛି ତ' ଆଉ କେଉଁଠାରେ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଓଡ଼ିଶୀ ନୃତ୍ୟର ଚିତ୍ର। ସେହିପରି ପାରମ୍ପରିକ ବାଦ୍ୟ, ବିଭିନ୍ନ ଆକର୍ଷଣୀୟ ଫୁଲ, ପଶୁପକ୍ଷୀ, ମାଛ, ଭାଇଚାରା, ପୁରୀର ସଂସ୍କୃତି ଆଦି ଆକର୍ଷଣୀୟ ଚିତ୍ର ଦେଖିବାକୁ ମିଳୁଛି। ଚିତ୍ରଗୁଡ଼ିକରେ ପରିବେଶ ସୁରକ୍ଷାର ବାର୍ତ୍ତା ସହ ବିଲୁପ୍ତ ପାଉଥିବା ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଚିତ୍ର ସ୍ଥାନ ପାଇଛି। ଧର୍ମପୀଠ ମଧ୍ୟରେ ପୁରୀ ପ୍ରମୁଖ ପୀଠ ହୋଇଥିବାବେଳେ ଓଡ଼ିଶାର ଧାର୍ମିକ ରାଜଧାନୀ ଭାବରେ ପରିଚିତ। ତେଣୁ ଚିତ୍ରକଳା ମାଧ୍ୟମରେ ପୌରାଣିକ ତଥ୍ୟ, ଋଷିମୁନି, ସାଧୁ ସନ୍ଥଙ୍କ ଚିତ୍ର ସ୍ଥାନ ଦିଆଯାଉଛି। ତେବେ ଏଭଳି ଆକର୍ଷଣୀୟ ପାରମ୍ପରିକ ଚିତ୍ରକଳା ଦେଖି ପୁରୀ ଆସୁଥିବା ଭକ୍ତ, ପର୍ଯ୍ୟଟକଙ୍କ ସହ ସହରବାସୀ ମଧ୍ୟ ବେଶ୍ ଆନନ୍ଦିତ ହେଉଛନ୍ତି। ପ୍ରଶାସନର ଏପରି କାର୍ଯ୍ୟକୁ ସହରବାସୀଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକମାନେ ବେଶ୍ ପ୍ରଶଂସା କରୁଛନ୍ତି। ଯେପରି ଦୀର୍ଘ ବର୍ଷ ଧରି ଚିତ୍ରଗୁଡ଼ିକ ରହିବ ଏବଂ ନଷ୍ଟ ନ ହେବ, ସେଥିପାଇଁ ଉଚ୍ଚ କୋଟିର ରଙ୍ଗ ପ୍ରୟୋଗ କରାଯାଉଛି। ୧୨ ତାରିଖରୁ ଶ୍ରୀକ୍ଷେତ୍ରରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିବ। ସେଥିପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ କାରିଗରମାନେ ଲାଗି ପଡ଼ିଛନ୍ତି।



# ଝଲସୁଛି ଚିତ୍ରକଳା



# ପାଣିଟାଙ୍କି ବଖାଣୁଛି କାଞ୍ଚି ଅଭିଯାନ



ପରିକ୍ରମା ମାର୍ଗ ବଖାଣିବ ପଦ୍ମାବତୀ କାହାଣୀ। ବ୍ରିଟିଶଅମଳର ପାଣିଟାଙ୍କିରେ ଭକ୍ତ ଦେଖିବେ କାଞ୍ଚି ଅଭିଯାନର ଚିତ୍ର। ଐତିହ୍ୟ ଗ୍ରାମ ରଘୁରାଜପୁରର ପାରମ୍ପରିକ ପଟ୍ଟଚିତ୍ର କଳାରେ ଏହି ଗୌରବମୟ ଗାଥା ଝଟକିବ। ଶ୍ରୀମନ୍ଦିର ପରିକ୍ରମା କରିବା ବେଳେ ଭକ୍ତମାନେ କେବଳ ବ୍ରିଟିଶ ସମୟର ବିଶାଳ ପାଣିଟାଙ୍କି ଦେଖିବେ ନାହିଁ, ବରଂ ୫୦ ଫୁଟ୍ ଉଚ୍ଚ ପାଣି ଟାଙ୍କିରେ ମହାପ୍ରଭୁ ଓ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ଗଜପତି ପୁରୁଷୋତ୍ତମ ଦେବ ଏବଂ କାଞ୍ଚି ରାଜକୁମାରୀ ପଦ୍ମାବତୀଙ୍କ କଥାବସ୍ତୁର ଅନୁଭବ ନେଇ ଫେରିବେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିସରର ପ୍ରତିଟି ଅଂଶରେ ମହାପ୍ରଭୁଙ୍କ ସଂସ୍କୃତିର ଛାପ ଛାଡ଼ିବା ପାଇଁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ଦ୍ଦେଶମତେ ଏହି ପଦକ୍ଷେପ ନିଆଯାଇଛି। ଶ୍ରୀମନ୍ଦିର ଉତ୍ତର ପଶ୍ଚିମ କୋଣ ବା ବାୟବ୍ୟ କୋଣରେ ରହିଛି ବ୍ରିଟିଶ ଅମଳର ଅର୍ଥାତ ୧୯୩୫ ମସିହାରେ ନିର୍ମିତ ଏକ ପାଣିଟାଙ୍କି, ଯାହାକୁ ସ୍ଥାନୀୟ ଭାଷାରେ କୁହାଯାଇଥାଏ ଗଡ଼ନ୍ତି ଛକ ପାଣିଟାଙ୍କି। ପାଣିଟାଙ୍କିର ଶୀର୍ଷରେ ମୋଟ ୮ଟି ପ୍ଲଟରେ କାଞ୍ଚି ଅଭିଯାନର କଥାବସ୍ତୁର ପ୍ରତିଫଳନ ଦେଖିବାକୁ ମିଳିବ। ଏହି ବିଶାଳ ପାଣି ଟାଙ୍କିକୁ ଫିକା ଗୋଲାପି ରଙ୍ଗରେ ସଜାଯାଇଛି। ପଟ୍ଟଚିତ୍ରରେ ୮ଟି କଥାବସ୍ତୁରେ ସମୁଦାୟ କାହାଣୀକୁ ଉପସ୍ଥାପନ କରାଯାଇଛି। ରଘୁରାଜପୁରର ପଟ୍ଟଚିତ୍ର ଶିଳ୍ପୀ ୟୁନିଭର୍ସ ମହାରଣାଙ୍କ ନେତୃତ୍ୱରେ ମଧୁସୂଦନ ସ୍ୱାଇଁ, ଚରଣ ନାୟକ, ସୁକାନ୍ତ ମହାପାତ୍ର, ସୁରେଶ ମହାରଣା, ପୂର୍ଣ୍ଣଚନ୍ଦ୍ର ପାତ୍ର, ହେମନ୍ତ ବରାଳ, ସୁବାସ ପ୍ରଧାନ ଏହି ପଟ୍ଟଚିତ୍ର ପ୍ରସ୍ତୁତ କରିଛନ୍ତି। ଖରା, ବର୍ଷା, କାକରରେ ଯେପରି ଦୀର୍ଘ ସମୟ ଏହି ପଟ୍ଟଚିତ୍ର ନଲିଭେ ସେନେଇ ଉଚ୍ଚ ଗୁଣମାନର ରଙ୍ଗ ବ୍ୟବହାର କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷଣ ବେଳେ କାଞ୍ଚି ଅଭିଯାନର କାହାଣୀ ଏବଂ ମାଣିକ ଗଉଡୁଣୀର କଥାବସ୍ତୁକୁ ଭକ୍ତମାନେ ଉପଲବ୍ଧି କରିପାରିବେ।

### ୫୦ ଫୁଟ୍ ଉଚ୍ଚରେ ପଟଚିତ୍ର ପ୍ରଥମ ଅନୁଭୂତି, ସବୁ ତାଙ୍କରି ଇଚ୍ଛାରେ

ପ୍ରଥମଥର ପାଇଁ ୫୦ ଫୁଟ୍ ଉଚ୍ଚରେ ପଟ୍ଟଚିତ୍ର ଆଙ୍କିବା ଆମ ପାଇଁ ଥିଲା ବଡ଼ ଆହ୍ୱାନ। କେବଳ ମହାପ୍ରଭୁଙ୍କ କାମ ହୋଇଥିବାରୁ ସାହସ ଜୁଟାଇ ପାରିଲୁ। କାମ କରୁଥିବା କେଣସି ପଟ୍ଟଚିତ୍ର ଶିଳ୍ପୀ ଆଜି ପର୍ଯ୍ୟନ୍ତ ଏତେ ଉଚ୍ଚରେ ପଟ୍ଟଚିତ୍ର ଆଙ୍କିନଥିଲେ। ଏବେ ବାଉଁଶ ଭାରାରେ ଚଢ଼ି ଚିତ୍ର ଆଙ୍କିବା କେବଳ ତାଙ୍କରି କୃପାରୁ ସମ୍ଭବ ହୋଇପାରୁଛି। ଐତିହାସିକ ପ୍ରକଳ୍ପରେ ଆମେ ସ୍ଥାନୀୟ ଚିତ୍ରଶିଳ୍ପୀ ଓ ସେବକ ଭାବେ ଏହି କାର୍ଯ୍ୟ ପାଇବା ସୌଭାଗ୍ୟର କଥା।

**– ୟୁନିଭର୍ସ ମହାରଣା, ମୁଖ୍ୟ ପଟଚିତ୍ର ଶିଳ୍ପୀ**

### ମହାପ୍ରଭୁ ସାହସ ଭରିଛନ୍ତି

ବ୍ରିଟିଶ ଶାସନ ସମୟର ପାଣି ଟାଙ୍କିକୁ ରଙ୍ଗ କରିବା ସହ ପଟ୍ଟଚିତ୍ରରେ କାଞ୍ଚି ଅଭିଯାନ କଥାବସ୍ତୁ ଚିତ୍ରଣ ପାଇଁ ମୋତେ ଦାୟିତ୍ୱ ଦିଆଗଲା। ସମୟ ମଧ୍ୟରେ କାମ କାଳେ ନ ସରିବ, ସେଥିପାଇଁ ପ୍ରଥମେ ରାଜି ହେଉ ନ ଥିଲି। ମାତ୍ର ମୋତେ ବାରମ୍ବାର ନିର୍ଦ୍ଦେଶ ଆସିବାରୁ ମହାପ୍ରଭୁଙ୍କୁ ଡାକି କାମ ଆରମ୍ଭ କରିଥିଲି। ବାସ୍ତବରେ ଅସମ୍ଭବ ମନେ ହେଉଥିବା କାମ ଏବେ ସାକାର ରୂପ ନେବାକୁ ଯାଉଛି। ବାସ୍ତବରେ ଏ କାମ କରିବା ପାଇଁ ମହାପ୍ରଭୁ ହିଁ ସାହସ ଦେଇଥିଲେ। ସେଥିପାଇଁ ଅବଧି ପୂର୍ବରୁ କାମ ସରିବାକୁ ଯାଉଛି।

**– ସଞ୍ଜୀବ କୁମାର ମହାନ୍ତି (ଠିକାଦାର)**

# ଅତିଥି ଦେବୋ ଭବଃ...



ଅତିଥି ଦେବୋ ଭବଃ... ମର୍ମକୁ ସାକାର କରିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଅତିଥି ସତ୍କାର ପାଇଁ ପରିକ୍ରମା ମାର୍ଗରେ ପ୍ରାୟ ୮ ହଜାର ଭକ୍ତଙ୍କ ଲାଗି ଉପଲବ୍ଧ ହେବ ଅଭ୍ୟର୍ଥନା କେନ୍ଦ୍ର। ଏହା ମଧ୍ୟରେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଇ ଦେବାର ସମସ୍ତ ବ୍ୟବସ୍ଥା ରହିବ। ଦକ୍ଷିଣ-ପୂର୍ବ ପାର୍ଶ୍ୱରେ ପ୍ରାୟ ୮୫ ହଜାର ବର୍ଗଫୁଟ୍ ପରିମିତ ଅଞ୍ଚଳରେ ଏହି କେନ୍ଦ୍ର ନିର୍ମିତ ହେଉଛି। ଏହା ମଧ୍ୟରେ ନିରାପତ୍ତା ବ୍ୟବସ୍ଥା ପାଇଁ ବ୍ୟାଗ୍ ସ୍କାନିଂ ସୁବିଧା ରହିବ। ୪ହଜାର ପରିବାରର ଜିନିଷ ରଖିବା ପାଇଁ ମୁଖ୍ୟ କ୍ଲକ୍ ରୁମ୍ ରହିବ। ପାନୀୟ ଜଳ ଓ ଟଏଲେଟ୍ ସୁବିଧା ସହ ହାତ ଓ ପାଦ ପ୍ରକ୍ଷାଳନ ବ୍ୟବସ୍ଥା ରହିବ। ସ୍ମରଣିକା ଓ ବହି ଷ୍ଟୋର୍ ଆଦି ଏହି କେନ୍ଦ୍ର ମଧ୍ୟରେ ଉପଲବ୍ଧ ହେବାର ଯୋଜନା ରହିଛି। ଅଭ୍ୟର୍ଥନା କେନ୍ଦ୍ରକୁ ୧୦ଟି ପ୍ରବେଶ ପଥ ରହିବ। କେନ୍ଦ୍ର ପରିସରରେ ୧୦ଟି କ୍ଲକ୍ ରୁମ୍ ରହିବ। ସେଠାରେ ଭକ୍ତମାନେ ଜୋତା, ବ୍ୟାଗ, ମୋବାଇଲ ଓ ଅନ୍ୟ ଆସବାବ ସୁରକ୍ଷିତ ରଖି ଦର୍ଶନ ପାଇଁ ଯିବେ। କେବଳ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରଦକ୍ଷଣ କରିବାକୁ ଚାହୁଁଥିବା ଭକ୍ତମାନଙ୍କ ପାଇଁ ଉତ୍ତର ଦ୍ୱାର ପାର୍ଶ୍ୱ ଓ ଅନ୍ୟଦ୍ୱାର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଜୋତା, ମୋବାଇଲ ଓ ଅନ୍ୟ ଆସବାବ ରଖିବାର ସୁବିଧା ପାଇବେ। ବଡ଼ଦାଣ୍ଡରୁ ଶ୍ରୀମନ୍ଦିରକୁ ପ୍ରବେଶ ଲାଗି ନିର୍ମିତ ଏସି ଶେଡ୍ ପାଥ୍-ୱେ ଅଭ୍ୟର୍ଥନା କେନ୍ଦ୍ରକୁ ସଂଯୋଗ ହେବ। ଏହି ସେଡ୍ ମଧ୍ୟ ଦେଇ ଶ୍ରଦ୍ଧାଳୁମାନେ ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିବେ। ୬ଟି ଧାଡ଼ିରେ ଭକ୍ତମାନେ ପ୍ରବେଶ କରିବା ପରେ ଅଭ୍ୟର୍ଥନା କେନ୍ଦ୍ରରେ ଉପଲବ୍ଧ ସେବାର ସୁଯୋଗ ନେବେ। ସେହିଭଳି ଶ୍ରୀଦାଣ୍ଡ ବାଟ ଦେଇ ଆସିବାକୁ ଥିବା ଭକ୍ତମାନେ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂରେ ଗାଡ଼ି ରଖିବା ପରେ ଅଟୋ ଜରିଆରେ ଶ୍ରୀମନ୍ଦିର ଅଭିମୁଖେ ଆସିବେ। ଶ୍ରୀଦାଣ୍ଡ ଦେଇ ଭକ୍ତମାନେ ୪ଟି ଧାଡ଼ିରେ ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିବେ। ଦୁଇ ପାଥୱେରେ ଆସି ୧୦ଟି ଧାଡ଼ିରେ ଭକ୍ତମାନେ ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିବାପରେ ପାନୀୟ ଜଳ, ପାଦ ପ୍ରକ୍ଷାଳନ, କ୍ଲକ୍ ରୁମ୍ ଆଦିର ସୁବିଧା ନେବେ। ଭକ୍ତମାନଙ୍କୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ମହତ୍ତ୍ୱାକାଂକ୍ଷୀ ଅତ୍ୟାଧୁନିକ ବ୍ୟବସ୍ଥା ଆପଣାଯାଇଛି।

# ଅନନ୍ୟ ସମ୍ଭାର ଫୁଲ, ତୁଳସୀ

ଫୁଲ ସଂସାରରେ ଏକ ଅନନ୍ୟ ଉପହାର। ସୌନ୍ଦର୍ଯ୍ୟ ସାଙ୍ଗକୁ ସୁଗନ୍ଧ ଏହାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ। ଫୁଲ କାହା ସାଙ୍ଗରେ ପ୍ରତିଯୋଗିତା କରେନା। ନିରହଙ୍କାର ଫୁଲ କେବଳ ସମର୍ପଣ ଓ ସୁବାସ ଦାନରେ ବିଶ୍ୱାସ କରେ। ଈଶ୍ୱରଙ୍କ ଆରାଧନାରେ ଲାଗିଲେ ହିଁ ସାର୍ଥକତା ପ୍ରତିପାଦିତ ହୋଇଥାଏ। ଅନେକ ଫୁଲ ଈଶ୍ୱରଙ୍କ ସେବାରେ ଲାଗିବାର ଅପୂର୍ବ ସୌଭାଗ୍ୟ ପ୍ରାପ୍ତ ହୋଇଥାନ୍ତି ତ' ଆଉ କେତେକ ଦେବମନ୍ଦିରର ଚତୁଃପାର୍ଶ୍ୱରେ ଥାଇ ପରିବେଶକୁ ବିମଣ୍ଡିତ କରିଥାନ୍ତି। କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଫୁଲ ଶୃଙ୍ଗାରକୁ ଖୁବ୍ ଭଲ ପାଆନ୍ତି। ଫୁଲର ସୁନ୍ଦରତା ଓ ସୁଗନ୍ଧ ସତେ ଯେପରି ସେହି କାଳିଆ ସାଆନ୍ତଙ୍କ ପରମ ଆଶୀର୍ବାଦ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ବିଶେଷ ଭାବରେ ଫୁଲ ସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି। ମନ୍ଦିର ପରିକ୍ରମା ସମୟରେ ଭକ୍ତମାନଙ୍କୁ ଏକ ସୌନ୍ଦର୍ଯ୍ୟଭରା ପ୍ରାକୃତିକ ପରିବେଶ ସହିତ ଆଧ୍ୟାତ୍ମିକ ଅନୁଭବର ସ୍ୱାଦ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶେଷ ଗୁରୁତ୍ୱ ଦେଇଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିକ୍ରମା ମାର୍ଗକୁ ଭକ୍ତଙ୍କ ପାଇଁ ଯଥାସମ୍ଭବ ସୁରମ୍ୟ ଓ ଆକର୍ଷଣୀୟ କରିବା ପାଇଁ ଭରପୂର ପ୍ରଯତ୍ନ ନିଆଯାଇଛି।



ନାନାଦି ପୁଷ୍ପଚାରା ପରିକ୍ରମା ପ୍ରକଳ୍ପରେ ସ୍ଥାନିତ ହୋଇଛନ୍ତି। ପରିବେଶର ଶୋଭାବର୍ଦ୍ଧନ କରିବା ଓ ମହାପ୍ରଭୁଙ୍କ ମନ୍ଦିର ଚତୁଃପାର୍ଶ୍ୱକୁ ପ୍ରାକୃତିକ ଭାବେ ସୁଗନ୍ଧିତ ରଖିବା ପାଇଁ ଅନ୍ୟାନ୍ୟ ବିଭିନ୍ନ କିସମର ପ୍ରାୟ ପଚାଶ ହଜାର ଫୁଲ ଗଛ ରୋପଣ କରାଯାଇଛି। ଏଠାରେ ଅଶୋକ, କାଦମ୍ବ, ମିଛିଲା ଚମ୍ପା, ଚାନ୍ଦିନୀ, କଞ୍ଚନର, ଆଲଷ୍ଟୋନିଆ ସ୍କଲାରିସ୍, ସିମମ୍, ମଲସରି, ଗଲଫିମିଆ ଗଲୁଛ ଆଦି ବିଭିନ୍ନ ଫୁଲ ଗଛ ଲଗା ଯାଇଛି।

# ନୂଆ ରୂପରେ ସ୍ୱର୍ଗଦ୍ୱାର

ପୁରୀ ସ୍ୱର୍ଗଦ୍ୱାରରେ ଦାହ ସଂସ୍କାର ହେଲେ ମନୁଷ୍ୟ ସବୁ ପାପରୁ ମୁକ୍ତିପାଇ ସ୍ୱର୍ଗପ୍ରାପ୍ତି ଲାଭ କରିଥାଏ ବୋଲି ବିଶ୍ୱାସ ରହିଛି। କିମ୍ବଦନ୍ତୀ ଅନୁଯାୟୀ ସ୍ୱର୍ଗପୁରରୁ ଦେବଦେବୀଗଣ ଏହି ସ୍ୱର୍ଗଦ୍ୱାର ମାଧ୍ୟମରେ ପୃଥିବୀପୃଷ୍ଠକୁ ଆସି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରନ୍ତି ଏବଂ ସ୍ୱର୍ଗଦ୍ୱାର ଦେଇ ପୁନର୍ବାର ପ୍ରତ୍ୟାବର୍ତ୍ତନ କରନ୍ତି। ତେଣୁ ଏହା ସିଧାସଳଖ ସ୍ୱର୍ଗକୁ ରାସ୍ତା ବୋଲି ବିଦିତ ଅଛି। ଆହୁରି ମଧ୍ୟ ବିଶ୍ୱାସ ରହିଛି ଯେ, ପ୍ରତି ଅମାବାସ୍ୟାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ନିଜ ଶ୍ୱଶୁର ଘର ସମୁଦ୍ରକୁ ଏହି ବାଟଦେଇ ଗମନ କରନ୍ତି। ତେଣୁ ଏଠାରେ ଦାହିତ ପ୍ରତ୍ୟେକଟି ଶବ ସ୍ୱର୍ଗଲୋକ ପ୍ରାପ୍ତି ହୁଅନ୍ତି ବୋଲି ବିଶ୍ୱାସ ରହିଛି।

କାଳାଦିକ୍ରମେ ଅଣଓସାରିଆ ହୋଇପଡ଼ିଥିବା ସ୍ୱର୍ଗଦ୍ୱାରର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଥିଲେ। ଏହାର ରୂପାନ୍ତରଣ କାର୍ଯ୍ୟ ୨୦୧୯ରେ ଆରମ୍ଭ ହୋଇଥିଲା। ମଣିଷର ଶେଷ ଠିକଣା 'ସ୍ୱର୍ଗଦ୍ୱାର'ରେ ଯେଉଁଭଳି ଭାବେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇପାରିବ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହାର ଆରମ୍ଭରୁ ହିଁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସ୍ୱର୍ଗଦ୍ୱାରର ଉଚିତ ରୂପାନ୍ତରଣ ପାଇଁ ସ୍ୱତନ୍ତ୍ର ଭାବରେ ଧ୍ୟାନ ଦେଇଥିଲେ। ଲଗାତର ବଡ଼ି ଭୋରରୁ ଏହାର ସମୀକ୍ଷା କାର୍ଯ୍ୟ ପାଇଁ ସେ ଅନେକଥର ଏଠାକୁ ଗସ୍ତ କରିଛନ୍ତି। ସ୍ୱର୍ଗଦ୍ୱାରରେ ନୂତନ ନିର୍ମାଣ ଓ ଅନ୍ୟାନ୍ୟ ପରିବର୍ତ୍ତନ ସମୟରେ ମଧ୍ୟ ଯେପରି ଦାହ ସଂସ୍କାର ସାମାନ୍ୟତମ ଭାବେ ମଧ୍ୟ ବାଧାପ୍ରାପ୍ତ ନ ହେବ ସେଥିପ୍ରତି ପାଣ୍ଡିଆନ୍‌ଙ୍କ ନିର୍ଦ୍ଦେଶରେ ବିଶେଷ ଦୃଷ୍ଟି ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବଦାନ୍ୟତା ଓ ତ୍ୟାଗପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ ସ୍ୱର୍ଗଦ୍ୱାର ପରିସରରେ ରହିଥିବା ଓଡ଼ିଶାର ଅଦ୍ୱିତୀୟ ଜନନାୟକ ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମାଧିପୀଠକୁ ମଧ୍ୟ ଉଚ୍ଛେଦ କରାଯାଇଥିଲା। ପ୍ରାୟ ଏକବର୍ଷ ସମୟ ମଧ୍ୟରେ ସ୍ୱର୍ଗଦ୍ୱାରର ଆମୂଳଚୂଳ ପରିବର୍ତ୍ତନ ହୋଇଛି। ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ମାଧ୍ୟମରେ ଏଠାରେ ୨୪ ଘଣ୍ଟା ଦାହ ସଂସ୍କାର କାର୍ଯ୍ୟ ଚାଲୁଛି। ସ୍ୱର୍ଗଦ୍ୱାରରେ ବର୍ତ୍ତମାନ ୨୮ଗୋଟି ପିଣ୍ଡିରେ ଦାହ ସଂସ୍କାର ହୋଇପାରୁଛି। ଶବ ପହଞ୍ଚିବାଠୁ ନେଇ ଦାହ ହେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଏକ (ସିଙ୍ଗଲ ଉଇଣ୍ଡୋ ସିଷ୍ଟମ୍) ଏକକ ଗବାକ୍ଷ ବ୍ୟବସ୍ଥା ମାଧ୍ୟମରେ ସହଜରେ ହୋଇପାରୁଛି। ଏଠାରେ ପିଇବା ପାଣି, ଶୌଚାଳୟ, ବସିବା ସ୍ଥାନ, ଶ୍ରାଦ୍ଧ ପିଣ୍ଡି ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି। ଶବକୁ ଆଣି ରଖିବା ପାଇଁ ସ୍ୱତନ୍ତ୍ର ଭାବେ 'ଅନ୍ତିମ ବିଶ୍ରାମ' ଗୃହ ନିର୍ମିତ ହୋଇଛି। ସ୍ୱର୍ଗଦ୍ୱାର ସେବା କେନ୍ଦ୍ରରେ ଶହେରୁ ଊର୍ଦ୍ଧ୍ୱ ସେବକ ନିୟୋଜିତ ହୋଇ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ତୁଲାଉଛନ୍ତି। ଏଠାରେ ସମସ୍ତ ଦେୟ କ୍ୟାଶ୍‌ଲେସ୍ ମାଧ୍ୟମରେ ହୋଇପାରୁଛି। ୱେବସାଇଟ୍ ଏବଂ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ବିନା କାଗଜରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇପାରୁଛି। ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ ୨୦୨୧ ମେ ୫ ରୁ ୨୦୨୩ ଡିସେମ୍ବର ୩୧ପର୍ଯ୍ୟନ୍ତ ଶବଦାହ ପାଇଁ ୧୨ କୋଟି ୭ଲକ୍ଷ ଟଙ୍କା ଭରଣା କରାଯାଇଛି।





# ଗାଁ ଗାଁରେ ଭକ୍ତିମୟ ପରିବେଶ

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଉତ୍ସବମୁଖର ହୋଇଉଠୁଛି ସାରା ରାଜ୍ୟ। ରାଜ୍ୟବାସୀଙ୍କୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଜୟଜଗନ୍ନାଥ ଅର୍ପଣ ରଥ ବୁଲୁଛି। ଏହି କ୍ରମରେ ସୋମବାର ବିଭିନ୍ନ ସ୍ଥାନରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଉଛି। ରଥ ବୁଲିବା ସମୟରେ ଲୋକମାନେ ଚାଉଳ ଓ ଗୁଆ ଦାନ କରି ପୂଜାର୍ଚ୍ଚନା କରୁଛନ୍ତି।**

ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏଥିପାଇଁ ପରିକ୍ରମା ରଥ ଗ୍ରାମ ଓ ସହରାଞ୍ଚଳ ପରିକ୍ରମା କରି ପରିବାରରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଥିବା ବେଳେ ଏହାକୁ ନେଇ ଉତ୍ସବ ମୁଖର ହୋଇଉଠିଛି ସମଗ୍ର ପରିବେଶ। ମଙ୍ଗଳବାର କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତରେ ପରିକ୍ରମା ରଥ ବୁଲିଛି। ସ୍ଥାନୀୟ ତାରିଣୀ ମନ୍ଦିର ଠାରୁ ଏହା ବାହାରି ୬ଟି ୱାର୍ଡ ପରିକ୍ରମା କରିଥିଲା। ଗ୍ରାମର ମହିଳାମାନେ ଝୋଟି, ଚିତା ପକାଇ ଏହି ରଥକୁ ସ୍ୱାଗତ ଓ ବନ୍ଦାପନା କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ, ଗୁଆ ଅର୍ପଣ କରିଥିଲେ। ଏହି ପରିକ୍ରମା କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଡିଓ ଅବିନାଶ ପାଣ୍ଡିଆ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, କାନପୁରା ସରପଞ୍ଚ ସତ୍ୟଜିତ ରାଉତ ପ୍ରମୁଖଙ୍କ ସହ ଶତାଧିକ ଜଗନ୍ନାଥ ପ୍ରେମୀ ଉପସ୍ଥିତ ରହିବା ସହ ପରିକ୍ରମା ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ।



ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନିମନ୍ତେ ଢେଙ୍କାନାଳ ଜିଲାରେ ଅର୍ପଣ ରଥ ପରିକ୍ରମା କରୁଥିବା ବେଳେ ସଦର ବ୍ଲକ ପାଚେରିରେ ଜଣେ ଚିତ୍ରକର ମହାପ୍ରଭୁ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ଶ୍ରୀବଳଭଦ୍ରଙ୍କ ଚିତ୍ର ଆଙ୍କିବାରେ ବ୍ୟସ୍ତ।









# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ତୁଳସୀ କ୍ଷେତ୍ର



ଜୟ ଜଗନ୍ନାଥ ଧ୍ୱନିରେ ମଙ୍ଗଳବାର ତୁଳସୀ କ୍ଷେତ୍ର କମ୍ପିଛି। ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଉତ୍ସବର ଅର୍ପଣ ରଥକୁ ସ୍ୱାଗତ କରିବାକୁ କେନ୍ଦ୍ରାପଡ଼ାବାସୀଙ୍କ ମନରେ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଛି। ଶ୍ରଦ୍ଧାଳୁମାନେ ରଙ୍ଗବେରଙ୍ଗର ମୁରୁଜ ଓ ଝୋଟି, ଚିତା ପକାଇ ଗାଁ ଦାଣ୍ଡକୁ ସଜେଇ ରଥକୁ ସ୍ୱାଗତ କରୁଛନ୍ତି। ଗୋବରରେ ଲିପାପୋଛା କରି ଶୁଭ କଳସ ବସେଇଛନ୍ତି। ଏଥିସହ ସଂକୀର୍ତ୍ତନ, ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନି, ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଜିଲାରେ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଛି। ଏଥିସହ ପ୍ରତ୍ୟେକ ଗାଁରେ ଅରୁଆ ଚାଉଳ ଓ ଗୁଆ ରଥରେ ଅର୍ପଣ କରାଯାଉଛି। ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ, ଅଳପୁଆ, ବଳଭଦ୍ରପୁର, ଖଡ଼ିଅଣ୍ଟା, ଗଙ୍ଗାରାମପୁର ପଞ୍ଚାୟତରେ ଅକ୍ଷତ ଓ ଗୁଆ ସଂଗ୍ରହ ହୋଇଛି। ସେହିପରି ରାଜକନିକା ବ୍ଲକର ବାଘବୁଦା, ବରାଡ଼ିଆ, ଜୟନଗର, କୋଇଲିପୁର, କାଟଣାବଣିଆ, ବରୁଣା, ପେଘରପଡ଼ା, ଦୋମୁଣ୍ଡା, ଶିହପଡ଼ା ପଞ୍ଚାୟତରେ ଲୋକେ ଅର୍ପଣ ରଥକୁ ସ୍ୱାଗତ ଜଣାଇଛନ୍ତି। ବ୍ଲକ ଅଧ୍ୟକ୍ଷା ମିନତି ରାଉତ, ଭାଇସ୍ ଚେୟାରମ୍ୟାନ ତନ୍ମୟ ରଞ୍ଜନ ଦାସ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଅର୍ପଣ ରଥ ପରିକ୍ରମାରେ ସାମିଲ ହୋଇଥିଲେ। ଆଳି ବ୍ଲକର ଚଣ୍ଡିଆଗଡ଼ି, ଡିମିରିପାଳ, ନିଆଳ, ଅଟାଳ ଆଦି ପଞ୍ଚାୟତରେ ଲୋକେ ଅର୍ପଣ ରଥକୁ ବନ୍ଦାପନା କରିଥିଲେ। କେନ୍ଦ୍ରାପଡ଼ା ବ୍ଲକର ଓସ୍ତପୁର, ବଗଡ଼ା, ଚନ୍ଦନପୁର, ଧୁମାତ, ପଳସିଙ୍ଗା, ଚକ୍ରୋଡ଼ା ଆଦି ପଞ୍ଚାୟତରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମହାକାଳପଡ଼ା ବ୍ଲକରେ ଦେଉଳପଡ଼ା ପଞ୍ଚାୟତରେ ଅର୍ପଣ ରଥକୁ ଶ୍ରଦ୍ଧାଳୁମାନେ ସ୍ୱାଗତ କରିବା ସହ ଚାଉଳ, ଗୁଆ, ନଡ଼ିଆ ଅର୍ପଣ କରୁଥିବା ଦେଖିବାକୁ ମିଳିଛି।

# ଶ୍ରୀକ୍ଷେତ୍ର ଅନୁଭୂତି

## ବହୁବିଧ ସୁଧାର ଆସିଛି



“ସରକାରଙ୍କ ପକ୍ଷରୁ ଭକ୍ତମାନଙ୍କ ନିମନ୍ତେ କରାଯାଉଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ବହୁତ ବଢିଆ ହୋଇଛି। ପୂର୍ବରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ବହୁ ଅସୁବିଧାରେ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ଏହି ପ୍ରକଳ୍ପ ଦ୍ୱାରା ଭକ୍ତମାନେ ଶୃଙ୍ଖଳିତ ଭାବରେ ଦର୍ଶନ କରି ପାରିବେ। ଖାଲି ପରିକ୍ରମା ପ୍ରକଳ୍ପ ନୁହେଁ, ସରକାରଙ୍କ ତରଫରୁ କରାଯାଇଥିବା ବହୁବିଧ ଯୋଜନା ଫଳରେ ପୁରୀର ବିକାଶ ହୋଇପାରିଛି। ଶ୍ରୀସେତୁ ହେଉ କି ପାର୍କିଂ ବ୍ୟବସ୍ଥା ସମସ୍ତ କ୍ଷେତ୍ରରେ ସୁଧାର ଆସିଛି, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

- ବିଶ୍ୱନାଥ ପାଇକରାୟ, ମଙ୍ଗଳାଘାଟ, ପୁରୀ

## ପୂର୍ବର ଅସୁବିଧା ଦୂର ହୋଇଛି



“ଅତୀତର ପୁରୀ ଏବଂ ଏବେକାର ପୁରୀ ମଧ୍ୟରେ ଆକାଶ ପାତାଳ ଫରକ ଦେଖିବାକୁ ମିଳୁଛି। ସରକାରଙ୍କ ପକ୍ଷରୁ ବହୁତ ସୁବିଧା କରାଯାଇଛି। ବହୁ ଉନ୍ନତି ହୋଇଛି। ପରିକ୍ରମା ପ୍ରକଳ୍ପ ପୂର୍ବରୁ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଲାଇନରେ ଠିଆ ହେଉଥିଲେ। ତେବେ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟବସ୍ଥା ଓ ଏସି ଶେଡ୍‌ର ବ୍ୟବସ୍ଥା କାରଣରୁ ବହୁତ ଭଲ ଭାବରେ ଦର୍ଶନ ହୋଇ ପାରୁଛି। ବୟସ୍କ ଲୋକମାନେ ମଧ୍ୟ ଭଲ ଭାବରେ ଦର୍ଶନ କରି ପାରୁଛନ୍ତି। ବହୁତ ଖୋଲା ସ୍ଥାନ ରହିଛି, ଯାହାଫଳରେ ଠେଲାପେଲା ପରି ପରିସ୍ଥିତି ଦେଖିବାକୁ ମିଳୁନି। ବାହାର ବ୍ୟବସ୍ଥା ବହୁତ ଭଲ ରହିଛି। ଭିତର ବ୍ୟବସ୍ଥା କିଛିଟା ପରିବର୍ତ୍ତନ ହେବା ଆବଶ୍ୟକ।

- ନିର୍ମାଲ୍ୟ ଦାସ, କଟକ

## ୪ ମାସରେ ଅଦ୍ଭୁତ ପରିବର୍ତ୍ତନ



“ଅଳ୍ପକିଛି ମାସ ମଧ୍ୟରେ ପୁରୀର ନବକଳେବର ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଅପୂର୍ବ ବ୍ୟବସ୍ଥା କରାଯାଇଛି। ଗତ ୪ ମାସ ତଳେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲି, ମହାପ୍ରଭୁଙ୍କ ଦର୍ଶନ ପାଇଁ ୨ଘଣ୍ଟା ଲାଇନରେ ଠିଆ ହେବାକୁ ପଡ଼ିଥିଲା। ମାତ୍ର ଏବେ ସୁନ୍ଦର ଭାବରେ ଦର୍ଶନ ବ୍ୟବସ୍ଥା କରାଯାଇଛି। ସେହିପରି ପାର୍କିଂ ଓ ଯାତାୟାତର ଭଲ ବ୍ୟବସ୍ଥା କରାଯାଇଛି। କାମ ଆଗେଇ ଚାଲିଛି। ଏସି ଶେଡ୍ କରାଯାଇଛି, ଯାହା ବହୁତ ସୁନ୍ଦର ବ୍ୟବସ୍ଥା। ଆଗରୁ ବୟସ୍କ ଲୋକମାନେ ଦର୍ଶନ କରିବାକୁ ହଇରାଣ ହେଉଥିଲେ। ଏବେ ବରିଷ୍ଠ ନାଗରିକଙ୍କ ପାଇଁ ସୁନ୍ଦର ବ୍ୟବସ୍ଥା କରାଯାଇଛି। ଅଭୂତପୂର୍ବ ପରିବର୍ତ୍ତନ ହୋଇଛି। ମହାପ୍ରଭୁଙ୍କ କୃପା ରହିଲେ ଲୋକାପର୍ଣ ଉତ୍ସବରେ ଯୋଗଦେବି।

- ସୁନନ୍ଦା, କଟକ

## ଅଭିନନ୍ଦନୀୟ ପ୍ରୟାସ



“ହିନ୍ଦୁଧର୍ମର ପ୍ରମୁଖ ଆସ୍ଥାର କେନ୍ଦ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲୀଳା କ୍ଷେତ୍ରରେ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ଅଭିନନ୍ଦନୀୟ ପ୍ରୟାସ। ରାଜ୍ୟ ସରକାରଙ୍କ ଏହି ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପରେ ସନ୍ଥ ସଙ୍କୀର୍ତ୍ତନ ମଣ୍ଡଳୀ ଭକ୍ତ ଓ ସର୍ବୋପରି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ଯାନିଯାତ୍ରା ଭିଡ଼ରୁ ରକ୍ଷା ପାଇ ଆଧ୍ୟାତ୍ମିକତା ପରିବେଶ ମଧ୍ୟରେ ଅନୁଷ୍ଠିତ ହେବ। ପୂର୍ବେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅତ୍ୟନ୍ତ ସଙ୍କୁଚିତ ହୋଇ ପରିକ୍ରମାରେ ବାଧା ସୃଷ୍ଟି କରୁଥିଲା, ଯାହାକି ଏବେ ଦୂର ହୋଇଯିବ। ଭକ୍ତମାନେ ନିର୍ଭୀକ ଭାବେ ଶ୍ରୀସେତୁରେ ଆସି ଜଗନ୍ନାଥବଲ୍ଲଭ ପିଲିଗ୍ରୀମ ସେଣ୍ଟରରେ ପହଞ୍ଚି ବିଶ୍ରାମ ନେଇ ଶ୍ରୀ ମାର୍ଗରେ ଆସି ଦୋଳବେଦୀ କୋଣରେ ପହଞ୍ଚି ପାରିବେ। ଏହାଦ୍ୱାରା ଭକ୍ତଙ୍କ ସଂଖ୍ୟା ଆଗାମୀ ଦିନରେ ବୃଦ୍ଧି ପାଇବ।

- ମନୋଜ କୁମାର ରଥ, ସଭାପତି, ଉତ୍କଳ ବିଦ୍ୱତ ପରିଷଦ

## ଶ୍ରୀକ୍ଷେତ୍ର ନୂଆ ଲାଗୁଛି



“ପ୍ରକଳ୍ପ ପାଇଁ ଶ୍ରୀକ୍ଷେତ୍ର ପୁରୀ ଏବେ ନୂଆନୂଆ ଲାଗୁଛି। ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେଉଁ ଅଭିନବ ବ୍ୟବସ୍ଥା କରାଯାଇଛି ତାହା ବହୁତ ଭଲ ହୋଇଛି। ପରିକ୍ରମା ପ୍ରକଳ୍ପରେ ଶ୍ରୀମନ୍ଦିରର ଏକ ପ୍ରକାର ନବୀକରଣ ହେଉଛି କହିଲେ କିଛି ଭୁଲ୍ ହେବନାହିଁ। ଏହାଦ୍ୱାରା ଭବିଷ୍ୟତରେ ଆହୁରି ଶ୍ରଦ୍ଧାଳୁଙ୍କ ସମାଗମ ହେବ। ରାଜ୍ୟ ସରକାରଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ।

- ନମିତାରାଣୀ ମହାରଣା, ଭୁବନେଶ୍ୱର

# ଶଙ୍ଖଧ୍ୱନିରେ ସ୍ୱାଗତ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଉପଲକ୍ଷେ ବିଭିନ୍ନ ଅଞ୍ଚଳରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିବା ସହିତ ପ୍ରତ୍ୟେକ ଘରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏହି ରଥ ଖୋର୍ଦ୍ଧାର ୧୧, ୧୨, ୧୪ ଓ ୨୦ ନମ୍ବର ୱାର୍ଡ ପରିକ୍ରମା କରିଥିଲା। ମହିଳାମାନେ ହୁଳହୁଳି ଦେଇ ରଥକୁ ସ୍ୱାଗତ କରିବା ସହ ଚାଉଳ, ଗୁଆ ଅର୍ପଣ କରିଥିଲେ। ୧୨ନମ୍ବର ୱାର୍ଡରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ସମେତ ସ୍ଥାନୀୟ କାଉନସିଲର, ବୁଦ୍ଧିଜୀବୀ, ମହିଳାମାନେ ଯୋଗଦେଇ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଜୟ ଜଗନ୍ନାଥ ଧ୍ୱନୀରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ହରିବୋଲ, ଶଙ୍ଖ ଧ୍ୱନି, ଘଣ୍ଟଘଣ୍ଟା ବାଦ୍ୟ ତାଳେତାଳେ ଭକ୍ତିମୟ ପରିବେଶ ରହିଥିଲା। ସେହିପରି ବୋଲଗଡ଼ ବ୍ଲକ ଅଞ୍ଚଳର ବୋଲଗଡ଼, ଡାବରଧୁଆ, ମାଣକିଗୋଡ଼ା ଦଳେଇସାହି, ବାଙ୍କୋଇ, ଅସରଳା, ଫାସିଓଦା ଆଦି ପଞ୍ଚାୟତ ଅଞ୍ଚଳରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଚାଉଳ, ଗୁଆ ଅର୍ପଣ କରିଥିଲେ। ଶଙ୍ଖ ଧ୍ୱନି, ନାମ ସଙ୍କୀର୍ତ୍ତନ ଓ ହରିବୋଲରେ ପରିବେଶ କମ୍ପି ଉଠିଥିଲା।



# କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଆରମ୍ଭ

## ଇଷ୍ଟ ବେଙ୍ଗଲ, ମୋହନ ବାଗାନ ଏସ୍‌ଜି ବିଜୟୀ


କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

**ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)** କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଆରମ୍ଭ ହୋଇଛି କଳିଙ୍ଗ ସୁପର କପ୍। ୧୬ ଦଳ ବିଶିଷ୍ଟ ଏହି ଟୁର୍ନାମେଣ୍ଟର ପ୍ରଥମ ଦିବସରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି ଇଷ୍ଟ ବେଙ୍ଗଲ ଓ ମୋହନ ବାଗାନ ସୁପର ଜାଏଣ୍ଟ୍। କଳିଙ୍ଗ ଷ୍ଟାଡିୟମ ପିଚ୍-୧ରେ ଅନୁଷ୍ଠିତ ମୋହନ ବାଗାନ ଏସ୍‌ଜି- ଶ୍ରୀନିଡି ଡେକାନ ଏଫ୍‌ସି ଦ୍ୱିତୀୟ ମ୍ୟାଚ ଆରମ୍ଭରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ଅପରାହ୍ନ ୨ଟାରେ ପିଚ୍-୨ରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଇଷ୍ଟ ବେଙ୍ଗଲ ୩-୨ ଗୋଲରେ ହାଇଦ୍ରାବାଦ୍ ଏଫ୍‌ସିକୁ ପରାସ୍ତ କରିଛି। ପ୍ରଥମ ଅଧଘଣ୍ଟା ଖେଳରେ ଉଭୟ ଦଳ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ୩୩ତମ ମିନିଟରେ ପ୍ରତୀକ୍ଷାର ଅବସାନ ଘଟାଇଥିଲେ ୧୦ ନମ୍ବର ଜର୍ସି ପରିହିତ କ୍ଲିଟନ ଅଗଷ୍ଟୋ ଓଲିଭେରା ସିଲ୍‌ଭା। ସେ ପ୍ରଥମ ଗୋଲ ଦେଇ ଇଷ୍ଟ ବେଙ୍ଗଲକୁ ଅଗ୍ରଣୀ କରିଥିଲେ। ମାତ୍ର ୪୫ତମ ମିନିଟରେ ହାଇଦ୍ରାବାଦର ରାମଲୁନଚୁଙ୍ଗା ଗୋଲ ପରିଶୋଧ କରିଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା।

ଦ୍ୱିତୀୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୫୪ତମ ମିନିଟରେ


ଇଷ୍ଟ ବେଙ୍ଗଲ ଓ ହାଇଦ୍ରାବାଦ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

ସିଲ୍‌ଭା ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରି ଇଷ୍ଟ ବେଙ୍ଗଲକୁ ପୁଣି ଅଗ୍ରଣୀ କରିଥିଲେ। ବିପଜ୍ଜନକ ଖେଳ ପାଇଁ ୭୨ତମ ମିନିଟରେ ହାଇଦ୍ରାବାଦର ମନୋଜ ମହମ୍ମଦ ଓ ୭୮ତମ ମିନିଟରେ ଇଷ୍ଟ ବେଙ୍ଗଲର ସିଲ୍‌ଭାଙ୍କୁ ରେଫରି ୟେଲୋ କାର୍ଡ ଦେଇଥିଲେ। ୭୯ତମ ମିନିଟରେ ହାଇଦ୍ରାବାଦର ନିମ୍ ଦୋରଜି ତମାଙ୍ଗ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଖେଳାଇ ଦେଇଥିଲେ। ମାତ୍ର ଦଳର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ହାଇଦ୍ରାବାଦ ଖେଳାଳିଙ୍କୁ ଚକ୍‌ମା ଦେଇ ୮୦ତମ ମିନିଟରେ ଗୋଲ ସ୍କୋର କରିଥିଲେ ଇଷ୍ଟ ବେଙ୍ଗଲର ସଲ୍ କ୍ରେସ୍‌ପୋ ପିଏର୍ଟୋ। ଗୋଲ ପରିଶୋଧ ପାଇଁ ହାଇଦ୍ରାବାଦ ପକ୍ଷରୁ ଆକ୍ରମଣକୁ ଜୋରଦାର କରାଯାଇଥିଲା। ୮୮ତମ ମିନିଟରେ ଇଷ୍ଟ ବେଙ୍ଗଲର ବୋର୍ଜା ହେରେରା ଗୋଞ୍ଜାଲେଜଙ୍କୁ ରେଫରି ୟେଲୋ କାର୍ଡ ଦେଇଥିଲେ। ଡବଲ ଗୋଲ ସ୍କୋରର ସିଲ୍‌ଭା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମୋହନ ବାଗାନ ଏସ୍‌ଜି ୨-୧ ଗୋଲରେ ଶ୍ରୀନିଡି ଡେକାନ ଫୁଟବଲ କ୍ଲବକୁ ପରାସ୍ତ କରିଛି। ମ୍ୟାଚର ୨୯ତମ ମିନିଟରେ ମୋହନ ବାଗାନ ଖେଳାଳିଙ୍କୁ ଚକ୍‌ମା ଦେଇ ୱିଲିୟମ ଆଲଭେସ ଡି' ଓଲିଭିଏରା ଶ୍ରୀନିଡି ଡେକାନକୁ ଅଗ୍ରଣୀ କରିଥିଲେ। ୩୯ତମ ମିନିଟରେ ମୋହନ ବାଗାନର ଜାସନ ଷ୍ଟିଭେନ କୁମିଙ୍ଗ୍ସ ଗୋଲଟି ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ମ୍ୟାଚର ୭୧ତମ ମିନିଟରେ ମୋହନ ବାଗାନର ଅର୍ମାଣ୍ଡୋ ସାଡିକୁ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଉତ୍ତେଜନାପୂର୍ଣ୍ଣ ରହିଥିବା ଏହି ମ୍ୟାଚରେ ୭ ଜଣ ଖେଳାଳି ୟେଲୋ କାର୍ଡ ପାଇଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ